

'ରାକ୍ଷସ'ରୁ ଓହରିଲେ ରଣବୀର

▶ପୃଷ୍ଠା ୧୪ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-327 BHUBANESWAR FRIDAY 24 MAY 2024 PAGE-16 ₹ 6.00

ବର୍ଷ-୪୧ ସଂଖ୍ୟା-୩୨୭ ଭୁବନେଶ୍ୱର ଶୁକ୍ରବାର ୨୪ ମେ ୨୦୨୪ ପୃଷ୍ଠା-୧୬ ଟ.୬.୦୦



## ଏଭେରେଷ୍ଟ ଚଢ଼ିଲେ ସର୍ବକନିଷ୍ଠା କାମ୍ୟା



ନୂଆଦିଲ୍ଲୀ, ୨୩।୫(ଏଜେନ୍ସି): ଭାରତର ସର୍ବକନିଷ୍ଠା ପର୍ବତାରୋହୀ ଭାବେ କାମ୍ୟା କାର୍ତ୍ତିକେୟନ ଏଭେରେଷ୍ଟ ଶୃଙ୍ଗ ଅତିକ୍ରମ କରି ଏବେ ଚର୍ଚ୍ଚାରେ ରହିଛନ୍ତି। ମୁମ୍ବାଇର ୧୬ ବର୍ଷୀୟା କାମ୍ୟା ଭାରତର ସର୍ବକନିଷ୍ଠା ଏବଂ ବିଶ୍ୱର ଦ୍ୱିତୀୟ ସର୍ବକନିଷ୍ଠା ଭାବେ ଏହି ସଫଳତା ହାସଲ କରିଛନ୍ତି। କାମ୍ୟାଙ୍କ ଏହି ସଫଳତା ବିଷୟରେ ଭାରତୀୟ ନୌସେନା ପକ୍ଷରୁ ଗୁରୁବାର ଏକ୍ସରେ ପୋଷ୍ଟ କରି ସୂଚନା ଦିଆଯାଇଛି। କାମ୍ୟାଙ୍କ ବାପା ଭାରତୀୟ ନୌସେନାର ଜଣେ ବରିଷ୍ଠ ଅଧିକାରୀ ହୋଇଥିବା ବେଳେ ସେ ମୁମ୍ବାଇର ନେଭି ଚିଲଡ୍ରେନ ସ୍କୁଲରେ ଦ୍ୱାଦଶ ଶ୍ରେଣୀରେ ପାଠ ପଢୁଛନ୍ତି। ମାତ୍ର ତିନି ବର୍ଷ ବୟସରୁ ପର୍ବତାରୋହଣ ପାଇଁ ଆଗ୍ରହ ରଖିଥିବା କାମ୍ୟା ଓ ତାଙ୍କ ବାପା କମାଣ୍ଡର ଏସ୍ କାର୍ତ୍ତିକେୟନ ଚଳିତଥର ନେପାଳ ପଟରୁ ଏଭେରେଷ୍ଟ ଚଢିବା ଆରମ୍ଭ କରିଥିଲେ। ଗତ ଏପ୍ରିଲ ୩ରେ ଉଭୟ ମାଉଣ୍ଟ ଏଭେରେଷ୍ଟ ଆରୋହଣ ପାଇଁ ଯାତ୍ରା ଆରମ୍ଭ କରିଥିଲା ବେଳେ ସେମାନେ ଚଳିତ ମାସ୨୦ ତାରିଖରେ ୮,୮୪୯ ମିଟର ଉଚ୍ଚତା ଅତିକ୍ରମ କରି ଗିରିଶୃଙ୍ଗ ଶିଖରରେ ପହଞ୍ଚିଥିଲେ।

## ଏମ୍ସର ୪ର୍ଥ ମହଲାରେ ପୁଲିସ ଭ୍ୟାନ୍

ଋଷିକେଶ, ୨୩।୫ (ଏଜେନ୍ସି): ଉତ୍ତରାଖଣ୍ଡ ଋଷିକେଶ ଏମ୍ସରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଏଠାରେ ପୁଲିସ ଅମାନବୀୟ କାର୍ଯ୍ୟ କରି ଏମ୍ସର ଚତୁର୍ଥ ମହଲାରେ ଥିବା ଜରୁରୀକାଳୀନ ୱାର୍ଡକୁ ଭ୍ୟାନ ନେଇ ପ୍ରବେଶ କରିଛି। ଏହି ଗାଡ଼ିକୁ ମାର୍ଗଦେବା ପାଇଁ ପୁଲିସ ଏବଂ ଏମ୍ସ ସୁରକ୍ଷାକର୍ମୀ ରୋଗୀଙ୍କ ଷ୍ଟ୍ରେଚରକୁ ଇଆଡ଼େସିଆଡ଼େ ହଟାଉଥିବା ଦେଖିବାକୁ ମିଳୁଛି। ୱାର୍ଡକୁ ଭ୍ୟାନ୍ କୁଆଡୁ ଆସିଲା ବୋଲି ବୁଝିପାରୁନାହାନ୍ତି।



ଜଣେ ମହିଳା ଡାକ୍ତରଙ୍କୁ ଖରାପ ବ୍ୟବହାର କରାଯାଇଥିଲା। ଏହି ଅଭିଯୁକ୍ତକୁ ଧରିବା ପାଇଁ ଏବଂ ଡାକ୍ତରଙ୍କ ବିକ୍ଷୋଭ ପ୍ରଦର୍ଶନକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି କୁହାଯାଇଛି। ନର୍ସିଂ ଅଧିକାରୀ ସତୀଶ କୁମାର ଅପରେସନ ଥିଏଟରରେ ଖରାପ ବ୍ୟବହାର ଏବଂ ଖରାପ ଭିଡିଓ ପଠାଇଥିବା ନେଇ ମହିଳା ଡାକ୍ତର ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ବରିଷ୍ଠ ଡାକ୍ତରମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଥାନାରେ ଏତଲା ଦେଇଥିଲେ। ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଡାକ୍ତରମାନେ ବୁଧବାର କାର୍ଯ୍ୟବନ୍ଦ କରିଦେଇଥିଲେ। ପରେ ପୁଲିସ ଏମ୍ସରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଥିଲା।

## ପ୍ରଜ୍ୱଳଙ୍କ ପାସ୍‌ପୋର୍ଟ ରଦ୍ଦ ପାଇଁ ମୋଦୀଙ୍କୁ ଚିଠି

ବେଙ୍ଗାଲୁରୁ,୨୩।୫(ଏଜେନ୍ସି): କର୍ଣ୍ଣାଟକ ସେକ୍ସ ସ୍କାଣ୍ଡାଲ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭନ୍ନା ବିଦେଶରେ ଆତ୍ମଗୋପନ କରିଛନ୍ତି। ବ୍ଲୁ କର୍ଣ୍ଣର ନୋଟିସ୍ ସତ୍ତ୍ୱେ ବି ସେ ସ୍ୱଦେଶ ଫେରୁ ନଥିବାରୁ ତାଙ୍କ କୂଟନୈତିକ ପାସ୍‌ପୋର୍ଟ ରଦ୍ଦ କରିବାକୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ପୁଣିଥରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ତାଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ପାସପୋର୍ଟ ରଦ୍ଦ ହେବା ଜରୁରୀ ବୋଲି କହିଛନ୍ତି। ଅନ୍ୟପକ୍ଷରେ ପ୍ରଜ୍ୱଳ ସ୍ୱଦେଶ ଫେରୁ ନଥିବା ଏବଂ ଯାଞ୍ଚ ମାମଲାରେ ସହଯୋଗ ନ କରିବାକୁ ନେଇ ତାଙ୍କ ଜେଜେ ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ ଡି ଦେବେ ଗୌଡ଼ା କ୍ଷୁବ୍ଧ ହୋଇଛନ୍ତି। ପ୍ରଜ୍ୱଳ ତୁରନ୍ତ ସ୍ୱଦେଶ ଫେରି ଆସିବା ସହିତ ପୁଲିସ ନିକଟରେ ଆତ୍ମସମର୍ପଣ କରି ଯାଞ୍ଚ ମାମଲାରେ ସହଯୋଗ କରିବାକୁ ଦେବେ ଗୌଡ଼ା କହିଛନ୍ତି। ନଚେତ୍ ସେ ତାଙ୍କ ରୂପ ଦେଖିବେ ବୋଲି ସେ ଚେତାବନୀ ଦେଇଛନ୍ତି।

■ ପୁନେ ପୋର୍ସ ସଡ଼କ ଦୁର୍ଘଟଣା ମାମଲା

## ନାବାଳକର ଜେଜେଙ୍କ ଅଣ୍ଡରୱାର୍ଲ୍ଡ ଲିଙ୍କ୍

ପୁନେ, ୨୩।୫ (ଏଜେନ୍ସି): ମଦ ପିଇ ନିଶାରେ ପୋର୍ସ କାର୍ ଚଳାଇ ୨ ଇଞ୍ଜିନିୟର୍ସଙ୍କୁ ମାରିଥିବା ନାବାଳକର ଜେଜେ ସୁରେନ୍ଦ୍ର ଅଗ୍ରୱାଲଙ୍କ ଅଣ୍ଡରୱାର୍ଲ୍ଡ ଲିଙ୍କ ସାମ୍ନାକୁ ଆସିଛି। ସେ ୨୦୨୧ରେ ନିଜ ଭାଇ ଆରକେ ଅଗ୍ରୱାଲଙ୍କ ସହ ସମ୍ପତ୍ତି ବିବାଦର ସମାଧାନ ଲାଗି ଛୋଟା ରାଜନକୁ ସହାୟତା ମାଗିଥିଲେ। ଏହି ମାମଲାର ଯାଞ୍ଚ ହେବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି। ଏବେ ସୁରେନ୍ଦ୍ରଙ୍କୁ ପୁନେ ପୁଲିସ ଜେରା କରୁଛି। ଅନ୍ୟପଟେ ପୁଲିସ ନାବାଳକ ପରିବର୍ତ୍ତେ ତାର ବାପା ବିଶାଲ ଅଗ୍ରୱାଲ ବିରୋଧରେ ଅଧିକ ଅଭିଯୋଗ ଲଗାଇଛି। ପୁଅ ନାବାଳକ ଥିବା ଜାଣି ମଦ ପିଇବା ପାଇଁ କ୍ରେଡିଟ କାର୍ଡ ଏବଂ ବିନା ନଂ ପ୍ଲେଟ୍‌ର ପୋର୍ସ କାର୍‌କୁ ସେ ପୁଅକୁ ଦେଇଥିଲେ। ଅଭିଯୁକ୍ତ କାର୍ଡରୁ ୯୦ ମିନିଟରେ ୪୮ ହଜାର ଟଙ୍କାର ବିଲ୍ ପୈଠ କରିଥିଲା। ପ୍ରଥମେ ଡ୍ରାଇଭର ଗାଡ଼ି ଦେବାକୁ ମନା କରୁଥିଲା, ମାତ୍ର ବିଶାଳ କହିବାରୁ ସେ ଚାବି ଦେଇଥିଲେ।

ନିର୍ବାଚନ ରାଲିବେଳେ ଷ୍ଟେଜ୍ ଭୁଶୁଡ଼ିଲା

## ଶିଶୁ ସମେତ ୯ ମୃତ; ୫୦୦ ଆହତ



ମେକ୍ସିକୋ ସିଟି, ୨୩।୫ (ଏଜେନ୍ସି): ମେକ୍ସିକୋର ନୁଏଭୋ ଲିୟୋନ ରାଜ୍ୟ ଅନ୍ତର୍ଗତ ସାମୁଏଲ ଗାର୍ସିଆ ସହରରେ ଏକ ନିର୍ବାଚନ ରାଲି ସମୟରେ ଷ୍ଟେଜ୍ ଭୁଶୁଡ଼ି ଯାଇଛି। ଏହି ଦୁର୍ଘଟଣାରେ ଜଣେ ଶିଶୁ ସମେତ ୯ ଜଣଙ୍କ ମୃତ୍ୟୁ ହୋଇଛି। ୫୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସିଟିଜେନ ମୋମେଣ୍ଟ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଜର୍ଜ ଅଲଭାରେଜ ମିନେଜ ନିର୍ବାଚନୀ ସଭାରେ ଭାଷଣ ଦେଉଥିବା ସମୟରେ ଜୋର୍‌ରେ ପବନ ହେବାରୁ ଏହି ଦୁର୍ଘଟଣା ଘଟିଥିଲା। ମିନେଜ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ମାତ୍ର ତାଙ୍କ ଟିମ୍‌ର ଅନେକ ସଦସ୍ୟ ଆହତ ହୋଇଥିଲେ। ତେବେ ଝଡ଼ବାତ୍ୟାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ମିନେଜ କହିଛନ୍ତି ଯେ ପବନରେ ଷ୍ଟେଜ୍‌ରେ ଥିବା ବାଦ୍ୟଯନ୍ତ୍ର ଉଡ଼ି ଯାଇଥିଲା। ପରେ ଲୋକେ ଭୟରେ ଦୌଡ଼ିବାରେ ଲାଗିଥିଲେ। ଏହା ଦେଖି ସେ ଷ୍ଟେଜ ପଛପଟେ ଲୁଚି ଜୀବନ ବଞ୍ଚାଇ ଥିଲେ।

କେମିକାଲ କାରଖାନାରେ ବିସ୍ଫୋରଣ

## ୭ ଜଣଙ୍କ ମୃତ୍ୟୁ, ୬୦ରୁ ଅଧିକ ଆହତ



ମୁମ୍ବାଇ, ୨୩।୫(ଏଜେନ୍ସି): ମୁମ୍ବାଇର ଏକ କେମିକାଲ କାରଖାନାରେ ଗୁରୁବାର ଭୟାନକ ବିସ୍ଫୋରଣ ଘଟି ୭ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ୬୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା ରହିଛି। ମିଳିଥିବା ସୂଚନା ଅନୁସାରେ ଥାନେ ଜିଲ୍ଲାର ଡୋମ୍ବିଭିଲି ଅଞ୍ଚଳରେ ରହିଥିବା ଏକ ଘରୋଇ କେମିକାଲ କାରଖାନାର ବଏଲରରେ ଗୁରୁବାର ମଧ୍ୟାହ୍ନରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ, ଆଖପାଖ ଅଞ୍ଚଳ ଧୂଆଁମୟ ହୋଇଯିବା ସହିତ ୨ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ପ୍ରଚଣ୍ଡ ଶବ୍ଦ କରିଥିଲା। ଘଟଣାସ୍ଥଳରେ ୬ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିବା କଲ୍ୟାଣ-ଡୋମ୍ବିଭିଲି ପୌର ପରିଷଦର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆହତମାନଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

ଶୋକାକୁଳ ପରିବେଶରେ ରଇସିଙ୍କ ଶେଷକୃତ୍ୟ

# ପୈତୃକ ସହର ମାସହଦ୍‌ରେ ଦିଆଗଲା କବର

ତେହରାନ୍,୨୩।୫(ଏଜେନ୍ସି)

ଇରାନର ଦିବଂଗତ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ଶେଷକୃତ୍ୟ ଗୁରୁବାର ଶେଷ ହୋଇଛି। ରଇସିଙ୍କ ନିଜସ୍ୱ ସହର ମାସହଦ୍‌ରେ ଅତ୍ୟନ୍ତ ଶୋକାକୁଳ ପରିବେଶରେ ସିହା ସଂପ୍ରଦାୟର ଅନ୍ୟତମ ପ୍ରମୁଖ ଧର୍ମଗୁରୁ ଇମାମ ରେଜାଙ୍କ ପବିତ୍ର ସମାଧିପୀଠ ନିକଟରେ ରଇସିଙ୍କୁ କବର ଦିଆଯାଇଛି। ଏହି ଅବସରରେ ଲକ୍ଷ ଲକ୍ଷ ଲୋକ ଏହି ସମାଧିସ୍ଥଳରେ ଉପସ୍ଥିତ ରହିବା ସହିତ ୬୮ ଦେଶର ପ୍ରତିନିଧିମାନେ ଆୟୋଜିତ ଶୋକସଭାରେ ଉପସ୍ଥିତ ରହି ରଇସିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଇରାନର ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ଅଲ୍ଲୀ ଖୋମନେଇ ମଧ୍ୟ ଉପସ୍ଥିତ ରହି ରଇସିଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଜଣାଇଥିଲେ। ଏହାବ୍ୟତୀତ ଅନ୍ୟ ବହୁ ଆରବୀୟ ରାଷ୍ଟ୍ରର ଧର୍ମଗୁରୁମାନେ ମଧ୍ୟ ଉପସ୍ଥିତ ରହିଥିଲେ। ରଇସିଙ୍କ ପରଲୋକରେ ଭାରତ ଇରାନବାସୀଙ୍କ ପ୍ରତି ଗଭୀର ସମବେଦନ ଜ୍ଞାପନ କରିଥିଲା ବେଳେ ଦିନିକିଆ ଶୋକପାଳନ କରିଥିଲା। ଏହାବ୍ୟତୀତ ରଇସିଙ୍କ ଶେଷକୃତ୍ୟରେ ଯୋଗ ଦେବା ଲାଗି ଗତକାଲି ଇରାନ ଗସ୍ତ କରିଥିବା ଉପରାଷ୍ଟ୍ରପତି ଜଗଦୀପ ଧନଖର ମଧ୍ୟ ଗୁରୁବାର ଶୋକସଭାରେ ଉପସ୍ଥିତ ରହି ରଇସିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖରେ ଏକ ହେଲିକପ୍ଟର ଦୁର୍ଘଟଣାରେ ରାଷ୍ଟ୍ରପତି ରଇସିଙ୍କ ସମେତ ବୈଦେଶିକ ମନ୍ତ୍ରୀ ହୋସେନ

**୬୮ ରାଷ୍ଟ୍ରର ପ୍ରତିନିଧିଙ୍କ ସହ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ**

ଅମିରାବ୍ଦୁଲାହିୟନ ଓ ଇରାନର ପୂର୍ବ ଅଜରବୈଜାନ ପ୍ରଦେଶର ଗଭର୍ଣ୍ଣର ମାଲେକ ରହମାତିଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ହୋଇଥିଲା। ହେଲିକପ୍ଟର ନିଖୋଜ ହେବାର ପ୍ରାୟ ୧୭ ଘଣ୍ଟା ପରେ ୨୦ ତାରିଖ ସକାଳେ ଭଗ୍ନାବଶେଷ ଠାବ କରାଯିବା ସହିତ ସମସ୍ତ ମୃତଦେହ ଉଦ୍ଧାର କରାଯାଇଥିଲା। ରଇସି ଏକ ଉଚ୍ଚ ପ୍ରତିନିଧି ଦଳ ସହିତ ତିନୋଟି ହେଲିକପ୍ଟରରେ ପୂର୍ବ



ଅଜରବୈଜାନ ପ୍ରଦେଶର ନବରଜ୍ ସହରରୁ ତେହରାନ ଅଭିମୁଖେ ଫେରୁଥିଲେ। ଅନ୍ୟ ଦୁଇଟି ହେଲିକପ୍ଟର ଠିକଣା ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଥିଲେ ହେଁ ରାଷ୍ଟ୍ରପତି ରଇସି ଏବଂ ବିଦେଶ ମନ୍ତ୍ରୀ ହୋସେନ ଅମିରାବ୍ଦୁଲାହିୟନଙ୍କୁ ନେଇ ଆସୁଥିବା ହେଲିକପ୍ଟର ଖରାପ ପାଗ ଯୋଗୁଁ ଏକ ପାହାଡ଼ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା।

ବନ୍ଧୁ ପାଲଟିଲା ବଇରୀ

## ୫ କୋଟି ସୁପାରି ଦେଇ ବାଂଲା ସାଂସଦଙ୍କ ହତ୍ୟା

ନୂଆଦିଲ୍ଲୀ, ୨୩।୫(ଏଜେନ୍ସି)

ନିଜ ଚିକିତ୍ସା ପାଇଁ ବାଂଲାଦେଶରୁ କୋଲକାତା ଆସିଥିବା ସାଂସଦ ମହମ୍ମଦ ଅନୱାରଲ ଅଜିମଙ୍କ ହତ୍ୟାକାଣ୍ଡକୁ ନେଇ ବେଳକୁ ବେଳ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିବାରେ ଲାଗିଛି। ମହମ୍ମଦ ବିଗତ କିଛି ଦିନ ଧରି ନିଖୋଜ ରହିବା ପରେ ଗତକାଲି କୋଲକାତା ନ୍ୟୁ ଟାଉନସ୍ଥିତ ଏକ ପରିତ୍ୟକ୍ତ ଫ୍ଲାଟ୍‌ରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ଶବ ଜବତ କରିବା ପରେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା। ପୁଲିସ ତତ୍କାଳ ଯାଞ୍ଚ କରି ତିନି ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଥିଲା ବେଳେ ମହମ୍ମଦଙ୍କୁ ହତ୍ୟା କରିବାକୁ ଏକ ଷଡ଼ଯନ୍ତ୍ର କରାଯାଇଥିଲା ବୋଲି ପୁଲିସକୁ ସୁରାକ ମିଳିଛି। ସାଂସଦ



ମହମ୍ମଦଙ୍କ ଜଣେ ଘନିଷ୍ଠ ସହଯୋଗୀ କିଛିଦିନ ତଳେ ଜଣେ ଆମେରିକୀୟ ନାଗରିକଙ୍କୁ ୫କୋଟି ଟଙ୍କା ଦେଇ ତାଙ୍କୁ ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ ବୋଲି ପୁଲିସକୁ ତଥ୍ୟ ମିଳିଛି। କୋଲକାତା କ୍ରାଇମବ୍ରାଞ୍ଚ ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏହି ନୂଆ ତଥ୍ୟ ସାମ୍ନାକୁ ଆସିଛି। ସିଆଇଡି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ କରିଛି ଯେ, ସାଂସଦ ମହମ୍ମଦଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ, ବରଂ ହତ୍ୟା। ବାଂଲାଦେଶ ଗୃହମନ୍ତ୍ରୀ ମଧ୍ୟ ବୁଧବାର ଏଭଳି ଆଶଙ୍କା ପ୍ରକାଶ କରି ସୂଚନା ଦେଇସାରିଛନ୍ତି। ମହମ୍ମଦ ମେ ୧୨ତାରିଖ ପଶ୍ଚିମବଙ୍ଗର ବାରନଗରରେ ନିଜର ଜଣେ ଘନିଷ୍ଠ ସାଙ୍ଗ ଗୋପାଳ ବିଶ୍ୱାସଙ୍କ ଘରେ ରହିଥିଲେ। ମେ ୧୪ତାରିଖ ଦିନ ଯାଏଁ ତାଙ୍କ ପରିବାର ସହ ସାଂସଦ ଯୋଗାଯୋଗ ରକ୍ଷା କରୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ଆଉ କୌଣସି ସୂଚନା ମିଳିପାରିନଥିଲା। ୧୬ତାରିଖରେ ସାଂସଦଙ୍କ ବ୍ୟକ୍ତିଗତ ସଚିବ ଅବଦୁଲ ରାଉଫଙ୍କ ପାଖକୁ ଏକ ମିସିଡ୍‌କଲ ସାଂସଦଙ୍କ ଫୋନରୁ ଆସିଥିଲା କିନ୍ତୁ ସଚିବ ଜଣକ ଏହି କଲଟିକୁ ଗ୍ରହଣ କରିପାରିନଥିଲେ। ପରବର୍ତ୍ତୀ ସମୟରେ ସଚିବ ଜଣକ ବାରମ୍ବାର କଲ କରିବା ସତ୍ତ୍ୱେ କଲ ଲାଗିନଥିଲା ଓ ଏହା ଅପହଞ୍ଚ ରହିଥିବା ଉତ୍ତର ମିଳିଥିଲା।

ଉତ୍ତରରେ ତାତିର ଲହରୀ, ଦକ୍ଷିଣରେ ଢାଳୁଛି ବର୍ଷା

## ୪୯ ଡିଗ୍ରୀରେ ଜଳୁଛି ରାଜସ୍ଥାନ ; ୫ ମୃତ

ନୂଆଦିଲ୍ଲୀ, ୨୩।୫(ଏଜେନ୍ସି): ଦେଶର ଦୁଇ ଭାଗରେ ତାତି ଓ ବର୍ଷାକୁ ନେଇ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହୋଇଛି। ଉତ୍ତର ଏବଂ ଉତ୍ତର-ପଶ୍ଚିମଭାଗରେ ପ୍ରବଳ ତାତି ଲହର ଜନ ଜୀବନକୁ ଦୁର୍ବିସହ କରିଦେଇଥିଲା ବେଳେ ରାଜସ୍ଥାନ ସମେତ ହରିୟାଣା, ପଞ୍ଜାବ, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶରେ ଅସମ୍ଭାଳ ପରିସ୍ଥିତି ଦେଖାଯାଇଛି। ରାଜସ୍ଥାନର ବହୁ ଅଞ୍ଚଳରେ ତାପମାତ୍ରା ୪୭ ଡିଗ୍ରୀ ଅତିକ୍ରମ କରିବା ସହିତ ବାରମେର ତାପମାତ୍ରା ୪୮.୮ ଡିଗ୍ରୀ ଛୁଇଁଛି। ଏଭଳି ସ୍ଥିତିରେ ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ୫ରେ ପହଞ୍ଚିଛି। ବାରମେର୍ ବ୍ୟତୀତ ପାଲ୍ଲୋହଡି ୪୭.୬ଡିଗ୍ରୀ, ଫତେପୁର(ସିକାର) ୪୭.୬, ଚୁରୁ ୪୭.୫, ଜରୋଲ ୪୭.୨, ଟଙ୍କରେ ୪୭.୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଯୋଧପୁରରେ ୪୬.୩, ବିକନର ୪୬.୪, କୋଟା ୪୬.୩, ଜୟପୁର ସହରରେ ୪୫.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ପ୍ରଚଣ୍ଡ ରୌଦ୍ରତାପକୁ ନେଇ ସରକାରଙ୍କ ପକ୍ଷରୁ ଲୋକଙ୍କୁ ଜରୁରୀ

**କେରଳରେ ବନ୍ୟା; ୪ ମୃତ**

କାଳୀନ ସହୟତା କରିବାକୁ ପଦକ୍ଷେପ ନିଆଯାଇଛି। ଅପରପକ୍ଷେ ଦକ୍ଷିଣରେ କେରଳ ସମେତ ଅନ୍ୟ କିଛି ରାଜ୍ୟରେ ଜାରି ରହିଛି ପ୍ରଳୟଙ୍କରୀ ବର୍ଷା। କେରଳରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ଆସି ୪ ଜଣଙ୍କ ମୃତ୍ୟୁ ହୋଇଛି। ଆଗାମୀ ଦିନରେ ପୁଣି ଭାରୀ ବର୍ଷା ନେଇ ରାଜ୍ୟର ୭ ଜିଲ୍ଲା ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ 'ଅରେଞ୍ଜ' ଆଲର୍ଟ କରାଯାଇଛି।

ବିଚାରପତିଙ୍କ ଏତଲାରେ ପୁଲିସ କରୁଛି ତଦନ୍ତ

# ୯୯% ମାର୍କ ରଖିଥିବା ପିଅନ ଲେଖି, ପଢ଼ି ପାରୁନି

କୋପ୍ପାଲ, ୨୩।୫(ଏଜେନ୍ସି)

କର୍ଣ୍ଣାଟକରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଜଣେ ଦଶମ ଟପ୍ପର ଛାତ୍ର ପଢ଼ାଲେଖା ନ ଜାଣି ସରକାରୀ ଚାକିରି କରିଛନ୍ତି। ସେ କୋର୍ଟରେ ଚାକିରି କରିଛନ୍ତି। ମାତ୍ର ପଢ଼ାଲେଖା ନ ଜାଣିଥିବାରୁ ହରଡ଼ଘଣାରେ ପଡ଼ି ଯାଇଛନ୍ତି। ଏବେ ସେହି କୋର୍ଟର ବିଚାରପତି ତାଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ସାମ୍ନାକୁ ଆସିବା ପରେ ନିଯୁକ୍ତି କିମ୍ବା ପରୀକ୍ଷାରେ ବଡ଼ଧରଣର ଜାଲିଆତି ହେଉଥିବା କୁହାଯାଉଛି। ସୂଚନା ଅନୁଯାୟୀ ଦଶମ ଶ୍ରେଣୀ ପରୀକ୍ଷାରେ ୯୯.୭% ମାର୍କ ରଖିଥିବା ୨୩ ବର୍ଷର ଯୁବକ ପ୍ରଭୁ ଲକ୍ଷ୍ମୀକାନ୍ତ ଲୋକାରେ ସରକାରୀ ପିଅନ ହେବା ପାଇଁ ଆଗ୍ରହୀ ହୋଇ ସେଥି ନିମନ୍ତେ ଦରଖାସ୍ତ ଦେଇଥିଲେ। ସରକାରୀ ପିଅନ ନିଯୁକ୍ତି ପ୍ରକ୍ରିୟାରେ ତାଙ୍କ ଉଚ୍ଚ ମାର୍କ ପାଇଁ ଯୋଗ୍ୟ ତାଲିକାରେ ସ୍ଥାନ ପାଇ କର୍ଣ୍ଣାଟକର



କୋପ୍ପାଲ ଜିଲ୍ଲାର ଏକ ଲୋକାଲ୍ କୋର୍ଟରେ ପିଅନ ଭାବେ ଗତ ଏପ୍ରିଲରେ ଜଏନ୍ କରିଛନ୍ତି। ସେ ଇଂରାଜୀ କିମ୍ବା ହିନ୍ଦୀ ତ ଦୂରର କଥା, ତାଙ୍କ ମାତୃଭାଷା କନ୍ନଡରେ ବି କିଛି ପଢ଼ି ପାରନ୍ତିନି କି ଲେଖି ଜାଣନ୍ତିନି। ଏହା ଜାଣି ଜଜ୍ ସାହେବ ପୁଲିସ୍‌ରେ ଏକ ଅଭିଯୋଗ ଦାଖଲ କରି ପ୍ରଭୁ ଲକ୍ଷ୍ମୀକାନ୍ତଙ୍କ ଶିକ୍ଷା ସମ୍ପର୍କିତ ରେକର୍ଡ ଯାଞ୍ଚ ପାଇଁ ଅନୁରୋଧ କରିଛନ୍ତି। ଏଫ୍‌ଆଇଆର୍ ଗତ ଏପ୍ରିଲ ୨୬ରେ ପଞ୍ଜିକୃତ ହୋଇ ତଦନ୍ତ ଆରମ୍ଭ ହୋଇଛି। ଏଫ୍‌ଆଇଆର୍'ରେ ଲେଖାଅଛି, ସପ୍ତମ ଶ୍ରେଣୀ ଯାଏ ପଢ଼ିଥିବା ପ୍ରଭୁ ଲକ୍ଷ୍ମୀକାନ୍ତ ଆଉ ସ୍କୁଲ ନ ଯାଇ ସିଧା ଦଶମ ଶ୍ରେଣୀ ପରୀକ୍ଷା ଦେଇ ମୋଟ ମାର୍କ ୬୨୫ରୁ ୬୨୩ (୯୯.୭%) ପାଇଛନ୍ତି। ଉକ୍ତ ମାର୍କ ଆଧାରରେ ତାଙ୍କୁ ପିଅନ ପଦବୀ ନିମନ୍ତେ ଚୟନ କରାଯାଇଛି ଓ ସେ ସ୍ଥାନୀୟ ଅଦାଲତରେ ପିଅନ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ହେଲେ ସେ ପଢ଼ାଲେଖା କିଛି କରିପାରୁ ନ ଥିବା ହେତୁ ତାଙ୍କ ଶିକ୍ଷାଗତ ଯୋଗ୍ୟତା ନେଇ ସନ୍ଦେହ ଉପୁଜିଛି। ପ୍ରଭୁ ଲକ୍ଷ୍ମୀକାନ୍ତ ଯାହା କରି ସରକାରୀ ଚାକିରି ପାଇଛନ୍ତି, ଅନ୍ୟ କେହି ବା କେତେକ ଅନୁରୂପ ମାର୍ଗରେ ସରକାରୀ କର୍ମଚାରୀ ହୋଇପାରିଥିବା ସମ୍ଭବ। ତେଣୁ ପ୍ରଭୁଙ୍କ ହସ୍ତଲିପିକୁ ତାଙ୍କ ଦଶମ ପରୀକ୍ଷାର ଉତ୍ତର ଖାତାର ଲିପି ସହ ସହ ମେଳ କରାଯାଉ। ନିଜ ସଫେଇରେ ପ୍ରଭୁ ଲକ୍ଷ୍ମୀକାନ୍ତ କହିଛନ୍ତି, ୨୦୧୭-୧୮ରେ ଘରୋଇ ପରୀକ୍ଷାର୍ଥୀ ଭାବେ ସେ ଦଶମ ପରୀକ୍ଷା ଦେଇଥିଲେ। ଦିଲ୍ଲୀ ଶିକ୍ଷା ବୋର୍ଡ ସେ ପରୀକ୍ଷା କରିଥିଲା। କର୍ଣ୍ଣାଟକର ବାଗାଲାକୋଟେ ଜିଲ୍ଲାର ଏକ ଅନୁଷ୍ଠାନରେ ସେ ପରୀକ୍ଷା ଦେଇଥିଲେ।

ହାଇକୋର୍ଟଙ୍କ କଡ଼ା ଟିପ୍ପଣୀ

## ବାନ୍ଦା ସିଜେଏମ୍ ବିଚାରପତି ହେବାକୁ ଅଯୋଗ୍ୟ

ପ୍ରୟାଗରାଜ, ୨୩।୫ (ଏଜେନ୍ସି)

ବାନ୍ଦା ସିଜେଏମ୍ ଭଗବାନ ଦାସ ଗୁପ୍ତା ବିଚାରପତି ହେବାକୁ ଯୋଗ୍ୟ ନୁହଁନ୍ତି। ସେ ନିଜ ସ୍ୱାର୍ଥ ପାଇଁ ପଦର ଅପବ୍ୟବହାର କରିଛନ୍ତି। ବିଦ୍ୟୁତ୍ ବିଲ୍ ପଠାଇଥିବା ଅଧିକାରୀଙ୍କ ବିରୋଧରେ ଜାଲ୍ ମାମଲା ରୁଜୁ କରିଛନ୍ତି। ଭାଗବାନ ଦାସ ବିଚାରପତି ହେବାକୁ ସମ୍ପୂର୍ଣ୍ଣ ଅଯୋଗ୍ୟ ବୋଲି ଆହ୍ଲାବାଦ ହାଇକୋର୍ଟ କହିଛନ୍ତି। ଏହା ସହିତ ନିମ୍ନ ଅଦାଲତଙ୍କୁ ଜଷ୍ଟିସ ରାହୁଲ ଚତୁର୍ବେଦୀ ଏବଂ ମ. ଅଦରହ ହୁସେନ ଇଦରିସିଙ୍କ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଜଜ୍‌ଙ୍କ ଅନୁମତି ବିନା ଏତଲା ରୁଜୁ ନ କରାଇବାକୁ ନିମ୍ନ ଅଦାଲତର ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଅତ୍ୟନ୍ତ ଗୁରୁତର ମାମଲାରେ ଏତଲା ରୁଜୁ କରିବାକୁ ଅନୁମତି ଦେଇଛନ୍ତି। ଲକ୍ଷ୍ନୌ ବିଦ୍ୟୁତ ବିଭାଗର କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ମନୋଜ ଗୁପ୍ତା, ଏସ୍‌ଡିଓ ଦୀପେନ୍ଦ୍ର ସିଂହ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀ ରାକେଶ ସିଂହଙ୍କ ଆବେଦନ ଉପରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ରେ ସିଜେଏମ ଏମାନଙ୍କ ବିରୋଧରେ ଠକେଇ ସମେତ ଅନେକ ଧାରାରେ ମାମଲା ରୁଜୁ କରିଥିଲେ। ଏହାକୁ ହାଇକୋର୍ଟରେ ବିରୋଧ

**ବିଦ୍ୟୁତ୍ ବିଲ୍ ପଠାଇବାରୁ ଅଧିକାରୀଙ୍କ ବିରୋଧରେ କରିଥିଲେ ମାମଲା**

**୧୪ ବର୍ଷରେ ବିଦ୍ୟୁତ୍ ବିଲ୍ ପାଇଁ ଦେଇଥିଲେ ମାତ୍ର ୫ ହଜାର ଟଙ୍କା**

କରାଯାଇଥିଲା। ବୁଧବାର ଏହି ମାମଲାର ଶୁଣାଣି କରି କୋର୍ଟ କହିଥିଲେ ଯେ ସିଜେଏମ ହାଇକୋର୍ଟ ପର୍ଯ୍ୟନ୍ତ ଆଇନଗତ ଲଢ଼େଇ ହାରି ଆସିଛନ୍ତି। ଏହା ସତ୍ତ୍ୱେ ବାନ୍ଦାରେ ଇନ୍ସପେକ୍ଟର ଦାନ ବହାଦୂରଙ୍କୁ ଧମକାଇ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରାଇ ଥିଲେ। ୧୪ ବର୍ଷରେ ସିଜେଏମଙ୍କ କେବଳ ୫ ହଜାର ଟଙ୍କାର ବିଦ୍ୟୁତ ବିଲ୍ ପୈଠ କରିବାକୁ ନେଇ ହାଇକୋର୍ଟ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଏ ନେଇ ପଚାରିବାରୁ ସୌରଶକ୍ତି ବ୍ୟବାହର କରୁଥିବା କହିଥିଲେ। ମାତ୍ର ସେ ଏ ପର୍ଯ୍ୟନ୍ତ ୨, ୦୧, ୯୬୩ ଟଙ୍କାର ବିଦ୍ୟୁତ ବିଲ୍ ଜମା କରିନାହାନ୍ତି ବୋଲି ବିଦ୍ୟୁତ ବିଭାଗ ପକ୍ଷରୁ କୋର୍ଟଙ୍କୁ ଜଣାଯାଇଛି। ହାଇକୋର୍ଟ କହିଛନ୍ତି ଯେ ଅନ୍ୟ ପ୍ରଶାସନିକ ପୁଲିସ ଅଧିକାରୀଙ୍କ ସହ ବିଚାରପତିଙ୍କ ତୁଳନା କରାଯାଇପାରିବ ନାହିଁ। କିନ୍ତୁ ବିଚାରପତି ବି ଜଣେ ଲୋକସେବକ। ବିଚାରପତି ଧୈର୍ଯ୍ୟ ଏବଂ ବ୍ୟବହାର ସମ୍ବିଧାନ ଅନୁରୂପ ହେବା ଉଚିତ। ହାଇକୋର୍ଟ ପୂର୍ବତନ ମୁଖ୍ୟ ବିଚାରପତିଙ୍କ ପୁସ୍ତକର ଉଦାହରଣ ଦେଇ କହିଥିଲେ ଯେ ବିଚାରପତି ଯାହା ଶୁଣନ୍ତି ତାହା ଦେଖିପାରନ୍ତି ନାହିଁ। ଯାହା ଦେଖନ୍ତି ତାହା ଶୁଣିପାରନ୍ତି ନାହିଁ। ବିଚାରପତିଙ୍କ ପାଇଁ ମାର୍ଗଦର୍ଶିକା ରହିଛି। ନିଷ୍ପତ୍ତିରେ ବିଚାରପତିଙ୍କ ବ୍ୟକ୍ତିତ୍ୱ ଦେଖାଯିବ ଉଚିତ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-327 ◆BHUBANESWAR ◆FRIDAY ◆24 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୨୭ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୪ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




## ୨ ହାତୀଦାନ୍ତ ଜବତ; ୧୧ ଗିରଫ

■ **ରାଉରକେଲା, ୨୩।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅଧୀନ ବଡ଼ଗାଁରେ ବନ ବିଭାଗ ଚଢ଼ଉ କରି ତିନି କେଜି ଓଜନର ୨ଟି ହାତୀ ଦାନ୍ତ ଜବତ କରିଛି। ଏହାସହ ଏଥିରେ ସମ୍ପୃକ୍ତ ୧୧ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ଦୁଇଟି ହାତୀଦାନ୍ତ ସହ ୨ଟି ବାଇକ୍ ଓ ୧୧ଟି ମୋବାଇଲ ଜବତ ହୋଇଛି। ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ଗୋଛାୟତଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର ଇମା, ସେତୁ ରଞ୍ଜନୀ ଗମାଙ୍ଗ, ରିତାଞ୍ଜଳି ଶତପଥୀ, ପ୍ରଦୀପ କୁମାର ସାହୁ, ଅଲିଅଳ ବେହେରା, ଯଶୋଦା ମହାନ୍ତ, ରାଜେଶ ଜ୍ୟୋତିଷି, ବିଶ୍ୱଜିତ ପଣ୍ଡା, ଶମୀର ପାତ୍ର, ପ୍ରବିଣ ଆଚାର୍ଯ୍ୟ, ଗୋବିନ୍ଦ ମହାପାତ୍ର, ଉମେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ବୋଲି ରାଉରକେଲା ଡିଏଫ୍ଓ ଯଶବନ୍ତ ସେଠୀ କହିଛନ୍ତି।






## ଜଗତସିଂହପୁର ଲୋକସଭା କ୍ଷେତ୍ରରେ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର



# ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ବିରୋଧୀଙ୍କ ମୁଣ୍ଡ ବିଗାଡ଼ିଛି

- ବାହାରୁ ବଡ଼ ବଡ଼ ନେତା ଆସି ମୁଖ୍ୟମନ୍ତ୍ରୀଙ୍କୁ ଅଭଦ୍ର ଭାଷାରେ ଗାଳି ଦେଉଛନ୍ତି
- ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରୁଥିବା ଲୋକମାନଙ୍କୁ ମୁହଁତୋଡ଼ ଜବାବ ଦିଅନ୍ତୁ
- ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଦିନରାତି ଖଟୁଛନ୍ତି
- ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବା ପାଇଁ ୫ ବର୍ଷରେ ଥରେ ସୁଯୋଗ ଆସିଛି



■ **ଭୁବନେଶ୍ୱର, ୨୩।୫(ସମିସ):** ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀର ନିମାପଡ଼ା, କାକଟପୁର, ନିଆଳି, ବାଲିକୁଦା-ଏରସମା, ପାରାଦୀପ, ତିର୍ତ୍ତୋଲ ଏବଂ ଜଗତସିଂହପୁର ବିଧାନସଭା କ୍ଷେତ୍ରରେ ବିଜେଡିର ବରିଷ୍ଠ ନେତା ତଥା ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛନ୍ତି। ଏହିସବୁ ସ୍ଥାନରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରି ଶ୍ରୀ ପାଣ୍ଡିଆନ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏତେ ଭଲପାଇବା ଦେଖି ବିରୋଧୀଙ୍କ ମୁଣ୍ଡ କାମ କରୁନାହିଁ। ବାହାରୁ ବଡ଼ ବଡ଼ ନେତାମାନେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଅଭଦ୍ର ଭାଷାରେ ଗାଳି ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଏପରି ଅସମ୍ମାନିତ କରୁଥିବା ଲୋକମାନଙ୍କୁ ଆପଣମାନେ ମୁହଁତୋଡ଼ ଜବାବ ଦିଅନ୍ତୁ। ଏଥିସହ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ଲକ୍ଷାଧିକ ଭୋଟରେ ଜିତାଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ସେ ଅନୁରୋଧ କରିଛନ୍ତି।

ପ୍ରତ୍ୟେକ ଜନସଭାରେ ଶ୍ରୀ ପାଣ୍ଡିଆନଙ୍କୁ ବିଶାଳ ଜନସମୁଦ୍ର ସ୍ୱାଗତ କରିଥିଲେ। ବିରୋଧୀଙ୍କ ଉପରେ ଶାଣିତ ଆକ୍ରମଣ ଜାରି ରଖି ଶ୍ରୀ ପାଣ୍ଡିଆନ ▶ପୃଷ୍ଠା-୯

# ବଳ ଗୋଟାଉଛି ବାତ୍ୟା

- ୨୬ରେ ବାଂଲାଦେଶ ଓ ପଶ୍ଚିମବଙ୍ଗ ନିକଟରେ ମାଡ଼
- ଉତ୍ତର ଓଡ଼ିଶାରେ ୨୬ ଓ ୨୭ରେ ସାମାନ୍ୟ ପ୍ରଭାବ
- କିଛି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା



■ **ଭୁବନେଶ୍ୱର, ୨୩।୫ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହେବାରେ ଲାଗିଛି। ଏହି ଲଘୁଚାପ ଆହୁରି ଅଧିକ ଶକ୍ତିଶାଳୀ ହୋଇ ଆସନ୍ତା ୨୫ ତାରିଖ ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବ। ବାତ୍ୟା ସୃଷ୍ଟି ହେଲେ ମଧ୍ୟ ରାଜ୍ୟର ମାତ୍ର କିଛି ଜିଲ୍ଲାରେ ଏହାର ପ୍ରଭାବ ପଡ଼ିବ। ବାତ୍ୟା ଯୋଗୁଁ ମୁଖ୍ୟତଃ ଉତ୍ତର ଉପକୂଳ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ବାତ୍ୟା ଯୋଗୁଁ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ସୁଦୃଢ଼ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ୨୪ ତାରିଖ ସକାଳ ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତ ରୂପ ନେବ। ତା'ପରେ ଉତ୍ତର-ପୂର୍ବ ଦିଗକୁ ଗତି କରିବ। ୨୫ ତାରିଖ ସକାଳ ସୁଦ୍ଧା ଏହା ବାତ୍ୟାରେ ପରିଣତ ହେବ। ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ବଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ପହଞ୍ଚିବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ ସିଧାସଳଖ ରହିବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ସେ କହିଛନ୍ତି ଯେ ବାତ୍ୟା ପ୍ରଭାବରେ ୨୬ ତାରିଖରୁ ରାଜ୍ୟରେ ବର୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଅନେକ ▶ପୃଷ୍ଠା-୯

### ମିଛ 'ଆବାସ'; ସତ ବିଜ୍ଞାପନ

# 'ନ୍ୟୁଜ୍ ଲଣ୍ଡ୍ରୀ'ରେ ମହିଳା ଖୋଲିଲେ ବିଜେପି ମୁଖା

■ **ନୂଆଦିଲ୍ଲୀ, ୨୩।୫(ସମିସ):** କେନ୍ଦ୍ର ବିଜେପି ସରକାର ଆବାସ ଯୋଜନା ଅଧୀନରେ ଘର ଯୋଗାଇ ଦେଇଥିବା ଡ଼ିଣ୍ଡିମ ପିଟୁଛନ୍ତି। ଲକ୍ଷଲକ୍ଷ ଲୋକଙ୍କୁ ଘର ଯୋଗାଇ ଦେଇଥିବା ନେଇ ସମ୍ବାଦପତ୍ରଗୁଡ଼ିକରେ ବଡ଼ବଡ଼ ବିଜ୍ଞାପନ ଦେଉଛନ୍ତି। ମାତ୍ର ଏକ ଖବରକାଗଜରେ ଦିଆଯାଇଥିବା ଏକ ବିଜ୍ଞାପନ 'ଆବାସ' ଯୋଜନାର ବାସ୍ତବିକତାକୁ ସ୍ପଷ୍ଟ କରି ଦେଇଛି। ଉକ୍ତ ବିଜ୍ଞାପନରେ ଜଣେ ମହିଳାଙ୍କୁ ହିତାଧିକାରୀ ଭାବେ ଦର୍ଶାଯାଇ ତାଙ୍କ ଫଟୋ ଛପାଯାଇଛି ଓ ସମ୍ପୃକ୍ତ ମହିଳାଙ୍କ ପରି ୨୪ ଲକ୍ଷ ମହିଳା ଉପକୃତ ହୋଇଥିବା ଏଥିରେ ଉଲ୍ଲେଖ ରହିଛି। ମାତ୍ର ଅନୁସନ୍ଧାନରୁ ଜଣପଡ଼ିଛି ଯେ ଯେଉଁ ଘରଟିକୁ 'ଆବାସ' ବୋଲି ବିଜ୍ଞାପନରେ ଉଲ୍ଲେଖ କରାଯାଇଛି, ତାହା ସମ୍ପୃକ୍ତ ମହିଳାଙ୍କ ଘର ନୁହେଁ ଓ ସେ ସେଠାରେ ମାସକୁ ୫୦୦ ଟଙ୍କା ଭଡ଼ାରେ ରହିଛନ୍ତି। 'ନିୟୁଜ୍ ଲଣ୍ଡ୍ରୀ' ନାମକ ଏକ ୱେବ୍ସାଇଟ୍ ବିଜେପିର ମିଛ ପ୍ରଚାରକୁ ପଦାରେ ପକାଇଛି। ଏହି ଭିଡିଓ




ଏପିସୋଡ୍ ଏବେ ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ନେଇ ସୋସିଆଲ ମିଡିଆ ୟୁଜର୍ସ ଏବେ ବିଜେପିକୁ ଟ୍ରୋଲ କରିବାରେ ଲାଗିଛନ୍ତି।

ଛପାଯାଇଥିବା ବିଜ୍ଞାପନରେ ଆବାସ ଯୋଜନାରେ ଘର ପାଇ ମହିଳା ଜଣଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଦେଇଛନ୍ତି। ତାଙ୍କ ମୁଣ୍ଡରେ ଏକୁଟିଆ ଛାତ ଆସିନାହିଁ ବରଂ ଏହି ଯୋଜନା ୨୪ ଲକ୍ଷ ଲୋକଙ୍କ ପାଇଁ ଛାତର ସୁବିଧା କରିଛି। ଯାହାଫଳରେ ଆମେ ସବୁ ଆତ୍ମନିର୍ଭର ହୋଇଯାଇଛୁ ବୋଲି ମହିଳା ଜଣକ କହୁଥିବା ବିଜ୍ଞାପନରେ ଲେଖା ଯାଇଥିଲା। ଏହା ଉପରେ 'ନିୟୁଜ୍ ଲଣ୍ଡ୍ରୀ' ଖୋଳତାଡ କରିବା ଆରମ୍ଭ କରିଥିଲା। ମହିଳାଙ୍କ ଘରକୁ ଯାଇ ତାଙ୍କୁ ଭେଟିଥିଲା। ମହିଳା ଜଣଙ୍କ ବିଜ୍ଞାପନରେ ନିଜକୁ ଚିହ୍ନଟ କରିଥିଲେ। ସେ ନିଜକୁ ଜଣେ ଦିନ ମଜୁରିଆ ବୋଲି ପରିଚୟ ଦେଇଥିଲେ। ସେ କହିଥିଲେ ଯେ ମୁଁ ଏକ ଘର କାମ କରୁଥିଲା ବେଳେ ମୋ ଅଜାଣତରେ ମୋ ଫଟୋ ନିଆଯାଇଛି। ମୁଁ କୌଣସି 'ଆବାସ' ଘର ପାଇନାହିଁ। ଦୀର୍ଘ ୫୦ବର୍ଷ ଧରି ମୁଁ ବସ୍ତିରେ ଭଡାରେ ରହୁଛି। ଏବେ ଯେଉଁ ▶ପୃଷ୍ଠା-୯

# ବିଶ୍ୱଶର୍ମାଙ୍କୁ 'ଗୁରୁ ଜ୍ଞାନ' ଦେଲେ ପାଣ୍ଡିଆନ



- ଆପଣଙ୍କ ଗୁରୁଙ୍କ ଗୁରୁ ସହ କାମ କରିଛନ୍ତି ନବୀନ
- ଅତିଥି ହୋଇ ଆସିଛନ୍ତି, ନିଜ ମର୍ଯ୍ୟାଦା ରଖନ୍ତୁ
- ଆମ ମୁଖ୍ୟମନ୍ତ୍ରୀଙ୍କ ଠାରୁ କିଛି ଶିଖିକି ଯାଆନ୍ତୁ



■ **ଭୁବନେଶ୍ୱର, ୨୩।୫(ସମିସ):** ଓଡ଼ିଶାକୁ ନିର୍ବାଚନ ପ୍ରଚାରରେ ଆସି ବିଜେପିର ନେତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶୋଭନୀୟ ଭାଷାର ପ୍ରୟୋଗ କରୁଛନ୍ତି। ଯାହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏହିକ୍ରମରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ସଂସ୍କାର ଓ ଶାଳୀନତାର ଗୁରୁଜ୍ଞାନ ଶିଖାଇଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ଶ୍ରୀ ବିଶ୍ୱଶର୍ମାଙ୍କୁ ତୀବ୍ର ସମାଲୋଚନା କରିବା ସହ ସେ ଓଡ଼ିଶାବାସୀଙ୍କଠାରୁ ସଂସ୍କାର ଶିଖିବାକୁ ଶ୍ରୀ ପାଣ୍ଡିଆନ୍ ପରାମର୍ଶ ଦେଇଛନ୍ତି।

ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଆସାମ ମୁଖ୍ୟମନ୍ତ୍ରୀ ବୋଧହୁଏ ନବୀନଙ୍କୁ ଠିକ୍ ଭାବରେ ଜାଣି ନାହାନ୍ତି କିମ୍ବା ସବୁ ଜାଣି ନ ଜାଣିବାର ଛଳନା କରୁଛନ୍ତି। ଶ୍ରୀ ବିଶ୍ୱଶର୍ମା ଯାହାଙ୍କୁ ନିଜ ଗୁରୁ ମଣୁଛନ୍ତି, ତାଙ୍କ ଗୁରୁଙ୍କ ସହଯୋଗୀ ଥିଲେ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୯

## ଭିତରେ


- ପୁଲିସ୍ ଗୁଳିରେ ୭ ମାଓବାଦୀ ନିପାତ
- ଚତୁର୍ଥ ପର୍ଯ୍ୟାୟରେ ୧୨୧ କୋଟିପତି ପ୍ରାର୍ଥୀ
- କୂଅ ସଫା ବେଳେ ଶ୍ୱାସରୁଦ୍ଧ ହୋଇ ଜଣେ ମୃତ



SIKSHA 'O' ANUSANDHAN

SAAT-2024

Empowering students for a brighter future

COMPUTER APPLICATIONS PROGRAMMES

- Bachelor of Computer Applications (BCA)
- Master of Computer Applications (MCA)

APPROVAL & RECOGNITIONS

- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023

- 15th Best in University Category
- 27th Best in Engineering Category

To apply for admission through SAAT, Please visit: www.soa.ac.in


## ଲୋକକଥା



କେତେ ଥର ଆଉ ଏଠିକି ଆସିବେ
ପିଏମ୍ ମୋଦୀ ଆଉ ଶାହା,
ଦିନକୁ ଦିନ ତ ଓଡ଼ିଶା ରାଇଜେ
ଫୁଲ ଶିତି ହୁଏ ସ୍ୱାହା।
କିଏ ବା ହୋଇବ ସାହା,
ଭୋଟର ମାଡ଼ରେ ଛଟପଟ ହୋଇ
ହେବେ ଯାହା ଉହୁ-ଆହା !!

### ଆଗାମୀ ୧୦ ବର୍ଷ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ସୁବର୍ଣ୍ଣ ଯୁଗ: ପାଣ୍ଡିଆନ

# ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଆଣିବ ଲକ୍ଷେ କୋଟି ଟଙ୍କାର ଯୁବ ବଜେଟ

**ଆଗାମୀ ୧୦ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଆଣିଛନ୍ତି ୫ ଗ୍ୟାରେଣ୍ଟି**

- ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ଖର୍ଚ୍ଚ ହେବ ୧୦ ହଜାର କୋଟି
- ରାଜ୍ୟର ଯୁବକଙ୍କୁ ବିଶ୍ୱସ୍ତରୀୟ ସୁବିଧା ଦେବାକୁ ଯୋଜନା ପ୍ରସ୍ତୁତ
- ଓଡ଼ିଶାକୁ ସବୁ କ୍ଷେତ୍ରରେ ଅଗ୍ରଣୀ କରିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ

■ **ଭୁବନେଶ୍ୱର, ୨୩।୫(ସମିସ):** ରାଜ୍ୟର ଯୁବପିଢ଼ି ସଶକ୍ତ ହେବେ। ନୂଆ ଓଡ଼ିଶା, ନବୀନ ଓଡ଼ିଶାର ସାରଥୀ ସାଜିବେ। ସଶକ୍ତ ଓଡ଼ିଶା ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗାମୀ ୧୦ ବର୍ଷ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଯୁବ ପିଢ଼ିଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣ ଯୁଗ ଆଣିବାକୁ ଯାଉଛନ୍ତି। ଆଗାମୀ ୧୦ ବର୍ଷ ଯୁବ ପିଢ଼ିଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୫ଟି ଗ୍ୟାରେଣ୍ଟି ଆଣିଛନ୍ତି। ରାଜ୍ୟର ଯୁବ ପିଢ଼ିଙ୍କ ପାଇଁ ଆଗାମୀ ଯୋଜନା ସମ୍ପର୍କରେ '୫-ଟି' ଅଧକ୍ଷ ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି।

ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ବିଜେପି ନିର୍ବାଚନ ଇସ୍ତାହାରରେ ▶ପୃଷ୍ଠା-୯



# ରାଜଧାନୀରେ ପୁଲିସ ପଇଁତରା

ଭୁବନେଶ୍ୱର, ୨୩।୫(ସମିସ)



**ଅନ୍ଧାରୀ ବିଜେ ଉପରେ ନଜର**

ଶନିବାର ରାଜଧାନୀବାସୀ ଦେବେ ଭୋଟ। ଭୋଟ ଦାନର ୪୮ ଘଣ୍ଟା ପୂର୍ବରୁ ପୁଲିସର ଚେକିଂ କଡ଼ାକଡ଼ି କରାଯାଇଛି। ଗୁରୁବାର ଅପରାହ୍ଣରେ ପ୍ରଚାର ବନ୍ଦ ହେବା ପରେ ପୁଲିସ ସହର ସାରା ପଇଁତରା ମାରିଛି। ସହରରେ ପାଟ୍ରୋଲିଂ କରିବା ପାଇଁ ୫୧ଟି ମୋବାଇଲ୍ ଭ୍ୟାନ୍ ନିୟୋଜିତ ହୋଇଛି। ଏହି ସବୁ ଭ୍ୟାନ୍ ଆର୍‌ଟିଓଙ୍କ ଅନୁମତି ଆଧାରରେ ପୁଲିସକୁ ମିଳିଛି। ସବୁ ମୋବାଇଲ୍ ଭ୍ୟାନ୍‌ରେ ଅଫିସର ଏବଂ ମହିଳା ପୁଲିସ ରହିବେ। ସହରର ବସ୍ତି, ଗଳି କନ୍ଦିରେ କରିବେ ପାଟ୍ରୋଲିଂ। ଟଙ୍କା, ମଦ ଏବଂ ଅନ୍ୟାନ୍ୟ କାରବାର ନେଇ କିଛି ବି ସୂଚନା ମିଳିଲେ ଚଢ଼ଉ କରିବେ। ବିଭିନ୍ନ ନିର୍ବାଚନମଣ୍ଡଳୀରେ କେହି ସନ୍ଦିଗ୍ଧ ବ୍ୟକ୍ତି ବୁଲୁଥିଲେ ତାଙ୍କୁ ଧରିବାକୁ କୁହାଯାଇଛି। ସହର ମଧ୍ୟରେ ଘଟୁଥିବା ବିଭିନ୍ନ ଅପରାଧକୁ ପ୍ରତିହତ କରିବା ପାଇଁ ଭୁବନେଶ୍ୱର-କଟକ ଦ୍ୱୈତ ନଗରୀର ପୁଲିସ କମିସନର ଓ ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶକ୍ରମେ ରାଜଧାନୀରେ ପୁଲିସ ଛାଉଣି କରାଯାଇଛି।

ଡିସିପି ପ୍ରତୀକ ସିଂ କହିଛନ୍ତି ଯେ, ଶନିବାର ଭୋଟ ଥିବାରୁ ପୁଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ବିଭିନ୍ନ ସ୍ଥାନରେ ଚେକିଂ, ବ୍ଲକିଂ କରାଯାଇ ଯାଞ୍ଚ କରାଯାଉଛି। ୪ମାସ ପୂର୍ବରୁ ପୁଲିସ ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥା କଣ କରାଯିବା, ସେନେଇ ପ୍ରସ୍ତୁତି କରାଯାଇଥିଲା। ରାତିରେ ୫୧ଟି ମୋବାଇଲ୍ ଭ୍ୟାନ୍ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ବୁଲୁଛି। ଭୋଟ ଦାନ ଦିନ ଏହି ମୋବାଇଲ୍ ଭ୍ୟାନ୍ ଅଧିକ ସକ୍ରିୟ ହେବ। ଯଦି କୌଣସି ବୁଥ୍‌ରେ ଅଘଟଣ, ଗଣ୍ଡଗୋଳ ଘଟେ, ତୁରନ୍ତ ସେଠାରେ ଏହି ଭ୍ୟାନ୍ ପହଞ୍ଚି ଏହାକୁ ପ୍ରତିହତ କରିବ। ଆହୁରି ମଧ ଥାନା ଗାଡି ଏବଂ ପିସିଆର ଭ୍ୟାନ୍ ରହିଛି। ଏହି ଗାଡ଼ି ମଧ ନିର୍ବାଚନ ଦିନ ଅଧିକ ପଇଁତରା ମାରିବ। ୨୪ ତାରିଖ ରାତିରେ ଅନ୍ଧାରୀ ବିଜେ ଉପରେ ନଜର ରଖାଯାଇଛି। ଲୋକ ଯେପରି ବିନା ଭୟରେ ବୁଥ୍‌କୁ ଆସି ଭୋଟ୍ ଦେବେ ସେନେଇ ପୁଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ ଏବଂ ପାଟ୍ରୋଲିଂ କରାଯାଉଥିବା ଡିସିପି ସୂଚନା ଦେଇଛନ୍ତି।

ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ତରଫରୁ ସନ୍ଧ୍ୟାରେ କ୍ୟାପିଟାଲ ଥାନା, ଖଣ୍ଡଗିରି ଥାନା, ଭରତପୁର ଥାନା, ବଡ଼ଗଡ଼ ଥାନା, ଲକ୍ଷ୍ମୀସାଗର ଥାନା, ସହିଦନଗର ଥାନା ଓ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକାଧିକ ଖଟି ସ୍ଥାନ ଉପରେ ଚଢଉ କରାଯାଇଥିଲା। ସର୍ବସାଧାରଣ ସ୍ଥାନରେ ବେଆଇନ ଭାବେ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଧରପଗଡ଼ ଅଭିଯାନ କରାଯାଇଛି। ଏହି ଅଭିଯାନରେ ସମ୍ପୃକ୍ତ ଥାନାର ଅଫିସର, ଥାନା କର୍ମଚାରୀଙ୍କ ସମେତ ଟିମ୍ -୬୦ ଓ ସିଟିଏସ ଟିମ୍ ସାମିଲ ହୋଇଛନ୍ତି। ସେହିପରି କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତି, ଝରଣାସାହି ବସ୍ତି, କଦଳି ଗୋଦାମ ବସ୍ତି, ଫାଳିକିଆ ବସ୍ତି, ଅଶୋକନଗର ଅଞ୍ଚଳ, ବାପୁଜୀନଗର ବଜାର ଅଞ୍ଚଳ ଓ କାଳିବାଡି ବସ୍ତି ଅଞ୍ଚଳ, ଖାରବେଳନଗର ଥାନା ଅନ୍ତର୍ଗତ ରାମପୁର ବସ୍ତି, ମା' ମଙ୍ଗଳା ବସ୍ତି, ଭଗବତୀ ବସ୍ତି ଓ ମଧୁସୂଦନ ନଗର ଅଞ୍ଚଳ ସମେତ ଏକାଧିକ ବସ୍ତିରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି।

# ବନ୍ଦହେଲା ଲାଉଡ୍ ସ୍ପିକର୍

ଭୁବନେଶ୍ୱର, ୨୩।୫(ସମିସ)

ଆଉ ଗୋଟିଏ ଦିନ ପରେ ରାଜଧାନୀରେ ମତଦାନ ହେବାକୁ ଯାଉଥିବା ବେଳେ ଗୁରୁବାର ସନ୍ଧ୍ୟା ୫ଟାରୁ ପ୍ରଚାର ଶେଷ ହୋଇଛି। ଦୀର୍ଘଦିନ ଧରି ରାଜଧାନୀରେ ବୁଲୁଥିବା ପ୍ରଚାର ଗାଡ଼ି ଆଜି ସନ୍ଧ୍ୟା ପୂର୍ବରୁ ନିରବୀ ଯାଇଥିଲା। ପ୍ରଚାର ଗାଡ଼ିର ଲାଉଡ୍ ସ୍ପିକର ବନ୍ଦ ହୋଇଯାଇଛି। ଅପରପକ୍ଷେ ସନ୍ଧ୍ୟାରେ ବିଭିନ୍ନ ବୁଥରେ ନିର୍ବାଚନ ଅଧିକାରୀ ଏବଂ ସୁରକ୍ଷାକର୍ମୀ ପହଞ୍ଚିବା ଆରମ୍ଭ କରିଛନ୍ତି। ବୁଥ୍ ନିକଟରୁ ପୋଷ୍ଟର ହଟାକାର୍ଯ୍ୟ ଆରମ୍ଭ ହୋଇଛି।

**ଦଳୀୟ କାର୍ଯ୍ୟାଳୟରେ ମାରାଥନ ବୈଠକ**

**ଗାଡ଼ିରୁ ପତାକା ଖୋଲିଲେ ପ୍ରାର୍ଥୀ**

**ଏବେ ଭରସା ସୋସିଆଲ ମିଡିଆ**

ନିର୍ବାଚନ ପୂର୍ବରୁ ପ୍ରଚାରରେ ରୋକ ଲାଗିବା ପରେ ରାଜନୀତିର ରଣନୀତି ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଥିବା ଦଳୀୟ କାର୍ଯ୍ୟାଳୟକୁ ଫେରିଛି। ଏଠାରେ କର୍ମୀଙ୍କ ଭିଡ ଲାଗୁଛି। ନେତାମାନେ ଘନ ଘନ ବୈଠକ କରୁଛନ୍ତି। ସମୀକରଣ ପ୍ରସ୍ତୁତ କରୁଛନ୍ତି। କାହାକୁ କିପରି ମନାଯାଇ ପାରିବ ତାହାକୁ ନେଇ ଆଲୋଚନା ହେଉଛି। ସେପଟେ ମାତ୍ର ଗୋଟିଏ ଦିନ ପାଇଁ ବିଭିନ୍ନ ବୁଥ ସ୍ତରରେ ପ୍ରାର୍ଥୀମାନେ ଘର ଭଡ଼ା ନେଇଛନ୍ତି। ଏହି ଘରେ ଅସ୍ଥାୟୀ ଦଳୀୟ କାର୍ଯ୍ୟାଳୟ ଖୋଲିଛି। ଏଠାରେ ବୁଥ୍‌ସ୍ତରୀୟ କର୍ମୀମାନେ ଏକାଠି ହେଉଛନ୍ତି। ବସ୍ତି ମୁରବୀ, କ୍ଲବ୍ ସଭାପତି ଏଠାକୁ ଆସି ବୈଠକ କରୁଛନ୍ତି। ସେପଟେ କିପରି ଚିରୁକୁଟି ବଣ୍ଟାଯିବ। କାହାକୁ ଫୋନ୍ ଯିବ ସେନେଇ ଆଲୋଚନା ହେଉଛି। କିଛିଦିନ ହେବ ପ୍ରାର୍ଥୀମାନଙ୍କ ଗାଡ଼ିରେ ଦଳୀୟ ପତାକା ଲାଗି ରହିଥିଲା। ହେଲେ ପ୍ରଚାର ବନ୍ଦ ହେବା ପରେ ଏହି ପତାକାକୁ ଖୋଲି ଦିଆଯାଇଛି।

ପ୍ରାର୍ଥୀମାନଙ୍କ ପ୍ରଚାର ବନ୍ଦ ହେବା ପରେ ସୋସିଆଲ ମିଡିଆରେ ପ୍ରଚାର ମଙ୍ଗ ଧରିଛନ୍ତି ଦଳୀୟ କର୍ମୀ। ନିଜ ନେତା ସପକ୍ଷରେ ପୋଷ୍ଟ କରୁଛନ୍ତି। ସେହିପରି ବିଭିନ୍ନ ଦଳର ଆଇଟି ସେଲ ଗୁଡ଼ିକ ସୁପର୍ ଆକ୍ଟିଭ୍ ହୋଇଯାଇଛନ୍ତି।

## ବିରକ୍ତ କରୁଛି ଫୋନ୍‌କଲ୍

ଚଳିତ ନିର୍ବାଚନରେ ପ୍ରାର୍ଥୀମାନେ ଅଭିନବ ଉପାୟରେ ଲୋକଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା ଚଳାଇଛନ୍ତି। ଭୋଟରଙ୍କୁ ମତଦାନ ପୂର୍ବରୁ ପ୍ରତ୍ୟେକ ରାଜନୈତିକ ଦଳ ଫୋନ୍ କରୁଛନ୍ତି। ଫୋନ ଯୋଗେ ଭୋଟ ଦେବାକୁ ଅନୁରୋଧ କରୁଛନ୍ତି। ପ୍ରଥମେ ଗୋଟିଏ ଦୁଇଟି କଲ୍ ଆସୁଥିଲା। ଏବେ ଦିନକୁ ୧୫ରୁ ୨୦ ଫୋନ କଲ୍ ଆସୁଛି। କିଛି ପ୍ରାର୍ଥୀ ସବୁଦିନେ ୪ରୁ ୫ ଥର ଫୋନ କରୁଛନ୍ତି। ଫୋନକଲ ଭୋଟରଙ୍କୁ ବିରକ୍ତ କରିଦେଉଛି। ରମେଶ ମାଝୀ ନାମକ ଜଣେ ଭୋଟର କହିଛନ୍ତି, ହେଭିୱେଟ୍ ନେତାମାନଙ୍କ କଲ୍ ଥରେ କିମ୍ବା ଦୁଇଥର ଆସୁଛି। ହେଲେ କିଛି ନେତା ବାରମ୍ବାର ଫୋନ୍ କରି ବିରକ୍ତ କରି ଦେଉଛନ୍ତି। ତେବେ ଏମାନେ ଆମ ଫୋନ୍ ନମ୍ବର କେଉଁଠୁ ଆଣୁଛନ୍ତି। କାହା ପାଖରୁ ପାଉଛନ୍ତି ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି।

## ଚିକେନ୍ ଟପିଲା ୨୮୦ ଟଙ୍କା

ଭୁବନେଶ୍ୱର, ୨୩।୫(ସମିସ): ଏକ ପକ୍ଷରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ କୁକୁଡ଼ା ଚିଆଁ ଯୋଗାଣ କମୁଛି। ଅପରପକ୍ଷେ ରାଜଧାନୀରେ ମତଦାନକୁ ଆଉ ମାତ୍ର ଗୋଟିଏ ଦିନ। ବସ୍ତି ଏବଂ ବିଭିନ୍ନ କ୍ଲବ୍ ଠାରୁ ଆରମ୍ଭ କରି ସବୁଆଡ଼େ ଭୋଜି ଭାତର ମାହୋଲ। ଗୋଟିଏ ପଟେ ଖରାଦିନ ମାର୍କେଟକୁ ବ୍ରଏଲର କୁକୁଡା ମାଂସ ଯୋଗାଣ କମ୍ ଆସୁଥିଲା ବେଳେ ଅନ୍ୟପକ୍ଷରେ ନିର୍ବାଚନୀ ଭୋଜିଭାତ ମାର୍କେଟରେ ବ୍ରଏଲର୍ କୁକୁଡ଼ା ମାଂସର ଅଭାବୀ ସୃଷ୍ଟି କରିଛି। ସାଧାରଣ ଲୋକ ଆଉ କୁକୁଡ଼ା ମାଂସ ପାଇପାରୁ ନାହାନ୍ତି। କୁକୁଡ଼ା ଦୋକାନରୁ ମାଂସ ନ ପାଇ ନିରାଶ ହୋଇ ଘରକୁ ଫେରୁଛନ୍ତି। କେଉଁଠି କାଁ ଭାଁ କିଛି ସ୍ଥାନରେ କୁକୁଡ଼ା ମାଂସ ମିଳୁଛି। ହେଲେ ମାଂସର ଆକାଶ ଛୁଆଁ ଦର ଶୁଣି ଗ୍ରାହକ ମାଂସ ନ ଖାଇବାକୁ ଉଚିତ ମନେ କରୁଛନ୍ତି। ପୂର୍ବରୁ ବ୍ରଏଲର୍ କୁକୁଡ଼ା ମାଂସ ଦର ୧୮୦ରୁ ୨୨୦ ମଧ୍ୟରେ ରହିଥିଲା। ହେଲେ ନିର୍ବାଚନ ତାତି ବଢ଼ିବାରୁ ରାଜଧାନୀରେ ୨୫୦ ଟଙ୍କା ହେଲାଗଲା। ଏବେ ୨୮୦ରୁ ୨୯୦ ଟଙ୍କା ବିକ୍ରି କରାଯାଉଛି। ଏପରି ଅବସ୍ଥା ଜାରିରହିଲେ ଆଗକୁ ବ୍ରଏଲର କିଲୋ ୩ଶହ ଛୁଇଁବାକୁ ବେଶୀ ସମୟ ଲାଗିବନି ବୋଲି ନାନା ଚିକେନ ସେଣ୍ଟର ମାଲିକ ସୁଦର୍ଶନ ଦେବତା କହିଛନ୍ତି। ଚଳିତ ବର୍ଷ ଆରମ୍ଭରୁ ଅଧିକ ଗରମ ପଡ଼ିବାକୁ କୁକୁଡା ଫାର୍ମଗୁଡ଼ିକ ବ୍ରଏଲର ମରିଯିବା ଆଶଙ୍କା ରହିଛି। ତେଣୁ କମ୍ପାନୀ କୁକୁଡ଼ା ଚିଆଁ ଯୋଗାଣ କମାଇ ଦେଇଛନ୍ତି ବୋଲି ଅନନ୍ତ ବେହେରା ନାମକ ଜଣେ ଫାର୍ମ ମାଲିକ କହିଛନ୍ତି। ଏହିଭଳି ସମସ୍ୟା ଯୋଗୁଁ ମାର୍କେଟକୁ କୁକୁଡ଼ା ଯୋଗାଣ କମି ଯାଉଛି। ବ୍ରଏଲର୍ କୁକୁଡ଼ା ବ୍ୟବସାୟ କରୁଥିବା ଦୋକନୀଙ୍କ ଝୁଡ଼ି ଅଧିକାଂଶ ସମୟରେ ଫାଙ୍କା ପଡ଼ିଛି। ଫଳରେ ଅନେକ ଗ୍ରାହକ କୁକୁଡ଼ା ମାଂସ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଏବେ ମାର୍କେଟକୁ ଯେତିକି ଯୋଗାଣ ହେଉଛି ତାହା ରାଜନୈତିକ ଦଳର ଦଳୀୟ କର୍ମୀଙ୍କୁ ନିଅଣ୍ଟ ପଡ଼ିଯାଉଛି। କ୍ୱିଣ୍ଟାଲ କ୍ୱିଣ୍ଟାଲ କୁକୁଡା ଦଳୀୟ କର୍ମୀମାନେ ବୋହିନେବାରୁ ସାଧାରଣ ଗ୍ରାହକଙ୍କ ପାଇଁ ଆଉ କିଛି ବି ବଞ୍ଚୁ ନାହିଁ ବୋଲି ଚନ୍ଦ୍ରଶେଖରପୁର ଅଞ୍ଚଳର ଜଣେ କୁକୁଡ଼ା ମାଂସ ବ୍ୟବସାୟୀ କହିଛନ୍ତି।

- ଆସୁ ଆସୁ ଝୁଡ଼ି ଖାଲି ହୋଇଯାଉଛି
- ନିରାଶ ହୋଇ ଫେରୁଛନ୍ତି ନିୟମିତ ଗ୍ରାହକ

## ମଦ ପାଇଁ ସାରାଦିନ ଅସମ୍ଭାଳ ଭିଡ଼




ଭୁବନେଶ୍ୱର, ୨୩।୫(ସମିସ): ଶନିବାର ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ଣ ୫ଟା ସୁଦ୍ଧା ରାଜଧାନୀର ସମସ୍ତ ୨୩୦ ମଦ ଦୋକାନ ଏବଂ ୭୦ଟି ବାରକୁ ସିଲ୍ କରିଛି ଅବକାରୀ ବିଭାଗ। ମଦ ଦୋକାନ ସିଲ୍ ପୂର୍ବରୁ ଲୋକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଜଣଙ୍କ ହାତରେ ୨ରୁ ଅଧିକ ମଦ ବୋତଲ ଦେଖିବାକୁ ମିଳିଥିଲା। ଦୋକାନ ସିଲ୍ କରିବା ପୂର୍ବରୁ ଦୋକାନରୁ ଅଧା ମଦ ଖାଲି ହୋଇଯାଇଥିଲା। ଦୋକାନୀ ରଖିଥିବା ମାଲକୁ ବିଭିନ୍ନ ରାଜନୈତିକ ଦଳ ଆର୍ଡଭାନ୍ସ କରିଥିବା ଜଣେ ଦୋକାନୀ ନାମ ଗୋପନ ରଖି କହିଛନ୍ତି। ମଦ ଦୋକାନ ସିଲ୍ ହେବା ପରେ ଏବେ ଚୋରା ମଦ କାରବାର ବଢ଼ିବାର ଆଶଙ୍କା କରାଯାଉଛି। କେତେକ ଦଲାଲ୍ ବସ୍ତିର ଲୋକଙ୍କୁ ଲଗାଇ ମଦ କିଣି ଆଣିଛନ୍ତି। ପରବର୍ତ୍ତୀ ସମୟରେ ଚଢ଼ା ଦାମ୍‌ରେ ଚୋରାରେ ବିକ୍ରି କରିଥିଲେ। ଆଗକୁ ଚୋରା ଓ ନିମ୍ନମାନର ମଦବିକ୍ରି ହେବାର ଆଶଙ୍କା ଥିବାରୁ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ଅଧିକାରୀମାନେ ସଜାଗ ରହିଛନ୍ତି ଗୁଇନ୍ଦା ବ୍ୟବସ୍ଥାକୁ ସକ୍ରିୟ କରାଯାଇଥିବା ବେଳେ ଆବଶ୍ୟକସ୍ଥଳେ ଚଢ଼ଉ କରାଯାଇ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯିବ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ବିଭିନ୍ନ ମଦ ଦୋକାନ ଓ ବାର୍‌ଗୁଡ଼ିକ ଉପରେ ପୁଲିସ କଡ଼ା ନଜର ରଖିବା ପାଇଁ ଥାନା ଅଧିକାରୀମାନଙ୍କୁ ସିପି ଓ ଡିସିପି ତାଗିଦ୍ କରିଛନ୍ତି।

- ୨୩୦ ଦୋକାନ ସିଲ୍, ୭୦ ବାର୍‌ରେ ତାଲା
- ଚୋରା ମଦ ବେପାରୀଙ୍କ ଉପରେ ପୁଲିସ ନଜର

# ବୁଥ୍ ଅଭିମୁଖେ ପୁଲିଂ ପାର୍ଟି



ଭୁବନେଶ୍ୱର, ୨୩।୫(ସମିସ)

ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତା ୨୫ ତାରିଖରେ ମତଦାନ ହେବ। ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ଭୁବନେଶ୍ୱରସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରୁ ଇଭିଏମ୍‌ଗୁଡ଼ିକ ନେଇ ପୁଲିଂ ପାର୍ଟି ବୁଥ୍ ଅଭିମୁଖେ ଯାତ୍ରା କରିଛନ୍ତି। ଦୁଇଟି ନିର୍ବାଚନ ମଣ୍ଡଳୀ ଜୟଦେବ ଓ ଜଟଣୀ ନିର୍ବାଚନ ମଣ୍ଡଳୀର ବୁଥ୍‌ଗୁଡ଼ିକୁ ପୁଲିଂ ପାର୍ଟି ଯାତ୍ରା କରିଛନ୍ତି। ଜୟଦେବ ନିର୍ବାଚନ ମଣ୍ଡଳୀର ୨୩୬ଟି ବୁଥ୍ ମଧ୍ୟରୁ ୧୬୪ବୁଥ୍ ଅଭିମୁଖେ ପୁଲିଂ ପାର୍ଟି ଗସ୍ତ କରିଛନ୍ତି। ଅବଶିଷ୍ଟ ୭୨ଟି ବୁଥ୍ ଶୁକ୍ରବାର ପହଞ୍ଚିବ। ଏଥିମଧ୍ୟରେ ୨୬ଟି ଅତି ସମ୍ବେଦନଶୀଳ ଏବଂ ୪ଟି ସମ୍ବେଦନଶୀଳ ବୁଥ୍ ରହିଛି। ୧୪୨ଟି ବୁଥ୍‌ରେ ୱେବ୍‌କାଷ୍ଟିଂର ବ୍ୟବସ୍ଥା କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀରେ ୧, ୮୩, ୧୬୯ ଜଣ ମତଦାତା ରହିଛନ୍ତି। ସେହିଭଳି ଜଟଣୀ ନିର୍ବାଚନ ମଣ୍ଡଳୀର ୨୫୪ଟି ବୁଥ୍ ମଧ୍ୟରୁ ୧୭୮ଟି ବୁଥ୍ ଅଭିମୁଖେ ପୁଲିଂ ପାର୍ଟି ଯାତ୍ରା କରିଛନ୍ତି। ଶୁକ୍ରବାର ଅବଶିଷ୍ଟ ୭୬ଟି ବୁଥ୍ ଅଭିମୁଖେ ପୁଲିଂ ପାର୍ଟି ଯାତ୍ରା କରିବେ। ସେଥି ମଧ୍ୟରେ ୪୭ଟି ସଖି ବୁଥ୍, ଗୋଟିଏ ଭିନ୍ନକ୍ଷମ ଏବଂ ୨୮ଟି ଅନ୍ୟାନ୍ୟ ବୁଥ୍ ରହିଛି। ଏହି ନିର୍ବାଚନ ମଣ୍ଡଳୀରେ ୪୨ଟି ସମ୍ବେଦନଶୀଳ ଏବଂ ଦୁଇଟି ଅତି ସମ୍ବେଦନଶୀଳ ବୁଥ୍ ରହିଛି। ୧୫୩ଟି ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବ। ଏହି ନିର୍ବାଚନ ମଣ୍ଡଳୀରେ ୨, ୪୬, ୮୦୪ ଜଣ ଭୋଟର ଥିବାବେଳେ ଏମାନଙ୍କ ମଧ୍ୟରେ ୧, ୨୫, ୦୭୯ ଜଣ ପୁରୁଷ, ୧, ୨୧, ୬୮୬ ମହିଳା, ୩୯ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୩୧୯୫ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି। ଶୁକ୍ରବାର ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର ଓ ଏକାମ୍ର ନିର୍ବାଚନମଣ୍ଡଳୀରେ ମତଦାନ କାର୍ଯ୍ୟ ପାଇଁ ପୁଲିଂ ପାର୍ଟି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଯାତ୍ରା କରିବେ। ନିର୍ବାଚନ ପରିଚାଳନା ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ମତଦାନ ପାଇଁ ଜିଲ୍ଲାପାଳଙ୍କ ନିବେଦନ

ଭୁବନେଶ୍ୱର, ୨୩।୫(ସମିସ): ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ ହେବ। ଶ୍ରେଷ୍ଠ ଗଣତାନ୍ତ୍ରିକ ପରମ୍ପରାର ସମ୍ମାନ ବଜାୟ ରଖିବା ନିମନ୍ତେ ମତଦାନ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ଭୋଟରମାନେ ଭୋଟର ହେଲପ୍‌ଲାଇନ୍ ଆପ୍ ମାଧ୍ୟମରେ ଭୋଟର ତାଲିକାରେ ଥିବା ନିଜର କ୍ରମିକ ଓ ଭାଗ ସଂଖ୍ୟା ଜାଣିବାର ସୁବିଧା ରହିଛି। ଜିଲ୍ଲାର ମତଦାତାମାନେ 'ମୋ ବୁଥ୍' ଆପ୍ ମାଧ୍ୟମରେ ବୁଥ୍‌ର ଅବସ୍ଥିତି, ସେଠାକୁ ଯିବା ପାଇଁ ମାର୍ଗ ଏବଂ ସମାନ ସମୟ ମଧ୍ୟରେ ଧାଡ଼ିରେ ଛିଡ଼ା ହୋଇଥିବା ମତଦାତାଙ୍କ ସଂଖ୍ୟା ଜାଣିପାରିବେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ, ସର୍‌ବତ, ଶିଶୁମାନଙ୍କ ପାଇଁ କ୍ରେଚ୍, ପ୍ରତୀକ୍ଷା ଗୃହ, ଶୌଚାଳୟ, ଭିନ୍ନକ୍ଷମ ବନ୍ଧୁମାନଙ୍କ ପାଇଁ ର୍‍ୟାମ୍ପ୍ ଓ ହ୍ୱିଲ୍ ଚେୟାର, ବୟସ୍କମାନଙ୍କ ପାଇଁ ଚେୟାରର ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ ଶ୍ରୀ ରାଣା ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି। ଏହି ନିର୍ବାଚନ ନିମନ୍ତେ ଜିଲ୍ଲାରେ ଗତ ଦୁଇବର୍ଷ ଧରି ପ୍ରସ୍ତୁତି ଜାରି ରହିଛି ଏବଂ ଚଳିତ ସାଧାରଣ ନିର୍ବାଚନ ପାଇଁ ପ୍ରାୟ ୧୫ ହଜାର ପୁଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି। ଜିଲ୍ଲାର ୧୯୨୩ଟି ବୁଥ୍ ମଧ୍ୟରୁ ୫୨୫ଟି କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଖି ବୁଥ୍, ୮ଟି ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଏବଂ ଯୁବ ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ୪୦ଟି ଯୁବ ବୁଥ୍ ଥିବାବେଳେ ୩୮୪ଟି ଆଦର୍ଶ ଓ ଇକୋ-ଫ୍ରେଣ୍ଡଲି ବୁଥ୍ ରହିଛି।

# ଏକାଠି ହେଲେ ଅପରାଜିତା ବିରୋଧୀ

## 'ସାଂସଦଙ୍କୁ ବିହାର ପଠାଅ, ଭୁବନେଶ୍ୱର ବଞ୍ଚାଅ'

ଭୁବନେଶ୍ୱର, ୨୩।୫ (ସମିସ)



**ବସ୍ତିବାସିନ୍ଦାଙ୍କୁ ଦେଖା ନ କରି ଫେରାଇ ଦିଅନ୍ତି ସାଂସଦ**

ଆଉ ଦିନକ ପରେ ନିର୍ବାଚନ ଥିବାବେଳେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଲାଗି ଅଡୁଆ ବଢ଼ିବାରେ ଲାଗିଛି। ଆରମ୍ଭରୁ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀମାନଙ୍କ ଦ୍ୱାରା ବିରୋଧରେ ଶିକାର ହୋଇ ଆସୁଥିବାବେଳେ ଉତ୍ତର ନିର୍ବାଚନମଣ୍ଡଳୀରେ ଅପରାଜିତାଙ୍କ ବିରୋଧରେ ଏକାଠି ହୋଇଛନ୍ତି ଶହ ଶହ ଯୁବକ। ବେଗୁନିଆରୁ ଆରମ୍ଭ ହୋଇଥିବା ବିରୋଧ ଏବେ ଉତ୍ତର ନିର୍ବାଚନମଣ୍ଡଳୀରେ ପାଇଲାଣି। ଏକଦା ଏକାନ୍ତ ସହଯୋଗୀ ଥିବା ଦେବାଶିଷ ନାୟକ ଓରଫ୍ ବାପି ଗୋଟିଏ ପରେ ଗୋଟିଏ ନିର୍ବାଚନମଣ୍ଡଳୀରେ ବିଭିନ୍ନ ସଭାସମିତି କରି ଅପରାଜିତାଙ୍କ ଜନବିରୋଧୀ ନିଷ୍ପତ୍ତି ଓ ତାଙ୍କ ପ୍ରତି ହୋଇଥିବା ପ୍ରତାରଣା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ବିଜେପିର କର୍ପୋରେଟର, ଜିଲ୍ଲା ପରିଷଦ କି ବିଧାୟକ ଜିତନ୍ତୁ ବୋଲି ଅପରାଜିତା ଚାହାନ୍ତିନାହିଁ ବୋଲି ଆୟୋଜିତ ସଭାରେ ବାପି କହିଥିଲେ। ସେଥିପାଇଁ ସେ ଅନ୍ୟ ଦଳର ଲୋକଙ୍କ ସହିତ ସାଲିସ କରି ନିଜ ପ୍ରାର୍ଥୀଙ୍କୁ ହରାଇବା ସହିତ ନିଜେ ଜିତିବା ପାଇଁ ସବୁବେଳେ ଚିନ୍ତା କରିଆସୁଛନ୍ତି। ଦଳର ହଜାରହଜାର କର୍ମୀ ଅପେକ୍ଷା କରିଥିବା ବେଳେ ଅହଙ୍କାରୀ ଅପରାଜିତା କିପରି ବାଟକାଟି ଚାଲି ଯାଆନ୍ତି ସେନେଇ ଲୋକଙ୍କୁ ବୁଝାଇଥିଲେ। ବାପି ଆହୁରି କହିଛନ୍ତି ଯେ, ଅପରାଜିତା ଜଣେ ଆଇଏଏସ୍ ଚାକିରି ଛାଡ଼ି ଆସିଥିବାରୁ ଜନସେବା କରିବେ ବୋଲି ଆମେ ସମର୍ଥନ କରିଥିଲୁ। କିନ୍ତୁ ପରବର୍ତ୍ତୀ ସମୟରେ ଜନସେବା କରିବା ତ ଦୂରର କଥା ତାଙ୍କୁ ଭେଟିବାକୁ ଯାଇଥିବା ବସ୍ତିବାସିନ୍ଦାଙ୍କୁ ଘଣ୍ଟାଘଣ୍ଟା ବାହାରେ ଅପେକ୍ଷା କରିବାକୁ କହୁଥିଲେ। ଏମିତି କି ଦେଖା ନ କରି ଫେରାଇ ଦେଉଥିଲେ ବୋଲି ବାପି ଅଭିଯୋଗ କରିଛନ୍ତି। ଏପରି କରି ସ୍ଥାନୀୟ ଅଞ୍ଚଳରେ ଦଳର ନେତୃତ୍ୱ ନେଉଥିବା ଲୋକଙ୍କୁ କର୍ମୀଙ୍କ ଆଗରେ ଲୋକହସା କରନ୍ତି ବୋଲି ସେ କହିଛନ୍ତି। ସଭାରେ ଯୋଗ ଦେଇଥିବା ଯୁବକମାନେ 'ସାଂସଦଙ୍କୁ ବିହାର ପଠାଅ, ଭୁବନେଶ୍ୱର ବଞ୍ଚାଅ' ନାରା ଦେଇଥିଲେ। ବାପିଙ୍କ ନେତୃତ୍ୱରେ ଯୁବକମାନେ ଏକତ୍ରିତ ହୋଇ ଅପରାଜିତାଙ୍କୁ ଭୋଟ ନ ଦେବାକୁ ନିଷ୍ପତ୍ତି ନେଇଥିଲେ। କେବଳ ସଭାସମିତି ନୁହେଁ ବିଭିନ୍ନ ପେଟ୍ରୋଲ ପମ୍ପ ଓ ବେସରକାରୀ ଅନୁଷ୍ଠାନରେ ମଧ ବାପିଙ୍କୁ ଦେଖିବାକୁ ମିଳୁଛି। ସେଠାରେ କାମ କରୁଥିବା କର୍ମଚାରୀମାନଙ୍କୁ ମଧ ଅପରାଜିତାଙ୍କୁ ଭୋଟ ନ ଦେବାକୁ ଅନୁରୋଧ କରୁଛନ୍ତି। ସେପଟେ ବିଜେଡ଼ିରୁ ବହିଷ୍କୃତ ହୋଇଥିବା ପ୍ରଶାନ୍ତ ଜଗଦ୍ଦେବଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରିବା ପରେ ପୂର୍ବଥରର ପ୍ରାର୍ଥୀ କାଳୁ ଚରଣ ଖଣ୍ଡାୟତରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ୁଛନ୍ତି। ଫଳରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଅପରାଜିତାଙ୍କ ଭୋଟ ହାର କମିବାର ଯଥେଷ୍ଟ ସମ୍ଭାବନା ରହିଛି।

## ସାଂସଦ ଅପରାଜିତାଙ୍କୁ ଘେରିଲେ ବିଜେଡି ନେତ୍ରୀ

ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କୁ ସାମାଜିକ ଗଣମାଧ୍ୟମରେ ଘେରିଛନ୍ତି ବିଜେଡି ନେତ୍ରୀ ଇପସିତା ସାହୁ। ଅପରାଜିତା ଷଡ଼ଙ୍ଗୀ କିପରି ଏକାମ୍ର ପ୍ରକଳ୍ପ ବନ୍ଦ ପାଇଁ ଷଡ଼ଯନ୍ତ୍ର କରିଥିଲେ ସେ ପ୍ରସଙ୍ଗ ଉଲ୍ଲେଖ କରି ସାଂସଦଙ୍କ ଭୂମିକା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଅପରାଜିତା ଷଡ଼ଙ୍ଗୀଙ୍କୁ ବିଜେଡି ୫ ବର୍ଷ କାମର ହିସାବ ମାଗୁଥିବା ବେଳେ ସେ ୫ ବର୍ଷ ମଧ୍ୟରେ କିଛି କାମ କରି ନାହାନ୍ତି ବୋଲି ଦଳ ପକ୍ଷରୁ କୁହାଯାଉଛି। ମାତ୍ର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ୫ ବର୍ଷରେ କ'ଣ କରିଛନ୍ତି ତାହା ଗୁଗଲରେ ଅଛି ବୋଲି ଦମ୍ଭୋକ୍ତି ଦେଖାଇଛନ୍ତି। ସାଂସଦଙ୍କ ଏହି ଦମ୍ଭୋକ୍ତି ପରେ ଶ୍ରୀମତୀ ସାହୁ ତାଙ୍କୁ ଘେରିଛନ୍ତି। ଶ୍ରୀମତୀ ସାହୁ ଟୁଇଟ୍ ଯୋଗେ ସାଂସଦଙ୍କୁ ଆକ୍ଷେପକରି ଲେଖିଛନ୍ତି ଯେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଗୁଗ୍‌ଲକୁ ଯାଇ ନିଜର କାର୍ଯ୍ୟ ବାବଦରେ ସର୍ଚ୍ଚକରନ୍ତୁ ବୋଲି କହିଛନ୍ତି। ସର୍ଚ୍ଚକଲେ ଜାଣିପାରିବେ ଯେ ଏକାମ୍ର ପ୍ରକଳ୍ପକୁ ସେ କେଉଁଭଳି ବିରୋଧ କରିଥିଲେ। ଯଦି ସେ ପାରୁନାହାନ୍ତି, ତାହେଲେ ବିଜେଡି ପକ୍ଷରୁ ତାଙ୍କୁ ଲିଙ୍କ୍ ପଠାଇ ଦିଆଯିବ ବୋଲି ଶ୍ରୀମତୀ ସାହୁ କହିଛନ୍ତି। କେବଳ ତାହା ମିଛ କହି ସାଂସଦ ଲୋକହସା ହେଉଛନ୍ତି ବୋଲି ଶ୍ରୀମତୀ ସାହୁ କହିଛନ୍ତି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-327 ◆BHUBANESWAR ◆FRIDAY ◆24 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୨୭ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୪ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ପୁଲିସ୍ ଗୁଳିରେ ୭ ମାଓବାଦୀ ନିହତ

**ମାଲକାନଗିରି, ୨୩।୫ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଓ ବିଜାପୁର ଜିଲ୍ଲା ସୀମାନ୍ତରେ ପୁଲିସ ଗୁଳିରେ ୭ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ଉକ୍ତ ଜଙ୍ଗଲରେ ଏକ ମାଓ ଶିବିର ଚାଲୁଥିବା ଏବଂ ମାଓବାଦୀମାନେ ଏକ ବଡ଼ ହିଂସାକାଣ୍ଡ ଘଟାଇବା ପାଇଁ ଯୋଜନା କରୁଥିବା ଖବର ପାଇ ନାରାୟଣପୁର ଏସ୍‌ପି ପ୍ରତାପ କୁମାରଙ୍କ ନେତୃତ୍ୱରେ ଡିଆରଜି, ଏସଟିଏଫ୍‌ର ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଯବାନ ଗତ ଦୁଇଦିନ ଧରି କମ୍ବିଂ ଅପରେସନ୍ ଚଳାଇଥିଲେ। ଯବାନମାନଙ୍କୁ ଆସିବା ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ଯବାନମାନଙ୍କ ପକ୍ଷରୁ ପାଲଟା ଆକ୍ରମଣରେ ୭ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ପରେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ସର୍ଚ୍ଚ ଅପରେସନ୍ ବେଳେ ପୁଲିସ ୭ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ। ଏଥିସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବନ୍ଧୁକ, ଇତ୍ୟାଦି ଜବତ ହୋଇଛି।






### ସରିଲା ପ୍ରଚାର; ରାତି ପାହିଲେ ଭୋଟ୍

# ଭୋଟର୍‌ଙ୍କ ହାତରେ ୪୪୭ ପ୍ରାର୍ଥୀଙ୍କ ଭାଗ୍ୟ

**ଭୁବନେଶ୍ୱର, ୨୩।୫(ସମିସ):** ରାଜ୍ୟରେ ଆସନ୍ତା ୨୫ ତାରିଖରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୬ଟି ଲୋକସଭା କ୍ଷେତ୍ର ଯଥା ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ, ଓ ଭୁବନେଶ୍ୱର ଏବଂ ଏହା ଅନ୍ତର୍ଗତ ୪୨ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟର ନିଜ ପ୍ରତିନିଧି ବାଛିବେ। ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟକ୍ରମରେ ବିରାମ ଲାଗିଛି। ଏହି ପର୍ଯ୍ୟାୟରେ ରାଜ୍ୟ ରାଜନୀତିର ବହୁ ହେଭିୱେଟ୍ ନିଜର ଭାଗ୍ୟ ପରୀକ୍ଷା କରୁଥିବା ବେଳେ ସେମାନଙ୍କ ପାଇଁ ଶେଷ ଦିନରେ ବିଭିନ୍ନ ଦଳର ଷ୍ଟାର ପ୍ରଚାରକ ପ୍ରଚାର କରିଛନ୍ତି। ରୋଡ୍ ଶୋ', ସାଧାରଣ ସଭା ତଥା ଘରକୁ ଘର ବୁଲି ପ୍ରଚାର କରି ସେମାନେ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ ଶେଷ ଅନୁରୋଧ କରିଛନ୍ତି। ଅପରପକ୍ଷେ ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳିତ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି।

ଶ୍ରୀ ଧଳଙ୍କ ସୂଚନାନୁଯାୟୀ, ତୃତୀୟ ପର୍ଯ୍ୟାୟରେ ଏହି ୬ ଲୋକସଭା କ୍ଷେତ୍ର ପାଇଁ ମୋଟ ୯୪,୪୮,୫୫୩ ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୪୮, ୨୯, ୬୬୦ ପୁରୁଷ, ୪୬, ୧୭, ୬୦୨ ମହିଳା ଓ ୧୨୯୧ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରେ ୨,୩୭,୧୩୧ ଜଣ ୧୮-୧୯ ବର୍ଷ ବୟସର ପ୍ରଥମ ଥର ମତଦାତା, ୨୦-୨୯ ବର୍ଷ ବୟସର ୧୮, ୪୫, ୫୦୩ ଜଣ ଯୁବ ମତଦାତା ରହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୧୦, ୫୧୫ଟି ମତଦାନ କେନ୍ଦ୍ର ଓ ୩୬ଟି ଅତିରିକ୍ତ ମତଦାନ କେନ୍ଦ୍ର ରହିଛି। ଅର୍ଥାତ୍ ତୃତୀୟ ପର୍ଯ୍ୟାୟରେ ମୋଟ ୧୦୫୫୧ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ପ୍ରାୟ



୧୫୦୦ ମତଦାନ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ମହିଳା କର୍ମଚାରୀ ପରିଚାଳିତ ହେବ ଏବଂ ୩୦ଟି ସମ୍ପୂର୍ଣ୍ଣ ରୂପେ ଭିନ୍ନକ୍ଷମ କର୍ମଚାରୀ ପରିଚାଳିତ ହେବ। ଏହି ପର୍ଯ୍ୟାୟରେ ପ୍ରାୟ ୨୦୦୦ଟି ଆଦର୍ଶ ମତଦାନ କେନ୍ଦ୍ର (ମଡେଲ ବୁଥ୍) ରହିଛି। ସେହିପରି ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ ପାଇଁ ପ୍ରାୟ ୭୦ ହଜାର ପୋଲିଂ କର୍ମଚାରୀ ନିୟୋଜିତ

- **ତାଲିକାରେ ବହୁ ହେଭିୱେଟ୍**
- **୬ ଲୋକସଭା, ୪୨ ବିଧାନସଭା ପାଇଁ ହେବ ମତଦାନ**
- **୯୪, ୪୮, ୫୫୩ ଜଣ ମତଦାତା ବାଛିବେ ନିଜର ପ୍ରତିନିଧି**
- **ମୋଟ ୧୦୫୫୧ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା, ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ ୧୫୦୦ ମତଦାନ କେନ୍ଦ୍ର**
- **୭୦ ହଜାର ପୋଲିଂ କର୍ମଚାରୀ ନିୟୋଜିତ, ସୁରକ୍ଷା ପାଇଁ ୧୨୧ କମ୍ପାନୀ ସିଏପିଏଫ୍**

ହୋଇଛନ୍ତି ବୋଲି ଶ୍ରୀ ଧଳ ସୂଚନା ପ୍ରଦାନ କରିଛନ୍ତି।

ଅପରପକ୍ଷେ, ଉପରୋକ୍ତ ୬ ସଂସଦୀୟ କ୍ଷେତ୍ର ପାଇଁ ମୋଟ ୬୪ଜଣ ପ୍ରାର୍ଥୀ (ପୁରୁଷ-୫୫, ମହିଳା-୯) ରହିଛନ୍ତି। ସେହିପରି ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମୋଟ ୩୮୩ ▶ପୃଷ୍ଠା-୯

# ସାମଗ୍ରିକ ସହରୀକରଣ ନବୀନ ଗ୍ୟାରେଣ୍ଟି: ବିଜେଡି

**ଭୁବନେଶ୍ୱର, ୨୩।୫(ସମିସ):** ରାଜ୍ୟ ସରକାରଙ୍କ ନିଜସ୍ୱ ଉଦ୍ୟମରେ କଟକରୁ ଭୁବନେଶ୍ୱର ମେଟ୍ରୋ ସେବା ପ୍ରଦାନ ପାଇଁ କାର୍ଯ୍ୟାରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୬ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଆସନ୍ତା ଦଶ ବର୍ଷରେ ଏହି ସେବାକୁ ଖୋର୍ଦ୍ଧାରୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବ। ସାମଗ୍ରୀକ ସହରୀକରଣ ପ୍ରକ୍ରିୟାରେ, ଚାରୋଟି କ୍ଲଷ୍ଟର ତିଆରି କରାଯାଇ ଏହାର ବିକାଶ କରାଯିବ। ଭୁବନେଶ୍ୱର-ଖୋର୍ଦ୍ଧା-କଟକ-ପୁରୀ ପ୍ରଥମ କ୍ଲଷ୍ଟର, ସମ୍ବଲପୁର-ଝାରସୁଗୁଡ଼ା-ରାଉରକେଲା ଦ୍ୱିତୀୟ କ୍ଲଷ୍ଟର, ବାରିପଦା-ବାଲେଶ୍ୱର-ଭଦ୍ରକ ତୃତୀୟ କ୍ଲଷ୍ଟର ଓ ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଚତୁର୍ଥ କ୍ଲଷ୍ଟର ଭାବେ ଚିହ୍ନିତ ହେବ। ଏହି କ୍ଲଷ୍ଟର ଗୁଡ଼ିକରେ ଆସନ୍ତା ଦଶ ବର୍ଷ ଭିତରେ ସବୁଜକରଣ ବୃଦ୍ଧି କରାଯିବ, କ୍ରୀଡ଼ା ଭିତ୍ତିଭୂମି, ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ବିଜେଡିର ଜାତୀୟ ମୁଖପାତ୍ର ଡ. ଅମର ପଟ୍ଟନାୟକ ଆଜି ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି।



- **ଖୋର୍ଦ୍ଧାରୁ ପୁରୀକୁ ସମ୍ପ୍ରସାରିତ ହେବ ମେଟ୍ରୋ ସେବା**
- **ବଡ଼ ହେବ ରାଜ୍ୟର କୋଡ଼ିଏ ଛୋଟ ସହର**
- **ଦକ୍ଷିଣ ଗୋପାଳପୁର ଠାରୁ ଜୟପୁର ପର୍ଯ୍ୟନ୍ତ ହେବ ବିଜୁ ଏକ୍ସପ୍ରେସ ୱେ**

ବିଜେଡି ତା'ର ନିର୍ବାଚନୀ ଇସ୍ତାହାରରେ ୧୯ ନମ୍ବର ଗାରେଣ୍ଟିରେ ସାମଗ୍ରିକ ସହରୀକରଣ ଉପରେ ଆଲୋକପାତ କରି ଏହି ପ୍ରସଙ୍ଗରେ ଗଣମାଧ୍ୟମକୁ ଜଣାଇଥିଲେ ଡ. ପଟ୍ଟନାୟକ। ସେ ଆହୁରି କହିଥିଲେ ଯେ, ରାଜ୍ୟର ଅନ୍ୟ କୋଡ଼ିଏଟି ଛୋଟ ସହରକୁ ବଡ଼ ସହରରେ ପରିଣତ କରାଯିବ। ଏହି ସହରମାନଙ୍କ ଭିତରୁ ପ୍ରମୁଖ ସହର ଗୁଡ଼ିକ ହେଲା, ପାରାଦ୍ୱୀପ, ଢେଙ୍କାନାଳ, ଯୋଡ଼ା, ବଡ଼ବିଲ, କେଉଁଝର, ଅନଗୁଳ, କେନ୍ଦ୍ରାପଡ଼ା ନୟାଗଡ଼ ଇତ୍ୟାଦି। ପୁରୀଠାରେ ଏକ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ହେବାକୁ ଯାଉଥିବା ବେଳେ ଏହାକୁ ଏକ ଆନ୍ତର୍ଜାତୀୟ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ଗଢି ତୋଳା ଯିବ। ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ଏକ୍ସପ୍ରେସ ୱେ' ନିର୍ମାଣ କରାଯିବ। ଯାହାର ଉଭୟ ପାର୍ଶ୍ୱରେ ବାଣିଜ୍ୟିକ କେନ୍ଦ୍ର ସହ ଅର୍ଥନୈତିକ କରିଡର୍ ନିର୍ମାଣ କରାଯିବ। ଏହା ନିର୍ମିତ ହେଲା ପରେ ଦେଶର ପ୍ରମୁଖ ବ୍ୟବସାୟ କେନ୍ଦ୍ର ଭାବେ ଉଭା ହେବ। ବିଜୁ ଏକ୍ସପ୍ରେସ ୱେ ଦକ୍ଷିଣ ଗୋପାଳପୁର ଠାରୁ ଜୟପୁର ପର୍ଯ୍ୟନ୍ତ ନିର୍ମାଣ କରାଯିବ। ଲକ୍ଷ୍ମୀ ବସ୍ ଓ ଜଗନ୍ନାଥ ବସ୍ ସେବାକୁ ଆହୁରି ବ୍ୟାପକ କରାଯିବ। ଓଡ଼ିଶାକୁ ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକ ଇତ୍ୟାଦି ସ୍ଥାନକୁ ଆନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହୋଇଛି। ଏହାକୁ ଆହୁରି ଅନେକ ଆନ୍ତର୍ଜାତୀୟ ସହରକୁ ବୃଦ୍ଧି କରିବାକୁ ପ୍ରୟାସ କରାଯିବ। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଥିବା ବେଳେ ଆହୁରି ଅଧିକ କ୍ରୀଡ଼ା ଭିତ୍ତିଭୂମି ତିଆରି କରାଯିବ ବୋଲି ସେ କହିଛନ୍ତି।

ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି, ବିଜେଡିର ନିର୍ବାଚନୀ ଇସ୍ତାହାରର ୧୭ ନମ୍ବର ଗ୍ୟାରେଣ୍ଟି ଭାବେ କଟକରେ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ, ସମ୍ବଲପୁରରେ ଅନ୍ତର୍ଜାତୀୟ ଫୁଟବଲ ଷ୍ଟାଡିୟମ ଓ ବ୍ରହ୍ମପୁର ଠାରେ ଆନ୍ତର୍ଜାତୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯିବ ବୋଲି ପ୍ରତିଶୃତି ଦିଆଯାଇଛି। ଓଡ଼ିଶା ପୂର୍ବ ଭାରତର ଆଇଟି ହବ୍ ହେବାକୁ ଯାଉଛି, ଯାହାର ମୂଳଦୁଆ ପଡ଼ିସାରିଛି। ବିଶ୍ୱର ଅନେକ ପ୍ରତିଷ୍ଠିତ ଆଇଟି କମ୍ପାନୀ ଭୁବନେଶ୍ୱରରେ ସେମାନଙ୍କ କାର୍ଯ୍ୟାଳୟ ଖୋଲି ସାରିଲେଣି। ଓଡ଼ିଶାର ଅନେକ ଯୁବକ ଏଥିରେ ନିଯୁକ୍ତି ପାଇଲେଣି। ସେହିପରି, ସେମି କଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଏକ ହବ୍ ହେବାକୁ ଯାଉଛି। ସ୍ଥାନୀୟ ଏମଏସଏମଇ ୟୁନିଟ୍ ଗୁଡ଼ିକୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଦିଆଯିବା ପାଇଁ ପାଞ୍ଚ ଶହ କୋଟି ଟଙ୍କାର ଏକ କର୍ପସ ଫଣ୍ଡ ତିଆରି କରାଯିବ। ଏଥିସହ ରାଜ୍ୟର ବସ୍ତି ବାସିନ୍ଦାଙ୍କ ଥଇଥାନ ପାଇଁ ରାଜ୍ୟ ସରକାରଙ୍କ ▶ପୃଷ୍ଠା-୯

# ବୈଜୟନ୍ତଙ୍କ ଉପରେ ଖପ୍ପା ବିଜେପି ଜାତୀୟ ନେତୃତ୍ୱ!

**ଭୁବନେଶ୍ୱର,୨୩।୫(ସମିସ):** କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରେ ଜାତୀୟ ଉପସଭାପତି ବୈଜୟନ୍ତଙ୍କ ସାଙ୍ଗଠନିକ ଦକ୍ଷତା ଓ ନିର୍ବାଚନ ପରିଚାଳନାକୁ ନେଇ ବିଜେପିର ଶୀର୍ଷ ନେତୃତ୍ୱ କୁଆଡ଼େ ଖପ୍ପା। ବିଜେଡି-ବୈଜୟନ୍ତଙ୍କ ସମ୍ପର୍କ ଛିନ୍ନ ହେବା ପରେ ସେ ବିଜେପିରେ ଯୋଗ ଦେଇଥିଲେ ଓ ୨୦୧୯ ଲୋକସଭା ନିର୍ବାଚନରେ ପ୍ରାୟ ଦେଢ଼ ଲକ୍ଷ ଭୋଟରେ ପରାଜିତ ହୋଇଥିଲେ। ଗତ ୫ ବର୍ଷ ମଧ୍ୟରେ ଧର୍ମେନ୍ଦ୍ରଙ୍କ ପରି ଅନ୍ୟ ରାଜ୍ୟକୁ ଯିବା ପାଇଁ ସବୁପ୍ରକାର ଉଦ୍ୟମ ସତ୍ତ୍ୱେ ତାଙ୍କୁ ସେ ସୁଯୋଗ ବିଜେପି ଦେଇ ନ ଥିଲେ ହେଁ ଜାତୀୟ ଉପାଧ୍ୟକ୍ଷ ପଦ ପ୍ରଦାନ କରିଥିଲା। ଗତ ଜାନୁଆରୀ ମାସରେ ବୈଜୟନ୍ତଙ୍କୁ ଉତ୍ତରପ୍ରଦେଶରେ ଦଳର ପ୍ରଭାରୀ ଭାବରେ ନିଯୁକ୍ତି ଦେଇଥିଲା। ଏହା ସହିତ ସଞ୍ଜିବ ଚୌରାସିଆ, ରମେଶ ବିଦୂରୀ ଓ ସଞ୍ଜୟ ଭାଟିଆ ସହ ପ୍ରଭାରୀ ଦାୟିତ୍ୱ ପାଇଥିଲେ। ଦାୟିତ୍ୱ ନେବାର ୩ ମାସ ମଧ୍ୟରେ ଉତ୍ତରପ୍ରଦେଶରେ ବୈଜୟନ୍ତ ଦୁଇଟି ବୈଠକ ଓ ଗୋଟିଏ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ହିଁ ଦଳ ପାଇଁ ତାଙ୍କର ଉପଲବ୍ଧି ରହିଥିଲା। ଏହାପରେ ଉତ୍ତରପ୍ରଦେଶ ବିଜେପି ସଙ୍ଗଠନ ସହ ବୈଜୟନ୍ତଙ୍କ ସମ୍ପର୍କରେ ପ୍ରାୟ କଳଙ୍କି ଲାଗି ଯାଇଥିଲା।

ରାଜ୍ୟ ପ୍ରଭାରୀ ନିଯୁକ୍ତି ପରେ ବୈଜୟନ୍ତ ଫେବ୍ରୁଆରୀ ୧୪ ତାରିଖରେ ଲକ୍ଷ୍ନୌରେ ଏକ

- **ସମ୍ଭାଳି ପାରିଲେନି ଉତ୍ତରପ୍ରଦେଶରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାରୀ ଦାୟିତ୍ୱ**
- **୪ ମାସରେ ଲକ୍ଷ୍ନୌ ଓ ଅବଧ କ୍ଷେତ୍ରରେ ମାତ୍ର ୨ଟି ବୈଠକ**
- **ଅପାରଗତା ଯୋଗୁଁ କୋଣଠେସା କଲା ଉତ୍ତରପ୍ରଦେଶ ରାଜ୍ୟ ବିଜେପି**
- **ସାଙ୍ଗଠନିକ ଦକ୍ଷତା ଓ ନିର୍ବାଚନ ପରିଚାଳନାକୁ ନେଇ ଉଠିଲାଣି ପ୍ରଶ୍ନ**
- **କେନ୍ଦ୍ରାପଡ଼ାରେ ଦଳର ସ୍ଥିତିକୁ ନେଇ ବିଜେପି ଶୀର୍ଷ ନେତୃତ୍ୱ ଚିନ୍ତିତ**
- **ପରାଜୟର ବ୍ୟବଧାନ ହ୍ରାସ ପାଇଁ ଜାତୀୟ ନେତାଙ୍କ ଘନଘନ ଗସ୍ତ**

ଦଳୀୟ ବୈଠକରେ ଯୋଗ ଦେଇଥିଲେ। ରାଜ୍ୟରେ ୮୦ରୁ ୮୦ ଆସନରେ ବିଜୟୀ ହେବ ବୋଲି ଦମ୍ଭୋକ୍ତି ବାଢ଼ିଥିଲେ। ସକାଳେ ବୈଠକ ପରେ ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ ଓ ଅପରାହ୍ନରେ ରାଜ୍ୟର ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ଦଳୀୟ ଆଲୋଚନା କରି ଦିଲ୍ଲୀ ଫେରି ଯାଇଥିଲେ। ଫେବ୍ରୁଆରୀ ୨୬ ତାରିଖରେ ଅବଧ କ୍ଷେତ୍ରରେ ଆଉ ଏକ ଦଳୀୟ ସାଙ୍ଗଠନିକ ବୈଠକରେ ସେ ଉପସ୍ଥିତ ରହିଥିଲେ। ଏହି କ୍ଷେତ୍ରରେ ୩ଟି ଲୋକସଭା ଆସନ ରହିଛି ଏବଂ ଏହି ଆସନଗୁଡ଼ିକରେ ରଣନୀତି ସମ୍ପର୍କରେ ଦଳୀୟ ନେତାଙ୍କ ସହ ଆଲୋଚନା କରିଥିଲେ। ବାସ୍, ଏହା ପରେ ରାଜ୍ୟ ପ୍ରଭାରୀ ଆଉ କୁଆଡ଼େ ଉତ୍ତରପ୍ରଦେଶ ଯାଇ ନାହାନ୍ତି। ଦଳୀୟ ସଂଗଠନ ସମ୍ଭାଳିବାରେ ଅସଫଳତା ଓ ଅଯୋଗ୍ୟତା ଦୃଷ୍ଟିରୁ ତାଙ୍କୁ କେନ୍ଦ୍ରୀୟ ନେତୃତ୍ୱ ଓ ଉତ୍ତରପ୍ରଦେଶ ସଙ୍ଗଠନ ଏକପ୍ରକାର କୋଣଠେସା କରିଦେଇଥିଲା। ସେଥିପାଇଁ ଶ୍ରୀ ପଣ୍ଡାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଲୋକସଭା ନିର୍ବାଚନ ଲଢ଼ିବାକୁ ପଡ଼ିଲା ବୋଲି କୁହାଯାଉଛି।

ସମ୍ପ୍ରତି କେନ୍ଦ୍ରାପଡ଼ାରେ ବିଜେପିର ସ୍ଥିତି ବିଜେପିର ଜାତୀୟ ନେତାଙ୍କ ଅନୁମାନକୁ ବଦ୍ଧମୂଳ ସାବ୍ୟସ୍ତ କରିଛି। ଗତ ନିର୍ବାଚନରେ ପରାଜୟ ପରେ ନିଜ ଲୋକସଭା କ୍ଷେତ୍ରରୁ ଏକପ୍ରକାର ଅଦୃଶ୍ୟ ହୋଇ ଯାଇଥିବା ବୈଜୟନ୍ତଙ୍କ ଯୋଗୁଁ ପୂର୍ବଠାରୁ ବି କମ୍ ଭୋଟ ପାଇବ ବୋଲି ବିଜେପିର ଆଭ୍ୟନ୍ତରୀଣ ରିପୋର୍ଟ ଦଳୀୟ ନେତାଙ୍କ ଶିରପୀଡ଼ା ବଢ଼ାଇ ଦେଇଛି। ଦଳର ଜାତୀୟ ଉପସଭାପତିଙ୍କ ସମ୍ଭାବ୍ୟ ପ୍ରଚଣ୍ଡ ପରାଜୟ ଦଳୀୟ ନେତାଙ୍କୁ ବିବ୍ରତ କରିଛି ଓ ନିଜେ ବୈଜୟନ୍ତ ମଧ୍ୟ ନିଜର ଭବିଷ୍ୟତକୁ ନେଇ ଆଶଙ୍କାରେ ରହିଛନ୍ତି।ତେଣୁ ଏକ ସମ୍ମାନସୂଚକ ବ୍ୟବଧାନରେ ପରାଜୟ ପାଇଁ ବିଜେପିର ଜାତୀୟ ନେତା, ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଚାର ପାଇଁ ଦଳ କେନ୍ଦ୍ରାପଡ଼ାକୁ ▶ପୃଷ୍ଠା-୯

# ପ୍ରସଙ୍ଗ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଅପପ୍ରଚାର କରୁଛି ବିଜେପି: ପ୍ରଣବ

**ଭୁବନେଶ୍ୱର,୨୩।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାବଦରେ ବିଜେପି ନେତାମାନେ ଅପମାନସୂଚକ ମନ୍ତବ୍ୟ ଦେଉଛନ୍ତି; ଅଶୋଭନୀୟ ଶବ୍ଦ ପ୍ରୟୋଗ କରୁଛନ୍ତି। ବିଜେପି ନେତାଙ୍କ ଏପରି ଆଚରଣକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁରର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ନିର୍ବାଚନରେ ବିଜେଡି ଓ ସରକାରଙ୍କ ବିରୋଧରେ କୌଣସି ପ୍ରସଙ୍ଗ ନ ପାଇ ବିଜେପି ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଅପପ୍ରଚାର କରୁଛି ବୋଲି ପ୍ରଣବପ୍ରକାଶ କହିଛନ୍ତି।



ନିଜ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଲେଖିଛନ୍ତି ଯେ, ଗତ ୨୪ ବର୍ଷ ହେଲା ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାବାସୀ ଆଶୀର୍ବାଦ କରିଆସୁଛନ୍ତି। ଓଡ଼ିଶାବାସୀଙ୍କୁ ମଧ୍ୟ ନିଜ ପରିବାର ସଦସ୍ୟ ଭାବି ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରୁଛନ୍ତି। କିନ୍ତୁ ରାଜ୍ୟ ବାହାର ବିଜେପି ନେତାମାନେ ତାଙ୍କ ପ୍ରତି ଅପମାନସୂଚକ ଓ ଅଶୋଭନୀୟ ଶବ୍ଦ ପ୍ରୟୋଗ କରୁଛନ୍ତି। ଓଡ଼ିଶା ବିଜେପି ନେତା ଧର୍ମେନ୍ଦ୍ରପ୍ରଧାନମଧ୍ୟସେମାନଙ୍କସହମିଶିଅନୁରୂପଭାଷାବ୍ୟବହାର କରିବା ଆମ ସଂସ୍କୃତି ବିରୋଧୀ। ବାହାରୁ ଆସୁଥିବା ନେତା ଅତିଥି ହୋଇଥିବାରୁ ଓ ବିଜେଡି ଓଡ଼ିଶାର ସଂସ୍କୃତିକୁ ପାଳନ କରୁଥିବାରୁ ବିଶେଷ କିଛି ପ୍ରତିକ୍ରିୟା ରଖାଯାଉ ନ ଥିବା ସେ କହିଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ସମଲେଇ ପ୍ରକଳ୍ପକୁ ବିରୋଧ କରିଥିବା ଧର୍ମେନ୍ଦ୍ର ପ୍ରଧାନ କେବେ ମଧ୍ୟ ଏନ୍‌ଏଚ୍-୫୫ କାମ ଶୀଘ୍ର ସରିବାକୁ କେବେ ତତ୍ପରତା ଦେଖାଇନାହାନ୍ତି। ଯେଉଁଥିପାଇଁ ହଜାର ହଜାର ଲୋକଙ୍କ ଜୀବନ ଯାଇଛି। ମହାନଦୀ ପ୍ରସଙ୍ଗରେ ମଧ୍ୟ ଧର୍ମେନ୍ଦ୍ରଙ୍କ ଛତିଶଗଡ଼ ପାଇଁ ଓକିଲାତି କରିବା କାହାକୁ ଅଛପା ନାହିଁ। ଗତ ୧୦ ବର୍ଷ ମଧ୍ୟରେ କିଛି କାମ କରି ନଥିବାରୁ '୫-ଟି' ଅଧ୍ୟକ୍ଷ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ସଭାରେ ପଚାରିଥିବା ପ୍ରଶ୍ନର ଗୋଟିଏ ବି ଉତ୍ତର ଧର୍ମେନ୍ଦ୍ର ଦେଇପାରି ନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ମିଛ ପ୍ରଚାର, ଓଡ଼ିଶା ବିକାଶକୁ ବିରୋଧ କରିବାର ମାନସିକତା ଏବଂ ବିଜେପିର ମିଛକୁ ଓଡ଼ିଶାବାସୀ ଜାଣି ସାରିଲେଣି। ଏଭଳି ତାହା ମିଛକୁ ସେମାନେ ଆଦୌ ଗ୍ରହଣ କରୁନାହାନ୍ତି। ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ତିନି ଚତୁର୍ଥାଂଶ ଆସନ ସହ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଶପଥ ନେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।




## ଗଡ଼ାଚାଲିଛି ତିନିରଥ...

# ସିଙ୍ଗଡ଼ା ବାଡ଼ିଆ ଅନୁକୂଳ



**ପୁରୀ, ୨୩।୫ (ସମିସ):** ରଥଖଳାରେ ଗୁରୁବାର ତୁମ୍ବରେ ଅର ସଂଯୋଗ କରାଯାଇଛି। ତୁମ୍ବରେ ଅର ସଂଯୋଗକୁ ପାରମ୍ପରିକ ଭାଷାରେ ସିଙ୍ଗଡା ବାଡ଼ିଆ କୁହାଯାଏ। ଭୋଇ ସେବକମାନେ ମା' ଚର୍ଚ୍ଚିକାଙ୍କ ନିକଟରେ ମାଜଣା କରି ଶ୍ରୀଫଳ, ବିରିପିଠା, ସୁଆରପିଠା ସମର୍ପଣ କରିଥିଲେ। ଏହାପରେ ଭୋଇ ସର୍ଦ୍ଦାର ରବି ଭୋଇ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରି ତିନିରଥର ୩ଟି ତୁମ୍ବରେ ଅର ଯୋଡ଼ି ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଅନୁକୂଳ କରିଛନ୍ତି। ଗୁରୁବାର ପ୍ରତ୍ୟେକ ରଥର ୨ଟି ଲେଖାଏଁ ମୋଟ ୬ଟି ତୁମ୍ବରେ ଅର ସଂଯୋଗ ଶେଷ ହୋଇଛି।

ରଥଖଳାରେ ଚାଲିଛି ମହାପ୍ରଭୁଙ୍କ ତିନିରଥ ନିର୍ମାଣ। ନିହଣ, ମୁଗୁର ଓ ବାରିସି ମାଡ଼ ଧ୍ୱନିରେ ଗୁଞ୍ଜରିତ ହେଉଛି ରଥଖଳା। ରଥ ତିଆରିରେ ନିମଗ୍ନ ରହିଛନ୍ତି ଏହା ସହିତ ସମ୍ପୃକ୍ତ ସେବକ। ପୂର୍ବରୁ ସମସ୍ତ ୪୨ଟି ତୁମ୍ବ ବୋଳା ସରିବା ସହ ସୂତା ବାଡ଼ିଆ ଶେଷ ହୋଇଥିଲା। ଏବେ ତୁମ୍ବରେ ଅର ସଂଯୋଗ କରାଯାଉଛି। ଆସନ୍ତା ୨୯ତାରିଖ ଭଉଁରୀରେ ଚକଡେରା ନୀତି ରହିଛି। ଏହାକୁ ଦୃଷ୍ଟିରେ ରଖି ୬ଟି ଚକ କାମ ଶେଷ କରିବାକୁ ଲାଗିପଡ଼ିଛନ୍ତି ମହାରଣା ସେବକ। ଅନ୍ୟପକ୍ଷରେ ରଥଖଳାରେ କୋଣଗୁଜ କାଠ ଚଉପଟ କରାଯାଉଛି। ରୂପକାର ସେବକମାନେ କୋଣଗୁଜରେ ନୃସିଂହ ବିରାଳ ରୂପ ଖୋଦେଇ କାମ ଜାରି ରଖିଛନ୍ତି। ଗୁରୁବାର ଭୋଇ ସେବକମାନେ ଯନ୍ତାଗାଡ଼ରେ ତୁମ୍ବ ଆଣି ରଖିଥିଲେ। ତୁମ୍ବ, ଅର, କୋରାମୁଣ୍ଡା (କାଠ ତିଆରି ହାତୁଡ଼ି)କୁ ଚନ୍ଦନ, ସିନ୍ଦୂର ଦେଇ ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରୀଫଳ ଭାଙ୍ଗି ତୁମ୍ବରେ ଗୋଟିଏ ପରେ ଗୋଟିଏ ଅର ସଂଯୋଗ କରି କୋରାମୁଣ୍ଡାରେ ଭୋଇ ସେବକମାନେ ପ୍ରହାର କରିଥିଲେ। ଏହାସହ ତୁମ୍ବ ଏବଂ ଅରକୁ ସଂଲଗ୍ନ କରି ଅରକଣ୍ଟା ବାଡ଼ିଆ ଯାଇଥିଲା। ପ୍ରତି ତୁମ୍ବରେ ୩୨ଟି ବିନ୍ଧ ଓ ୧୬ଟି ଅର ସଂଯୋଗ ହୋଇଥାଏ। ଅନ୍ୟପକ୍ଷରେ ରଥଖଳାରେ ଏବେ ମହାରଣାମାନେ ଗୁଜ, କୁଡ଼ୁକା, ଜଳଯନ୍ତ୍ର, ତିଖ ଗୁଜ ନିର୍ମାଣ କରୁଛନ୍ତି। ସେହିପରି ଦୋଳବେଦୀ ପରିସର କମାରଶାଳରେ କମାର ସେବକମାନେ ତିନିରଥର ୪୨ ଚକ ପାଇଁ ଅରକଣ୍ଟା, ପଦାରୀ ଓ ତୁମ୍ବର ବଳା ତିଆରି କରୁଛନ୍ତି।

## ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର





## 'କ୍ଷମା ପ୍ରାର୍ଥନା'ରେ ବି ଅହଂକାର!

# ଭୋଟର ନା ଭଗବାନ; କାହା ପାଇଁ ପ୍ରାୟଶ୍ଚିତ

**ଭୁବନେଶ୍ୱର, ୨୩।୫(ସମିସ):** 'ମୋଦୀଙ୍କ ଭକ୍ତ ଜଗନ୍ନାଥ' ଟିପ୍ପଣୀ ନିମନ୍ତେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ତଥା ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ସାରା ଦେଶରେ ନିନ୍ଦିତ ହୋଇଛନ୍ତି। ସେ, ତାଙ୍କ ଦଳ ବିଜେପି, ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜାତୀୟସ୍ତରରେ କଟୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏହା ସତ୍ତ୍ୱେ ସମ୍ବିତ୍ ବା ବିଜେପି ନିଜ ଅହଂକାର ତୁଟିନାହିଁ। ସମ୍ବାଦପତ୍ରଗୁଡ଼ିକର ପ୍ରଥମ ପୃଷ୍ଠାରେ ପୁରା ପୃଷ୍ଠା ବିଜ୍ଞାପନରେ ନିଜର ଫଟୋ ଓ ଦଳର ଚିହ୍ନ ଛାପି ସମ୍ବିତ୍ ନିଜ ଅହଂକାରର ପୁନଃ ପ୍ରଦର୍ଶନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ପୁରା ପୃଷ୍ଠା ବିଜ୍ଞାପନ ଦେଇ କାହା ନିକଟରେ ସମ୍ବିତ୍ କ୍ଷମା ପ୍ରାର୍ଥନା କରିଛନ୍ତି ତାହା ଅବୋଧ। ଭଗବାନଙ୍କ ପାଖରେ କ୍ଷମା ପ୍ରାର୍ଥନା ନିମନ୍ତେ ପ୍ରଚାରର କି ଆବଶ୍ୟକ ? ଯଦି ଭୋଟରଙ୍କ ପାଇଁ ଏହା ଉଦ୍ଦିଷ୍ଟ ତେବେ ଭଗବାନଙ୍କ ନିକଟରେ କ୍ଷମା ଯାଚନା ମୂଲ୍ୟହୀନ। ସମ୍ବିତଙ୍କ ପ୍ରାୟଶ୍ଚିତ କାହା ପାଇଁ ତାହା କେବଳ ସେ ଜାଣନ୍ତି। ମାତ୍ର ଖବରକାଗଜରେ ବିଜ୍ଞାପନ ବାବଦରେ ଯେଉଁ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ହୋଇଛି ତାହା କିଏ ଭରଣା କରିଛି ? ସମ୍ବିତ୍ ନା ତାଙ୍କ ଦଳ ବିଜେପି ? ଯଦି ସମ୍ବିତ ଏହି ବିଜ୍ଞାପନ ଦେଇଥାଆନ୍ତି ତେବେ ଏହା ତାଙ୍କ ନିର୍ବାଚନ ଖର୍ଚ୍ଚରେ ସାମିଲ ହେବ କି ନାହିଁ? ଯଦି ଏହି ବିଜ୍ଞାପନ ତାଙ୍କ ଦଳ ବିଜେପି ଦେଇଥାଏ ତେବେ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିବା ସ୍ୱାଭାବିକ।

ସମ୍ବିତ୍ ପାତ୍ର 'ମୋଦୀଙ୍କ ଭକ୍ତ ଜଗନ୍ନାଥ' ଟିପ୍ପଣୀରେ ବିଜେପି କୌଣସି ଟିପ୍ପଣୀ ଦେଇ ନାହିଁ, କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ। ତାଙ୍କୁ କୈଫିୟତ ତଲବର କୌଣସି ସୂଚନା ନାହିଁ ବା ଏପରି ଗୁରୁତର ତ୍ରୁଟିକୁ ମଧ୍ୟ ନିନ୍ଦା କରିନାହିଁ। ଅନ୍ୟପକ୍ଷରେ ତଥାକଥିତ 'କ୍ଷମାପ୍ରାର୍ଥନା' ବିଜ୍ଞାପନରେ ଦଳର ନିର୍ବାଚନ ଚିହ୍ନ ବ୍ୟବହାର କରାଯାଇଛି। ଅର୍ଥାତ୍ ସମ୍ବିତ୍‌ଙ୍କ ଗୁରୁତର ତ୍ରୁଟିକୁ ଗେରୁଆ ରଙ୍ଗରେ ଢ଼ାଙ୍କିବାକୁ ଚେଷ୍ଟା କରିଛି ବିଜେପି ନେତୃତ୍ୱ। ବିଜେପି ସବୁବେଳେ ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରିଆସୁଛି। ପ୍ରଭୁ ଜଗନ୍ନାଥ ଓଡ଼ିଆ ଅସ୍ମିତାର ପ୍ରତୀକ। ମାତ୍ର ମହାପ୍ରଭୁଙ୍କ ମାଟିରେ ଛିଡ଼ା ହୋଇ ଗଣମାଧ୍ୟମକୁ ସମ୍ବିତ ଦେଇଥିବା ଏଭଳି ଅରୁଚିକର ପ୍ରତିକ୍ରିୟା ଲକ୍ଷଲକ୍ଷ ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଦେଇଛି। ସାରା ରାଜ୍ୟରେ ଏହାକୁ ନେଇ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଓଡ଼ିଆ ଅସ୍ମିତାକୁ ନେଇ ଲଢେଇ ଆରମ୍ଭ କରିଥିବା ବିଜେପି ନିଜ ଜାଲରେ ନିଜେ ଫସିବା ପରେ ଶେଷରେ ବାଧ୍ୟ ହୋଇ ଧର୍ମ ଓ ଠାକୁରଙ୍କୁ ନେଇ ରାଜନୀତି ଆରମ୍ଭ କରିଦେଇଛି। କେତେବେଳେ କନ୍ଧମାଳ ଦଙ୍ଗା କଥା ତ କେତେବେଳେ ରାମମନ୍ଦିର, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପୁଣି କେତେବେଳେ ରତ୍ନ ଭଣ୍ଡାର ଖୋଲିବା ପ୍ରସଙ୍ଗରେ ମିଛ ତଥ୍ୟ ଯୋଡି ଲୋକଙ୍କୁ ବିଭ୍ରାନ୍ତ କରି ଭୋଟ୍ ରାଜନୀତି କରିବାକୁ ହୀନ ଉଦ୍ୟମ ଚଳାଇ ଆସିଛି। ଶାସକ ଦଳ ବିଜେଡିର ଲୋକପ୍ରିୟତାକୁ ଦେଖି ନିରାଶ ହୋଇ ପଡ଼ିଥିବା ବିଜେପି ଏବେ ଅନ୍ୟ ରାଜ୍ୟ ଭଳି ଶାନ୍ତିପ୍ରିୟ ଓଡ଼ିଶାର ଲୋକଙ୍କୁ ଧର୍ମର ଅଫିମ ଖୁଆଇବାକୁ ଅପଚେଷ୍ଟା କରୁଛି। ପ୍ରଚାର ସଭାରେ ରାଜ୍ୟ ନେତାଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଧର୍ମ ଓ ଭଗବାନଙ୍କୁ ନେଇ ନାନା ମିଛ ଗପ ଶୁଣାଇ ଭୋଟରଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଗତ ନିର୍ବାଚନରେ ଜଗନ୍ନାଥଙ୍କ ମୂର୍ତ୍ତିକୁ କାଖେଇ ମୁଣ୍ଡେଇ ନାଟକ କରିଥିଲେ ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର। ଯାହାକୁ ନେଇ ସାରା ଓଡ଼ିଶାରେ ତମ୍ବିତୋଫାନ ହୋଇଥିଲା। ଏଥର ମଧ୍ୟ ସୀମା ପାର୍ କରି ଯାଇଛନ୍ତି ସମ୍ବିତ। ହାରିବାର ଚାପରେ ବୋଧହୁଏ ପୁରୀର ବିଜେପି ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ସନ୍ତୁଳନ ବିଗିଡ଼ି ଯାଇଛି।

## ସମ୍ବିତଙ୍କ ବିରୋଧରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେଡି

**ପୁରୀ,୨୩।୫(ସମିସ):** 'ଜଗନ୍ନାଥ ହେଉଛନ୍ତି ମୋଦିଙ୍କ ଭକ୍ତ'। ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ରଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଏଭଳି ଅପମାନସୂଚକ ମନ୍ତବ୍ୟକୁ ନେଇ ସବୁଆଡ଼େ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ଅରୁଚିକର ମନ୍ତବ୍ୟ ଲକ୍ଷଲକ୍ଷ ଜଗନ୍ନାଥପ୍ରେମୀଙ୍କ ମନକୁ ଶକ୍ତ ଆଘାତ ଦେଇଥିବା ବେଳେ ଜାତୀୟସ୍ତରର ନେତା ବି ସମ୍ବିତଙ୍କୁ ସମାଲୋଚନା କରୁଛନ୍ତି। ଏଭଳି ସ୍ଥିତିରେ ପୁରୀ ଜିଲ୍ଲା ବିଜେଡି ଗୁରୁବାର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ସମ୍ବିତଙ୍କ ବିରୋଧରେ ଫେରାଦ୍ ହୋଇଛି। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ଜିଲ୍ଲା ବିଜେଡି ସଭାପତି ଦିବାକର ପାତ୍ରଙ୍କ ସମେତ ଗୌରହରି ପ୍ରଧାନ, ରବିଶଙ୍କର ପ୍ରତିହାରୀ ପ୍ରମୁଖ ସମ୍ବିତଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ଶ୍ରୀ ଖୁଣ୍ଟିଆ କହିଛନ୍ତି, ମହାପ୍ରଭୁଙ୍କ ଜଗନ୍ନାଥଙ୍କ ପ୍ରତି ପୁରୀ ଲୋକସଭା ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ର ଯେଉଁ ଅରୁଚିକର ମନ୍ତବ୍ୟ ଦେଇଛନ୍ତି, ସେନେଇ ବୁଧବାର ଇଂରାଜୀ ଓ ଓଡ଼ିଆ ଅଗ୍ରଣୀ ଖବରକାଗଜର ପ୍ରଥମ ପୃଷ୍ଠାରେ ବିଜ୍ଞାପନ ଦେଇଛନ୍ତି। ଗୋଟିଏ ଭୁଲ୍‌କୁ ଘୋଡ଼ାଇବାକୁ ଯାଇ ସେ ଆହୁରି ଭୁଲ କରିଛନ୍ତି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି। ସେହି ବିଜ୍ଞାପନରେ ସମ୍ବିତଙ୍କ ଫଟୋ ସହ ଜଗନ୍ନାଥ ମନ୍ଦିର ଫଟୋ ଓ ବିଜେପି ଦଳର ଚିହ୍ନ ରହିଛି, ଯାହାକି ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ଏହି ବିଜ୍ଞାପନ ବାବଦରେ ପ୍ରାୟ ୨କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ଖର୍ଚ୍ଚକୁ ସମ୍ବିତ ପାତ୍ରଙ୍କ ନିର୍ବାଚନୀ ଖର୍ଚ୍ଚରେ ଯୋଡ଼ିବାକୁ ସେ ଦାବି କରିଛନ୍ତି।



# ଶଙ୍ଖ ଫୁଙ୍କିଲେ ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଡାକ୍ତର ପ୍ରଦୀପ ନାୟକ

**ଭୁବନେଶ୍ୱର,୨୩।୫ (ସମିସ):** ଭଦ୍ରକ ନିର୍ବାଚନ ମଣ୍ଡଳୀର ୨୦୧୯ ସାଧାରଣ ନିର୍ବାଚନର ବିଜେପି ବିଧାୟକ ପ୍ରାର୍ଥୀ ଡା. ପ୍ରଦୀପ କୁମାର ନାୟକ ଆଜି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ଡା. ନାୟକଙ୍କ ଯୋଗଦାନ ଫଳରେ ଭଦ୍ରକ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଡା. ନାୟକ ନିଜ ପ୍ରତିକ୍ରିୟାରେ କହିଥିଲେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ, ତାକୁ ସୂଚାରୁରୂପେ ତୁଲାଇବି। ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।



• ବିଜେଡିର ବିଜୟ ନେଇ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଆକଳନ

## ଆସନ୍ତା ୨ ପର୍ଯ୍ୟାୟରେ ବିଜେଡିର ଷ୍ଟ୍ରାଇକ ରେଟ ୯୦ରୁ ୯୫%ରହିବ

**ଭୁବନେଶ୍ୱର, ୨୩।୫ (ସମିସ):** ରାଜ୍ୟରେ ଅନୁଷ୍ଠିତ ପ୍ରଥମ ଦୁଇ ପର୍ଯ୍ୟାୟ ନିର୍ବାଚନରେ ବିଜେଡି ବିପୁଳ ଜନସମର୍ଥନ ପାଇଛି। ସେହିପରି ଆସନ୍ତା ଦୁଇ ପର୍ଯ୍ୟାୟ ମତଦାନରେ ମଧ୍ୟ ବିଜେଡି ଭଲ କରିବ ବୋଲି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। ସେ କହିଛନ୍ତି ଯେ ବିଜେଡିର ଦୁର୍ବଳ ସ୍ଥିତି ଥିବା ସ୍ଥାନରେ ଯଦି ୮୦ରୁ ୯୦ପ୍ରତିଶତ ଷ୍ଟ୍ରାଇକ ରେଟ୍ ରହୁଛି, ତେବେ ଆଗାମୀ ଦୁଇଟି ପର୍ଯ୍ୟାୟରେ ବିଜେଡିର ଭଲ ସ୍ଥିତି ରହିଛି। ଦୁଇଟି ପର୍ଯ୍ୟାୟରେ ୯୦ରୁ ୯୫ପ୍ରତିଶତ ଷ୍ଟ୍ରାଇକ୍ ରେଟ୍ ରହିବ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି। ସୂଚନାଯୋଗ୍ୟ, ନିର୍ବାଚନ ପ୍ରାରମ୍ଭରୁ ଶ୍ରୀ ପାଣ୍ଡିଆନ୍ ରାଜ୍ୟରେ ବିଜେଡି ବିଧାନସଭାରେ ତିନି-ଚତୁର୍ଥାଂଶ ଆସନରେ ବିଜୟ ଲାଭ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରି ଆସୁଛନ୍ତି।

## ଜ୍ୟୋତିପ୍ରକାଶ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି

**ଭୁବନେଶ୍ୱର, ୨୩।୫(ସମିସ):** ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅଶ୍ୱିନୀ କୁମାର ପାତ୍ର ରାଜ୍ୟ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନୂତନ ଦାୟିତ୍ୱ ପାଇଛନ୍ତି। ଏନେଇ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ସେହିପରି କିଶୋର ଚନ୍ଦ୍ର ତରାଇଙ୍କୁ ଜଗତସିଂହପୁର ସଂସଦୀୟ କ୍ଷେତ୍ରର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହି ସୂଚନା ଦେଇଛନ୍ତି।

## ଜୁଲାଇ ୧ ସୁଦ୍ଧା କୋର୍ଟରେ ହାଜର ହେବେ ଅନୁଭବ

**କଟକ, ୨୩।୫ (ସମିସ):** ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଅଭିଯୋଗ ମାମଲାରେ ଆଜି କଟକ ଜେଏମ୍ଏଫସିଙ୍କ ଅଦାଲତରେ କେନ୍ଦ୍ରାପଡ଼ା ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତି, ତାଙ୍କ ସହଯୋଗୀ ସୁଜିତ କୁମାର ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁଙ୍କ ତରଫରୁ ହାଇକୋର୍ଟଙ୍କ ନିର୍ଦ୍ଦେଶର କପି ଦାଖଲ ହୋଇଛି। ଆଜି ୩ଜଣଙ୍କ ତରଫରୁ ଆଇନଜୀବୀଙ୍କ ମାଧ୍ୟମରେ ହାଇକୋର୍ଟଙ୍କ ମେ' ୧୬ ଓ ୨୧ର ନିର୍ଦ୍ଦେଶର କପି ଜେଏମ୍ଏଫସି ଅଦାଲତରେ ଦାଖଲ କରାଯାଇଥିଲା। ଜୁଲାଇ ୧ ସୁଦ୍ଧା ଅନୁଭବ ଓ ଜୁନ୍ ୧୫ ସୁଦ୍ଧା ସୁଜିତ, ଖଗେଶ୍ୱର ଜେଏମଏଫସି ଅଦାଲତରେ ହାଜର ହେବେ ।

# ଧର୍ମେନ୍ଦ୍ର ପ୍ରଧାନଙ୍କ ପରାଜୟ ସୁନିଶ୍ଚିତ: ଭୃଗୁ

**ଭୁବନେଶ୍ୱର, ୨୩।୫(ସମିସ):** ବିଜେପିର ସମ୍ବଲପୁର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନ ହାରିବା ପ୍ରାୟ ସୁନିଶ୍ଚିତ ବୋଲି କହିଛନ୍ତି ବିଜେଡି ନେତା ଭୃଗୁ ବକ୍ସିପାତ୍ର। ଶଙ୍ଖଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ମୁଖପାତ୍ର ସ୍ୱୟମ୍ ପ୍ରକାଶ ମହାପାତ୍ର ବିଜେପି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଭୃଗୁ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁରବାସୀଙ୍କ ତୀବ୍ର ଅସନ୍ତୋଷର ଶିକାର ହୋଇଛନ୍ତି। ସମ୍ବଲପୁର ଲୋକସଭା କ୍ଷେତ୍ରରେ ଯେଉଁଭଳି ବିକାଶମୂଳକ କାମ କେନ୍ଦ୍ର ସରକାର ବିଶେଷକରି ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହେବା କଥା, ତାହା ହୋଇପାରିନାହିଁ। ସମ୍ବଲପୁର-କଟକ ଜାତୀୟ ରାଜପଥ-୫୫ର ଦୁରବସ୍ଥା ନେଇ ସ୍ଥାନୀୟଅଞ୍ଚଳରେ ବାରମ୍ବାର ଆଲୋଚନା ହେଉଛି। ଏହି ରାଜପଥର ମରାମତି କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନରେ ହେବା କଥା। କେନ୍ଦ୍ର ସରକାରଙ୍କ ସମସ୍ତ କାମର ଦାୟିତ୍ୱ ନିଜେ କେନ୍ଦ୍ରମନ୍ତ୍ରୀ ନେଇଥିଲେ। ସେହି ରାଜପଥରେ ବାରମ୍ବାର ଦୁର୍ଘଟଣାରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଛି। ମାତ୍ର ଗତ ୧୦ ବର୍ଷ ହେଲା ରାଜପଥ ମରାମତି ଏଯାବତ୍ ସରିଲା ନାହିଁ। ଯାହାକୁ ନେଇ ଢ଼େଙ୍କାନାଳରୁ ସମ୍ବଲପୁର ପର୍ଯ୍ୟନ୍ତ ଜନସାଧାରଣ କ୍ଷୁବ୍ଧ। ସେହିପରି ଧର୍ମେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଅଛନ୍ତି। ମାତ୍ର ସମ୍ବଲପୁରରେ ଗୋଟିଏ ହେଲେ କେନ୍ଦ୍ରୀୟ ବିଦ୍ୟାଳୟ ବା ଦକ୍ଷତା ବିକାଶ କେନ୍ଦ୍ର ଖୋଲିପାରି ନାହିଁ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ତାଙ୍କ ଦଳର ନେତାମାନେ ସମଲେଶ୍ୱରୀ ଓ ଶ୍ରୀମନ୍ଦିର କାମକୁ କିପରି ବିରୋଧ କରିଥିଲେ ତାହା ସମ୍ବଲପୁରବାସୀ ଭଲ ଭାବେ ଅବଗତ ଅଛନ୍ତି। ମହାନଦୀ କୋଲ ଫିଲ୍ଡସରୁ ବ୍ୟାପକ କୋଇଲା ଉତ୍ପାଦନ ହେଉଛି। ସ୍ଥାନୀୟ ଛେଣ୍ଡିପଦା ଅଞ୍ଚଳର ଲୋକେ ବ୍ୟାପକ ପ୍ରଦୂଷଣର ଶିକାର ହେଉଛନ୍ତି। କିନ୍ତୁ ଏଠାରେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କୁ ଅଣଦେଖା କରି ଏଠାରେ ବିହାର ଓ ମଧ୍ୟପ୍ରଦେଶର ଯୁବକଙ୍କୁ ନିଯୁକ୍ତି ମିଳୁଛି। ଏହାକୁ ନେଇ ଛେଣ୍ଡିପଦା ଅଞ୍ଚଳରେ ଅସନ୍ତୋଷ ବଢ଼ିଛି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି। ସେହିପରି ସ୍ୱୟଂପ୍ରକାଶ କହିଛନ୍ତି ଯେ ଏମସିଏଲ୍‌ର ସିଏସଆର ପାଣ୍ଠି ସ୍ଥାନୀୟ ଅଞ୍ଚଳରେ ବିନିଯୋଗ ହେଉନାହିଁ ବୋଲି ସମ୍ପୃକ୍ତ ଅଞ୍ଚଳର ଲୋକମାନେ ଅଭିଯୋଗ କରିଛନ୍ତି। ଧର୍ମେନ୍ଦ୍ରଙ୍କ ବିରୋଧରେ ସାଧାରଣ ଲୋକମାନେ ଅତ୍ୟନ୍ତ ନକରାତ୍ମକ ଟିପ୍ପଣୀ ମଧ୍ୟ ଦେଉଛନ୍ତି। ଅତଏବ ଶ୍ରୀ ପ୍ରଧାନ ନିଜ ପରାଜୟକୁ ନେଇ ସୁନିଶ୍ଚିତ ହୋଇଗଲେଣି।

- **ଆସନ୍ନ ପରାଜୟ ଭୟରେ ବିଜେପି କରୁଛି ମିଛ ଅଭିଯୋଗ**
- **୧୦ ବର୍ଷ ହେଲା ଜାତୀୟ ରାଜପଥ-୫୫ ସମ୍ପୂର୍ଣ୍ଣ ନୋହିଲା**
- **ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଗୋଟିଏ ଦକ୍ଷତା କେନ୍ଦ୍ର କରିନାହାନ୍ତି କେନ୍ଦ୍ରମନ୍ତ୍ରୀ**




সকাল
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-327 ◆BHUBANESWAR ◆FRIDAY ◆24 MAY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୩୨୭ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୪ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ସମୁଦ୍ରକୁ ଗଲେ ୨୫ ହଜାର କଇଁଛ ଶାବକ

**ରାଜନଗର, ୨୩।୫ (ସମିସ):** ଦୀର୍ଘ ୪୫ଦିନ ପରେ କଇଁଛ ଏନ୍ତୁଡିଶାଳ ଗହୀରମଥା ପୁଣି ଚଳଚଞ୍ଚଳ ହୋଇ ଉଠିଛି। ଲକ୍ଷଲକ୍ଷ ମାଆ କଇଁଛମାନେ ଗହୀରମଥାର ଅଗରନାସୀ-୨ରେ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଶେଷ କରିଥିଲେ। ଗତକାଲି ରାତିରେ ୨୫ ହଜାର କଇଁଛ ଶାବକ ଅଣ୍ଡାରୁ ବାହାରି ମାଆଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ଏହି ଶାବକମାନେ ଗଭୀର ସମୁଦ୍ର ଭିତରକୁ ଚାଲି ଯାଇଛନ୍ତି। ଚଳିତବର୍ଷ ଏପ୍ରିଲ ୨ ରୁ ୭ ତାରିଖ ଯାଏଁ ହୋଇଥିବା ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ୩ଲକ୍ଷ ୧ ହଜାର ୧୫ ୯ ମାଆ କଇଁଛ ଅଣ୍ଡା ଦେଇଥିଲେ। ଚଳିତବର୍ଷ ବହୁ ବିଳମ୍ବରେ ମାଆ କଇଁଛ



ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ବିଳମ୍ବ ଯୋଗୁଁ ଚଳିତ ବର୍ଷ ଗଣଅଣ୍ଡାଦାନ ହେବ କି ନାହିଁ ଆଶଙ୍କା ରହିଥିଲା। ବିରଳ କଇଁଛ ଗହୀରମଥାରେ ଗଣ-ଅଣ୍ଡାଦାନରେ ସାମିଲ ହୋଇଥିବା ବେଳେ ଋଷୀକୂଲ୍ୟାରେ ଚଳିତବର୍ଷ ଗଣ-ଅଣ୍ଡାଦାନ ହୋଇନଥିଲା। ଦୀର୍ଘ ୪୫ରୁ ୬୦ଦିନ ଭିତରେ ପ୍ରକୃତିର ନିୟମ ଅନୁସାରେ ଅଣ୍ଡାଗୁଡ଼ିକରୁ ଶାବକ ଜନ୍ମ ନେଇ ସମୁଦ୍ରକୁ ଯିବା ସମୟର ଅପୂର୍ବ ଦୃଶ୍ୟ ବେଶ୍ ମନମୁଗ୍ଧକର। ଅଣ୍ଡାଗୁଡ଼ିକରୁ ଛୁଆ ଫୁଟିବା ସମୟରେ କୁଆ, ବିଲୁଆ, ଛଞ୍ଚାଣ ପ୍ରଭୃତିଙ୍କ ଦାଉରୁ ଅଣ୍ଡାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

### ଓଡ଼ିଶାରେ ପ୍ରଭାବହୀନ କେନ୍ଦ୍ରୀୟ ନେତାଙ୍କ ପ୍ରଚାର: ପାଣ୍ଡିଆନ

# ମୁଖ୍ୟମନ୍ତ୍ରୀଙ୍କୁ ପ୍ରଭାବିତ କରିପାରେ ନାହିଁ ନିନ୍ଦା-ପ୍ରଶଂସା

**ଭୁବନେଶ୍ୱର, ୨୩।୫(ସମିସ):** ସାଧାରଣ ଓ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶାକୁ ଘନଘନ ଗସ୍ତ କରୁଛନ୍ତି ଉଭୟ ବିଜେପି ଓ କଂଗ୍ରେସର ଜାତୀୟ ନେତା। ଦଳର ଜାତୀୟ ନେତାମାନେ ଗାଁ ଗାଁରେ ପ୍ରଚାର କରୁଛନ୍ତି, ଶୀର୍ଷ ନେତୃତ୍ୱ ପ୍ରତି ସହରରେ ସମାବେଶ କରି ଭୋଟରଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି। ପାଞ୍ଚ ବର୍ଷରେ ଥରେ ଶ୍ରୀମୁଖ ଦେଖାଉଥିବା ଏହି 'ନିର୍ବାଚନ ପର୍ଯ୍ୟଟକ' ଅନ୍ୟ ସମୟରେ କେବେ ଦେଖା ଯାଆନ୍ତି ନାହିଁ କିମ୍ବା ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ମୁହଁ ଖୋଲନ୍ତି ନାହିଁ। ଏହାକୁ ରାଜ୍ୟବାସୀ ଠିକ୍ ବୁଝି ସାରିଛନ୍ତି। ଏକାକୀ ନବୀନଙ୍କ ବିରୋଧରେ ବିଜେପିର ଶୀର୍ଷ ନେତୃତ୍ୱଙ୍କଠାରୁ ଆରମ୍ଭ କରି ଶତାଧିକ ଜାତୀୟ ନେତାଙ୍କ ପ୍ରଚାର ସତ୍ତ୍ୱେ ଦଳ ସେପରି କିଛି ସଫଳତା ପାଇବାର ଲକ୍ଷଣ ଦିଶୁନାହିଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଜେଡିର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଅନୁରୂପ ମତ ଦେଇଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରଶ୍ନରେ ସିଧାସିଧା ଶ୍ରୀ ପାଣ୍ଡିଆନ ଏହାର ଉତ୍ତର ରଖିଛନ୍ତି। ଓଡ଼ିଶାରେ କେନ୍ଦ୍ରୀୟ ନେତାଙ୍କ ପ୍ରଚାର ପ୍ରଭାବହୀନ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କାହାର ନିନ୍ଦା ପ୍ରଶଂସା ପ୍ରଭାବିତ କରିପାରେ ନାହିଁ ବୋଲି ସେ କହିଛନ୍ତି।

୨୦୧୪ ଓ ୨୦୧୯ ନିର୍ବାଚନରେ ବି ଅନେକ ନେତା ଆସିଥିଲେ, ଏବେ ୨୦୨୪ରେ ବି ଆସୁଛନ୍ତି; କିନ୍ତୁ ଏହା କିଛି ପ୍ରଭାବ ପଡ଼ିବ ନାହି ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି ଶ୍ରୀ ପାଣ୍ଡିଆନ। ସେ କହିଛନ୍ତି ଯେ ଏଠାକୁ ପ୍ରଚାର ପାଇଁ ଆସୁଥିବା ନେତାମାନଙ୍କର ଓଡ଼ିଶା ସହ କିଛି ସମ୍ପର୍କ ନାହିଁ। ନିର୍ବାଚନ ଚାଲିଛି ଆସୁଛନ୍ତି, ସରିଗଲେ ଆଉ ଆସିବେ ନାହିଁ। ଓଡ଼ିଶାବାସୀ ଜାଣିଛନ୍ତି ନବୀନ ବାବୁ ତାଙ୍କ ପଛରେ ଛିଡ଼ା ହୋଇଛନ୍ତି। ବିରୋଧୀଙ୍କର ଯେଉଁ ନେତୃମଣ୍ଡଳୀ ଏଠାରେ ଅଛନ୍ତି, ସେମାନେ ନିଜ ଅଞ୍ଚଳରୁ ବାହାରି ପାରୁ ନାହାନ୍ତି। ତେଣୁ ସେମାନଙ୍କ ମନୋବଳ ବୃଦ୍ଧି ପାଇଁ ତ କିଏ ନା କିଏ ପ୍ରଚାର କରିବାକୁ ପଡ଼ିବ। ତେଣୁ ନିଜ ଦଳର କର୍ମୀଙ୍କୁ ଉତ୍ସାହିତ କରିବ ପାଇଁ ସେମାନେ ଆସୁଛନ୍ତି।



ସେହିପରି ତାଙ୍କ ଉପରେ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ନେଇ ବିରୋଧୀ ଦଳର ଅପଶବ୍ଦ ପ୍ରୟୋଗ ନେଇ ନିଜର ମନ୍ତବ୍ୟ ରଖିଛନ୍ତି ଶ୍ରୀ ପାଣ୍ଡିଆନ। ସେ କହିଛନ୍ତି ଯେ ମୁଁ ଅତି ଛୋଟିଆ ଲୋକଟେ। ମତେ ବ୍ୟକ୍ତିଗତ ଆକ୍ରମଣକୁ କଲେ ମୋର କିଛି ପ୍ରଭାବ ପଡ଼ିବ ନାହିଁ; କିନ୍ତୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଯେଉଁ ଅଭଦ୍ର ଭାଷା ପ୍ରୟୋଗ କରୁଛନ୍ତି, ଅଶାଳୀନ ବ୍ୟବହାର କରୁଛନ୍ତି ତାହା ଓଡ଼ିଶାବାସୀ ଆଦୌ ସହ୍ୟ କରିବେ ନାହିଁ। ସେମାନେ ଜାଣି ରଖିବା ଉଚିତ୍ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ହୃଦୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଛନ୍ତି। ତାଙ୍କୁ ଅସମ୍ମାନ କରିବା ଅର୍ଥ ଓଡ଼ିଆ ଅସ୍ମିତା ଉପରେ ବହୁତ୍ ବଡ଼ ଆଘାତ ହେବ। ଏହାକୁ ଓଡ଼ିଶାବାସୀ ଆଦୌ ସହିବେ ନାହିଁ, ଏହାର ଉଚିତ୍ ଜବାବ୍ ଦେବେ। ବିଜେପୁରରେ ନିର୍ବାଚନକୁ ୨ ଦିନ ବାକି ଥିଲା। ଆମେ ସର୍ଭେରେ ୨୦ ହଜାର ଭୋଟରେ ଜିତିବୁ ବୋଲି ଜାଣିଥିଲୁ। ମାତ୍ର ସେମାନେ ଗୋଟିଏ ରାତି ଆଗରୁ ମୁଖ୍ୟମନ୍ତ୍ରୀଙ୍କ ଉପରେ ଚପଲ ପକାଇଲେ। ବିଜେଡି ୪୫ ହଜାର ଭୋଟରେ ବିଜୟ ଲାଭ କଲା। ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣର ଜବାବ୍ ଭୋଟ ମାଧ୍ୟମରେ ଦେଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟକାମ ସାରି ଫେରୁଥିବା ବେଳେପୁରୀ ବଡ଼ଦାଣ୍ଡରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅଣ୍ଡାମାଡ଼ ହେଲା। ଏହାପରେ ୩୦ରୁ ସମସ୍ତ ୩୦ ଜିଲ୍ଲା ପରିଷଦ ଆସନରେ ବିଜେପି ହାରିଲା। ୨୦୧୮ରେ ସେମାନେ ୧୨ ଜିଲ୍ଲା ପରିଷଦ ଆସନ ଜିତିଥିଲେ। ଏବେ ମଧ୍ୟ ସେମାନେ ଯାହା କରୁଛନ୍ତି ତାହା ମୁଖ୍ୟମନ୍ତ୍ରୀଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଜଣେ ସନ୍ଥ। ତାଙ୍କୁ ପ୍ରଶଂସା କଲେ ସେ ଖୁସି ହୁଅନ୍ତି ନାହିଁ, କିମ୍ବା ନିନ୍ଦା କଲେ ସେ ଦୁଃଖୀ ହୁଅନ୍ତି ନାହିଁ। ଏସବୁର ଉର୍ଦ୍ଧ୍ୱରେ ସେ ଅଛନ୍ତି। ଲୋକମାନଙ୍କ ହୃଦୟରେ ମୁଖ୍ୟମନ୍ତ୍ରୀ ଅଛନ୍ତି। ମହିଳା ମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ଅନେକ ଲୋକଙ୍କ ନୂଆ ଜୀବନ ନୂଆ ଆଶା ଦେଇଛନ୍ତି। ସେମାନେ ହିଁ ଏହି ଅସମ୍ମାନର ଜବାବ ଦେବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

- ■ ସେମାନେ ୨୦୧୪ ଓ ୨୦୧୯ ରେ ବି ଆସି ପ୍ରଚାର କରିଥିଲେ
- ■ ସେବେ ବି କିଛି ଫଳ ମିଳି ନ ଥିଲା, ଏବେ ବି ମିଳିବ ନାହିଁ
- ■ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ଓଡ଼ିଶାବାସୀ ସହିବେ ନାହିଁ
- ■ ବିଜେପୁର ଅପମାନ, ବଡ଼ଦାଣ୍ଡରେ ଅଣ୍ଡାମାଡ଼ ଏହାର ଉଦାହରଣ

# ମୁମ୍ବାଇ ପୁଲିସର ରିୟଲ ହିରୋ ଥିଲେ ଅରୂପ

**ଭୁବନେଶ୍ୱର, ୨୩।୫(ସମିସ):** ମୁମ୍ବାଇର ପୂର୍ବତନ ପୁଲିସ କମିସନର ତଥା ଢେଙ୍କାନାଳ ପୁଅ ଅରୂପ ପଟ୍ଟନାୟକଙ୍କୁ ପୁରୀ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ କରିଛି। ପୁରୀ ଜିଲ୍ଲାରେ ଦିନକୁ ଦିନ ତାଙ୍କର କ୍ରେଜ୍ ବଢୁଥିବା ବେଳେ ଯୁବ ବର୍ଗଙ୍କ ମଧ୍ୟରେ ସେ ବେଶ୍ ଗ୍ରହଣୀୟ ହୋଇପାରିଛନ୍ତି। ଅରୂପ ପଟ୍ଟନାୟକ ନିଜ ପୁଲିସ ଚାକିରୀ କାଳରେ ଅନେକ ସାହସିକ ପଦକ୍ଷେପ ପାଇଁ ଏକାଧିକବାର ପ୍ରଶଂସିତ ହୋଇଛନ୍ତି। ସେ ରାଷ୍ଟ୍ରପତି ପୁଲିସ ପଦକ ପାଇଛନ୍ତି। ମାତ୍ର ତାଙ୍କ କାର୍ଯ୍ୟକୁ ନେଇ ଏକ ଚଳଚ୍ଚିତ୍ର ନିର୍ମାଣ ହୋଇଥିବା ଓ ଏହି ଚଳଚ୍ଚିତ୍ରରେ ଅରୂପଙ୍କ ଭୂମିକାରେ ସୁପରଷ୍ଟାର ଅକ୍ଷୟ କୁମାର ଅଭିନୟ କରିଥିବା ଅନେକ ଜାଣି ନ ଥିବେ। ଗୁରୁବାର '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସହ ଏକ ଅନୌପଚାରିକ ଆଲୋଚନା ସମୟରେ ଏହାର ସୂଚନା ଦେଇଛନ୍ତି ନିଜେ ଅରୂପ।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ପୁରୀ ଜିଲ୍ଲାର ଏକ ଛୋଟିଆ ଗାଁରେ ତାଙ୍କର ଜନ୍ମ। ସେ ଆଇପିଏସ୍ ପାଇବା ପରେ ମୁମ୍ବାଇରେ ଚାକିରୀ କରିଥିଲେ। ଏହି ସମୟରେ ସେ ଅନେକ କାର୍ଯ୍ୟ କରିବାକୁ ସୁଯୋଗ ପାଇଥିଲେ। ମାଫିଆ ଓ ଅଣ୍ଡରୱାର୍ଲ୍ଡ ବିରୋଧରେ କାର୍ଯ୍ୟ କରି ସେ ପ୍ରଶଂସିତ ହୋଇଥିଲେ। ଏଥିପାଇଁ ତାଙ୍କ ଚରିତ୍ର ଉପରେ 'ଆନ୍' ନାମକ ଏକ ସିନେମା ପ୍ରସ୍ତୁତ ହୋଇଥିଲା ବୋଲି ସେ କହିଛନ୍ତି। ମଧୁର ଭଣ୍ଡାରକରଙ୍କ ନିର୍ଦ୍ଦେଶନାରେ ଏହି ସିନେମାରେ ଶତ୍ରୁଘ୍ନ ସିହ୍ନା, ସୁନୀଲ ସେଟ୍ଟୀ, ପରେଶ ରାୱଲ, ଜ୍ୟାକି ଶ୍ରଫ୍, ଇରଫାନ୍ ଖାଁ, ରବିନା ଟଣ୍ଡନ, ଲାରା ଦତ୍ତ, ଓମପୁରୀ, ରାହୁଲ ଦେବ, ରାଜପାଲ ଯାଦବ, ରବି କିଶନ ପ୍ରମୁଖ ଅଭିନୟ କରିଥିଲେ। ଅରୂପ ପଟ୍ଟନାୟକଙ୍କ ଭୂମିକାରେ ଅକ୍ଷୟ କୁମାର ଅଭିନୟ କରିଥିଲେ ଓ ସିନେମାରେ ଅକ୍ଷୟଙ୍କ ନାମ ଥିଲା ହରିଓମ୍ ପଟ୍ଟନାୟକ। ଏହି ଚଳଚ୍ଚିତ୍ରଟି ୨୦୦୪ରେ ନିର୍ମାଣ କରାଯାଇଥିଲା ଓ ବେଶ୍ ହିଟ୍ ସାବ୍ୟସ୍ତ ହୋଇଥିଲା।

ଅନ୍ୟପକ୍ଷରେ ଅରୂପ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ମଧ୍ୟ କହିଛନ୍ତି। କ୍ୟାନସର ରୋଗୀଙ୍କ ସେବା ପାଇଁ କୋଣାର୍କ କ୍ୟାନସର ଫାଉଣ୍ଡେସନ ଜରିଆରେ ମଧ୍ୟ କାର୍ଯ୍ୟ ଜାରି ରଖିଛନ୍ତି। ଏହାସହିତ 'ଜୀବନ ବିନ୍ଦୁ' ଅଭିଯାନ ଜରିଆରେ ରକ୍ତ ସଂଗ୍ରହ କରିବା ସହ କୋଭିଡ୍ ସମୟରେ କରୋନା ମୃତକଙ୍କ ଶବ ପୋଡ଼ିବାରେ ମଧ୍ୟ ବଡ଼ ଭୂମିକା ତୁଲାଇଥିଲେ। ସେହିପରି 'ଓଡ଼ିଶା ମୋ ପରିବାର' ଯୋଗେ ସେ ବାହାର ରାଜ୍ୟରେ ପ୍ରାଣ ହରାଇଥିବା ଲୋକଙ୍କ ଶବ ଫେରାଇ ଆଣିବାରେ କାର୍ଯ୍ୟ କରିଛନ୍ତି।

- ● 'ଆନ୍' ଫିଲ୍ମରେ ଅରୂପଙ୍କ ଭୂମିକାରେ ଅଭିନୟ କରିଥିଲେ ଅକ୍ଷୟ କୁମାର
- ● ପୁରୀ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି ଅରୂପ ପଟ୍ଟନାୟକ



# କୂଅ ସଫା ବେଳେ ଶ୍ୱାସରୁଦ୍ଧ: ଜଣେ ମୃତ, ୨ ଅସୁସ୍ଥ

**ଦିଗପହଣ୍ଡି, ୨୩।୫(ସମିସ):** ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଗଣିଆନାଳ ଗଣେଶ୍ୱରପୁର ଗାଁରେ କୂଅ ସଫା ବେଳେ ଅଘଟଣ ଘଟିଛି। ଗାଁର ନାରାୟଣ ସାହୁଙ୍କ ବାରିରେ ଥିବା କୂଅ ସଫା କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ବ୍ରହ୍ମପୁର ସଦର ଥାନା ନାରାୟଣପୁର ଗ୍ରାମର ଦିବାକର ସାହୁ। ସେ ନାରାୟଣଙ୍କ ଶାଳକ। କୂଅ ଉଝାଳିବା (ସଫା) ପାଇଁ ସେ ବ୍ୱାଇଁଙ୍କ ଘରକୁ ଆସିଥିଲେ। ଗୁରୁବାର ସକାଳ ପ୍ରାୟ ସାଢ଼େ ୭ଟା ବେଳେ ଏହି ଅଘଟଣ ଘଟିଥିଲା। ସକାଳେ କୂଅରୁ ପଙ୍କ ଉଦ୍ଧାର ନିମନ୍ତେ ଦୁଇ ଶ୍ରମିକ ଦୁର୍ଗା ରାଉତ ଏବଂ ସୁରେଶ ସ୍ୱାଇଁ କୂଅ ଭିତରକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେମାନଙ୍କ ସ୍ୱରଶବ୍ଦ ନ ଶୁଭିବାରୁ ଦିବାକର ଭିତରକୁ ଯାଇ ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବାହାରକୁ ପଠାଇଥିଲେ। କିନ୍ତୁ ଦିବାକର ମଧ୍ୟ କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ଅଚେତ ହୋଇଯାଇଥିଲେ। ଖବର ପାଇ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ତାଙ୍କୁ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିବାକରଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମା' ନା ପିଶାଚୀ! ପକୁଡ଼ି ମାଗିବାରୁ ଝିଅକୁ ମାରି ପୋଡ଼ି ଦେଲା

**ରାଇଘର, ୨୩।୫ (ସମିସ):** ମା' ସାଜିଲା ପିଶାଚୀ। ଅଧିକ ପକୁଡ଼ି ମାଗିବାରୁ ୯ ବର୍ଷର ଝିଅକୁ ଠେଙ୍ଗାରେ ପିଟି ହତ୍ୟା କଲା। ଖାଲି ସେତିକି ନୁହେଁ, ପ୍ରମାଣ ଲୁଚାଇବା ପାଇଁ ମୃତଦେହକୁ ପୋଡ଼ିଦେବା ସହ ଘର ପଛପାଖ ନାଳରେ ପକାଇଦେଲା। ଅଧାପୋଡ଼ା ଶବ ଜବତ ହେବାରୁ ଝିଅ ଆତ୍ମହତ୍ୟା କରିଛି ବୋଲି କହି ପୁଲିସ ଆଗରେ ଅତି ଚମତ୍କାର ନାଟକ ବି କରିଥିଲା। କିନ୍ତୁ ପୁଲିସ୍ ଜେରାରେ ସବୁ ଧରା ପଡ଼ିଗଲା। ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ହଳଦୀ ଗ୍ରାମରେ ଘଟିଥିବା ଏହି ହତ୍ୟାକାଣ୍ଡ ଉପରୁ ପୁଲିସ୍ ଆଜି ପରଦା ଉଠାଇବା ସହ ପିଶାଚିନୀ ମା'କୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ମା' ହେଲା, ତ୍ରିବେଣୀ ମାଝୀ। ଏନେଇ ରାଇଘର ଥାନାରେ ନମ୍ବର ୧୫୭/୨୪ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସୂଚନାନୁଯାୟୀ, ଗତ ୧୬ ତାରିକରେ ହଳଦୀ ଗ୍ରାମର ଏକ ନାଳ ନିକଟରୁ ଲକ୍ଷ୍ମୀଧର ମାଝୀ ଓ ତ୍ରିବେଣୀ ମାଝୀଙ୍କ ୯ ବର୍ଷର ଝିଅ ତୁଳାବାଇ ମାଝୀଙ୍କ ଅର୍ଦ୍ଧଦଗ୍ଧ ଶବକୁ ରାଇଘର ପୁଲିସ ଉଦ୍ଧାର କରିଥିଲା। ତୁଳାବାଇ ଆତ୍ମହତ୍ୟା କରିଥିବା ତ୍ରିବେଣୀ ଥାନାରେ ଏତଲା ଦେଇଥିଲେ। ତୁଳାବାଇ ଚନ୍ଦାହାଣ୍ଡିର ଧରାମାଳ ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ଗ୍ରୀଷ୍ମଛୁଟିରେ ଘରକୁ ଆସିଥିଲା। ତେବେ ଚତୁର୍ଥ ଶ୍ରେଣୀ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣାକୁ ପୁଲିସ୍ ସହଜରେ ଗ୍ରହଣ କରିପାରି ନଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି, ତାହାର ତଦନ୍ତ ନିମନ୍ତେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ତ୍ରିବେଣୀଙ୍କ ଉପରେ ସନ୍ଦେହ ହେବାରୁ ପୁଲିସ ତାକୁ ଥାନାକୁ ଆଣିପଚରାଉଚରା କରିବାରୁ ତୁଳାବାଇର ହତ୍ୟାର ଲୋମ ଟାଙ୍କୁରା କାହାଣୀ ସାମ୍ନାକୁ ଆସିଥିଲା।

- ● ପୁଲିସ୍ ଆଗରେ କରିଥିଲା ଝିଅ ଆତ୍ମହତ୍ୟାର ନାଟକ

# ବିଦ୍ୟୁତ୍ ଆଘାତରେ ମାଆ-ଝିଅ ମୃତ

**ନବରଙ୍ଗପୁର, ୨୩।୫ (ସମିସ):** ପରିବାରର ୬ଜଣ ସଦସ୍ୟଙ୍କ ସହ ତେଲଙ୍ଗାନାର ଶାନ୍ତି ନଗରକୁ ଦାଦନ ପାଇଁ ଯାଇଥିଲେ ମାଆ ଓ ଝିଅ। ସେଠାରେ ବିଦ୍ୟୁତ୍ ଆଘାତ ଯୋଗୁଁ ଚାଲିଗଲା ଉଭୟ ମାଆ-ଝିଅଙ୍କ ଜୀବନ। ମୃତକମାନେ ହେଲେ, ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ସେମଳା ପଞ୍ଚାୟତ ପକନାଗୁଡ଼ା ଗାଁର ବିଦ୍ୟା ବିନ୍ଧାଣିଙ୍କ ସ୍ତ୍ରୀ ବେନି ବିନ୍ଧାଣି (୩୫) ଓ ଝିଅ ବବି ବିନ୍ଧାଣି (୧୬)। ସୂଚନା ଅନୁସାରେ, ବିଦ୍ୟା ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ନେଇ ଇଟାଭାଟିରେ କାମ କରିବା ପାଇଁ ତେଲଙ୍ଗାନାର ଶାନ୍ତିନଗରକୁ ୫ମାସ ପୂର୍ବେ ଯାଇଥିଲେ। ସେଠାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଗୁରୁବାର ସକାଳେ ବେନି ଓ ବବି ଘଟଣାସ୍ଥଳରେ ଟଳି ପଡ଼ିଥିଲେ।

### ଚତୁର୍ଥ ପର୍ଯ୍ୟାୟରେ ୧୨୧ କୋଟିପତି ପ୍ରାର୍ଥୀ

# ସୁବାସିନୀ ସବୁଠୁ ଧନୀ, ଦୁଇ ଜଣ ନିଃସ୍ୱ

**ଭୁବନେଶ୍ୱର,୨୩।୫(ସମିସ):** ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନରେ ୪୨ଟି ବିଧାନସଭା ଆସନ ପାଇଁ ମୋଟ୍ ୩୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଏହି ୩୯୪ ପ୍ରାର୍ଥୀଙ୍କ ମଧ୍ୟରେ ୧୨୧ ଜଣ ଅର୍ଥାତ୍ ୩୧ ପ୍ରତିଶତ କୋଟିପତି ପ୍ରାର୍ଥୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ବିଜେଡିର ୩୭ ଜଣ ବିଜେପିର ୩୦, କଂଗ୍ରେସର ୨୧ ଏବଂ ସିପିଆଇ ଓ ସିପିଆଇଏମ୍‌ର ଜଣେ ପ୍ରାର୍ଥୀ ରହିଛନ୍ତି। ପ୍ରାର୍ଥୀମାନେ ଦେଇଥିବା ସତ୍ୟପାଠକୁ ତର୍ଜମା କରି ଏଡିଆର ଏବଂ ଓଡ଼ିଶା ଇଲେକସନ ୱାଚ୍ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ୧୨୧ କୋଟିପତି ପ୍ରାର୍ଥୀଙ୍କ ମଧ୍ୟରୁ ୪୧ଜଣ ପ୍ରାର୍ଥୀଙ୍କ ସମ୍ପତ୍ତି ୫କୋଟିରୁ ଅଧିକ ରହିଛି। ସେହିଭଳି ୩୬ ପ୍ରାର୍ଥୀଙ୍କ ସମ୍ପତ୍ତି ପରିମାଣ ୨ରୁ ୫କୋଟି ଟଙ୍କା ମଧ୍ୟରେ ହୋଇଥିବାବେଳେ ୮୮ ପ୍ରାର୍ଥୀଙ୍କ ସମ୍ପତ୍ତି ୫୦ ଲକ୍ଷରୁ ୨କୋଟି, ୮୧ ପ୍ରାର୍ଥୀଙ୍କ ସମ୍ପତ୍ତି ୧୦ରୁ ୫୦ଲକ୍ଷ ଏବଂ ୧୪୮ଜଣ ପ୍ରାର୍ଥୀଙ୍କ ସମ୍ପତ୍ତି ୧୦ଲକ୍ଷ ଟଙ୍କାରୁ କମ୍ ରହିଛି। ଧନୀ ପ୍ରାର୍ଥୀଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ବସ୍ତା ବିଧାନସଭାର ବିଜେଡି ପ୍ରାର୍ଥୀ ସୁବାସିନୀ ଜେନା ଶୀର୍ଷରେ ରହିଛନ୍ତି। ତାଙ୍କ ସମ୍ପତ୍ତିର ପରିମାଣ ୧୩୫ କୋଟି ଟଙ୍କାରୁ ଅଧିକ ବୋଲି ସେ ଦର୍ଶାଇଛନ୍ତି।

ସେହିପରି ସିମୁଳିଆର ବିଜେଡି ପ୍ରାର୍ଥୀ ସୁବାସିନୀ ସାହୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ତାଙ୍କ ସମ୍ପତ୍ତିର ପରିମାଣ ୯୧ କୋଟି ଟଙ୍କାରୁ ଅଧିକ ରହିଛି। ତୃତୀୟ ସ୍ଥାନରେ ଭଣ୍ଡାରୀପୋଖରୀର କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ରହିଥିବା ବେଳେ ତାଙ୍କ ସମ୍ପତ୍ତିର ପରିମାଣ ୮୬ କୋଟି ଟଙ୍କାରୁ ଅଧିକ ବୋଲି ସେ ଦର୍ଶାଇଛନ୍ତି। ସେହିପରି ଉଦଳା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ବେଣୁଧର ମହାପାତ୍ର ସବୁଠାରୁ ଗରିବ ପ୍ରାର୍ଥୀ ବୋଲି ନିଜକୁ ଦର୍ଶାଇଥିବା ବେଳେ ତାଙ୍କ ସମ୍ପତ୍ତିର ପରିମାଣ ହେଉଛି ୬୪୫ ଟଙ୍କା ବୋଲି ସେ ଦର୍ଶାଇଛନ୍ତି। ସେହିଭଳି ବସ୍ତା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଝରଣାରାଣୀ ଜେନାଙ୍କ ସମ୍ପତ୍ତିର ପରିମାଣ ୧୦୦୦ ଟଙ୍କା ଥିବାବେଳେ ନିମାପଡ଼ାରୁ ଜୟ ମହାଭାରତ ପାର୍ଟିରୁ ପ୍ରାର୍ଥୀ ହୋଇଥିବା ଗୋପାଳ କୃଷ୍ଣ ବେହେରାଙ୍କ ସମ୍ପତ୍ତିର ପରିମାଣ ୨୬୭୧ ଟଙ୍କା ଦର୍ଶାଯାଇଛି। ଦୁଇଜଣ ପ୍ରାର୍ଥୀଙ୍କର କୌଣସି ସମ୍ପତ୍ତି ନ ଥିବା ସେମାନେ ନିଜ ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଏମାନେ ହେଲେ ଧାମନଗରରୁ ସ୍ୱାଧୀନ ଭାବେ ଲଢୁଥିବା ସଞ୍ଜୟ କୁମାର ଦାସ ଏବଂ କୋରେଇରୁ ଲଢୁଥିବା ଗୋପାଳକୃଷ୍ଣ ମହାନ୍ତି। ଏହି ଦୁଇ ପ୍ରାର୍ଥୀଙ୍କର କୌଣସି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନାହିଁ।

ସେହିଭଳି ମୋଟ୍ ୩୯୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୯୬ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି। ୮୮ଜଣଙ୍କ ନାମରେ ଜଘନ୍ୟ ଅପରାଧିକ ମାମଲା ଥିବାବେଳେ ୧୭ଜଣ ଜଣଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ଏବଂ ୨୦ଜଣଙ୍କ ବିରୁଦ୍ଧରେ ମହିଳାଙ୍କ ବିରୋଧରେ ଅପରାଧ ମାମଲା ରହିଛି। ବିଜେପିର ୪୨ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୨୮ ଜଣଙ୍କ ନାଁରେ ଅପରାଧିକ ମାମଲା ଥିବାବେଳେ ବିଜେଡିର ୪୨ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୩ଜଣ ଏବଂ କଂଗ୍ରେସର ୪୨ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ଜଣଙ୍କ ବିରୋଧରେ ଅପରାଧିକ ମାମଲା ଥିବାବେଳେ ସେମାନେ ନିଜ ନିଜ ସତ୍ୟପାଠରେ ଦର୍ଶାଇଛନ୍ତି।

- ■ ୯୬ଜଣଙ୍କ ନାମରେ ଅପରାଧିକ ମାମଲା
- ■ ବିଜେପିରୁ ସର୍ବାଧିକ ୨୮ ଜଣଙ୍କ ନାଁରେ ରହିଛି ମାମଲା




ଆମେ ବ୍ୟକ୍ତିଗତ ଭାବେ ନାପସନ୍ଦ କରୁଥିବା ବ୍ୟକ୍ତି ସହିତ କିଭଳି ଆଚରଣ କରୁ ତାହା ହିଁ ଆମର ନୈତିକତାକୁ ସୂଚାଏ। । -ଓସ୍କାର ୱାଇଲ୍ଡ

ସକାଳ
THE SAKALA

# ନିର୍ବାଚନ ପ୍ରଚାରରେ ଶିଷ୍ଟାଚାର

ଆସନ୍ତାକାଲି (ଶନିବାର) ଦେଶରେ ଷଷ୍ଠ ପର୍ଯ୍ୟାୟ ଓ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ଭୋଟଦାନ ଅନୁଷ୍ଠିତ ହେବ। ଜୁନ୍ ୧ରେ ସପ୍ତମ ଓ ଅନ୍ତିମ ପର୍ଯ୍ୟାୟ ସହିତ ଦେଶରେ ଓ ଆମ ରାଜ୍ୟରେ ଏକ ଦୀର୍ଘ ନିର୍ବାଚନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସରିବ। ତା'ପରେ ଭୋଟ ଗଣତି, ସରକାର ଗଠନ ପରେ ୨୦୨୪ର ସାଧାରଣ ନିର୍ବାଚନ ଓ ଓଡ଼ିଶା ବିଧାନସଭା ନିର୍ବାଚନ ପ୍ରକ୍ରିୟାର ଅବସାନ ଘଟିବ।

ଏହି ନିର୍ବାଚନରେ, ବିଶେଷକରି ଓଡ଼ିଶାରେ, ଦୁଇଟି କଥା ଦେଖିବାକୁ ମିଳିଛି। ପ୍ରଥମତଃ, ୨୧ ଲୋକସଭା ଓ ୧୪୭ ଆସନ ବିଶିଷ୍ଟ ଓଡ଼ିଶା ବିଧାନସଭା ପାଇଁ ଚାରି ପର୍ଯ୍ୟାୟରେ ନିର୍ବାଚନ କରାଯାଇଛି। ଅପରପକ୍ଷରେ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଭଳି ଅଧିକ ଜନବହୁଳ ରାଜ୍ୟରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଦ୍ୱିତୀୟ କଥାଟି ହେଲା ଏଥର ଓଡ଼ିଶାରେ ପ୍ରଚାର ସମୟରେ ବିରୋଧୀ ଦଳର ତାରକା ପ୍ରଚାରକ ତଥା ଦାୟିତ୍ୱପୂର୍ଣ୍ଣ ନେତାମାନେ ଅଶାଳୀନ ଭାଷା, ଜାତି, ଧର୍ମ, ବର୍ଣ୍ଣ ଓ ଆଞ୍ଚଳିକତାକୁ ଆକ୍ଷେପ କରି ବିରୋଧୀ ପକ୍ଷଙ୍କୁ କଟୁ ସମାଲୋଚନା କରିଛନ୍ତି। ଏହା ନିର୍ବାଚନ ସମ୍ଭାଷଣର ମାନକୁ ନିମ୍ନ କରିବା ସହ ସାଧାରଣରେ ନକାରାତ୍ମକ ଭାବନା ସୃଷ୍ଟି କରିଛି।

ଏହି ଦୁଇ ପ୍ରସଙ୍ଗ ଘେନି ସାଧାରଣରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶା ଭଳି ଅପେକ୍ଷାକୃତ ଛୋଟ ପ୍ରଦେଶରେ ଆଇନ ଶୃଙ୍ଖଳା ପରିସ୍ଥିତି ଭଲ ଥିବା ସତ୍ତ୍ୱେ ଚାରି ପର୍ଯ୍ୟାୟରେ କାହିଁକି ମତଦାନ କରାଯାଉଛି ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଥିଲେ। ଓଡ଼ିଶାର ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ଅଳ୍ପ କେତେକ ସ୍ଥାନରେ ମାଓବାଦୀ କାର୍ଯ୍ୟକଳାପ ସୀମିତ ଥିବାରୁ ରାଜ୍ୟ ପାଇଁ ଦୁଇପର୍ଯ୍ୟାୟ ମତଦାନ ଅଧିକ ଯୁକ୍ତିଯୁକ୍ତ ହୋଇଥା'ନ୍ତା ବୋଲି ମତ ପ୍ରକାଶ ପାଇଛି। ତେବେ ଚାରିପର୍ଯ୍ୟାୟ ମତଦାନ ପାଇଁ କାହିଁକି ଓଡ଼ିଶାକୁ ବଛାଗଲା ତାହାର ଉତ୍ତର କେବଳ ନିର୍ବାଚନ କମିଶନ ହିଁ ଦେଇପାରିବେ। କମିଶନ ଏହାର କାରଣ ପ୍ରକାଶ କରନ୍ତି ନାହିଁ ଏବଂ କରିବାକୁ ମଧ୍ୟ ବାଧ୍ୟ ନୁହନ୍ତି। ତେବେ ତାଙ୍କୁ ସାଧାରଣ ଜନତା ଏଥିପାଇଁ ପ୍ରଶ୍ନ କରୁଛନ୍ତି।

ନିର୍ବାଚନ ବହୁପର୍ଯ୍ୟାୟ ଭିତ୍ତିକ ହେଲେ କେନ୍ଦ୍ରୀୟ ସ୍ତରର ନେତାମାନେ ଗୋଟିଏ ରାଜ୍ୟରେ ପଶି ସେଠାକାର ଶାସକ ଦଳକୁ ଘେରିବାକୁ ଯଥେଷ୍ଟ ସମୟ ଓ ସୁଯୋଗ ପାଆନ୍ତି। ଏଥର ଓଡ଼ିଶାରେ ଶାସକଦଳକୁ ବିଜେପିର କେନ୍ଦ୍ରୀୟ ନେତୃମଣ୍ଡଳୀ ଯେଭଳି ଘେରିବାକୁ ଚେଷ୍ଟା କରୁଛନ୍ତି, ତାହା ରାଜ୍ୟବାସୀ ଦେଖୁଛନ୍ତି। ଆଞ୍ଚଳିକ ଦଳଗୁଡ଼ିକ ସ୍ଥାନୀୟ ସମସ୍ୟା ଓ ରାଜ୍ୟର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ରାଜନୀତି କରିବା ସ୍ୱାଭାବିକ। ସେମାନଙ୍କର ଜାତୀୟ ରାଜନୀତିରେ ବଡ଼ ପ୍ରତ୍ୟକ୍ଷ ଅଭିଳାଷ ନଥାଏ। ଏଭଳି ସ୍ଥିତିରେ ଜାତୀୟ ଦଳମାନେ 'ଡବଲ ଇଂଜିନ୍ ସରକାର' ଏବଂ ଅନ୍ୟ ନକାରାତ୍ମକ ପ୍ରଚାର ଅଭିଯାନ ଦ୍ୱାରା ଆଞ୍ଚଳିତ ଦଳମାନଙ୍କୁ ହଟାଇବା ସବୁବେଳେ ସମ୍ଭବ ହୁଏନାହିଁ। ବିଶେଷକରି ଯେତେବେଳେ ଦୀର୍ଘବର୍ଷର ସ୍ଥିର ସରକାର, ବହୁମୁଖୀ ବିକାଶ ଯୋଜନାର ପ୍ରଚଳନ ଏବଂ ଜନମଙ୍ଗଳ ଓ ସାମାଜିକ ନ୍ୟାୟଭିତ୍ତିକ ଲୋକପ୍ରିୟ କାର୍ଯ୍ୟକ୍ରମର ରୂପାୟନ ମାଧ୍ୟମରେ ବିଜୁ ଜନତା ଦଳ ସରକାର ଓ ଏହାର ମୁଖିଆଙ୍କ ଦ୍ୱାରା ବ୍ୟାପକ ଜନସମର୍ଥନ ହାସଲ ଥାଏ, ସେତେବେଳେ ବିରୋଧୀ ଦଳ ଜାତୀୟ ଶାସକ ଦଳ ହେଲେ ମଧ୍ୟ ପ୍ରାଦେଶିକ ରାଜନୀତିରେ ବଡ଼ ପ୍ରଭାବ ସୃଷ୍ଟି କରିପାରେ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚବିଶବର୍ଷର ଶାସନ ନେତୃତ୍ୱ ନେବା ପରେ ମଧ୍ୟ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ସରକାର ବିରୁଦ୍ଧରେ ଶାସକବିରୋଧୀ ଜନମତ ସୃଷ୍ଟି ହୋଇନାହିଁ। ଏହି ପୃଷ୍ଠଭୂମିରେ ସମୀକ୍ଷକମାନଙ୍କ ମତ ଯେ ଓଡ଼ିଶାରେ ଚାରି ପର୍ଯ୍ୟାୟ ମତଦାନ ବ୍ୟବସ୍ଥା ଲଦି ଦେବା ନିର୍ବାଚନୀ ଦୁରଭିସନ୍ଧି ବୋଲି ବିବେଚନା କରାଯିବ। ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଦେବା ଏବଂ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ନିର୍ବାଚନ ଆୟୋଗଙ୍କ ଦାୟିତ୍ୱ। କେଉଁଠି ଏହା କେନ୍ଦ୍ର ସରକାରଙ୍କ ଚାପର ବଶବର୍ତ୍ତୀ ହେଉଛି ବୋଲି ଲୋକଙ୍କ ମଧ୍ୟରେ ସେ ଭାବନା ସୃଷ୍ଟି ନହେଉ। ଆୟୋଗ ଜନସନ୍ଦେହର ଊର୍ଦ୍ଧ୍ୱରେ ରହୁ।

ଆଉ ଏକ କଥା ହେଲା ଆଚରଣ ବିଧି ପାଳନ କରି ନେତାମାନେ ବାକ୍‌ସଂଯମ ରକ୍ଷା କରିବାର ଆବଶ୍ୟକତା। ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ବା ତାଙ୍କ ଦଳର ରାଜନୈତିକ ଚାଳକମାନଙ୍କ ପ୍ରତି କେନ୍ଦ୍ରୀୟ ନେତା ଓ ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତିବିଶେଷ ଅଶାଳୀନ ଭାଷା ପ୍ରୟୋଗ କରିବା, ଜାତି, ଧର୍ମ ଓ ଆଞ୍ଚଳିକତା ଭିତ୍ତିରେ ସେମାନଙ୍କୁ ନିଶାଣ ଲଗାଇ ଆକ୍ଷେପ କରିବା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ଆହୁରି ଚିନ୍ତାଜନକ ହେଉଛି କିଛି ଇଲେକ୍‌ଟ୍ରୋନିକ୍ସ ଓ ପ୍ରିଣ୍ଟ ମିଡିଆ ଏସବୁ ଆପତ୍ତିଜନକ ଆକ୍ଷେପକୁ ବହୁଳଭାବେ ଏକପାଖିଆ ପ୍ରଚାର କରିବା। ଏଭଳି ପରିସ୍ଥିତି କେବଳ ଓଡ଼ିଶାରେ ନୁହେଁ, ସାରା ଦେଶରେ ସ୍ପଷ୍ଟ ଭାବରେ ଏଥର ଦେଖିବାକୁ ମିଳୁଛି। ଏ ନେଇ ଅଭିଯୋଗ ହେବା ପରେ ନିର୍ବାଚନ କମିଶନ ଉଭୟ ବିଜେପି ଓ କଂଗ୍ରେସକୁ ସତର୍କ କରାଇ ସାରିଛନ୍ତି। ଆଚରଣବିଧି ଅନୁସାରେ ତାରକା ପ୍ରଚାରକମାନେ ଲକ୍ଷ୍ମଣରେଖା ମଧ୍ୟରେ ରହିବା ସହିତ ବାକ୍‌ସଂଯମ ଆଚରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଞ୍ଚପର୍ଯ୍ୟାୟ ମତଦାନ ପରେ ଏହି ନିର୍ଦ୍ଦେଶ ଆସିଛି ଏବଂ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଗତ ସନ୍ଧ୍ୟାରେ ଶେଷ ହୋଇଛି। ଆଉ ମାତ୍ର ଗୋଟିଏ ପର୍ଯ୍ୟାୟ ବାକି ଅଛି। ସଂପୃକ୍ତ ଦୁଇ ଜାତୀୟଦଳ ଏମ୍‌ସିସିର ଯାହା ଉଲ୍ଲଂଘନ କରିବା କଥା କରିସାରିଛନ୍ତି। ଆମ ମତରେ କମିଶନଙ୍କ ଏହି ନିର୍ଦ୍ଦେଶ ଓ ତାଗିଦ ବହୁ ବିଳମ୍ବରେ ଆସିଛି ଏବଂ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ଉପରେ ଯାହା ନକାରାତ୍ମକ ପ୍ରଭାବ ପଡ଼ିବା କଥା ତାହା ପଡ଼ିସାରିଛି।

ଓଡ଼ିଶାର ଶାସକ ଦଳ ଓ ଏହାର ନେତୃତ୍ୱକୁ କୁଭାଷା ପ୍ରୟୋଗ କଲେ ଭୋଟ ମିଳିବ ବୋଲି ଆଶା କରିବା ବୃଥା। ଏହା ଓଷୁଅ ବିକଳରେ ତାଟିଆ କାମୁଡ଼ିବା ଭଳି କଥା ହେଉନି କି? ବିଜେଡି ସରକାର କ୍ରମାଗତ ୨୪ ବର୍ଷ କ୍ଷମତାରେ ରହିବାର ରହସ୍ୟ ହେଲା ଏହା ନିରନ୍ତର ଲୋକଙ୍କ ସହିତ ରହିଛି ଓ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିଆସୁଛି। ବେଶୀ କଥା ନ କହି ନିରବରେ କାମ କରୁଥିବା ସରକାର ପ୍ରତି ସେଥିପାଇଁ ଜନସାଧାରଣ ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ବାରମ୍ବାର ଏହି ଦଳ ଓ ଏହାର ମୁଖିଆଙ୍କୁ ବିଜୟୀ କରାଉଛନ୍ତି। ବିଜେଡିର ସଂଗଠନ ତୃଣମୂଳସ୍ତରରୁ ଅତ୍ୟନ୍ତ ସୁଦୃଢ଼ ଏବଂ ଶୀର୍ଷ ନେତୃତ୍ୱ ଅତ୍ୟନ୍ତ ଦକ୍ଷ ତଥା ଲୋକପ୍ରିୟ। ନିର୍ବାଚନ ରଣନୀତିରେ ଗୋଟିଏ ସ୍ଥିର ଜନପ୍ରିୟ ସରକାରର ଦୃଢ଼ ବିକଳ୍ପ ଭାବେ ନିଜକୁ ଜନତାଙ୍କ ଆଗରେ ଉପସ୍ଥାପିତ କରିବାକୁ ହେଲେ ବଡ଼ ବଡ଼ ଜାତୀୟ ରାଜନୈତିକ ଦଳମାନଙ୍କୁ ବିଶେଷ ଗୁରୁତ୍ୱ ଦେଇ ବିକାଶ ଓ ଜନମଙ୍ଗଳ ଯୋଜନାର ନକ୍ସାମାନ ଉପସ୍ଥାପନା କରିବାକୁ ପଡ଼ିବ। ବିଶେଷକରି ଦୃଢ଼ ଜାତୀୟତାବାଦ ନାଁରେ ଧାର୍ମିକ ଆସ୍ଥା, ଜାତି, ଭାଷା, ସଂସ୍କୃତି ଓ ପ୍ରାଦେଶିକ ଅସ୍ମିତା ଆଦି ତତ୍ତ୍ୱର ରାଜନୀତିକରଣ କରିବା ସେମାନଙ୍କ ପକ୍ଷରେ ଶୋଭନୀୟ ନୁହେଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ନିକଟରେ ଯେଉଁଭଳି ଅଶୋଭନୀୟ ଅବତାରଣା ନିର୍ବାଚନ ପ୍ରସଙ୍ଗରେ କରାଗଲା ତାହାଠାରୁ ବଳି ଅନୈତିକ ରାଜନୀତି ଆଉ କ'ଣ ହୋଇପାରେ?

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ନିର୍ବାଚନରେ 'ନୋଟା'ର ଗୁରୁତ୍ୱ



ରାକେଶ ପଣ୍ଡା
ଟାଙ୍ଗୀ(କଟକ), ମୋ: ୯୩୩୭୮୯୭୬୫୦

ଗଣତନ୍ତ୍ରରେ ସାଧାରଣ ନିର୍ବାଚନ ପ୍ରକ୍ରିୟାର ବିଶେଷତ୍ୱ ହେଉଛି ଦେଶର ପ୍ରତ୍ୟେକ ନାଗରିକ ତଥା ଭୋଟ ଜରିଆରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ବାଛିବାର ଅଧିକାର। ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଧିକାର, ଯାହା ପ୍ରତ୍ୟେକ ନାଗରିକଙ୍କୁ ସମ୍ବିଧାନ ଦ୍ୱାରା ଦିଆଯାଇଛି। ଉକ୍ତ ଅଧିକାର ଏକ ସକାରାତ୍ମକ ଭାବନାରୁ ଜନ୍ମ ହୋଇଛି ଯେ ସାଧାରଣ ନାଗରିକମାନେ ମଧ୍ୟ ଦେଶର ନେତୃତ୍ୱ ସମାନ ଭାବରେ ନିର୍ଣ୍ଣୟ କରିବା ଉଚିତ୍। ଏହାର ଅର୍ଥ ହେଉଛି ପ୍ରାର୍ଥୀ ଚୟନ କରିବା, ପ୍ରତ୍ୟାଖ୍ୟାନ ନୁହେଁ। ଏହା ସତ୍ତ୍ୱେ ଯଦି ଜଣେ ଭୋଟର ନିର୍ବାଚନ କ୍ଷେତ୍ରର ସମସ୍ତ ପ୍ରତିଯୋଗୀ ତଥା ପ୍ରାର୍ଥୀଙ୍କୁ ଅଯୋଗ୍ୟ ବୋଲି ବିବେଚନା କରିବାକୁ ଚାହାନ୍ତି, ତେବେ ତାଙ୍କ ନିକଟରେ କେବଳ ଦୁଇଟି ବିକଳ୍ପ ବାକି ରହିଥାଏ। ପ୍ରଥମତଃ, ସେ ଭୋଟ୍ ଦେବାକୁ ଯିବେ ନାହିଁ କିମ୍ବା ଇଭିଏମ୍‌ରେ ନାପସନ୍ଦ ସାବ୍ୟସ୍ତ କରିବାର ବ୍ୟବସ୍ଥାକୁ ଉପଯୋଗ କରିବେ। ଏହି ପରିପ୍ରେକ୍ଷୀରେ 'ନୋଟା' (ନନ୍ ଅଫ୍ ଦି ଏବୋଭ) ବିଷୟରେ ଆଲୋଚନା ପ୍ରାସଙ୍ଗିକ ଅଟେ। ଏହା 'ପ୍ରତ୍ୟାଖ୍ୟାନର ଅଧିକାର' (ରାଇଟ୍ ଟୁ ରିଜେକ୍ଟ) ଅଧୀନରେ ଭୋଟରମାନଙ୍କ ନିମନ୍ତେ ଏକ ବିକଳ୍ପ ବ୍ୟବସ୍ଥା ଅଟେ। ନିର୍ବାଚନ ପ୍ରକ୍ରିୟାରେ ଯଦି ଜଣେ ଭୋଟର କୌଣସି ପ୍ରାର୍ଥୀ ତାଙ୍କର ପସନ୍ଦ ନୁହନ୍ତି କିମ୍ବା କାହାକୁ ମଧ୍ୟ ଭୋଟ୍ ଦେବାକୁ ଚାହୁଁନାହାନ୍ତି, ତେବେ ସେ 'ନୋଟା' ଲେଖାଥିବା ବଟନ୍ ଟିପି ନିଜର ମତାଧିକାର ସାବ୍ୟସ୍ତ କରିପାରିବେ।

ଓଡ଼ିଆରେ 'ନୋଟା'ର ଅର୍ଥ ହେଉଛି 'ଉପରୋକ୍ତ ମଧ୍ୟରୁ କେହି ନୁହେଁ'। ଅର୍ଥାତ୍ ଉପରୋକ୍ତ ପ୍ରାର୍ଥୀଙ୍କ ମଧ୍ୟରୁ କୌଣସି ଜଣେ ମଧ୍ୟ ଯୋଗ୍ୟ ନୁହନ୍ତି। କିନ୍ତୁ ନିର୍ବାଚନ ପ୍ରକ୍ରିୟାରେ 'ନୋଟା' ଏକ ଭୌତିକ ପ୍ରାର୍ଥୀ ନୁହେଁ। ନିର୍ବାଚନ ପ୍ରାର୍ଥୀ ଯେକୌଣସି ହାଡ଼, ମାଂସ ଏବଂ ରକ୍ତଧାରୀ ବ୍ୟକ୍ତି ହୋଇଥା'ନ୍ତି। ଏପରି ପରିସ୍ଥିତିରେ କାହାକୁ ଭୋଟ୍ ନ ଦେବା ଅଧିକାର ଅଧୀନରେ 'ନୋଟା'ର ଅସ୍ତିତ୍ୱ ଏକ ଅପାର୍ଥିବ ତଥା କଳ୍ପିତ ବିକଳ୍ପ ଅଟେ। ଯାହା ମାଧ୍ୟମରେ ପ୍ରତ୍ୟାଖ୍ୟାନର ଯଥାର୍ଥତା ନିର୍ଣ୍ଣୟ ହୋଇପାରିବ ନାହିଁ। ଅଧିକନ୍ତୁ, ଏହା ବ୍ୟକ୍ତିଗତ ଚୟନର ଧାରଣା ବଜାୟ ରଖିବା ସହିତ ଏକ ଚୟନକର୍ତ୍ତାଙ୍କ ପରିଚୟକୁ ସୁରକ୍ଷା ଦେଇଥାଏ।

ସର୍ବପ୍ରଥମେ ୧୯୭୬ ମସିହାରେ ଆମେରିକାରେ କାଲିଫର୍ଣ୍ଣିଆ ରାଜ୍ୟର ସାଣ୍ଟାବାର୍ବାରା ଜିଲ୍ଲାର ମ୍ୟୁନିସିପାଲିଟି ସୂଚନା ପରିଷଦରେ 'ନୋଟା' କାର୍ଯ୍ୟକାରୀ କରାଯାଇଥିଲା। ଭାରତରେ ପିୟୁସିଏଲ ମଧ୍ୟ 'ନୋଟା' ଲାଗୁ କରିବାକୁ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲା। ମାନ୍ୟବର ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରିଥିଲେ ଏବଂ ତାଙ୍କର ନିର୍ଦ୍ଦେଶକ୍ରମେ ପ୍ରାଥମିକ ପର୍ଯ୍ୟାୟରେ ୨୦୧୩ ମସିହାରେ ଛତିଶଗଡ଼, ମିଜୋରାମ, ରାଜସ୍ଥାନ ଓ




ମଧ୍ୟପ୍ରଦେଶର ବିଧାନସଭା ନିର୍ବାଚନରେ ନିର୍ବାଚନ ଆୟୋଗ 'ନୋଟା' କାର୍ଯ୍ୟକାରୀ କରିଥିଲେ। ଏହି ପରିପ୍ରେକ୍ଷୀରେ, ବର୍ତ୍ତମାନ ପ୍ରଶ୍ନ ହେଉଛି ଯେ 'ନୋଟା'କୁ ମଧ୍ୟ ଏକ ପ୍ରାର୍ଥୀ ଭାବରେ ବିବେଚନା କରାଯିବା ଉଚିତ କି' ନୁହେଁ? ଆଜି ପର୍ଯ୍ୟନ୍ତ ନିର୍ବାଚନ ଆୟୋଗ 'ନୋଟା'କୁ ଏକ କାଳ୍ପନିକ ପ୍ରାର୍ଥୀ ଭାବରେ ବିବେଚନା କରିଛନ୍ତି, ତେଣୁ ଏହାର କେବଳ ସାଙ୍କେତିକ ଗୁରୁତ୍ୱ ରହିଛି। ସେଥିରେ ଦିଆଯାଇଥିବା ଭୋଟ୍ ନିର୍ବାଚନ ଫଳାଫଳକୁ ସିଧାସଳଖ ପ୍ରଭାବିତ କରେ ନାହିଁ। ଅନେକ ଲୋକ ବିଶ୍ୱାସ କରନ୍ତି ଯେ 'ନୋଟା'ର ଧାରଣା ମୂଳତଃ ଏକ ନକାରାତ୍ମକ କିମ୍ବା ବିରକ୍ତିକର ଚିନ୍ତାଧାରାରୁ ଜନ୍ମ ହୋଇଥିଲା। କିନ୍ତୁ ଆଉ କେତେକ ମହଲ 'ନୋଟା'କୁ 'ପ୍ରତ୍ୟାଖ୍ୟାନ କରିବାର ଅଧିକାର' ଅଧୀନରେ ପୂର୍ଣ୍ଣ ପ୍ରାର୍ଥୀର ମାନ୍ୟତା ଦେବାକୁ ଦାବି କରୁଥିବା ଦେଖାଯାଉଛି। ଜଣେ ସୁପରିଚିତ ପ୍ରେରଣାଦାୟକ ବକ୍ତା ସୁପ୍ରିମକୋର୍ଟରେ ଏକ ଆବେଦନ କରିଛନ୍ତି ଯେ 'ନୋଟା'କୁ ମଧ୍ୟ ପ୍ରକୃତ ପ୍ରାର୍ଥୀ ଭାବରେ ବିବେଚନା କରାଯିବା ଉଚିତ। ଯଦି ସୁପ୍ରିମକୋର୍ଟ ଆବେଦନକାରୀଙ୍କ ଆବେଦନକୁ ଗ୍ରହଣ କରନ୍ତି, ତେବେ ଆଗକୁ ଅନେକ ସ୍ଥାନରେ ପ୍ରାର୍ଥୀ ଏବଂ 'ନୋଟା' ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ମଧ୍ୟ ରହିଛି।

୨୦୨୧ ମସିହାରେ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ପଚାରିଥିଲେ ଯେ ଏକ ନିର୍ବାଚନରେ ଯଦି 'ନୋଟା'ରେ ସର୍ବାଧିକ ସଂଖ୍ୟକ ଭୋଟ୍ ପଡ଼ିଥାଏ ତେବେ ସେ କ୍ଷେତ୍ରରେ ନିର୍ବାଚନରେ ଭାଗ ନେଇଥିବା ସମସ୍ତ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ ବା ପରାଜିତ ଘୋଷଣା କରାଯାଇପାରିବ କି? ୨୦୨୨ ମସିହାରେ ଦିଲ୍ଲୀ ରାଜ୍ୟ ନିର୍ବାଚନ ଆୟୋଗ ଘୋଷଣା କରିଛନ୍ତି ଯେ ଯଦି 'ନୋଟା' ସର୍ବାଧିକ ଭୋଟ୍ ହାସଲ କରେ ତେବେ ଫଳାଫଳ ତୁରନ୍ତ ଘୋଷିତ ହେବ ନାହିଁ। ଉକ୍ତ ରିପୋର୍ଟକୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟକୁ ପଠାଯିବ। ତା'ପରେ ରାଜ୍ୟ ନିର୍ବାଚନ ଆୟୋଗ ଆସନ ସମ୍ବନ୍ଧୀୟ ନୂତନ ନିର୍ବାଚନ ଘୋଷଣା କରିବେ। ଏହି ପରିପ୍ରେକ୍ଷୀରେ, ଏକ ପ୍ରସ୍ତାବ ହିସାବରେ ଏହା କୁହାଯାଇପାରେ ଯେ ଯଦି ନୋଟା ସର୍ବାଧିକ ସଂଖ୍ୟକ ଭୋଟ୍ ଗ୍ରହଣ କରେ ତେବେ ସେହି ନିର୍ବାଚନମଣ୍ଡଳୀରେ ନୂତନ ଏବଂ ନୂତନ ପ୍ରାର୍ଥୀଙ୍କ ସହିତ ପୁନଃ ନିର୍ବାଚନ ଅନୁଷ୍ଠିତ ହେବା କଥା କିମ୍ବା ସେହି ନିର୍ବାଚନମଣ୍ଡଳୀ ରାଜ୍ୟପାଳଙ୍କ ଦ୍ୱାରା ଶାସିତ ହେବା ଉଚିତ୍। ନୈତିକତା ଓ ରାଜନୈତିକ ସ୍ୱଚ୍ଛତା ଦୃଷ୍ଟିକୋଣରୁ ପୁନଃ ନିର୍ବାଚନ କରିବା ବେଳେ 'ନୋଟା' ଯୋଗୁଁ ହାରିଥିବା ରାଜନୈତିକ ଦଳଗୁଡ଼ିକର ପ୍ରାର୍ଥୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ (ଉଦାହରଣ ସ୍ୱରୂପ, ୫ ବର୍ଷ) ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିବାକୁ ଅନୁମତି ଦିଆ ନ ଯିବା ଉଚିତ।

ଭୋଟରଙ୍କ ମଧ୍ୟରେ 'ନୋଟା' ବିଷୟରେ ଏକ ସାମାନ୍ୟ ଧାରଣା ଥିଲା। କିନ୍ତୁ ମଧ୍ୟପ୍ରଦେଶରେ ୨୦୧୮ ମସିହାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଦୁଇ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଭୋଟର ପାର୍ଥକ୍ୟ ଏକ ପ୍ରତିଶତରୁ କମ୍ ଥିଲା। ଏହା ଅପେକ୍ଷା 'ନୋଟା' ଅଧୀନରେ ଅଧିକ ଭୋଟ୍ ପଡ଼ିଥିଲା। ଯଦି ଉକ୍ତ ଭୋଟ୍ କୌଣସି ଗୋଟିଏ ଦଳର ସପକ୍ଷରେ ଯାଇଥା'ନ୍ତା, ତେବେ ସେହିଦଳ ସମ୍ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥା'ନ୍ତା। ୨୦୧୪ ଲୋକସଭା ନିର୍ବାଚନରେ ପ୍ରଥମ ଥର ପାଇଁ 'ନୋଟା'ର ବ୍ୟବସ୍ଥା କରାଯାଇଥିଲା। ମୋଟ ଭୋଟର ୧.୦୮ ପ୍ରତିଶତ 'ନୋଟା' ଅଧୀନରେ ପଡ଼ିଥିଲା। କିନ୍ତୁ ୨୦୧୯ ରେ ପୂର୍ବ ଅପେକ୍ଷା ନୋଟାର ଅଂଶ ୧.୦୬ ପ୍ରତିଶତକୁ ଖସି ଆସିଥିଲା। ଏହା ଦେଖିବାକୁ ବାକି ରହିଲା ଯେ ଚଳିତ ବର୍ଷ ସାଧାରଣ ନିର୍ବାଚନରେ କେତେ ଲୋକ ନୋଟା ପସନ୍ଦ କରୁଛନ୍ତି। ଯଦି ଏହି ଅଂଶ ସମୟକ୍ରମେ, ଅଧିକରୁ ଅଧିକ ବଢ଼ିବାରେ ଲାଗେ ତେବେ ରାଜନୈତିକ ଦଳଗୁଡ଼ିକ ପାଇଁ ଏହା ଏକ ବଡ଼ ବିପଦ ତଥା ନକାରାତ୍ମକ ସଙ୍କେତର ଘଣ୍ଟି ସାଜିପାରେ।

'ନୋଟା'କୁ ଭାରତୀୟ ଗଣତନ୍ତ୍ରର ପରିପକ୍ୱତା ବୋଲି ବର୍ଣ୍ଣନା କରାଯାଇପାରେ। ଆଜି ଦେଶର ପ୍ରତ୍ୟେକ ନାଗରିକ ନିଜର ଅସନ୍ତୋଷ ବ୍ୟକ୍ତ କରିବାକୁ 'ନୋଟା' ବ୍ୟବସ୍ଥାକୁ ଏକ ବିକଳ୍ପ ଭାବେ ଗ୍ରହଣ କରୁଛନ୍ତି। ନାଗରିକମାନେ ଗଣତାନ୍ତ୍ରିକ ଭାବରେ ବିରୋଧ କରିବାକୁ ନିଷ୍ପତ୍ତି ନେବାରେ 'ନୋଟା' ଏକ ଅସ୍ତ୍ର ସାଜିଛି। ଉଦାହରଣ ସ୍ୱରୂପ ବାସଗୃହ, ସଡ଼କ, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ଆଦି ଭଳି ମୌଳିକ ଆବଶ୍ୟକତା ପୂରଣ କରିବାରେ ସରକାରଙ୍କ କ୍ରମାଗତ ବିଫଳତା ବିରୋଧରେ 'ନୋଟା' ଏକ ଶକ୍ତିଶାଳୀ ଅସ୍ତ୍ର।

'ନୋଟା'ର ସକାରାତ୍ମକ ବିନ୍ଦୁ ହେଉଛି, ଆଗାମୀ ସମୟରେ ରାଜନୈତିକ ଦଳଗୁଡ଼ିକ ସ୍ୱଚ୍ଛ ପୃଷ୍ଠଭୂମିକୁ ଆଧାର କରି ପ୍ରାର୍ଥୀମାନଙ୍କୁ ନିର୍ବାଚନ ଲଢ଼ିବା ନିମନ୍ତେ ନିର୍ଣ୍ଣୟ କରାଯିବା ଦିଗରେ ବେଶ୍ ସତର୍କତା ଅବଲମ୍ବନ କରିବେ। ନିର୍ବାଚନରେ ବିଜୟ ଲାଭ କରୁଥିବା ପ୍ରାର୍ଥୀମାନେ ଦେଶର ସାଧାରଣ ସଭାର ଅଂଶ ହୁଅନ୍ତି। ତେଣୁ ଆପରାଧିକ କିମ୍ବା ଅନୈତିକ ତଥା ବିବାଦୀୟ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନ'କରିବା ଆବଶ୍ୟକ ବୋଲି ରାଜନୈତିକ ଦଳଗୁଡ଼ିକ ଚିନ୍ତା କରିବେ। ଜଣେ ନାଗରିକ ସ୍ୱାଧୀନ ପ୍ରାର୍ଥୀ ହେବା ନିମନ୍ତେ ମଧ୍ୟ ଚାରିତ୍ରିକ ଆତ୍ମବିଶ୍ଳେଷଣ ଓ ଯୋଗ୍ୟତା ଭିତ୍ତିକ ଆତ୍ମସମୀକ୍ଷା ନିଶ୍ଚେ କରିବେ। ଏହାଫଳରେ ଦେଶର ସମଗ୍ର ରାଜନୈତିକ ପରିସ୍ଥିତିରେ ଏକ ନାଟକୀୟ ପରିବର୍ତ୍ତନ ସମ୍ଭବ ହୋଇପାରିବ ଏବଂ ଦେଶରେ ଏକ ସ୍ୱଚ୍ଛ ରାଜନୈତିକ ତଥା ଗଣତାନ୍ତ୍ରିକ ପରିବେଶ ସୃଷ୍ଟି କରିବାରେ 'ନୋଟା' ବଡ଼ ଭୂମିକା ଗ୍ରହଣ କରିପାରିବ।

# ଆପଣ କେଉଁ ଦଳର...



ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪୫୩୭୧୦

ରୁହନ୍ତୁ...ରୁହନ୍ତୁ.. ମୁଁ ଜାଣେ, ଆପଣ ଭାବି ସାରିଲେଣି ଯେ, ନିଶ୍ଚିତ ଭାବେ ଏହା ଏକରାଜନୈତିକ ପ୍ରଶ୍ନ। ହଁ, ଏବେ ଏବେ ନିର୍ବାଚନର ପରିବେଶ ଯେପରି, ଆପଣ ଏପରି ଭାବିବାଟା ଅତ୍ୟନ୍ତ ସ୍ୱାଭାବିକ କଥା। ହେଲେ ଆଜ୍ଞା, ମୁଁ କିଏ ଆଉ ରାଜନୀତି କିଏ...! ଚଷା କି ଜାଣେ ପଶାର କଥା! ରାଜନୀତି ପରି ଗହନ ପାଠରେ ମୁଣ୍ଡ ପୂରେଇବାକୁ, ଆମପରି ମଳିମୁଣ୍ଡିଆଙ୍କ ମୁଣ୍ଡରେ ମସଲା କାଇଁ? ହଉ, ଏଥର ଆସୁଚି ସିଧା ସିଧା ବିଷୟ ଉପରକୁ।

ଏକଦା ଅରଣ୍ୟରେ ଲାଗିଗଲା ନିଆଁ। ଶୁଖିଲା ପତ୍ରଗୁଡ଼ିକ ହୂତହୂତ ହୋଇ ଜଳି ଉଠିଲେ। ନିଆଁର ଭାଇ ପବନ କହିଲା, ରହ ଭାଇ ତୁ ଏକା ପାରିବୁ ନାହିଁ। ଯୋଡ଼ାକୁ ଘୋଡ଼ା ସରି ନୁହେଁ। ଦୁହେଁ ମିଶିଲେ ଏ ଅରଣ୍ୟକୁ ମୁହୂର୍ତ୍ତରେ ଦେବା ପାଉଁଶ କରି। ବାସ୍ ସମଗ୍ର ଅରଣ୍ୟରେ ନିଆଁ ବ୍ୟାପିଗଲା। କେତେକ ଜୀବଜନ୍ତୁ ଜୋର୍‌ରେ ଦୌଡ଼ି ନିଆଁଠାରୁ ଯଥେଷ୍ଟ ଦୂରକୁ ଚାଲିଗଲେ। ଯେଉଁମାନେ ପଳାୟନ କରିବାକୁ ଅକ୍ଷମ ଥିଲେ ସେମାନେ ବିଚରା ଜୀବନ ହାରିଲେ। କିନ୍ତୁ ହାତ ମୁଠା ଏଡ଼ିକିକୁନି ଚଢ଼େଇଟିଏ ଡେଣା ମେଲି ଉଡ଼ି ଯାଉଥିଲା ଓ ନିକଟରେ ଥିବା ନଦୀରେ ବୁଡ଼ ମାରି ନିଜ ଡେଣାରେ ପାଣି ଆଣି ଝାଡ଼ି ଦେଉଥିଲା ନିଆଁ ଲାଗିଥିବା ସ୍ଥାନରେ। ଜଙ୍ଗଲ ଛାଡ଼ି ନିଜ ଦଳ ସହିତ ପଳାଉ ଥିବା ହାତୀ ଦଳର ଦଳପତି, ବଡ଼ ଦନ୍ତା ହାତୀଟି ସେଇ ଚଢ଼େଇକୁ ବାରମ୍ବାର ଏପରି କରୁଥିବାର ଦେଖି ପଚାରିଲା, ଟିକି ଚଢ଼େଇ, ତୁ କ'ଣ ଭାବୁଚୁ ତୋର ଏଇ ଟିକି ଡେଣାରେ ଆଣିଥିବା ପାଣିରେ ଏ ବିରାଟ ଅରଣ୍ୟର ନିଆଁ ଲିଭି ଯାଇପାରିବ? ଟିକି ଚଢ଼େଇ ନିଜ ଟିକି ମୁଣ୍ଡଟିକୁ ବୁଲେଇ ଚାହିଁ କହିଲା, ନା ମହାରାଜ ମୋ ଟିକି ଡେଣାରେ ଏତେ ଶକ୍ତି କାହିଁ ଯେ ଏଇ ଅରଣ୍ୟର ନିଆଁ ଲିଭାଇ ପାରିବ, କିନ୍ତୁ ମତେ ଯେତେବେଳେ ଅରଣ୍ୟ ଦେବତା ପଚାରିବେ ଅରଣ୍ୟରେ ନିଆଁ ଲାଗି ଥିଲା ବେଳେ ତୁ କେଉଁ ଦଳରେ ଥିଲୁ? ଅରଣ୍ୟର ନିଆଁରେ ନିଜକୁ ଝାସ ଦେଇଥିବା ଦଳରେ ନା ଅରଣ୍ୟ ଛାଡ଼ି ପଳାୟନ କରିବା ଦଳରେ ନା ନିଆଁ ଲିଭାଇବାରେ ସାହାଯ୍ୟ କରିବା ଦଳରେ? ମୁଁ ତାଙ୍କୁ ଖୁସିରେ କହି ପାରିବି ଯେ ପ୍ରଭୁ ମୁଁ ନିଆଁ ଲିଭାଇବା ଦଳରେ ଥିଲି। ଏହା ଶୁଣି ହାତୀଙ୍କ ଦଳପତି କ୍ଷଣେ ରହିଗଲା। ମନେ ମନେ ବିଚାର କଲା ଟିକି ଚଢ଼େଇଟିର ଏପରି ମହତ୍ ଭାବନା! ବାସ୍ ଦଳପତିଙ୍କ ନିର୍ଦ୍ଦେଶରେ ପ୍ରାୟ ପଚାଶ ସରିକି ହାତୀ ନିଜ ଶୁଣ୍ଢରେ ନଦୀରୁ ପାଣି ନେଇ ଅରଣ୍ୟର ନିଆଁ ଲିଭାଇବା ପାଇଁ ଉଦ୍ୟମ କଲେ।

ଏହା ତ ଥିଲା କାହାଣୀ ଟିଏ। ଆସନ୍ତୁ କହିବି ସତ କଥାଟିଏ। ନିକଟରେ ବାଣୀବିହାର ରାସ୍ତା ଦେଇ ଗଲା ବେଳେ କିଛି ସମୟ ପାଇଁ ଗୋଟିଏ ଔଷଧ ଦୋକାନରେ ଅଟକି ଥିଲି। ଷଣ୍ଢଟିଏ



ଛୋଟେଇ ଛୋଟେଇ ପଛ ଗୋଡ଼ ଘୋଷାରି ଘୋଷାରି ଚାଲି ଥାଏ। ତାକୁ ଦେଖି ଦୁଃଖ ତ ଲାଗିଲା, କିନ୍ତୁ କରେ କ'ଣ! ବୁଲା ଷଣ୍ଢକୁ ଭୟ କାହାର ନାହିଁ ଯେ! ଯେଡ଼େ ଯେଡ଼େ ଶିଙ୍ଗ ହୋଇଛି ଉଠେଇ କଚାଡ଼ି ଦେଲେ କାମ ସରିଲା। ଅଗତ୍ୟା କେବଳ ଦୁଃଖ କରିବା ଛଡ଼ା ଆଉ ଅନ୍ୟ ଉପାୟ ନଥିଲା। ଏଇ ସମୟରେ ଦେଖିଲି ଦରଦୀ ପିଲାଟିଏକୁ। ସ୍କୁଟିରେ ବସି ଆଗକୁ ଚାଲି ଯାଉ ଯାଉ ହଠାତ୍ ସେ ଫେରି ଆସିଲା। ଷଣ୍ଢର ପିଠିକୁ ଧୀରେ ଧୀରେ ଆଉଁସି ଦେଲା। ଷଣ୍ଢ ବି ରହିଯାଇ ତାକୁ ସତେଯେମିତି ବିକଳ ହୋଇ ଚାହିଁ କିଛି କହିବାକୁ ଚାହୁଁଥିଲା। ପିଲାଟି ଟିକେ ନଇଁ ଯାଇ ଷଣ୍ଢର ପଛ ଗୋଡ଼ରେ ଜୋର୍‌ରେ ଗଣ୍ଠି ପଡ଼ି ଯାଇଥିବା ପଲିଥିନ୍‌ଟିକୁ ଛିଣ୍ଡାଇ ଦେଇ ନିଜ ପାଣି ବୋତଲରୁ ପାଣି ଢାଳି ଖଣ୍ଡିଆଟିକୁ ଧୋଇ ଦେଲା। ଆଉ ଦୋକାନରୁ ମଲମ ଟିକେ ନେଇ ସେଇ ଖଣ୍ଡିଆ ଦେହରେ ଲଗାଇ ଚାଲି ଗଲା ବେଳକୁ ମୁଁ ପଚାରିଲି, ତୁମକୁ ଡର ଲାଗିଲା ନାହିଁ। ସେ ହସି ଦେଇ କହିଲା, ଡର ଲାଗିଲା ଯେ, କିନ୍ତୁ ତା'କୁ ଭାରି କଷ୍ଟ ହେଉଥିଲା, ସେ ଚାଲି ପାରୁ ନଥିଲା ତ...। ମୁଁ ତା'କୁ ଆଉ କିଛି ପଚାରି ଥା'ନ୍ତି, କିନ୍ତୁ ସେ 'ମୋର ପରୀକ୍ଷା ଅଛି ଡେରି ହେଇଗଲାଣି, ମୁଁ ଆସୁଚି' କହି ଚାଲିଗଲା। ମୁଁ ଚାହିଁ ରହିଥିଲି ତା'ର ବାଟକୁ। ଆଉ ହୃଦୟ ମୋର ଆନନ୍ଦରେ ପୁଲକିତ ହୋଇ ଉଠୁଥିଲା ଯେ ଆଜି ବି ଈଶ୍ୱରଙ୍କ ଦୟାରୁ ମଣିଷପଣିଆ ଟିକିଏ ସ୍ୱଳ୍ପ ହେଲେ ବି କେତେକଙ୍କ ହୃଦୟରେ ଅଛି ବୋଲି।

ଆମେ ସାଧାରଣ ମଣିଷମାନେ ନିଜ ନିତିଦିନିଆ କାମ ସହିତ ନିଜ ଜୀବନ ପାଇଁ, ନିଜ ଜୀବିକା ପାଇଁ, ନିଜ ସଉକ ପାଇଁ କିଛି ନା କିଛି କାମ କରୁଥାଏ। ମାତ୍ର କାମ କରିବା ପଛରେ ଥିବା ଆମ ଭାବନାଟି ଆମ ଚରିତ୍ରର ପରିଚୟ ପ୍ରଦାନ କରେ। କିଛିଲୋକ ଜୀବନକୁ ବୋଝଟିଏ ପରି ବୋହି ଚାଲିଥା'ନ୍ତି। କିଛିଲୋକ ଜୀବନ ଜିଇଁବାର କଥା ବୋଲି ଜିଇଁଥା'ନ୍ତି। ଆଉ କିଛିଲୋକ ଜୀବନକୁ ଉତ୍ସବଟିଏ ପରି ପାଳନ କରିଥା'ନ୍ତି। ଏପରି ଲୋକମାନେ ସମାଜ ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ରୂପେ ହୋଇଥା'ନ୍ତି ଉଭା। ନିଜେ ନିଜ ଜୀବନ ଜିଇଁବା ସହିତ ଅନ୍ୟକୁ ଜୀବନ ଜିଇଁବାର କଳା ଶିଖେଇ ଦେଇଥା'ନ୍ତି। ସେଇ ସମାନ୍ କଥାକୁ ସେମାନେ ଦେଖନ୍ତି ଭିନ୍ନ ଦୃଷ୍ଟିଭଙ୍ଗୀ ନେଇ। ଉପରୋକ୍ତ କାହାଣୀଟି ହେଉ ବା ହେଉ ଆଖି ଦେଖା ସତ କଥାଟି, ଅନେକ୍‌ଗୁଡ଼ିଏ ଜୀବଜନ୍ତୁଙ୍କ ଭିଡ଼ରେ ଟିକି ଚଢ଼େଇଟି ଓ ଅସଂଖ୍ୟ ଲୋକଙ୍କ ଭିଡ଼ ଭିତରେ ସେଇ ଯୁବକଟି ଓ ସେମାନଙ୍କ ମହତ୍ ବିଚାର ଧାରା ହିଁ ସେମାନଙ୍କୁ ଭିଡ଼ରୁ ଅଲଗା କରିଦିଏ। ଆଜି ଯେତେବେଳେ ମୁଁ ଆଉ ମୋରର ବନ୍ଧନୀ ଭିତରେ ମଣିଷ ନିଜକୁ ସୁରକ୍ଷିତ ରଖି ଚରମ ସ୍ୱାର୍ଥପର ପାଲଟି ଯାଇଚି, ସେତେବେଳେ ନିସ୍ୱାର୍ଥପରତାର ଦଳରେ ଏହିପରି କେତେକ ହାତଗଣତିଙ୍କୁ ଛାଡ଼ି ଦେଲେ ଆଉ କେହି ନାହାନ୍ତି। ଯେତେବେଳେ ଗୀତା ଉପରେ ହାତ ଥୋଇ ମିଛ କହିଲେ ପଇସା ମିଳେ, ସେତେବେଳେ ସତ୍ୟର ଦଳରେ ରହିବାକୁ ଚାହିଁବ କିଏ କାହିଁକି! ପୁଣି ସତ୍ୟର ପଥ ଯେ କଣ୍ଟକିତ, ପ୍ରତି ପଦକ୍ଷେପରେ ବିପଦ ବରଣ କରିବାର ଆଶଙ୍କା। ଆଉ ରହିଲା ବିଶ୍ୱାସର କଥା। ଆଜି ଯେତେବେଳେ ଛୁଆଟି ମା' ପେଟରେ ଥାଇ ଚିନ୍ତା କରୁଛି ଯେ, ମୁଁ ଜନ୍ମ ହେଲେ ମା' ମତେ ଆଦରରେ କୋଳେଇ ନେବ ନା ବଣ ବୁଦା କଡ଼ରେ ଫୋପାଡ଼ି ଦେବ, ସେତେବେଳେ 'ବିଶ୍ୱାସ' ପରି ଶବ୍ଦଟି ଉପରେ ବିଶ୍ୱାସ ରହୁ ନାହିଁ। ଆଜି ପାଣିରେ ବିଷ, ପବନରେ ବିଷ, ଖାଦ୍ୟରେ ବିଷ, ବିଶ୍ୱାସରେ ବି ବିଷ। ସ୍ୱାମୀ ସ୍ତ୍ରୀକୁ, ସ୍ତ୍ରୀ ସ୍ୱାମୀକୁ, ଭାଇ ଭଉଣୀକୁ, ବାପା ପୁଅକୁ ଅବିଶ୍ୱାସ କରିବାକୁ ସତେ ଯେପରି ବାଧ୍ୟ ହୋଇଯାଇଚି। ସତେଯେପରି 'ବିଶ୍ୱାସ' ନାମକ ଚିଜଟି ଉପରେ କୁକୁର ନାମକ ପ୍ରାଣୀଟି ଏକଚାଟିଆ ଅଧିକାର କରିବାକୁ ବସିଛି।

ଅବଶ୍ୟ ଦାମିକା ଲୁଗାପଟା ପିନ୍ଧି, ଦାମିକା ଅତର ଢାଳି ଦାମିକା ଗାଡ଼ିରେ ବୁଲୁଥିବା ଲୋକେ ଦାମିକା ମନଟିଏ ଯେ ରଖିଥିବେ ଏପରି ଭାବିବା ମୂର୍ଖାମୀ କେବଳ। ଏବେ ଆମ ପୃଥିବୀରେ ଏପରି ଗରିବ ଲୋକଙ୍କ ସଂଖ୍ୟା ବଢ଼ି ଚାଲିଛି, ଯେଉଁମାନଙ୍କ ନିକଟରେ ଧନ ଛଡ଼ା ଆଉ କିଛି ନାହିଁ। କିନ୍ତୁ ବାପ ଧନ ଯେଉଁ ମାଲିକଙ୍କ ନିର୍ଦ୍ଦେଶରେ ତୁମେ ଏଠାକୁ ଆସିଛ ସଞ୍ଜ ନଇଁଲେ ଯାଇ ସେଇ ମାଲିକଙ୍କୁ ଉତ୍ତର ଦେବାକୁ ହେବ। ସତ୍ୟର ସାକ୍ଷୀ ହେଲୁ ନା ସତ୍ୟ ଜାଣିଥିବା ସତ୍ତ୍ୱେ ଅସତ୍ୟର? ସାହାଯ୍ୟ କରିବାର ଶକ୍ତି ଥିବା ବେଳେ ମୁହଁ ମୋଡ଼ି ଚାଲି ଆସିଲୁ ନା ଅନ୍ୟକୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ନିଜ ଦେହରେ ଥିବା ଚିରା ଜାମାଟି ଖୋଲି ପିନ୍ଧାଇ ଦେଲୁ? କେହି ତୋ ଉପରେ ରଖିଥିବା ବିଶ୍ୱାସକୁ ସମ୍ମାନ ଦେଲୁ ନା ବିଶ୍ୱାସରେ ମିଶାଇଲୁ ବିଷ? କହ ତୁ କେଉଁ ଦଳରେ ଥିଲୁ? ସତ୍ୟ ନା ଅସତ୍ୟର? ବିଶ୍ୱାସ ନା ଅବିଶ୍ୱାସର? ସ୍ୱାର୍ଥ ନା ନିଃସ୍ୱାର୍ଥର? ଉତ୍ତର ତ ଦେବାକୁ ହେବ। ଆଉ ନଦେଇ ପାରିବେ ଯଦି ପରିଣାମ ଆପଣଙ୍କୁ ଭଲ ଭାବେ ଜଣା। କେବଳ ଗୋଟିଏ କଥା ମନେ ରଖିବାକୁ ହେବ ଯେ ମତେ ସେହି ପରମଶକ୍ତି ପଠାଇଛନ୍ତି ନିଶ୍ଚିତ ଭାବେ କୌଣସି ମହତ୍ ଉଦ୍ଦେଶ୍ୟ ନେଇ। ମୋ ଦ୍ୱାରା ଯେପରି କୌଣସି ମନ୍ଦ କର୍ମ ନ ହୋଇ ଯାଏ, ସେତକ କରୁଣା କରନ୍ତୁ ସେହି କରୁଣାକର।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ସିଇଓଙ୍କୁ ଫେରାଦ ହେଲା ବିଜେଡି

## ଆକ୍ରମଣ ସହ ଲୁଟ୍ କଲେ ନାଉରୀଙ୍କ ସମର୍ଥକ

**ଭୁବନେଶ୍ୱର, ୨୩।୫(ସମିସ):** ରେଙ୍ଗାଲି ବିଜେପି ବିଧାୟକ ପ୍ରାର୍ଥୀ ନାଉରୀ ନାୟକଙ୍କ ସମର୍ଥକମାନେ କତରବଗା ଥାନା ବ୍ରାହ୍ମଣୀପାଲି ଗ୍ରାମର ହେମନ୍ତ ଦାସଙ୍କୁ ଆକ୍ରମଣ କରିଛନ୍ତି। ଗୁରୁବାର ଅପରାହ୍ନ ୨ଟାରେ ହାତରେ ଖଣ୍ଡା, ଛୁରୀ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଧରି ୬ଜଣ ବ୍ୟକ୍ତି ତାଙ୍କ ଘରେ ପଶିଥିଲେ। ତାଙ୍କୁ ନିଷ୍ଠୁର ଭାବେ ଆକ୍ରମଣ କରିବା ସହ ଘରୁ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ କରିଥିବା ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି।

ଅଭିଯୋଗ ଅନୁଯାୟୀ, ଶ୍ରୀ ଦାସ ବିଜେଡିକୁ ସମର୍ଥନ କରୁଥିବାରୁ ତାଙ୍କ ଉପରେ ଆକ୍ରମଣ କରାଯାଇଛି। ତାଙ୍କ ପତ୍ନୀ ଓ ପିଲାଙ୍କୁ ଆକ୍ରମଣକାରୀମାନେ ଗୋଟିଏ ଘରେ ବନ୍ଦ କରିଦେଇଥିଲେ। ଆକ୍ରମଣ ସହ ତାଙ୍କ ଘରୁ ସୁନା ଗହଣା ଓ ଟଙ୍କା ଲୁଟ୍ କରି ନେଇଛନ୍ତି। ଏହାସହ ତାଙ୍କୁ ନିସ୍ତୁକ ଭାବେ ପିଟି କ୍ଷତାକ୍ତ କରିଛନ୍ତି। ଫଳରେ ତାଙ୍କ ମୁହଁରେ ଷ୍ଟିଜ୍ ପଡ଼ିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ କତରବଗା ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ସମସ୍ତ ଆକ୍ରମଣକାରୀ ବିଜେପି ବିଧାୟକ ନାଉରୀ ନାୟକଙ୍କ ନିକଟତର ହୋଇଥିବା ଚିହ୍ନଟ କରାଯାଇଛି। ଏହି ଘଟଣା ନିର୍ବାଚନ ଆଚରଣ ବିଧିକୁ ଉଲଂଘନ କରୁଥିବା ଦର୍ଶାଇ ସମସ୍ତ ଅକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ବିଜେଡି ଦାବି କରିଛି। ଏହାସହ ଶ୍ରୀ ଦାସଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବାକୁ ମଧ୍ୟ ବିଜେଡି ଦାବି କରିଛି। ସିଇଓଙ୍କୁ ଅଭିଯୋଗ କରିବାକୁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ମଧୁସ୍ମିତା ନାୟକ, ତୁମ୍ବନାଥ ପଣ୍ଡା, ମିହିର ରାୟ, ଡଃ ପ୍ରିୟବ୍ରତ ମାଝୀ, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ ଓ ଓମ୍‌ପ୍ରକାଶ ସାହୁ ପ୍ରମୁଖ ସାମିଲ ଥିଲେ।

## ଯୁବ ଭୋଟରଙ୍କୁ ପ୍ରଲୋଭିତ କରିବାକୁ ଉଦ୍ୟମ କରୁଛି ବିଜେପି



**ଭୁବନେଶ୍ୱର, ୨୩।୫(ସମିସ):** ଯୁବ ଭୋଟରଙ୍କୁ ପ୍ରଲୋଭିତ କରିବାକୁ ଖେଳ ସାମଗ୍ରୀ ଦେବାକୁ ବିଜେପି ଯୋଜନା କରିଥିଲା ବୋଲି ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ବିଜେଡି ଅଭିଯୋଗ କରିଛି ଯେ ଆଠମଲ୍ଲିକ ବିଜେପି ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁଙ୍କ ଘନିଷ୍ଠ ସହଯୋଗୀ ଅଚ୍ୟୁତାନନ୍ଦ ସାହୁଙ୍କ ଘରୁ ବିପୁଳ ପରିମାଣର କ୍ରୀଡ଼ା ସାମଗ୍ରୀ ଭର୍ତ୍ତି ବ୍ୟାଗ୍ ଜବତ ହୋଇଛି। ଏହି ବ୍ୟାଗ୍‌ଗୁଡ଼ିକରେ କ୍ରୀଡ଼ା ସାମଗ୍ରୀ ସହିତ ବିଜେପି ପୋଷ୍ଟର ରହିଛି। ଆସନ୍ତା ୨୫ ତାରିଖରେ ହେବାକୁ ଥିବା ସମ୍ବଲପୁର ଭୋଟ୍‌କୁ ପ୍ରଭାବିତ କରିବା ପାଇଁ ବିଜେପି ଯୋଜନା କରିଥିଲା। ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହି ସ୍ଥାନରେ ଗୋଟିଏ ଟଙ୍କା ଭର୍ତ୍ତି ବ୍ୟାଗ୍ ଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। କିନ୍ତୁ ପୁଲିସ ତଦନ୍ତ ବେଳେ ଏହି ଟଙ୍କା ଭର୍ତ୍ତି ବ୍ୟାଗ୍ ଘଟଣାସ୍ଥଳରୁ ମିଳି ନ ଥିବାରୁ ଏହା ଭୋଟରଙ୍କୁ ବାଣ୍ଟି ବିଜେପି ଭୋଟ୍‌କୁ ପ୍ରଭାବିତ କରିବା ନେଇ ବିଜେଡି ଆଶଙ୍କା ପ୍ରକାଶ କରିଛି। ତେଣୁ ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଏହି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ ସହ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି।

## ସମ୍ବଲପୁରରେ ଭୋଟ୍ ପିଛା ୫୦୦ ଟଙ୍କା ବାଣ୍ଟୁଛି ବିଜେପି

**ଭୁବନେଶ୍ୱର,୨୩।୫(ସମିସ):** ଭୋଟ୍ କିଣିବା ପାଇଁ ସମ୍ବଲପୁର ସଂସଦୀୟକ୍ଷେତ୍ରରେ ଟଙ୍କା ବାଣ୍ଟୁଛି ବିଜେପି। ଆସନ୍ନ ପରାଜୟର ଗନ୍ଧ ବାରି ସମ୍ବଲପୁର ବିଜେପି ଲୋକସଭା ପ୍ରାର୍ଥୀ ଭୋଟକୁ ପ୍ରଭାବିତ କରିବାକୁ ଏଭଳି ପନ୍ଥା ଆପଣାଇଥିବା ବିଜେଡି ଅଭିଯୋଗ କରିଛି। ଏନେଇ ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିବାବେଳେ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ସମ୍ବଲପୁରରେ ଗୋଟିଏ ଭୋଟ୍ ପିଛା ୫୦୦ ଟଙ୍କା ବଣ୍ଟାଯାଉଥିବା ନେଇ ସ୍ଥାନୀୟ ଲୋକମାନେ କହୁଛନ୍ତି। ଆସନ୍ତା ଆସନ୍ତା ୨୫ ତାରିଖରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ଭୋଟ୍ ପଡ଼ିବାକୁ ଥିବାରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି।

### ମହାନଦୀ ପ୍ରସଙ୍ଗରେ ଧର୍ମେନ୍ଦ୍ରଙ୍କୁ ଘେରିଲେ ସାମ୍ବାଦିକ

## ପ୍ରଶ୍ନ ଏଡ଼ାଇଲେ; ପ୍ରାୟୋଜିତ କହିଲେ

**ସମ୍ବଲପୁର, ୨୩।୫(ସମିସ):** ଓଡ଼ିଶାର ଜୀବନରେଖା ମହାନଦୀ ଜଳ ବିବାଦରେ ସବୁବେଳେ ଓଡ଼ିଶାକ ପ୍ରତାରିତ କରିଆସିଛନ୍ତି କେନ୍ଦ୍ର ସରକାର। ବେଆଇନ ଭାବରେ ମହାନଦୀର ଉପର ମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ପାଣି ଅଟକାଇ ରଖିଛି ଛତିଶଗଡ଼। ମହାନଦୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଢ଼େଇ କରିଆସୁଛନ୍ତି। କିନ୍ତୁ ରାଜନୈତିକ ସ୍ୱାର୍ଥ ହାସଲ ଉଦ୍ଦେଶ୍ୟରେ ବିଜେପି ଓଡ଼ିଶାରେ ମହାନଦୀକୁ ମାରିବାକୁ ଉଦ୍ୟମ କରିବା ସହ ଏପଟେ କୁମ୍ଭୀରକାନ୍ଦଣା କାନ୍ଦୁଛି। ତାହାର ଆଜି ଆଉ ଏକ ନମୁନା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସାମ୍ବାଦିକ ସମ୍ମିଳନୀରେ ଦେଖିବାକୁ ମିଳିଛି। ଗୁରୁବାର ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନେ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କରିଥିଲେ ଯେ ମହାନଦୀ ପାଣିକୁ କାହିଁକି ଛତିଶଗଡ଼ ଅଟକାଇଛି ଏବଂ ଆପଣ ବ୍ୟକ୍ତିଗତ ଭାବେ ଓ ବିଜେପି କ'ଣ ପଦକ୍ଷେପ ଗ୍ରହଣ କରିଛି ତାହା ସ୍ପଷ୍ଟ କରନ୍ତୁ। କିନ୍ତୁ ଏହାର ଉତ୍ତର ଦେବା ପରିବର୍ତ୍ତେ ଏହାକୁ ପ୍ରାୟୋଜିତ ପ୍ରଶ୍ନ କହି ଧର୍ମେନ୍ଦ୍ର ଏଡ଼ାଇ ଯାଇଥିଲେ। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ମହାନଦୀ ଓ ଓଡ଼ିଶାବାସୀଙ୍କ ପ୍ରତି ଧର୍ମେନ୍ଦ୍ର ଓ ବିଜେପି ଦଳର କେତେ ଦରଦ, ତାହା ଆଜିର ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଆଗାମୀ ନିର୍ବାଚନରେ ସମ୍ବଲପୁରର ଜନତା ଏହାର ଉଚିତ ଜବାବ ଦେବେ ବୋଲି ରାଜନୈତିକ ମହଲ କହିଛନ୍ତି।

## ଅମର ନାୟକଙ୍କ ସହଯୋଗୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର, ୨୩।୫(ସମିସ):** ବଡ଼ଚଣା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଅମର ନାୟକ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ବିଜେଡିର ଏକ ଟିମ୍ ମୁଖ୍ୟ ନିର୍ବାଚନ କମିସନଙ୍କୁ ଫେରାଦ ହେବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଜେଡିର ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖ ସକାଳ ୯ଟାରେ ବଡ଼ଚଣା ବ୍ଲକ ବାଲିଚନ୍ଦ୍ର ଥାନା ଅନ୍ତର୍ଗତ ମାଝୀପଡ଼ା ଗ୍ରାମରେ ଶକୁନ୍ତଳା ବେହେରା ନାମକ ଜଣେ ମହିଳା ତାଙ୍କ ସହଯୋଗୀଙ୍କ ସହ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପ୍ରଚାର କରୁଥିଲେ। ଏହି ସମୟରେ ବଡ଼ଚଣା ବିଜେପି ବିଧାୟକ ପ୍ରାର୍ଥୀ ଅମର ନାୟକଙ୍କ ଘନିଷ୍ଠ ସହଯୋଗୀ ବିଶ୍ୱଜିତ ବଳ, କୁମାର ରଞ୍ଜନ ବଳ ଏବଂ ବିଟୁ ବଳ ପ୍ରମୁଖ ତାଙ୍କୁ ଘେରି ଯାଇଥିଲେ। ସେମାନେ ଶକୁନ୍ତଳାଙ୍କୁ ପ୍ରଚାର କରିବାକୁ ମନା କରିଥିଲେ। ଏହାସହ ତାଙ୍କୁ ଏବଂ ତାଙ୍କ ସହଯୋଗୀଙ୍କୁ ଧମକଚମକ ଦେଇଥିଲେ। ବେଆଇନ ଭାବେ ଅଟକ ରଖିବା ଅଭିଯୋଗରେ ଶକୁନ୍ତଳା ବାଲିଚନ୍ଦ୍ରପୁର ଥାନାରେ ୩ ଜଣଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଗଣତନ୍ତ୍ରରେ ଧମକଚମକର କୌଣସି ସ୍ଥାନ ନାହିଁ। ଏଭଳି କାର୍ଯ୍ୟକଳାପ ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟି କରୁଛି।

## ଅବଶିଷ୍ଟାଂଶ...

### ମୁଖ୍ୟମନ୍ତ୍ରୀଙ୍କ ପ୍ରତି...

କହିଥିଲେ ଯେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର ଓ ତାଙ୍କୁ ଅସମ୍ମାନିତ କରିବାକୁ ଓଡ଼ିଶାବାସୀ କେବେ ବରଦାସ୍ତ କରିବେ ନାହିଁ। ଜୁନ୍ ୧ ତାରିଖରେ ଆପଣମାନେ ଏହାର ଉଚିତ ଜବାବ ଦେବେ। ସେ କହିଲେ ଯେ ବିରୋଧୀ ଦଳ ବିଜେଡିର କର୍ମୀମାନଙ୍କୁ ଧମକ ଦେଉଛନ୍ତି। ଆକ୍ରମଣ କରୁଛନ୍ତି। ଏଇଟା ଭଲ ନୁହେଁ। ଆମ ଦଳର କୌଣସି କର୍ମୀଙ୍କ ଦେହରେ ହାତ ଲଗେଇବାକୁ ଦେବୁନାହିଁ।

ଓଡ଼ିଶାବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିବଦ୍ଧତା ଓ ଭଲପାଇବା ସମ୍ପର୍କରେ ବର୍ଣ୍ଣନା କରି ସେ କହିଲେ ଯେ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀ ନିଜ ପରିବାରର ସଦସ୍ୟ ବୋଲି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶାନ୍ତିରେ ବିଶ୍ୱାସ କରନ୍ତି। ଆପଣମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ସେ ଦିନରାତି ୨୪ ଘଣ୍ଟା କାମ କରୁଛନ୍ତି। ଏ ସରକାର ହେଉଛି ଆପଣମାନଙ୍କ ସରକାର, ଚାଷୀଭାଇଙ୍କ ସରକାର, ଯୁବପିଢ଼ିର ସରକାର। ଏହି ଅବସରରେ ଶ୍ରୀ ପାଣ୍ଡିଆନ ରାଜ୍ୟର ସବୁ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ପଚାରିଥିଲେ, ଏ ସବୁ କିଏ କରୁଛି। ସବୁ ପ୍ରଶ୍ନର ଗୋଟିଏ ଉତ୍ତର ଆସିଥିଲା - ନବୀନ ପଟ୍ଟନାୟକ। ସେ ପୁଣି କହିଥିଲେ ଯେ ମହାପ୍ରଭୁଙ୍କ କୃପାରୁ ଓ ଆପଣମାନଙ୍କ ଆଶୀର୍ବାଦରୁ ସାରା ଓଡ଼ିଶା ମାଲକାନଗିରିରୁ ମୟୂରଭଞ୍ଜ, ସୁନ୍ଦରଗଡ଼ରୁ ଜଗତ୍‌ସିଂହପୁର ପର୍ଯ୍ୟନ୍ତ ସମସ୍ତେ ଜାଣିଗଲେଣି ଯେ ନବୀନ ପଟ୍ଟନାୟକ ପୁଣି ଥରେ ଜୁନ୍ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଶପଥ ନେବା ପରେ ୯୦ ପ୍ରତିଶତ ଲୋକଙ୍କ ପାଇଁ ବିଜୁଳି ବିଲ୍ ଛାଡ଼ ପାଇଁ ପ୍ରଥମ ଦସ୍ତଖତ କରିବେ। ଦ୍ୱିତୀୟ ଦସ୍ତଖତରେ ବିଏସ୍‌କେୱାଇରେ ସମସ୍ତେ ସାମିଲ ହେବେ। ତୃତୀୟରେ ମିଶନ ଶକ୍ତି ସଦସ୍ୟାମାନଙ୍କୁ ୬୦ ବର୍ଷ ପରେ ପେନ୍‌ସନ୍ ସୁବିଧା ମିଳିବ। ବିରୋଧୀ ଦଳର ମିଛ ପ୍ରତିଶ୍ରୁତିର ମୁଖା ଖୋଲି ସେ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି ଘୋଷଣା ଶୁଣି ବିଜେପି କହୁଛି ମାଗଣା ବିଜୁଳି ଦେବ। କିନ୍ତୁ ଏଥିପାଇଁ ଆପଣଙ୍କୁ ୫୦ ହଜାର ଟଙ୍କା ଜମା କରିବାକୁ ପଡ଼ିବ। ସୋଲାର ପ୍ୟାନେଲ ମାଧ୍ୟମରେ ସୂର୍ଯ୍ୟକିରଣରୁ ବିଜୁଳି ପାଇବେ। ସେମାନେ ଆପଣଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି। ଏମାନଙ୍କୁ ଚିହ୍ନିକି ରଖନ୍ତୁ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ।

ପାରାଦୀପ ଜନସଭାରେ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ପାରାଦୀପକୁ ବିଜୁବାବୁ ବହୁତ ଭଲ ପାଉଥିଲେ। ପାରାଦୀପ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ। ପାରାଦୀପ ପାଇଁ ମୁଖ୍ୟମନ୍ତ୍ରୀ ବହୁ ପୁଞ୍ଜିନିବେଶ ଆଣିଛନ୍ତି। ପାରାଦୀପର ଉନ୍ନତି ହେବ, ଲୋକଙ୍କ ରୋଜଗାର ବଢ଼ିବ। ଆପଣମାନେ ଯାହାବି ଦରଖାସ୍ତ ଦେଇଥିଲେ ତା'ମଧ୍ୟରୁ ୮୦ ପ୍ରତିଶତ ସମାଧାନ ହୋଇଛି। ଆଉ ଯାହାବି ସମସ୍ୟା ଅଛି ଖୁବ୍ ଶୀଘ୍ର ସମାଧାନ ହେବ। ମୁଖ୍ୟମନ୍ତ୍ରୀଙ୍କ ବିକାଶ କାମର ହିସାବ ଦେଇ ନିମାପଡ଼ାରେ ସେ କହିଲେ ଯେ ସୋମନାଥ ମନ୍ଦିର ପାଇଁ ୫ କୋଟି ଟଙ୍କା, ଜଟେଶ୍ୱର ମନ୍ଦିର ପାଇଁ ୧.୫୦ କୋଟି ଟଙ୍କା, ଅମରେଶ୍ୱର ମନ୍ଦିର ପାଇଁ ୧.୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପାଇଁ ୧୫ ହଜାର ଟଙ୍କାର ପ୍ୟାକେଜ୍ କରିଛନ୍ତି ଏବଂ ପାନ ଚାଷ ଲାଗି ମଧ୍ୟ ସ୍ୱତନ୍ତ୍ର ଯୋଜନା କରିଛନ୍ତି। ନିଆଳିକୁ ମୁଖ୍ୟମନ୍ତ୍ରୀ ଏନ୍‌ଏସି କରିଛନ୍ତି। ମାଧବାନନ୍ଦଜୀଉ ମନ୍ଦିରର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀ ୫ କୋଟି, ବାଲିକୁଦା-ଏରସମାରେ କୁଞ୍ଜବିହାରୀ ମନ୍ଦିର ପାଇଁ ୨.୨୫ କୋଟି, ତିର୍ତ୍ତୋଲରେ ମା' ଶାରଳା ମନ୍ଦିର ରୂପାନ୍ତରଣ କାର୍ଯ୍ୟ ପାଇଁ ୪୫ କୋଟି, ଗୋରେଖନାଥ ପୀଠର ଉନ୍ନତିକରଣ ପାଇଁ ୨ କୋଟି ୨୫ ଲକ୍ଷ, ପଞ୍ଚଶଖା ଧ୍ୟାନପୀଠ ରୂପାନ୍ତରଣ ପାଇଁ ୨କୋଟି ୧୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ପ୍ରାର୍ଥୀ ଡଃ ରାଜଶ୍ରୀ ମଲ୍ଲିକ, ନିମାପଡ଼ା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକ, କାକଟପୁର ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା, ନିଆଳି ବିଧାୟକ ପ୍ରାର୍ଥୀ ଡଃ ପ୍ରମୋଦ ମଲ୍ଲିକ, ବାଲିକୁଦା-ଏରସମା ବିଧାୟକ ପ୍ରାର୍ଥୀ ଶାରଦା ପ୍ରସନ୍ନ ଜେନା, ପାରାଦୀପ ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ଓ ଜଗତସିଂହପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ପ୍ରମୁଖ ବିଜୁ ଜନତା ଦଳ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଅନୁରୋଧ କରିଥିଲେ।

### ବଳ ଗୋଟାଉଛି...

ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବା ସହ କାଁ ଭାଁ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୭ ତାରିଖରେ କିଛି କିଛି ସ୍ଥାନରେ ବର୍ଷା ସହ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ ବାଲେଶ୍ୱର ଓ ମୟୂରଭଞ୍ଜରେ ଏହାର ପ୍ରଭାବ ରହିବ ବୋଲି ସେ କହିଛନ୍ତି। ରାଜ୍ୟରେ ବର୍ତ୍ତମାନ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଅପରାହ୍ନରେ ବର୍ଷା ଜାରି ରହିଛି। ଏହା ସହ ଦିନବେଳା ପ୍ରବଳ ଖରା ଅନୁଭୂତ ହେଉଛି। ଏହି ସ୍ଥିତି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ବିଜୁଳି ଓ ଘଡ଼ଘଡ଼ି ପାଇଁ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। କାଳବୈଶାଖୀ ଯୋଗୁଁ ଅନେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

### 'ନ୍ୟୁଜ୍ ଲଣ୍ଡ୍ରୀ'ରେ...

ଘର ଦେଖୁଛନ୍ତି, ତାହାର ଭଡ଼ା ୫୦୦ ଟଙ୍କା। ଅଚାନକ ଦିନେ ଅନେକ ମୋର ଫଟୋ ଖବରକାଗଜରେ ବାହାରିଥିବା କହିଲେ। ଏହା ପରେ ମୁଁ ମୋ ଫଟୋ ଖବରକାଗଜରେ ଛପା ଯାଇଥିବା ଦେଖିଲି। ଯାହା ମୋତେ ବହୁତ ବ୍ୟଥିତ କରୁଛି। ମୋତେ ଘର ମିଳିବା ପରିବର୍ତ୍ତେ ଏପରି ବିଜ୍ଞାପନ ଛପାଇ ମୋତେ ବଦନାମ୍ କରାଯାଉଛି। ବିଜେପି ଏମରି ମିଥ୍ୟା ବିଜ୍ଞାପନ ଜରିଆରେ ଲୋକଙ୍କୁ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ମହିଳାଜଣଙ୍କ ପ୍ରଶ୍ନ କରିଛନ୍ତି। ସମ୍ପୃକ୍ତ ମହିଳା ଜଣଙ୍କ ଘର ବିହାର ଛପରା ଜିଲ୍ଲାରେ ହୋଇଥିଲା ବେଳେ ସେ ପଶ୍ଚିମବଙ୍ଗରେ ରହୁଛନ୍ତି।

### ବିଶ୍ୱଶର୍ମାଙ୍କୁ 'ଗୁରୁ...

ନବୀନ ପଟ୍ଟନାୟକ। ଶ୍ରୀ ବିଶ୍ୱଶର୍ମାଙ୍କ ଉଦ୍ଦେଶ୍ୟରେ ପାଣ୍ଡିଆନ କହିଛନ୍ତି ଯେ ବାଜପେୟୀଙ୍କ ସରକାରରେ ନବୀନ ବାବୁ ଯେତେବେଳେ କ୍ୟାବିନେଟ୍ ମନ୍ତ୍ରୀ ଥିଲେ ଆପଣ ସେତେବେଳେ ଓକିଲାତି କରୁଥିଲେ। ଆପଣ ଓଡ଼ିଶାବାସୀଙ୍କ ଠାରୁ ସଂସ୍କାର ଶିଖନ୍ତୁ। ଓଡ଼ିଶା କେବେ ଅତିଥିଙ୍କୁ ଏମାଟିରେ ଅସମ୍ମାନିତ କରେ ନାହିଁ। ମହାପ୍ରଭୁ ଆପଣଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଆମ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରନ୍ତୁ ନାହିଁ ବୋଲି ଶ୍ରୀ ପାଣ୍ଡିଆନ୍ ଚେତାଇ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆସାମ ଓ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଆସି କହୁଛନ୍ତି ଯେ ଓଡ଼ିଶାକୁ ଏକ ନମ୍ବର କରିବେ। ପ୍ରଥମେ ସେମାନେ ଆଗେ ନିଜ ରାଜ୍ୟକୁ ଦେଖନ୍ତୁ, ତା'ପରେ ଓଡ଼ିଶା କଥା ଚିନ୍ତା କରିବେ। ଓଡ଼ିଶାଠୁ ସବୁ କ୍ଷେତ୍ରରେ ସେମାନେ ବହୁ ପଛରେ ଅଛନ୍ତି। ଓଡ଼ିଶାକୁ ଏକ ନମ୍ବର କରିବେ ନବୀନ ପଟ୍ଟନାୟକ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଠାରୁ କିଛି ଶିଖିକି ଯାଆନ୍ତୁ, କାମରେ ଆସିବ ବୋଲି ଶ୍ରୀ ପାଣ୍ଡିଆନ୍ ପରାମର୍ଶ ଦେଇଛନ୍ତି।

### ପ୍ରଥମ ରାଜ୍ୟ...

ଖୋଜିଲେ ଯୁବପିଢ଼ିଙ୍କ ପାଇଁ କିଛି ନାହିଁ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁବପିଢ଼ିଙ୍କ ଦ୍ୱାରା ବିକଶିତ ଓଡ଼ିଶା ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ୧ ଲକ୍ଷ କୋଟିର ଯୁବ ବଜେଟ ଆଣିବାକୁ ଯାଉଛି। ଯୁବକଙ୍କ ପାଇଁ ପ୍ରତିବର୍ଷ ୧୦ ହଜାର କୋଟି ଟଙ୍କା ହିସାବରେ ୧୦ ବର୍ଷରେ ଲକ୍ଷେ କୋଟି ଟଙ୍କା ଖର୍ଚ୍ଚ ହେବ। ସେଥିରୁ ୧ ହଜାର କୋଟି ଟଙ୍କା ଛାତ୍ର ଛାତ୍ରୀଙ୍କ ମତାମତ ଆଧାରରେ ଖର୍ଚ୍ଚ ହେବ। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଏଭଳି ଯୋଜନା କରିଛି। ରାଜ୍ୟର ଯୁବକଙ୍କୁ ବିଶ୍ୱସ୍ତରୀୟ ସୁବିଧା ଦେବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଛାତ୍ର ଛାତ୍ରୀଙ୍କ ଉଚ୍ଚଶିକ୍ଷା, ଦକ୍ଷତା ବିକାଶ, ରୋଜଗାର ବୃଦ୍ଧି ପାଇଁ ଯୋଜନା ରହିଛି। ଯୁବ ପିଢ଼ିଙ୍କ ଜରିଆରେ ନୂଆ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ବହୁ ପୂର୍ବରୁ ଏହି ଯୋଜନା ଆରମ୍ଭ ହୋଇଛି। ସେହି କ୍ରମରେ ସ୍କୁଲ ରୂପାନ୍ତରଣ, କଲେଜ ରୂପାନ୍ତରଣ ନେଇ ପଦକ୍ଷେପ ଆରମ୍ଭ ହୋଇଛି। ରାଜ୍ୟରେ ୮ ହଜାର ସ୍କୁଲ ରୂପାନ୍ତରଣ ହୋଇଥିବା ବେଳେ ୧ ହଜାର କଲେଜ ବି ରୂପାନ୍ତରଣ ହୋଇଛି। ଆଗକୁ ବି କଲେଜ ରୂପାନ୍ତରଣ ଜାରି ରହିବ। ଘରୋଇ ସ୍କୁଲ ଅପେକ୍ଷା ସରକାରୀ ସ୍କୁଲ ରେ ଅଧିକ ସୁବିଧା ମିଳିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଦକ୍ଷତା ବିକାଶରେ ଓଡ଼ିଶା ଏକ ନମ୍ବର ହୋଇଛି। ମୁଖ୍ୟମନ୍ତ୍ରୀ ଯୁବ ପିଢ଼ିଙ୍କ ସହ ହିଛନ୍ତି। ତେଣୁ ଯୁବ ପିଢ଼ି ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଓ ସହଯୋଗ କରିବାକୁ କାର୍ତ୍ତିକ ପାଣ୍ଡିଆନ ଅପିଲ୍ କରିଛନ୍ତି। ୨୦୨୪ ରୁ ୨୦୩୪ ଯାଏ ୧୦ ବର୍ଷ ଭିତରେ ଓଡ଼ିଶା ସବୁ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

### ସାମଗ୍ରିକ ସହରୀକରଣ...

'ଜାଗା ମିଶନ' ଏକ ଯୁଗାନ୍ତକାରୀ ପଦକ୍ଷେପ। ଏପରି ଯୋଜନା ଅନ୍ୟ କୌଣସି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇ ନାହିଁ। ଏହାକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡିର ଅନ୍ୟତମ ଜାତୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡଃ ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

### ଭୋଟର୍‌ଙ୍କ ହାତରେ...

ଜଣ (ପୁରୁଷ-୩୩୯, ମହିଳା-୪୪) ପ୍ରାର୍ଥୀ ରହିଛନ୍ତି। ଅର୍ଥାତ୍ ମୋଟ ୪୪୭ ପ୍ରାର୍ଥୀ ଏହି ପର୍ଯ୍ୟାୟରେ ଭାଗ୍ୟ ପରୀକ୍ଷା କରୁଛନ୍ତି। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଲୋକସଭା କ୍ଷେତ୍ର ପାଇଁ ମୋଟ ୧୩୨୭୨ଟି ବାଲାଟ୍ ୟୁନିଟ୍, ୧୩୪୨୫ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୪୪୨୭ଟି ଭିଭିପାଟ ବ୍ୟବସ୍ଥା ହୋଇଛି। ବିଧାନସଭା କ୍ଷେତ୍ର ମତଦାନ ପାଇଁ ୧୩୩୬୫ଟି ବାଲାଟ ୟୁନିଟ୍, ୧୩୫୧୮ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୪୬୦୪ଟି ଭିଭିପାଟ୍ ବ୍ୟବସ୍ଥା କରାଯାଇଛି ବୋଲି ସିଇଓ ସୂଚନା ପ୍ରଦାନ କରିଛନ୍ତି। ସେହିପରି ତୃତୀୟ ପର୍ଯ୍ୟାୟ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ବେଶ୍ ଗୁରୁତ୍ୱ ଦିଆଯାଇଛି। ଏହି ପର୍ଯ୍ୟାୟରେ ପ୍ରାୟ ୧୨୧ କମ୍ପାନୀ ସିଏପିଏଫ୍(ସେଣ୍ଟ୍ରାଲ ଆର୍ମଡ୍ ପୁଲିସ ଫୋର୍ସ) ନିୟୋଜିତ ହେବେ। ଷ୍ଟ୍ରଙ୍ଗରୁମ୍ ବ୍ୟତିରେକ ଏମାନଙ୍କୁ ପ୍ରାୟ ୨୦୦୦ ପୋଲିଂ ଷ୍ଟେସନ ସ୍ଥଳରେ ନିୟୋଜିତ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ସବୁ ବର୍ଗର ଭୋଟର୍‌ଙ୍କ ପାଇଁ ପୋଲିଂ ବୁଥରେ ବିଭିନ୍ନ ସୁବିଧା ବ୍ୟବସ୍ଥା କରାଯାଇଥିବା ବେଳେ ଅଧିକରୁ ଅଧିକ ଭୋଟର ଯେପରି ଗଣତନ୍ତ୍ର ଏହି ମହାନ ପର୍ବରେ ସାମିଲ ହେବେ ସେନେଇ ବ୍ୟାପକ ସଚ୍ଚେତନତା କାର୍ଯ୍ୟକ୍ରମ କରାଯାଇଛି।

### ବୈଜୟନ୍ତଙ୍କ ଉପରେ...

ପଠାଉଛି ବୋଲି ସୂଚନା ମିଳିଛି। ଓଡ଼ିଶାରେ ଯେତିକି ଆସନ ଦଖଲ ନିମନ୍ତେ ଦଳର ନେତାମାନେ ଦାବି କରୁଛନ୍ତି; ତାହା ପଛରେ ବାସ୍ତବତା ଅପେକ୍ଷା ଆସ୍ଫାଳନ ବେଶୀ। ଦାବି କରୁଥିବା ସଂଖ୍ୟାର ଏକ ତୃତୀୟାଂଶ ବା ଗତ ବିଧାନସଭାରେ ବିଜୟୀ ହୋଇଥିବା ସଂଖ୍ୟକ ଆସନ ଦଖଲ କଲେ ଦଳ ନିଜ ସମ୍ମାନ ରଖିବାକୁ ସମର୍ଥ ହେବ। ମାତ୍ର ଦୁଇ ପର୍ଯ୍ୟାୟ ନିର୍ବାଚନ ଶେଷ ପରେ ରାଜ୍ୟରେ ବିଜେପିର ସ୍ଥିତି ଏକପ୍ରକାର ସ୍ୱର୍ଣକାତର ରହିଥିବା ଆଭ୍ୟନ୍ତରୀଣ ରିପୋର୍ଟ ଦଳର ଜାତୀୟ ନେତାଙ୍କ ଚେତା ହଜାଇ ଦେଇଛି। ୨୦୧୯ରେ ସାରା ଦେଶରେ ମୋଦୀ ଲହର ମଧ୍ୟରେ ବିଜେପିର 'ମିଶନ ୧୨୦' ମାତ୍ର ୨୩ରେ ଅଟକି ଗଲା; ଏବେ ସାମ୍ପ୍ରତିକ ସମୟରେ ସାରା ଦେଶରେ ଯେତେବେଳେ ଦରଦାମ, ଜିଏସ୍‌ଟି, ଜାତିଗତ ବିଦ୍ୱେଷ ଆଦିକୁ ନେଇ ଲୋକମାନେ ବିଜେପି ଉପରେ ଖପ୍ପା; ସେତେବେଳେ ବିଜେପି ଓଡ଼ିଶାରୁ କେତେ ଲୋକସଭା ଓ ବିଧାନସଭା ଆସନରେ ଜିତିବ ତାହାକୁ ନେଇ ସ୍ୱାଭାବିକ ଦ୍ୱନ୍ଦ୍ୱରେ। କେନ୍ଦ୍ରାପଡ଼ା, ଭୁବନେଶ୍ୱର, ସମ୍ବଲପୁର, ପୁରୀ, କଟକ, ବାଲେଶ୍ୱର ପରି ସମ୍ମାନଜନକ ଆସନରେ ଦଳର ସ୍ଥିତି ବିଜେପିକୁ ବିବ୍ରତ କରିଛି। ଯେଉଁଥିପାଇଁ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କେନ୍ଦ୍ରୀୟ ନେତା, କେନ୍ଦ୍ରମନ୍ତ୍ରୀ, ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ, ସିନେ ସେଲିବ୍ରିଟିଙ୍କ ଧାଡ଼ି ଛୁଟିଛି।


**AFFIDAVIT**

I, Sumanta Kochap, S/o- Prem Mohan Kachap, My Daughter's old name is RIYA KOCHIM. So I, affidavit new name is "SHIPHRAH KOCHAP", resident of at Gotibeda, po-Jhadakusumi, ps-Kodinga, Tahasil-Kodinga, Dist- Nabarangpur, Pin-764075, Odisha. Declare by this affidavit no_384/2024, Date- 21/5/2024 that now onwards my daughter shall be known as **"SHIPHRAH KOCHAP"** for all future purposes.

**AFFIDAVIT**

I, Bimla Kanti Sahu, S/o- Late Bishwanath Sahu, resident of Plot No-1215/1410, Chandaka, Khandagiri bari, PS-Bharatpur, Bhubaneswar, Pin-751030, Odisha declare by this affidavit No.3840, dated 22/05/2024, that now onwards I shall be known as **BIMAL KANTI SAHU** for all future purposes.

**AFFIDAVIT**

I, Reshma Khatoon, W/o-Mahammad Babu Khan, resident of AT/PO- Ward No. 09, Backside of Singhania Tower, PS-Joda, Dist.-Keonjhar, Pin-758034, Odisha declare by this affidavit No.921, dated 23/05/2024, that now onwards I shall be known as **RESHMA KHAN** for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.DRM/Engg/KUR/24-25/E-Tender/17,ତା.20.05.2024ରିଖ

(1) ଟେଣ୍ଡର ନଂ.etenderestatekur-65-2024, ତା.15.05.2024ରିଖ

ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ଆରପିଏଫ/ପୋଷ୍ଟ/ମଞ୍ଚେଶ୍ୱର ଠାରେ ବାରାକ୍ ଅନୁଯାୟୀ ସମସ୍ତ ସୁବିଧାଯୁକ୍ତ ସହିତ 15 ଶଯ୍ୟା ବିଶିଷ୍ଟ ମହିଳା ଆରପିଏଫ୍ (RPF) ବାରାକର ନିର୍ମାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 83.50 ଲକ୍ଷ, EMD (ଟଙ୍କାରେ): 1,67,000/- ।

(2) ଟେଣ୍ଡର ନଂ.e-Tender-CENTKUR-66-2024, ତା.13.05.2024ରିଖ

ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ) ପରିସୀମା ଅଧୀନସ୍ଥ [illegible] ଏବଂ [illegible] ଷ୍ଟେସନଗୁଡ଼ିକଠାରେ [illegible] ପ୍ଲାଟଫର୍ମଗୁଡ଼ିକୁ ଉଚ୍ଚ [illegible] କାର୍ଯ୍ୟଗୁଡ଼ିକର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 860.89 ଲକ୍ଷ, EMD (ଟଙ୍କାରେ): 5,80,500/- ।

(3) ଟେଣ୍ଡର ନଂ.etenderestatekur-71-2024,ତା.15.05.2024ରିଖ

ବିବରଣୀ: ଭୁବନେଶ୍ୱର ଠାରେ ପୂର୍ବ ତଟ ରେଳପଥର ମୁଖ୍ୟାଳୟ ବିଲ୍ଡିଂ (ରେଳ ସଦନ) ନିମନ୍ତେ ଅଗ୍ନି ନିର୍ବାପକ ସୁରକ୍ଷାର ବ୍ୟବସ୍ଥା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 166.70 ଲକ୍ଷ, EMD (ଟଙ୍କାରେ): 2,33,400/- ।

ଶେଷ ହେବା ଅବଧି: 10(ଦଶ) ମାସ (କ୍ରମ ନଂ.1 ଏବଂ 2 ପାଇଁ) ଏବଂ 12(ବାର) ମାସ (କ୍ରମ ନଂ.3 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.06.2024 ରିଖ 1500 ଘଟିକାରେ (ଉକ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖ ଭାବେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ସୂଚନା: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ୍

PR-151/P/24-25

**FORMAT C-1**
**Declaration About Criminal Cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and Address of Candidate : **VARSHA PRIYADARSHINI**
**At-75, Bepari Sahi, P.O-Buxi Bazaar, PS- Cantonment, Cuttack-753001**

Name of Political Party : **Biju Janata Dal**
Name of Election : **Odisha Legislative Assembly General Election-2024**
Name of Constituency : **50- Barachana Assembly Constituency**

I, **VARSHA PRIYADARSHINI** a candidate for the above mentioned election, declare for public information the following details about my criminal antecedents.

**(A) Pending Criminal cases**

| | |
|---|---|
| 1 | Name of Court -SDJM, Cuttack, Case No. and dated- GR Case No. 332/2023 dtd.27.05.2023, Status of case(s)-For Investigation, Section(s) of Acts concerned and brief description of offence(s)- Section 186 of IPC - Obstructing Public Servant , Section 341 of IPC- wrongful restrain, Section 34 of IPC- Common intention. |
| 2 | Name of Court -SDJM, Cuttack, Case No. and dated- GR Case No. 280/2023 dtd.12.05.2023, Status of case(s)- For Investigation, Section(s) of Acts concerned and brief description of offence(s)- Section 500 of IPC – Defamation, Section 341 of IPC - wrongful restrain, Section 170 of IPC-Personating a Public Servant, Section 186 of IPC- Obstructing Public Servant, Section 34 of IPC- Common intention. |
| 3 | Name of Court- SDJM, Cuttack, Case No. and dated- GR Case No.1676/2022 dtd.31.12.2022, Status of case(s)-Final Form/Report Filed On dtd.27.06.2023 (FR- Mistaken of Fact), Section(s) of Acts concerned and brief description of offence(s)- Section 448 of IPC- House Trespass, Section 461 of IPC,1860- Dishonestly breaking open receptacle containing property, Section 120-B of IPC, 1860- Criminal conspiracy. |
| 4 | Name of the Court -Additional Sessions Judge, New Delhi District, Patiala House Court, New Delhi, Case No. And dated-Sessions Case No. 544 of 2022 dtd.11.05.2022, Status of Case(s)-For Investigation, Section(s) of Acts concerned and brief description of offence(s)-Section 506 of IPC- criminal intimidation, Section 3(1) (r) of SC ST Act, 1989- Insult or humiliate a member of a SC or a ST, Section 3(1)(s) of SC ST Act-Abuse any member of a SC or ST by caste name. |
| 5 | Name of Court - JMFC – III, Bhubaneswar, Case No and dated-CT Case No. 7378/2022 dtd. 4.12.2022, Status of Case (s) - Inquiry Completed, Section(s) of Acts concerned and brief description of offence(s)- Section 420 of IPC – Cheating and Dishonestly, Section 294 of IPC – Obscene Acts and songs, Section 506 of IPC– Criminal intimidation, Section 34 of IPC- Common intention |

In the case of election to Council of States or election to Legislative Council by MLAs, mention the election concerned in place of name of constituency.

Sd/-
Varsha Priyadarshini





# ଅଟୋ ଚାଳକଙ୍କ ଦୁର୍ବ୍ୟବହାରରେ ଯାତ୍ରୀ ଅତିଷ୍ଠ

ଭୁବନେଶ୍ୱର, ୨୩।୫(ସମିସ)

ଲୁମ୍ବିନୀ ବିହାର ଅଞ୍ଚଳରେ ରହୁଥିବା ସମ୍ବିତ ସାମନ୍ତରାୟ ଦୁଇଦିନ ତଳେ ବସ୍ ଯୋଗେ ବାଲେଶ୍ୱରରୁ ଭୁବନେଶ୍ୱର ଆସିଲେ। ନିଜ ସ୍ତ୍ରୀ ଓ ଦେଢ଼ବର୍ଷର ଛୁଆ ସହ ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ(ବିଏସ୍ଏବିଟି)ରେ ଓହ୍ଲାଇଲେ। ଲୁମିନି ବିହାର ଯିବା ପାଇଁ ଘରୋଇ ପରିବହନ ଆପ୍ 'ଓଲା'ରେ ଅଟୋ ବୁକିଂ କଲେ। ଅଟୋ ବୁକିଂ ବି ହେଲା। ହେଲେ ଅଟୋ ଚାଳକ ତାଙ୍କୁ ବସ୍‌ଷ୍ଟାଣ୍ଡ ସମ୍ମୁଖ ଫାଟକରୁ ଜାତୀୟ ରାଜପଥ ପାର୍ଶ୍ୱକୁ ଆସିବା ପାଇଁ ନିବେଦନ କରିଥିଲେ। ସମ୍ବିତଙ୍କ ପାଖରେ ଲଗେଜ୍ ଓ ଛୋଟ ପିଲା ଥିବାରୁ ସେ ଆସିପାରିବେନି ବୋଲି ମନାକଲେ। ଫଳରେ ଅଟୋଚାଳକ ତାଙ୍କୁ ଭଡ଼ା କ୍ୟାନସଲ୍ କରିବାକୁ କହିଥିଲେ ପଛେ, ମୁଖ୍ୟ ଫାଟକ ପାଖକୁ ଯିବେନି ବୋଲି ସିଧା ସିଧା ଶୁଣାଇ ଦେଇଥିଲେ। ଏହାର କାରଣ ପଚାରିବାରୁ ସେ କହିଲେ, ବସ୍‌ଷ୍ଟାଣ୍ଡ ପାଖରୁ ଯାତ୍ରୀ ଉଠାଇଥିଲେ ସେଠାରେ ଥିବା ଷ୍ଟାଣ୍ଡର ଅଟୋଚାଳକ ତାଙ୍କୁ ହଇରାଣ ହରକତ କରିବା ସହ ମାଡ଼ ମାରିବାକୁ ବି ପଛାଉନାହାନ୍ତି। ତେଣୁ ସେ ବାଧ ହୋଇ ଯାତ୍ରୀଙ୍କୁ ଜାତୀୟ ରାଜପଥ ପାର୍ଶ୍ୱକୁ ଆସିବା ପାଇଁ ନିବେଦନ କରୁଛନ୍ତି।

କେବଳ ସମ୍ବିତ ନୁହନ୍ତି ପ୍ରତିଦିନ ବିଏସ୍ଏବିଟି, ଭୁବନେଶ୍ୱର ରେଳ ଷ୍ଟେସନ, ବିଜୁ ପଟ୍ଟନାୟକ ବିମାନ ବନ୍ଦର ଓ କ୍ୟାପିଟାଲ୍ ହସ୍ପିଟାଲ୍ ଭଳି ପ୍ରମୁଖ ଜନଗହଳି ସ୍ଥାନରେ ସେଠାକାର ଅଟୋଷ୍ଟାଣ୍ଡ ଚାଳକମାନେ ଏଭଳି ମନମାନୀ କରୁଛନ୍ତି। ବାହାର ଷ୍ଟାଣ୍ଡ ଓ ଅନ୍‌ଲାଇନ୍ ଗାଡ଼ିରେ ଯାତ୍ରୀଙ୍କୁ ଉଠାଇବାକୁ ଦେଉନାହାନ୍ତି। ଯାତ୍ରୀ ସ୍ଥାନୀୟ ଅଟୋ ବୁକିଂ କରିବା ପାଇଁ ଗଲେ ମୁହଁକୁ ଯାହା ଆସୁଛି ମନଇଚ୍ଛା ଦର କଷୁଛନ୍ତି। ତେଣୁ ଗୋଟେ ପଟେ ଯାତ୍ରୀଙ୍କୁ ଜୁଲମ୍ କରୁଥିବାବେଳେ ଅନ୍ୟପକ୍ଷରେ ଅନ୍ୟ ଗାଡ଼ି ଚାଳକମାନଙ୍କୁ ମଧ୍ୟ ହଇରାଣ କରୁଛନ୍ତି। ଏଥିରେ ଯାତ୍ରୀମାନେ ବେଶି କ୍ଷତିରେ ପଡୁଛନ୍ତି। ୩/୪ଟା ଲଗେଜ ଓ ଛୋଟ ପିଲା ଧରି ଯାତ୍ରୀମାନେ ଦୀର୍ଘ ସମୟ ଯାତ୍ରା କରିବା ପରେ ବି ଏମାନଙ୍କ ଜୁଲମ୍ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଡିଏ ପକ୍ଷରୁ କିଛି ମାସ ତଳେ 'ପ୍ରିପେଡ୍ ଅଟୋ ବୁକିଂ' ବ୍ୟବସ୍ଥା ଆପଣାଇବା ପାଇଁ ଘୋଷଣା ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଫଳସ୍ୱରୂପ ଲୋକମାନଙ୍କୁ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ବିଶେଷକରି ଏହି ସ୍ଥାନୀୟ ଚାଳକମାନେ ବାହାରୁ ଆସୁଥିବା ଯାତ୍ରୀଙ୍କ ଉପରେ ବେଶି ଜୁଲମ୍ କରୁଛନ୍ତି। ଗୋଟିଏ ପଟେ ଆମେ 'ଅତିଥି ଦେବୋ ଭବଃ'ରେ ବିଶ୍ୱାସ କରୁଥିବାବେଳେ ଅପରପକ୍ଷେ ଏଭଳି କଦର୍ଯ୍ୟ ବ୍ୟବହାରରେ ଅତିଷ୍ଠ ହେଉଛନ୍ତି ଅତିଥି। ତେଣୁ ଏହା ଉପରେ ପୁଲିସ ପ୍ରଶାସନ ସମେତ ବିଡିଏ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ନଚେତ ଏମାନଙ୍କ ଦୌରାତ୍ମ୍ୟ ପାଇଁ ରାଜଧାନୀ ଭୁବନେଶ୍ୱରରୁ ପର୍ଯ୍ୟଟକମାନେ ତିକ୍ତ ଅନୁଭୂତି ନେଇ ଫେରିବେ। ଏହାସହ ମହାପ୍ରଭୁ ଲିଙ୍ଗରାଜଙ୍କର ଏହି କ୍ଷେତ୍ରର ନାଁ ସର୍ବତ୍ର ବଦନାମ ହେବ ବୋଲି କୁହାଯାଉଛି। ତେଣୁ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।



- ଅନଲାଇନ୍ ଗାଡ଼ି ଯାତ୍ରୀ ଉଠାଇଲେ ଝଗଡ଼ା
- ଛୋଟ ଛୁଆ ଓ ଲଗେଜ୍ ଧରି ହନ୍ତସନ୍ତ ଲୋକେ
- ସ୍ଥାନୀୟ ଗାଡ଼ି ବୁକିଂ କଲେ ମନଇଚ୍ଛା କଷୁଛନ୍ତି ଦର

## ବୁଦ୍ଧଙ୍କ ଦର୍ଶନରେ ପରିଚାଳିତ ହେଲେ ଦୁଃଖର ସମାପ୍ତି ହେବ




ଭୁବନେଶ୍ୱର, ୨୩।୫(ସମିସ)

ମଣିଷ ଜୀବନ ଏବଂ ସମାଜରେ ଥିବା ଅସମାନତା ତଥା ଦୁଃଖକୁ ଦୂର କରିବାପାଇଁ ବୁଦ୍ଧଙ୍କ ଅମର ବାଣୀ ଓ ଦର୍ଶନର ପ୍ରାସଙ୍ଗିକତା ସମାଜରେ ସବୁ ବେଳେ ରହିଆସିଥିଲା ଓ ଆଗକୁ ମଧ୍ୟ ରହିବ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ କହିଛନ୍ତି। ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଓଡ଼ିଶା ଶାଖା ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ୨୫୬୮ତମ ବୁଦ୍ଧ ପୂର୍ଣ୍ଣିମା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ଆଚାର୍ଯ୍ୟ ଏହା କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଦୈନିକ 'ପ୍ରମେୟ'ର ସମ୍ପାଦକ ଗୋପାଳ ମହାପାତ୍ର ବୁଦ୍ଧ କିପରି ତତ୍କାଳୀନ ସମାଜରେ ଘଟୁଥିବା ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାରେ ଏକ ନୂତନ ଆଲୋକ ବର୍ତ୍ତିକା ଭାବେ ଦେଖାଦେଇଥିଲେ ତାଉପରେ ଏକ ତାତ୍ତ୍ୱିକ ବିଶ୍ଳେଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମହାବୋଧି ସୋସାଇଟିର ମୁଖପତ୍ର 'କଳିଙ୍ଗ' ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଶାଖା ସଭାପତି ନରେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ସୋସାଇଟିର ଟ୍ରଷ୍ଟି ତଥା ଓଡ଼ିଶା ଶାଖା ସମ୍ପାଦକ ଡ. ସୌରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶେଷରେ ପରିଷଦ ସଭ୍ୟ ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

■ 'ଆଶ୍ରୟ' ସେବା ସଂସ୍କୃତି ଉତ୍ସବ

## 'ସମାଜସେବା କଥାରେ ନୁହେଁ; କାର୍ଯ୍ୟରେ କରାଯାଏ'

ଭୁବନେଶ୍ୱର, ୨୩।୫(ସମିସ): 'ଆଶ୍ରୟ' ଦିବ୍ୟାଙ୍ଗ ସେବାଗ୍ରାମ ଆନୁକୂଲ୍ୟରେ ରେଡକ୍ରସ୍ ଭବନଠାରେ ଆଶ୍ରୟ ସେବା ସଂସ୍କୃତି ଉତ୍ସବ-୨୦୨୪ ପାଳିତ ହୋଇଯାଇଛି। ଆଶ୍ରୟର ଦିଗ୍‌ଦ୍ରଷ୍ଟା ତଥା ସାହିତ୍ୟିକ ଦାଶ ବେନହୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଫେସର ଡ. ସୁକାନ୍ତ ଚରଣ ମହାରଣା, କବି ବିଜୟା ମିଶ୍ର, କବି ତଥା ଚିକିତ୍ସକ ଡ. ସୁଦର୍ଶନ ପଟ୍ଟନାୟକ, ପ୍ରଶାସକ ନିରଞ୍ଜନ ସାହୁ, ସାହିତ୍ୟିକା ଶରତ କୁମାରୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ରାଜ୍ୟର ପ୍ରଥମ ସମ୍ବାଦପତ୍ର 'ଆଶ୍ରୟ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏହାସହ ସାହିତ୍ୟିକ କୁଳମଣି ଷଡ଼ଙ୍ଗୀଙ୍କ ଜୀବନୀ ପୁସ୍ତକ 'ହଜିଲା ଅତୀତ ଅଭୁଲା ସ୍ମୃତି'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହାପରେ 'ଯୁଗେ ଯୁଗେ ସେବା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ନିରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଲୋକନାଥ ଦାଶ ଅନୁଷ୍ଠାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଗୀତିକାର ରାମକୃଷ୍ଣ ମହାରଣା ଜନସଚେତନତାମୂଳକ କବିତା ଏବଂ ପ୍ରଫୁଲ୍ଲ ନାହାକଙ୍କ ଦାସକାଠିଆ ପରିବେଷଣ କରିଥିଲେ।



## ତ୍ରିଧାରା ପକ୍ଷରୁ ସ୍ୱର୍ଣ୍ଣ ସମାରୋହ



ଭୁବନେଶ୍ୱର, ୨୩।୫(ସମିସ)

ନୃତ୍ୟାନୁଷ୍ଠାନ ତ୍ରିଧାରା ପକ୍ଷରୁ ଆୟୋଜିତ 'ସ୍ୱର୍ଣ୍ଣ ସମାରୋହ-୨୦୨୪' ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଗୁରୁ ଡ. ଗଜେନ୍ଦ୍ର ପଣ୍ଡାଙ୍କ ୫୦ ବର୍ଷର ନୃତ୍ୟ ଯାତ୍ରାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଷାବିତ ଦେବୀ ପ୍ରସନ୍ନ ପଟ୍ଟନାୟକ, ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପ-ସଭାପତି ମନ୍ମଥ କୁମାର ଶତପଥୀ, ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ରାମହରି ଜେନା, ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ 'ସ୍ୱର୍ଣ୍ଣ ସମ୍ମାନ ୨୦୨୪' ଗୁରୁ ଡକ୍ଟର ଗଜେନ୍ଦ୍ର ପଣ୍ଡାଙ୍କ ୫୦ ବର୍ଷର ସୁଦୀର୍ଘ ଯାତ୍ରାରେ ତାଙ୍କୁ ସହଯୋଗ କରିଥିବା ସଖୀ ନାଟର କିମ୍ବଦନ୍ତୀ ଗୁରୁ ତଥା ଓଡ଼ିଶୀ ନୃତ୍ୟର ବିଶିଷ୍ଟ ଗୁରୁମାନଙ୍କୁ ପ୍ରଦାନ କରଯାଇଥିଲା। ଅନୁଷ୍ଠିତ ନୃତ୍ୟର ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା। କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।

## ବୁଦ୍ଧ ଜୟନ୍ତୀରେ ଶାନ୍ତି ପଦଯାତ୍ରା



ଭୁବନେଶ୍ୱର, ୨୩।୫(ସମିସ)

ପବିତ୍ର ବୁଦ୍ଧ ଜୟନ୍ତୀ ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ରାଜ୍ୟ ଯୁବ ସାମ୍ମୁଖ୍ୟ ସମିତି ଆନୁକୂଲ୍ୟରେ କଳିଙ୍ଗ ହସ୍ପିଟାଲ ଛକରୁ ଏକ ଶାନ୍ତି ପଦଯାତ୍ରା ବାହାରି ମହାତ୍ମା ଗାନ୍ଧୀ ପାର୍କରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସମିତିର ସମ୍ପାଦକ ଅଭୟ ବଡ଼ଜେନା, ସ୍ତମ୍ଭକାର ସୁଧାଂଶୁ ମହାପାତ୍ର, ଗିରିଜା ଶଙ୍କର ମହାପାତ୍ର, କେଶବ ରଣା, ପ୍ରମୋଦ ପରିଡ଼ା, ଦୁଷ୍ମନ୍ତ ବେହେରା, ଆନନ୍ଦ ଚନ୍ଦ୍ର ପଟ୍ଟନାୟକ, ବ୍ରଜବନ୍ଧୁ ପରିଡ଼ା, ନିର୍ମଳ ମଲ୍ଲିକ ପଦଯାତ୍ରାରେ ସାମିଲ ହୋଇଥିଲେ।

## ଶାନ୍ତିପଥ ପକ୍ଷରୁ ଗାନ୍ଧୀ ଓ ବୁଦ୍ଧଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୩।୫(ସମିସ)

'ଶାନ୍ତିପଥ'ର ଷଷ୍ଠ ବାର୍ଷିକ ଉତ୍ସବ ୟୁନିଟ୍-୯ସ୍ଥିତ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ତମ୍ଭକାର ତଥା ସ୍ୱାଧୀନତା ସଂଗ୍ରାମୀ ବିଜୟ କୁମାର ତ୍ରିପାଠୀ, ଯୋଗ ପ୍ରଶିକ୍ଷକ ବୀରକିଶୋର ସ୍ୱାଇଁ, ସମାଜସେବୀ ବିକ୍ରମାଦିତ୍ୟ ନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ମହାତ୍ମା ଗାନ୍ଧୀ ଓ ଗୌତମ ବୁଦ୍ଧଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ଶିବ ନାରାୟଣ ମିଶ୍ରଙ୍କୁ ଶାନ୍ତିପଥ ଗୌରବ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ଏହାସହ କେତେକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ଆସୁଛି ସାବିତ୍ରୀ, ରଜ

## ରାଜଧାନୀ ରାସ୍ତାକଡ଼ରେ ଲିଚୁର ପସରା

ଭୁବନେଶ୍ୱର, ୨୩।୫(ସମିସ): ଋତୁ ଅନୁଯାୟୀ ଆମ୍ବ ବଜାରକୁ ଆସିଲା ପରେ ଗତ ସପ୍ତାହେ ହେଲା ରାଜଧାନୀ ରାସ୍ତାକଡ଼ରେ ଲିଚୁର ଆସର ଦେଖିବାକୁ ମିଳୁଛି। ଧୀରେ ଧୀରେ ବ୍ୟବସାୟୀ ଅନ୍ୟ ଫଳ ସହ ଲିଚୁ ବିକ୍ରି କରିବା ଆରମ୍ଭ କଲେଣି। ବର୍ତ୍ତମାନ ଲିଚୁ ବ୍ୟବସାୟର ଆରମ୍ଭ ସମୟ ତେଣୁ ସେପରି କିଛି ଭଲ ବ୍ୟବସାୟ ହୋଇ ନାହିଁ ବୋଲି ବ୍ୟବସାୟୀ ମତ ଦେଉଛନ୍ତି। ଆଗକୁ ସାବିତ୍ରୀ ଏବଂ ରଜ ପଡୁଥିବାରୁ ଆଉ ଦିନେ ଦୁଇଦିନ ପରେ ବେପାର ବଢ଼ିବ ବୋଲି ଆଶା କରିଛନ୍ତି ବ୍ୟବସାୟୀ। ଆଜିର ଦିନରେ ଲିଚୁ କିଲୋ ପିଛା ୧୮୦ ରୁ ୨୦୦ ଭିତରେ ମୂଲ୍ୟ ରହୁଛି। ଲିଚୁ କୋଲକାତା ଏବଂ ବିହାରର ମୁଜାଫରପୁରରୁ ରାଜଧାନୀର ମାଲ ଗୋଦାମକୁ ଆସୁଛି। ଯାହାକି ୩ ନମ୍ବର ୟୁନିଟରେ ରହିଛି। ସେଠାରୁ ସମସ୍ତ ବ୍ୟବସାୟୀ କିଣି ଆଣି ବଜାରରେ ବିକୁଛନ୍ତି ବୋଲି ରାଜଧାନୀରେ ୧୦ ବର୍ଷ ଧରି ଫଳ ବ୍ୟବସାୟ କରୁଥିବା ପ୍ରଦିପ ନାୟକ କୁହନ୍ତି। ଏହି ଫଳ ନିର୍ଦ୍ଦିଷ୍ଟ କିଛି ସ୍ଥାନ ଯଥା - ଏକ ନମ୍ବର ହାଟ, ପାୱାର ହାଉସ ଛକ, ଶିଶୁ ଭବନ ଛକ, ଏଜି ଛକ, ସିଆରପିଏଫ, ଫାୟାର ଷ୍ଟେସନ ଆଦି ଜାଗାରେ ଦେଖିବାକୁ ମିଳୁଛି। ଲିଚୁ ବଜାରରେ ରଜ ଯାଏଁ ହିଁ ଦେଖିବାକୁ ମିଳିବ। ରଜ ଗଲାପରେ ବ୍ୟବସାୟୀ ଏହାକୁ ଆଣିବା ବନ୍ଦ କରି ଦିଅନ୍ତି ବୋଲି ପ୍ରଦୀପ ନାୟକ ନାମକ ଜଣେ ବ୍ୟବସାୟୀ କହିଛନ୍ତି।

## ଜୟନ୍ତୀରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୩।୫(ସମିସ): ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଆଦିମ୍ ଓଆର୍ ଜାର୍‌ପା ସଂଗଠନର ମିଳିତ ସହଯୋଗରେ ନୀଳାଦ୍ରିବିହାର ସୀତାନାଥ ବସ୍ତିସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସାନ୍ତାଳି ସମ୍ପ୍ରଦାୟର ଭାଇ ଭଉଣୀମାନେ ପରମ୍ପରା ମୁତାବକ ପୂଜାର୍ଚ୍ଚନା କରିବା ସହ ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି କାରୁ ମୁର୍ମୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ମନୋଜ ମାରାଣ୍ଡି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପ-ନିର୍ଦ୍ଦେଶକ ଦେବାନନ୍ଦ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଓଡ଼ିଶା ବିଧାନସଭା ସମ୍ମୁଖରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।



## ସାମ୍ବାଦିକତା ପ୍ରତି କମୁଛି ଆଗ୍ରହ



ଭୁବନେଶ୍ୱର, ୨୩।୫(ସମିସ)

ସାମ୍ବାଦିକତା ପାଠ୍ୟକ୍ରମରେ ଖାଲି ପଡୁଛି ସିଟ୍। ସାମ୍ବାଦିକତା ପଢ଼ିବାକୁ ଛାତ୍ରଛାତ୍ରୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ବହୁ ଶିକ୍ଷାନୁଷ୍ଠାନରେ କ୍ରମାଗତ ଭାବେ ଉପସ୍ଥାନ କମିବାରେ ଲାଗିଛି। ସାମ୍ବାଦିକତା ଓ ଗଣଯୋଗାଯୋଗ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କ୍ରମାଗତ ଭାବେ କମୁଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ଶିକ୍ଷାବିତ। ଦିନକୁ ଦିନ ସାମ୍ବାଦିକତା ଶୈଳୀରେ ପରିବର୍ତ୍ତନ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳକୁ ବହୁଳ ଭାବେ ଉପଯୋଗ କରାଯାଉଛି। କୃତ୍ରିମ ବୁଦ୍ଧିମତା ସାଙ୍ଗକୁ ବୈଷୟିକ ଜ୍ଞାନକୌଶଳକୁ ଅଗ୍ରାଧିକାର ଦିଆଯାଉଛି। ସେହି ଅନୁସାରେ ପାଠ୍ୟକ୍ରମରେ ପରିବର୍ତ୍ତନ କରାଯାଉ ନାହିଁ। ସାମ୍ପ୍ରତିକ ଜ୍ଞାନକୌଶଳ ସମ୍ପର୍କରେ କିଛି ଶିକ୍ଷାନୁଷ୍ଠାନରେ ପଢ଼ାଯାଉଥିଲେ ମଧ୍ୟ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଉନାହିଁ। ବିଧିବଦ୍ଧ ଭାବେ ନୂତନ ଜ୍ଞାନକୌଶଳକୁ ପାଠ୍ୟକ୍ରମରେ ସାମିଲ କରାଯାଉନାହିଁ। ଅପରପକ୍ଷରେ ପ୍ରାକ୍ଟିକାଲ କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଶିକ୍ଷାନୁଷ୍ଠାନରେ ଉପଲବ୍ଧ ନାହିଁ। ପୂର୍ବରୁ କରାଯାଉଥିବା ପ୍ରାକ୍ଟିକାଲ ପ୍ରଣାଳୀ ଏବେ ମଧ୍ୟ ଚିରାଚରିତ ଭାବେ କରାଯାଉଛି। କାଁ ଭାଁ କିଛି ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ଟେଲିପ୍ରମ୍ପଟର ମଧ୍ୟ ବ୍ୟବହାର କରାଯାଉନି। ଚିରାଚରିତ ଶୈଳୀରେ ପୁରୁଣା କ୍ୟାମେରା ଉପଯୋଗ କରାଯାଉଛି। ଫଳରେ ଛାତ୍ରଛାତ୍ରୀ ପରିବର୍ତ୍ତିତ ସାମ୍ବାଦିକତା ସହ ନିଜକୁ ଖାପ ଖୁଆଇ ପାରୁନାହାନ୍ତି। ଉଦାହରଣ ଭାବେ ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)କୁ ନେଇ ଅନୁଶୀଳନ କଲେ ଦିନକୁ ଦିନ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମୁଥିବା ଦେଖାଦେଉଛି।

୨୦୨୨-୨୩ ଶିକ୍ଷାବର୍ଷରେ ସମୁଦାୟ ୨୪ଟି ସିଟ୍ ଥିବାବେଳେ ମାତ୍ର ୨୦ଜଣ ପ୍ରବେଶିକା ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୯ ଜଣ ନାମଲେଖାଇଥିଲେ। ସେହିପରି ୨୦୨୩-୨୪ ଶିକ୍ଷାବର୍ଷରେ ମାତ୍ର ୧୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିଛନ୍ତି। ଚଳିତ ଶିକ୍ଷାବର୍ଷରୁ ସିଟ୍ ସଂଖ୍ୟା ବୃଦ୍ଧି କରାଯାଇ ୩୦ କରାଯାଇଛି। ହେଲେ ଆଶାନୁରୂପ ଆବେଦନ ହେଉ ନଥିବାରୁ ଏକାଧିକବାର ନାମଲେଖା ପାଇଁ ଆବେଦନ ଅବଧି ବଢ଼ାଯାଉଥିବା ଜଣେ ଅଧିକାରୀ କହିଛନ୍ତି। ପ୍ରଥମେ ଫେବ୍ରୁଆରୀ ୧ ତାରିଖରୁ ଆବେଦନ ଆରମ୍ଭ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପର୍ଯ୍ୟାୟରେ ଆବେଦନ ଅବଧି ଏକ ମାସ ପର୍ଯ୍ୟନ୍ତ ଥିଲା। ପରବର୍ତ୍ତୀ ସମୟରେ ତାକୁ ଏପ୍ରିଲ୍ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଦ୍ୱିତୀୟଥର ପୁଣି ଆବେଦନ ଅବଧିକୁ ବୃଦ୍ଧି କରାଯାଇ ମେ ୩୧ତାରିଖ ପର୍ଯ୍ୟନ୍ତ କରାଯାଇଛି। ଦୀର୍ଘ ୪ମାସ ପର୍ଯ୍ୟନ୍ତ ଆବେଦନ ଅବଧି ଆଇଆଇଏମ୍‌ସି ଇତିହାସରେ ସର୍ବକାଳୀନ ସର୍ବାଧିକ ବୋଲି ମଧ୍ୟ ଜଣାପଡ଼ିଛି। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସମୁଦାୟ ୩୨ ଟି ସିଟ୍ ରହିଛି। ୨୦୨୧-୨୩ ଶିକ୍ଷାବର୍ଷରେ ୨୦ ଜଣ ନାମ ଲେଖାଇଥିଲେ। ୨୦୨୨-୨୪ ଶିକ୍ଷାବର୍ଷରେ ୧୯ ଜଣ ପଢୁଥିଲା ବେଳେ ବହୁ ସିଟ୍ ଖାଲି ପଡୁଛି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୨୦୨୧-୨୩ ଶିକ୍ଷା ବର୍ଷରେ ସମୁଦାୟ ୩୨ ଟି ସିଟ୍ ଥିବାବେଳେ ୨୫ ଜଣ ନାମ ଲେଖାଇଥିଲେ। ୨୦୨୨-୨୪ ଶିକ୍ଷାବର୍ଷରେ ମାତ୍ର ୧୫ ଜଣ ଅଧ୍ୟୟନ କରିଛନ୍ତି। ଏଠାରେ ମଧ୍ୟ ପ୍ରତିବର୍ଷ ବହୁ ସିଟ୍ ଖାଲି ପଡୁଛି। ଅନୁରୂପ ଭାବେ ଆଇଏମ୍‌ଏସ୍‌ରେ ୬୦ ଟି ସିଟ୍ ଥିବାବେଳେ ୨୦୨୧-୨୩ ରେ ୨୨ ଜଣ ଓ ୨୦୨୨-୨୪ ରେ ୨୦ ଜଣ ଅଧ୍ୟୟନ କରିଛନ୍ତି। ଏଠାରେ ମଧ୍ୟ ବହୁ ସିଟ୍ ଖାଲି ପଡୁଥିବା ବେଳେ କ୍ରମାଗତ ଭାବେ ନାମଲେଖା ହାର କମୁଥିବା ଜଣାପଡ଼ିଛି।

- ସିଲାବସ୍‌ରେ ସାମିଲ ହେଉନି ଅତ୍ୟାଧୁନିକ ପାଠ୍ୟକ୍ରମ
- ପୁରୁଣା ଯନ୍ତ୍ରପାତିରେ ଚାଲୁଛି ପ୍ରାକ୍ଟିକାଲ
- ହେଉନାହାନ୍ତି ଛାତ୍ରଛାତ୍ରୀ, ବାରମ୍ବାର ବଢୁଛି ଆବେଦନ ଅବଧି

# ଭୁବନେଶ୍ୱର ସିଟି



## କନିଷ୍ଠ ଯନ୍ତ୍ରୀଙ୍କୁ ୩ବର୍ଷ ଜେଲ୍

ଭୁବନେଶ୍ୱର, ୨୩।୫(ସମିସ): ଲାଞ୍ଚ ମାମଲାରେ ନୟାଗଡ଼ ଜିଲ୍ଲା ସର୍ବଶିକ୍ଷା ଅଭିଯାନ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସଂଯୋଜନ ପୂର୍ବତନ ଟେକ୍ନିକାଲ କନ୍‌ସଲ୍‌ଟାଣ୍ଟ, କନିଷ୍ଠ ଯନ୍ତ୍ରୀ ରବି ନାରାୟଣ ବରଦଙ୍କୁ ଜେଲ୍ ଦଣ୍ଡ ହୋଇଛି। ଭୁବନେଶ୍ୱର ସ୍ପେଶାଲ ଭିଜିଲାନ୍ସ କୋର୍ଟ ଏହି ମାମଲାର ଶୁଣାଣି କରି ରବି ନାରାୟଣଙ୍କୁ ୩ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୪ ମାସ ସଜା ଭୋଗିବାକୁ କୁହାଯାଇଛି। ରାଗଡ଼ିଗଲା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ପାଇଁ ସରକାରୀ ଫଣ୍ଡରୁ ଅର୍ଥ ମଞ୍ଜୁର କରିବା ଏବଂ ଫାଇଲ୍ ଆଗକୁ ବଢ଼ାଇବା ପାଇଁ ଯନ୍ତ୍ରୀ ରବି ନାରାୟଣ ୧୦ ହଜାର ଟଙ୍କା ଲାଞ୍ଚ ମାଗୁଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ମାମଲା ରୁଜୁ କରି ଯନ୍ତ୍ରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଥିଲା। ଏହି ମାମଲାରେ ଭୁବନେଶ୍ୱର ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ଏସ୍. କେ. ପାଣିଗ୍ରାହୀ ତଦନ୍ତ କରି କୋର୍ଟରେ ଦୃଢ଼ ଚାର୍ଜସିଟ୍ ଦାଖଲ କରିଥିଲେ।

## 'ଜୀବନ ଆଇନା' ଲୋକାର୍ପିତ



ଭୁବନେଶ୍ୱର/କଟକ, ୨୩।୫(ସମିସ): କଳ୍ପନା ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିଷଦ କଟକ ଆନୁକୂଲ୍ୟରେ ଗୁରୁବାର କବି ଅଖିଳ କୁମାର ମିଶ୍ରଙ୍କ ଅଷ୍ଟମ କବିତା ସଙ୍କଳନ 'ଜୀବନ ଆଇନା' ଲୋକାର୍ପିତ ହୋଇଛି। ସିଡିଏ ସେକ୍ଟର-୬ ସ୍ଥିତ ଶ୍ରୀରାମ ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ.ବିଜୟ କୁମାର ମଲ୍ଲ ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ମୋହିତ ଚକ୍ରବର୍ତ୍ତୀ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଶୁଭେନ୍ଦୁ ମହାନ୍ତି, ଆଶୁତୋଷ ପତି, ମମତା ମଞ୍ଜରୀ ଦେଓ, ସୋନାଲିସା ମିଶ୍ର, ଅମିତାଭ ଶତପଥୀ, ମମତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କବି ଅଖିଳ ମିଶ୍ର କବିତା ଆବୃତ୍ତି କରିଥିଲେ। କବି ସୁନୀଲ କୁମାର ପୃଷ୍ଟିଙ୍କ ସ୍ମୃତିଚାରଣ ସହ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ 'ମନ୍ଦିର'ର ସମ୍ପାଦକ ଅକ୍ଷୟ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୌରାଙ୍ଗ ଚରଣଙ୍କ ୨ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର, ୨୩।୫(ସମିସ): ବାଣୀବିହାର ବିଶେଶ୍ୱରାୟ ଭବନ ଅଡିଟୋରିୟମ୍‌ରେ ଗୌରାଙ୍ଗ ଚରଣ ରାଉଳଙ୍କ ଲିଖିତ ଦୁଇଟି ପୁସ୍ତକ 'କଫି ଟେବୁଲ ବୁକ୍-ଟ୍ରାଭେଲ ଇନ୍ ଦ ଲ୍ୟାଣ୍ଡସ୍ ଅଫ୍ ଗଙ୍ଗା, ମାରା ଆଣ୍ଡ ନିଆଗରା' ଏବଂ 'ହ୍ୟାଣ୍ଡ ଅଫ୍ ଗଡ୍' ଉନ୍ମୋଚିତ ହୋଇଯାଇଛି। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ପ୍ରଫେସର ନନ୍ଦକିଶୋର ପରିଡ଼ା, ବିଶିଷ୍ଟ ସ୍ତମ୍ଭକାର ଦାଶ ବେନହୁର ଏହି ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରିଥିଲେ। ଅନିରୁଦ୍ଧ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଭାରତ, ଆଫ୍ରିକା ଏବଂ ଆମେରିକାର ବିଭିନ୍ନ ଦର୍ଶନୀୟ ସ୍ଥାନ ଏବଂ ନଦୀଗୁଡ଼ିକ ଉପରେ ପର୍ଯ୍ୟବସିତ।

## ପ୍ରଫେସର୍ ରାଧାକାନ୍ତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୩।୫(ସମିସ): ହିନ୍ଦୀ ଭାଷାକୁ ଆଦୃତ କରିବା ପାଇଁ ଆଜୀବନ ପ୍ରୟାସ କରିଥିବା ପ୍ରଫେସର ରାଧାକାନ୍ତ ମିଶ୍ରଙ୍କ ସ୍ମୃତିରେ ସ୍ମୃତି ସଂସଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ସ୍ବରପ୍ରିୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅଜୟ କୁମାର ପଟ୍ଟନାୟକ, ଗୋପାଳକୃଷ୍ଣ ଦାଶ, ସ୍ୱରୂପ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଫେସର ରମାକାନ୍ତ ମିଶ୍ରଙ୍କ ଅନୁଦିତ 'ଶ୍ରୀରାମଚରିତ ମାନସ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହାସହ ସ୍ମୃତି ସଂସଦ ପକ୍ଷରୁ ୨୦୨୪ ମସିହା ପାଇଁ ରବି ଶତପପଥୀଙ୍କୁ 'ପ୍ରଫେସର ରାଧାନାଥ ମିଶ୍ର ବିଶିଷ୍ଟ ହିନ୍ଦୀ ସେବୀ ସମ୍ମାନ', ପ୍ରକାଶ ଚନ୍ଦ୍ର ଖଟୁଆଙ୍କୁ 'ପ୍ରଫେସର ରାଧାନାଥ ମିଶ୍ର ଯୁବ ହିନ୍ଦୀ ସମ୍ମାନ-୨୦୨୪'ରେ ସମ୍ମାନିତ କାରାଯାଇଥିଲା। ରମେଶ ଚନ୍ଦ୍ର ମଲ୍ଲିକ ପୁସ୍ତକ ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ସଚିବ ଡ. ସ୍ନେହଲତା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପାର୍ବତୀ ବାରିକ।

### ଅଳିଆ ପଛରେ ୫ ବର୍ଷ

# ପୁଣି ଗନ୍ଧେଇଲାଣି




ଭୁବନେଶ୍ୱର, ୨୩।୫(ସମିସ)

ଅଳିଆ ସଫା କରିବା ବିଏମ୍‌ସିର ଏକ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ। ହେଲେ ବରମୁଣ୍ଡା ନିକଟସ୍ଥ ବସ୍‌ଷ୍ଟାଣ୍ଡ ପାଖ ସର୍ଭିସ ରୋଡରେ ରାଜଧାନୀର ଏଭଳି ଏକ ସ୍ଥାନ ଯେଉଁଠି ୫ ବର୍ଷ ହେଲା ଅସ୍ଥାୟୀ ଅଳିଆ ଗଦା ରହିଛି। ଏହାକୁ ନେଇ ରାଜ୍ୟ ସାରା ଲୋକଙ୍କ ଅଭିଯୋଗ କରୁଛନ୍ତି। ଗଣମାଧ୍ୟମ ବାରମ୍ବାର ଏନେଇ ଖବର ପ୍ରକାଶ କରୁଛି। ଏପରିକି ଗନ୍ଧ ଯୋଗୁଁ ସ୍ଥାନୀୟ ଲୋକେ ଏହି ରାସ୍ତାରେ ଯିବା ଆସିବା ବନ୍ଦ କରି ସାରିଲେଣି। ବିଏମ୍‌ସି କିନ୍ତୁ ଏହି ସ୍ଥାନକୁ ଅଳିଆମୁକ୍ତ କରିପାରୁ ନାହିଁ। ଯାଞ୍ଚ କଡ଼ାକଡ଼ି କରୁନାହିଁ। ବିଏମ୍‌ସିର ମନେପଡ଼ିଲେ ଅଳିଆ ଫୋପାଡୁଥିବା ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛି। ସେହିପରି ଦିନ ଦିନ ଧରି ଏଠାରେ ଅଳିଆ ପଡ଼ି ରହୁଥିଲେ ମଧ୍ୟ କେହି ସଫା କରୁନାହାନ୍ତି। ବିଏମ୍‌ସି ଅଧିକାରୀଙ୍କୁ ପଚାରିଲେ, ଆମେ ରୋକିବାକୁ ଚେଷ୍ଟା କରୁଛୁ, କିଏ ଅଳିଆ ଫୋପାଡ଼ି ଦେଇ ଚାଲିଯାଉଛି ଜଣାପଡୁ ନାହିଁ, ଆଗକୁ ଧ୍ୟାନ ଦେବୁ କହି ବିଏମ୍‌ସି ବାହାନା ବନାଇବାରେ ବ୍ୟସ୍ତ ରହୁଛି।

ସେପଟେ ଦିନ ଦ୍ୱିପହରରେ ଆମାନିଆମାନେ ନାଳକଡ଼ରେ ଅଳିଆ ଠୁଳ କରୁଛନ୍ତି। ଯିଏ ଯାହା ପାରୁଛି ଫୋପାଡ଼ି ଦେଇ ଚାଲିଯାଉଛି। ଏଠାରେ ପ୍ଲାଟିକ୍ ବ୍ୟାଗ୍, ମାଛ ପେଟିର ପାହାଡ଼ ସୃଷ୍ଟି ହେଲାଣି। ବିଶେଷକରି ଆମିଷ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଆମିଷ ବର୍ଜ୍ୟ ଏଠାରେ ଫୋପାଡୁଛନ୍ତି। କୁକୁଡ଼ା ପର, ଛେଳି ହାଡ଼, ମାଛ କାତି ପ୍ରଭୃତିକୁ କୁକୁର, ଚଢ଼େଇ ଖାଉଥିବା ଦେଖିବାକୁ ମିଳୁଛି। ଆମିଷ ବର୍ଜ୍ୟ ପଚିଯିବାରୁ ଦୁର୍ଗନ୍ଧରେ ନାକ ଫାଟୁଛି। ସ୍ଥାନୀୟ ଲୋକେ ଏହି ରାସ୍ତା ଦେଇ ଯିବାଆସିବା ବନ୍ଦକରି ସାରିଲେଣି। ବିଏସ୍‌ଏବିଟିରୁ ବସ୍ ଧରିପାରୁ ନ ଥିବା ଯାତ୍ରୀ ବେଳେ ବେଳେ ଏଠାରେ ଛିଡ଼ା ହେଉଛନ୍ତି। ହେଲେ ଦୁର୍ଗନ୍ଧ ଯୋଗୁଁ ଯାତ୍ରୀ ଏଠାରେ ବାଧହୋଇ ମୁହଁରେ ରୁମାଲ ଦେଇ ଛିଡ଼ା ହେଉଛନ୍ତି। ଟ୍ରାଫିକ ଯୋଗୁଁ ଖଣ୍ଡଗିରି ଆଡ଼କୁ ଯାଉଥିବା ବସ୍‌ଗୁଡ଼ିକ ଯଦି ଏଠାରେ ଛିଡ଼ା ହୋଇଗଲା ତେବେ ଗନ୍ଧ ଯୋଗୁଁ ବସ୍ ଭିତରେ ଯାତ୍ରୀ ବସିପାରୁନାହାନ୍ତି। ଲୋକେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି।

ବରମୁଣ୍ଡା ନିକଟସ୍ଥ ବସ୍‌ଷ୍ଟାଣ୍ଡ ଦୀର୍ଘଦିନ ଧରି ଅସଜଡ଼ା ହୋଇ ପଡ଼ି ରହିଥିଲା। ମାତ୍ର ୩ ବର୍ଷ ମଧ୍ୟରେ ବିଏସ୍‌ଏବିଟିର ନକ୍ସା ପରିବର୍ତ୍ତନ ହୋଇଗଲା। ରୂପାନ୍ତରଣ ପରେ ଏହା ବିମାନବନ୍ଦର ଭଳି ପ୍ରତୀୟମାନ ହେଉଛି। ସାମାନ୍ୟ ଅଳିଆ ବି ଦେଖିବାକୁ ମିଳୁନି। ହେଲେ ୫ ବର୍ଷ ଧରି ଅଳ୍ପକିଛି ସ୍ଥାନ ଉପରେ ଗଦା ହୋଇଥିବା ଅଳିଆକୁ ବିଏମ୍‌ସି ସଫା କରିପାରୁ ନାହିଁ। ବିଏମ୍‌ସିର ଖାମଖିଆଲି ନୀତି ବିଶ୍ୱସ୍ତରୀୟ ବସଷ୍ଟାଣ୍ଡର ଗରିମାକୁ କୁଠାରଘାତ କରୁଛି ବୋଲି ରାଜଧାନୀବାସୀ ଅଭିଯୋଗ କରିଛନ୍ତି।

## ଭିଏସ୍‌ଏସ୍‌ନଗର ଭୂତଳ ରାସ୍ତାରେ ଅଳିଆ ଗଦା



ଭୁବନେଶ୍ୱର, ୨୩।୫(ସମିସ): ବର୍ଷା ନାହିଁ, ହେଲେ ଭିଏସ୍‌ଏସ୍‌ନଗର ଅଣ୍ଡରପାସ୍ ରାସ୍ତାରେ ଭାସୁଛି ଡ୍ରେନ୍ ପାଣି। ଫଳରେ ପାଣିରେ ପଡ଼ି ରହୁଥିବା ଆବର୍ଜନା ପଚି ଶଢ଼ି ସେଥିରେ ପୋକ ସାଲୁବାଲୁ ହେଲାଣି। ଏଥିସହ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ତା' ସାଙ୍ଗକୁ ଦୁଇ ପାଖରେ ଗଦା ହୋଇଛି ଅଳିଆର ପାହାଡ଼। ଭିଏସ୍‌ଏସ୍‌ନଗର, ଚକେଇସିଆଣି, ସତ୍‌ସଙ୍ଗବିହାର, ବାଣୀବିହାର, ସହିଦନଗରକୁ ଯାତାୟତ ସୁଗମ କରିବାକୁ ସତସଙ୍ଗ ବିହାର ଅଣ୍ଡରପାସ୍ ଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ଲୋକ ଯିବାଆସିବା କରିଥାନ୍ତି। ରସୁଲଗଡ଼ ଛକ ଦେଇ ଆସିବା ଦ୍ୱାରା ଅଧିକ ସମୟ ଲାଗୁଥିବାରୁ ସହଜ ରାସ୍ତା ଭାବେ ଏହାକୁ ସ୍ଥାନୀୟ ଲୋକେ ବ୍ୟବହାର କରିଥାନ୍ତି। ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ଅଣ୍ଡରପାସ୍ ତଳେ ଆଣ୍ଠୁଏ ପାଣି ଜମିରହୁଥିବାବେଳେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ବିନା ବର୍ଷାରେ ବି ଅଣ୍ଡରପାସ୍ ତଳେ ଦୁଇ ପାର୍ଶ୍ୱରେ ଆବର୍ଜନା ପାଣି ଜମି ରହୁଛି। ତା' ସାଙ୍ଗକୁ ଏଠାରେ ନିୟମିତ ଅଳିଆ ଗଦା କରାଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଏ ନେଇ କର୍ପୋରେଟର ଭୋଳାନାଥ ମହାରଣା କହିଛନ୍ତି ଯେ, ଏହି ରାସ୍ତା ଏନଏଚ୍‌ଏଆଇ ଅଧୀନରେ ରହିଛି। କିନ୍ତୁ ଏହିସ୍ଥାନ ସହ ନିକଟରେ ରହିଥିବା ବସ୍ତିରେ ମଧ୍ୟ ସଫେଇ ଗାଡ଼ି ନିୟମିତ ଅଳିଆ ସଂଗ୍ରହ କରୁଛି।

## କର୍କଟ ରୋଗୀଙ୍କୁ କେଶ ଦାନ



ଭୁବନେଶ୍ୱର, ୨୩।୫(ସମିସ): କର୍କଟ ରୋଗୀଙ୍କ ମାନସିକ ଅବସାଦ ଦୂର ପାଇଁ କେଶ ଦାନ କରିଛନ୍ତି ପୁରୀ ଜିଲ୍ଲା କାକଟପୁର ଅଞ୍ଚଳ ଗମ୍ଭାରିପଦା ଗ୍ରାମର ଲିଜା ନାୟକ। ସେହିଦିନରୁ ସେ ନିଜ ଚୁଟି ଦାନ କରିବାକୁ ସ୍ଥିର କରିଥିଲେ। ଏଥିପାଇଁ ଦୁଇବର୍ଷ ଧରି ନିଜ ଚୁଟିର ଯତ୍ନ ଅଧିକରୁ ଅଧିକ ନେଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ଲିଜାଙ୍କୁ ବାରଣ କରିଥିଲେ ମଧ୍ୟ ତାଙ୍କର ଆଗ୍ରହ ଦେଖି ପରବର୍ତ୍ତୀ ସମୟରେ ସହମତି ଦେଇଥିଲେ। କେଶ ଦାନ କରିବା ପାଇଁ ଉପଯୁକ୍ତ ଲମ୍ବା ହେବା ପରେ ଭୁବନେଶ୍ୱର ଆସି କେଶ ଦାନ କରିଛନ୍ତି ଲିଜା। ସେ ବର୍ତ୍ତମାନ ସ୍ନାତକ ଶିକ୍ଷା ଶେଷ ପରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ସୂଚନା ଅନୁସାରେ, କର୍କଟ ରୋଗୀମାନେ କେମୋ ଥେରାପି ନେଉଥିବାରୁ କେଶ ଉପୁଡ଼ିଯାଇଥାଏ। ତେବେ ଏହି ଦାନ କେଶରୁ ୱିଗ୍ ତିଆରି କରାଯାଇ କର୍କଟ ରୋଗୀମାନଙ୍କୁ ଦିଆଯାଇଥାଏ। ଆଗକୁ ପୁଣି କେଶ ଦାନ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ଲିଜା।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୨ ଶହ କୁନି ପ୍ରତିଯୋଗୀ

ଭୁବନେଶ୍ୱର, ୨୩।୫(ସମିସ): ପିଲାଙ୍କ ଅନୁଷ୍ଠାନ ଇଟିକିଲି ମିଟିକିଲିର ୨୯ ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଗୁରୁବାର ଭୁବନେଶ୍ୱରସ୍ଥିତ ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି ଅଡ଼ିଟୋରିୟମ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ସମ୍ମାନପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପିଲାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଉପଯୁକ୍ତ ମଞ୍ଚରେ ସୁଯୋଗ ଦେଇ ଲୋକଲୋଚନକୁ ଆଣିବା ନିମନ୍ତେ ଦୀର୍ଘ ୨୯ ବର୍ଷ ଧରି ଇଟିକିଲି ମିଟିକିଲି ଯେଉଁ ପ୍ରଚେଷ୍ଟା ଜାରି ରଖିଛି, ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମତପ୍ରକାଶ କରିଥିଲେ। ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବରିଷ୍ଠ ଖବର ଉପସ୍ଥାପକ ସଂଗ୍ରାମ ଷଡ଼ଙ୍ଗୀ, ରୟାଲ ହାୟର ସେକେଣ୍ଡାରୀ ସ୍କୁଲର ନିର୍ଦ୍ଦେଶକ ବିଷ୍ଣୁମୋହନ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।



ଅନୁଷ୍ଠାନର ସଚିବ ଶରତ କୁମାର ନାୟକ ନିଜ ବକ୍ତବ୍ୟରେ ଅଭିଭାବକମାନଙ୍କ ସହଯୋଗ ଓ ପିଲାମାନଙ୍କ ସମ୍ପୃକ୍ତି ଯୋଗୁ ଦୀର୍ଘବର୍ଷ ହେଲା ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ଅନୁଷ୍ଠିତ ହୋଇଆସୁଛି ବୋଲି ମତପ୍ରକାଶ କରିଥିଲେ। ଏହାପରେ ଆୟୋଜିତ ହୋଇଥିଲା ଓଡ଼ିଆ କବିତା ଆବୃତ୍ତି ଓ ଓଡ଼ିଆ ସମ୍ବାଦପାଠ ପ୍ରତିଯୋଗିତା। କାର୍ଯ୍ୟକ୍ରମରେ ଶିଶୁସାହିତ୍ୟିକ କୃତ୍ତିବାସ ନାୟକ, ଲକ୍ଷ୍ମୀକାନ୍ତ ଖଣ୍ଟିଆ, ପ୍ରଜ୍ଞା ପାରମିତା ସାହୁ ବିଚାରକ ଭାବରେ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶୀ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ଗୁରୁ ଦେବବ୍ରତ ଦାସ, ଗୁରୁ ପୀତାମ୍ବର ବିଶ୍ୱାଳ ଓ ପ୍ରାଧ୍ୟାପକ ଜେନାମଣି ସଞ୍ଜିବ କୁମାର ପ୍ରମୁଖ ବିଚାରକ ଭାବରେ ଉପସ୍ଥିତ ରହି କୃତୀ ନୃତ୍ୟଶିଳ୍ପୀମାନଙ୍କୁ ଚୟନ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଦୁଇଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

### ଆମ ରାଜଧାନୀ ଆମ ଐତିହ୍ୟ

## ପଞ୍ଚରଥ ବିଶିଷ୍ଟ 'ମୁକ୍ତେଶ୍ୱର ମନ୍ଦିର'





ଭୁବନେଶ୍ୱର, ୨୩।୫(ସମିସ)

ମନ୍ଦିରମାଳିନୀ ସହର ଭାବରେ ପରିଚିତ ଭୁବନେଶ୍ୱର। ରାଜଧାନୀରେ ଥିବା ଅଧିକାଂଶ ମନ୍ଦିର ରାଜରାଜୁଡ଼ାଙ୍କ ସମୟର। ସେହି ପୁରାତନ ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମ ଦଶମ ଶତାବ୍ଦୀର ମୁକ୍ତେଶ୍ୱର ମନ୍ଦିର। ଯାହା ଟଙ୍କପାଣି ରୋଡ୍ ଦେଇ ଗଲାବେଳେ ଡାହାଣ ପାର୍ଶ୍ୱରେ ରହିଛି। ଓଡ଼ିଶାରେ ଥିବା ପ୍ରାଚୀନ ମନ୍ଦିରଗୁଡ଼ିକ ମଧ୍ୟରୁ ରାଜଧାନୀର ମୁକ୍ତେଶ୍ୱର ମନ୍ଦିର ଅନ୍ୟତମ ଭବ୍ୟ ତଥା ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପନ୍ନ ମନ୍ଦିର। ଯାହାକି କଳିଙ୍ଗ ମନ୍ଦିର ସ୍ଥାପତ୍ୟ ବଜାରର ପ୍ରାରମ୍ଭିକ ପର୍ଯ୍ୟାୟରୁ ପରିପକ୍ୱ ପର୍ଯ୍ୟାୟର ମନ୍ଦିର ମଧ୍ୟରେ ପରିବର୍ତ୍ତନର ପରିଚାୟକ। ଏଥିପାଇଁ ମୁକ୍ତେଶ୍ୱର ମନ୍ଦିର କଳିଙ୍ଗ ମନ୍ଦିର ସ୍ଥାପତ୍ୟ ବଜାର ରତ୍ନ ଭାବେ ଅଭିହିତ। ଏଠାରେ ରହିଥିବା କାରୁକାର୍ଯ୍ୟ ସମ୍ବଳିତ ତୋରଣ ଓଡ଼ିଶାରେ ଏକମାତ୍ର କଳାକୃତି ଏବଂ ଏହି ମନ୍ଦିରର ଏକ ପ୍ରମୁଖ ବୈଶିଷ୍ଟ୍ୟ ମନ୍ଦିରର ପ୍ରବେଶରେ ଚଟାଣର ଖୋଦିତ ମନ୍ଦିରର ସ୍ଥାପତ୍ୟ କଳା ବିଷୟରେ ଲେଖା ଅଛି। ମନ୍ଦିରରେ ଥିବା ଛୋଟ ଛୋଟ ମନ୍ଦିର ମଧ୍ୟରୁ ଗୋଟାଏ ମନ୍ଦିର ଖାକରା ଶୈଳୀରେ ନିର୍ମିତ। ଏହାର ଉତ୍ତର ପଶ୍ଚିମ ପଟକୁ ରହିଥିବା ଦ୍ୱାଦଶ ଶତାବ୍ଦୀର ନିର୍ମିତ ସିଦ୍ଧେଶ୍ୱର ମନ୍ଦିର ରହିଛି। ଯେଉଁଠି ଉଭୟ ବିମାନ ଓ ପିରାମିଡ ସଦୃଶ୍ୟ ଜଗମୋହନ ରହିଛି। ମୁକ୍ତେଶ୍ୱର ମନ୍ଦିର ପଞ୍ଚରଥ ବିଶିଷ୍ଟ ଅଟେ। ମନ୍ଦିରର ବହିର୍ଭାଗ ମନୋରମ ନାୟିକା, ମୂର୍ତ୍ତି, ନାଗ-ନାଗୀ ସ୍ତମ୍ଭ, ଭାରରକ୍ଷକ, ଗଙ୍ଗା, ଯମୁନା, ନଟରାଜ ଓ ବିଚିତ୍ର ଭୋମୂର୍ତ୍ତି ଆଦି ରହିଛି। ଏହା ବ୍ୟତୀତ ମନ୍ଦିର ପରିସରରେ ଏକ କୁଣ୍ଡ ମଧ୍ୟ ଅଛି ଯାହାକୁ ନେଇ ବିଶ୍ୱାସ ରହିଛି ସନ୍ତାନ ପ୍ରାପ୍ତି ପାଇଁ ମହିଳାମାନେ ସେହି ପାଣି ନେଇ ସ୍ନାନ କରିଥାନ୍ତି। ସେଥିପାଇଁ ସେହି କୁଣ୍ଡକୁ ପୂଜା କରାଯାଇଥାଏ।

### ଏବେ କେମିତି ରହିଛି

ଏହି ମନ୍ଦିରଟି ରାସ୍ତା ପାର୍ଶ୍ୱରେ ରହିଥିବାରୁ ପ୍ରାୟତଃ ଏଠାରେ ଲୋକଙ୍କ ଗହଳି ଦେଖିବାକୁ ମିଳେ। ଏଠାକୁ ପ୍ରତିଦିନ କେବଳ ରାଜଧାନୀ କିମ୍ବା ରାଜ୍ୟରୁ ନୁହନ୍ତି; ରାଜ୍ୟ ବାହାରୁ ମଧ୍ୟ ବହୁ ପର୍ଯ୍ୟଟକ ଆସୁଛନ୍ତି। ମନ୍ଦିର ପ୍ରବେଶ ପାଇଁ ଟିକଟ୍ ବାବଦରେ କୌଣସି ଦେୟ ପଡ଼େନାହିଁ। ମନ୍ଦିରର ଶୋଭା ବଢ଼ାଇବାକୁ ତାକୁ ଲାଗି ଏକ ସୁନ୍ଦର ବଗିଚା କରାଯାଇଛି। ଯେଉଁଠି ଭିନ୍ନ ଭିନ୍ନ ଫୁଲ ଗଛ ମାଧ୍ୟମରେ ମନ୍ଦିର ପରିସରକୁ ଆହୁରି ସୌନ୍ଦର୍ଯ୍ୟମୟ କରୁଛି। ମନ୍ଦିରର କାରୁକାର୍ଯ୍ୟ ବେଶ୍ ଆକର୍ଷିତ ବୋଲି ପର୍ଯ୍ୟଟକ ମତ ଦେଇଛନ୍ତି। ଏହା ସହିତ ବସିବାକୁ ଗଛମୂଳେ ଏକ ପିଣ୍ଡି ଓ ଦୁଇଟି ବେଞ୍ଚ ମଧ୍ୟ ଅଛି। ଏହାର ରକ୍ଷଣାବେକ୍ଷଣ ପାଇଁ ୬ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ବଗିଚା କାର୍ଯ୍ୟ ପାଇଁ ତଥା ସଫେଇ କର୍ମଚାରୀଙ୍କୁ ମିଶାଇ ଆଉ ୪ ଜଣ ରହିଛନ୍ତି। ମନ୍ଦିରକୁ ଲାଗି ଏକ ପୁଷ୍କରିଣୀ ରହିଛି। ହେଲେ ତାହା ଅନେକ ଦିନରୁ ସଫା ନ ହେବା କାରଣରୁ ତାର ରଙ୍ଗ ପରିବର୍ତ୍ତନ ହୋଇଗଲାଣି। ପର୍ଯ୍ୟଟକଙ୍କ ପିଇବା ପାଇଁ ସ୍ୱଚ୍ଛ ପାଣି ବ୍ୟବସ୍ଥା ରହିଛି ହେଲେ ଶୌଚାଳୟର ବ୍ୟବସ୍ଥା କରାଯାଇ ପାରିଲେ ସୁବିଧା ହୋଇପାରିବ ବୋଲି ରାଜସ୍ଥାନରୁ ଆସିଥିବା ପର୍ଯ୍ୟଟକ ପ୍ରିୟଙ୍କା ଗୁପ୍ତା କହିଛନ୍ତି। ମନ୍ଦିର ଦାୟିତ୍ୱରେ ନିୟୋଜିତ କର୍ମଚାରୀଙ୍କ କହିବା ଅନୁଯାୟୀ ବଗିଚା ଓ ମନ୍ଦିର ପରିସରରେ ପ୍ରତିଦିନ ସଫେଇ କାର୍ଯ୍ୟ ହେଉଛି ହେଲେ ପୁଷ୍କରିଣୀ ସଫେଇ କାର୍ଯ୍ୟ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୩୧ ● ପାଉଣ୍ଡ ୧୦୬.୩୧
- ୟୁରୋ ୯୦.୪୫ ● ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୮,୪୫୦ (ନୂଆଦିଲ୍ଲୀ)
- ରୁପା : ୯୫,୮୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୪୧୮.୦୦
- ନିଫ୍ଟି ୨୨,୯୬୭.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଭୋଟ୍‌ଦେଲେ ୱଣ୍ଡେର୍ଲା ଭୁବନେଶ୍ୱର ପାର୍କ ଟିକଟରେ ୧୫% ଛାଡ଼

**ଭୁବନେଶ୍ୱର,୨୩।୫(ସମିସ):** ଭୋଟଦାନର ଗୁରୁତ୍ୱ ସମ୍ପର୍କରେ ସଚେତନତା ପ୍ରସାର କରିବାର ଏକ ପଦକ୍ଷେପ ସ୍ୱରୂପ ଭାରତର ସର୍ବବୃହତ ଆମ୍ୟୁଜମେଣ୍ଟ; ପାର୍କ ଚେନ୍ ୱଣ୍ଡେର୍ଲା ହଲିଡେଜ୍ ଲିମିଟେଡ ଘୋଷଣା କରିଛି ଯେ ଭୋଟଦାନ ଚିହ୍ନ ପ୍ରଦର୍ଶନ କରୁଥିବା ଗ୍ରାହକମାନଙ୍କୁ ସେମାନଙ୍କର ଭୁବନେଶ୍ୱର ପାର୍କର ଟିକଟ ଉପରେ ୧୫% ରିଆତି ମିଳିବ। ଏହି ଅଫର୍ ମେ' ୨୫ରୁ ଜୁନ୍ ୩ ତାରିଖ ପର୍ଯ୍ୟନ୍ତ ୱଣ୍ଡେର୍ଲା ଭୁବନେଶ୍ୱର ପାର୍କରେ ଅନ୍‌ଲାଇନ ଓ ଅଫ୍‌ଲାଇନ ବୁକିଂ ନିମନ୍ତେ ପ୍ରଯୁଜ୍ୟ। ଏହି ଅଫର୍‌ର ସୁବିଧା ନେବାକୁ କାଳି ଲାଗିଥିବା ଆଙ୍ଗୁଠିକୁ ପାର୍କ ପ୍ରବେଶ ପଥରେ ଯାଞ୍ଚ କରାଯିବ। ୱଣ୍ଡେର୍ଲା ଭୁବନେଶ୍ୱର ହେଉଛି ୱଣ୍ଡେର୍ଲାର ସମ୍ମାନଜନକ ବର୍ଗମାଳାର କୋଚି, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ପରେ ଚତୁର୍ଥ ମିଶ୍ରଣ। ୱଣ୍ଡେର୍ଲା ୨୦୦୦ରେ ସ୍ଥାପିତ ହେବା ଦିନଠାରୁ ଅତୁଳନୀୟ ମନୋରଞ୍ଜନ ଅନୁଭୂତି ଯୋଗାଇଦେବାକୁ ରଖିଆସିଥିବା ଏକନିଷ୍ଠ ପ୍ରତିବଦ୍ଧତାର ପ୍ରତିନିଧିତ୍ୱ କରୁଛି। ଏ ସମ୍ପର୍କରେ ୱଣ୍ଡେର୍ଲା ହଲିଡେଜ୍ ଲିମିଟେଡର ଏମ୍‌ଡି ଅରୁଣ ଚିଟ୍ଟିଲାପିଲେ କହିଛନ୍ତି, ଭୋଟଦାନ କେବଳ ଆମର ଏକ ଅଧିକାର ନୁହେଁ, ବରଂ ଏକ ଦାୟିତ୍ୱ ଯାହା ପ୍ରତ୍ୟେକ ନାଗରିକ ବଜାୟ ରଖିବା ଉଚିତ। ୱଣ୍ଡେର୍ଲାରେ ଆମେ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଏବଂ ସେମାନଙ୍କର ଭୋଟ ଦେବାର ଅଧିକାର ସାବ୍ୟସ୍ତ କରିବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ପ୍ରବର୍ତ୍ତାଇବା ପ୍ରୟାସଗୁଡିକୁ ସମର୍ଥନ କରିବା ନିମନ୍ତେ ଉତ୍ସର୍ଗୀକୃତ ରହିଛୁ।




### ଦୌଡୁଛି ଷ୍ଟକ୍ ବଜାର

# ସର୍ବକାଳୀନ ୭୫ ହଜାର ପଏଣ୍ଟ ସ୍ତର ଟପିଲା ସେନ୍‌ସେକ୍ସ

**ସୂଚକାଙ୍କ ୧୨୦୦ ପଏଣ୍ଟ ଉଠିଲା**

**୨୩ ହଜାର ପଏଣ୍ଟ ନିକଟତର ନିଫ୍ଟି**

**ନିବେଶକ କମାଇଲେ ୪.୧ ଲକ୍ଷ କୋଟି**

**ମୁମ୍ବଇ, ୨୩।୪(ଏଜେନ୍ସି)**

ସମସ୍ତ ପ୍ରକାର ଅସ୍ଥିରତାକୁ ହଟାଇ ଦୌଡୁଛି ଘରୋଇ ଷ୍ଟକ ବଜାର। ବଜାର କାରବାରରେ ପ୍ରତିଷ୍ଠା ହୋଇଛି ନୂଆ ମାଇଲଖୁଣ୍ଟ। କାରଣ ସର୍ବକାଳୀନ ୭୫ ହଜାର ପଏଣ୍ଟ ସ୍ତର ଅତିକ୍ରମ କରିଛି ସେନ୍‌ସେକ୍ସ। ଗୁରୁବାର ଶେୟାର ବଜାର ଉପରେ ଲକ୍ଷ୍ମୀ ମା'ଙ୍କର ଶୁଭ ଦୃଷ୍ଟି ପଡିଛି। ଲୋକ ସଭା ନିର୍ବାଚନ ଶେଷ ଆଡକୁ ଗ୍ରଗତି କରୁଥିଲାବେଳେ ଗୁରୁବାର ଦଲାଲ ଷ୍ଟ୍ରିଟ୍‌ରେ ଜବରଦସ୍ତ ଉତ୍ସାହ ଦେଖିବାକୁ ମିଳିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୧୨୦୦ ପଏଣ୍ଟ ବୃଦ୍ଧି ଘଟିବା ପରେ କାରବାର ଉପରମୁହାଁ ହୋଇ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। ଅପରପକ୍ଷେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) ମଧ୍ୟ ରେକର୍ଡ ୨୩ ହଜାର ପଏଣ୍ଟ ସ୍ତର ନିକଟତର ହୋଇଛି। ଏଥିଯୋଗୁ ଆଜି ନିବେଶକଙ୍କ ସମ୍ପତ୍ତିରେ ପ୍ରାୟ ୪.୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି।

୨୦୨୩-୨୪ ଆର୍ଥିକବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କେନ୍ଦ୍ର ସରକାରଙ୍କୁ ଡିଭିଡେଣ୍ଡ ଆକାରରେ ପ୍ରାୟ ୨,୧୦,୮୭୪ କୋଟି ଟଙ୍କାର ବଳକା ରାଶି ପ୍ରଦାନ କରିବାକୁ ଘୋଷଣା କରିବା ପରେ ଘରୋଇ ପୁଞ୍ଜି ବଜାରରେ ଏହି ଉତ୍ସାହ ଦେଖାଯାଇଛି। କାରଣ ଆରବିଆଇ ଘୋଷଣା କରିଥିବା ଅର୍ଥ ଗତ ବର୍ଷ ତୁଳନାରେ ୧୪୦% ଅଧିକ। ଏଥିଯୋଗୁ ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧୧୯୭ ପଏଣ୍ଟ ବା ୧.୬୧ ପ୍ରତିଶତ ବୃଦ୍ଧି ଘଟି ୭୫,୪୧୮.୦୪ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି)ରେ ୩୭୦ ପଏଣ୍ଟ ବା ୧.୬୪ ପ୍ରତିଶତ ବୃଦ୍ଧି ଘଟି ୨୨,୯୬୭.୬୫ ପଏଣ୍ଟରେ କାରବାର ଶେଷ ହୋଇଛି। ଅଧିକାଂଶ ବ୍ୟାପକ ବଜାର ସୂଚକାଙ୍କ ମଧ୍ୟ ଇଣ୍ଟ୍ରା ଡେ ଟ୍ରେଡିଂ ସମୟରେ ଏକ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହାଛଡା ବଜାର କାରବାରରେ ସମସ୍ତ ହେଭିୱେଟ୍ ଶେୟାର ଭଲ ପ୍ରଦର୍ଶନ କରିଥିଲେ। ତେବେ କାରବାର ସମୟରେ ଅସ୍ଥିରତା ମଧ୍ୟ ୧% ରୁ ଅଧିକ ବୃଦ୍ଧି ପାଇଛି। ଆଜିର କାରବାରରେ ଆର୍ଥିକ, ବ୍ୟାଙ୍କିଙ୍ଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଷ୍ଟକଗୁଡିକରୁ ନିଫ୍ଟି ଆଇଟି, ନିଫ୍ଟି ଆର୍ଥିକ ସେବା ଏବଂ ନିଫ୍ଟି ବ୍ୟାଙ୍କର ଲାଭ ଦ୍ୱାରା ପ୍ରତିଫଳିତ ହେତୁ ବଜାରରେ ଉତ୍ସାହ ଦେଖାଯାଇଛି।




# ଗୋଦରେଜ୍ ଉଡେନ୍ ଫିନିସ୍ ଏସି, ରେଫ୍ରିଜରେଟର ବଜାରରେ



**କଟକ, ୨୩।୫ (ସମିସ):** ଗୋଦରେଜ ଆପ୍ଲାଏନସେସ ପକ୍ଷରୁ ପ୍ରକୃତି ଦ୍ୱାରା ଅନୁପ୍ରାଣିତ ଉଡେନ ଫିନିସ ହୋମ ଆପ୍ଲାଏନସେସ ଇଅନ ଭଗ୍ ସିଡିଏ ସ୍ଥିତ ପାତ୍ର ଇଲେକ୍ଟ୍ରୋନିକ୍ସ ଠାରେ ଉନ୍ମୋଚନ କରାଯାଇଛି। ଏହି ବର୍ଗମାଳାରେ ରହିଛି ଏସି ଓ ରେଫ୍ରିଜରେଟର, ଯାହା ସୌନ୍ଦର୍ଯ୍ୟ ସହିତ ପ୍ରଯୁକ୍ତିର ମିଶ୍ରଣ ପ୍ରଦାନ କରୁଛି। ଘରର ଆଭ୍ୟନ୍ତରୀଣ ରଙ୍ଗ ସହ ଖାପଖୁଆଇ ଅବିକଳ କାଠ ଭଳି ଦିଶୁଥିବା ଏସି ଆଉ ରେଫ୍ରିଜରେଟର ଏବେ ବଜାରରେ ଉପଲବ୍ଧ ହେବ। ଗୋଦରେଜ ଆପ୍ଲାଏନସେସ୍‌ର ବ୍ୟବସାୟ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଉପ ସଭାପତି କମଳ ନନ୍ଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ବଜାର ପ୍ରବେଶ କରାଇଥିଲେ। ସେ କହିଥିଲେ ଯେ, ଯୁବ ଭାରତୀୟ ଗ୍ରାହକମାନେ ସେମାନଙ୍କ ଘର ତିଆରି କରିବା ପାଇଁ ବହୁତ ପରିଶ୍ରମ କରୁଛନ୍ତି। ସବୁ କିଛିକୁ ସେମାନେ ଡିଜାଇନରେ ରଖିବାକୁ ଚାହୁଁଥିବା ବେଳେ ଘର ସାଜସଜ୍ଜା ବିଷୟରେ ଏକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଏଥିରେ ଇଣ୍ଡିଆ ସର୍କସର ପ୍ରତିଷ୍ଠାତା ତଥା ଡିଜାଇନ୍ ନିର୍ଦ୍ଦେଶକ କ୍ରିଷ୍ଣା ମେହତା କହିଛନ୍ତି ଯେ, ଗୋଦରେଜ ଆପ୍ଲାଏନ୍ସର ନୂଆ ଉଡେନ-ଫିନିସ୍ ସିରିଜ୍ ଭାରତରେ ସାଜସଜ୍ଜା ଦୁନିଆରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଓକ୍ ଓ ୱାଲ୍‌ନଟ୍ କାଠ ଭଳି ଦୁଇଟି ସେଡରେ ଉପଲବ୍ଧ ଗୋଦରେଜ ଇଅନ ଭୋଗ ସିରିଜ ରେଫ୍ରିଜରେଟର ୨୭୨ ଲିଟର ଓ ୨୪୪ ଲିଟର କ୍ଷମତାରେ ଉପଲବ୍ଧ। ଏହାର ମୂଲ୍ୟ ୨୭,୦୦୦-୩୨୦୦୦ ଟଙ୍କା। ସାଇପ୍ରସ, ଟିକ୍ ଓ ମାହୋଗାଦି ଭଳି ତିନିଟି ସେଡରେ ୧.୫ ଟନ କ୍ଷମତାରେ ଉପଲବ୍ଧ ହୋଇଥିବାବେଳେ ତାହାର ମୂଲ୍ୟ ୩୫,୦୦୦-୩୮,୦୦୦ ଟଙ୍କା ମଧ୍ୟରେ ରହିଛି। ଉନ୍ମୋଚନରେ ପାତ୍ର ଇଲେକ୍ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ କୈଳାଶ ପାତ୍ର, ନ୍ୟାସନାଲ ବିଜନେସ୍ ହେଡ୍ ସଞ୍ଜୀବ ଜୈନ, ଜୋନାଲ ବିଜନେସ ହେଡ୍ ସୌଗତ ଦତ୍ତ, ଓଡ଼ିଶା ବିଜନେସ ହେଡ୍ ନୀଳମାଧବ ଜେନା, ଓଡ଼ିଶା ମାର୍କେଟିଂ ମ୍ୟାନେଜର ପ୍ରେମାଂଶୁ ଦାସ ଉପସ୍ଥିତ ଥିଲେ।

## 'ଉତ୍ପାଦରେ ନବୋନ୍ମେଷକୁ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ଗୁରୁତ୍ୱ'

**ଏସି,ରେଫ୍ରିଜରେଟର,ୱାଶିଂମେସିନ୍ ଆଉ କୁଲର ସେଗମେଣ୍ଟର ବେଶ ଚର୍ଚ୍ଚିତ ବ୍ରାଣ୍ଡ ହେଉଛି ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍। କମ୍ପାନୀ ସର୍ବଦା ଏହାର ଉତ୍ପାଦରେ ନବୋନ୍ମେଷ ମାଧ୍ୟମରେ ଗ୍ରାହକଙ୍କୁ ଭେଟି ଦେଇଥାଏ ନୂଆ ଟେକ୍ନୋଲୋଜିର ସାମଗ୍ରୀ। ଚଳିତ ଗ୍ରୀଷ୍ମ ଋତୁରେ କମ୍ପାନୀ ବିକ୍ରିରେ ଆଖିଦୃଶିଆ ଅଭିବୃଦ୍ଧି ପ୍ରଦର୍ଶନ କରିଛି। ଓଡ଼ିଶା ଗସ୍ତ ଅବସରରେ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ବିଜ୍‌ନେସ୍ ହେଡ୍ ତଥା କାର୍ଯ୍ୟନିର୍ବାହୀ ଉପସଭାପତି କମଳ ନନ୍ଦୀଙ୍କ ସହ ଦୈନିକ 'ସକାଳ' ପକ୍ଷରୁ ନିଆଯାଇଥିବା ସାକ୍ଷାତକାରର ଏକ କିୟଦଂଶ...**

**ପ୍ର. ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ବ୍ୟାବସାୟିକ ସ୍ଥିତି କିଭଳି ରହିଛି ?**

ଉ. ସମ୍ପ୍ରତି ଦେଶରେ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ବ୍ୟବସାୟିକ ସ୍ଥିତି ବେଶ ଭଲ ରହିଛି। ଚଳିତ ଗ୍ରୀଷ୍ମ ଋତୁରେ ଅଭିବୃଦ୍ଧି ୫୦ %ରୁ ଅଧିକ ରହିଛି। କାରଣ ଆମେ ଆମର ଉତ୍ପାଦରେ ଇନୋଭେସନ୍ ବା ନବୋନ୍ମେଷ ଆଣିଛୁ। ଗ୍ରୀଷ୍ମରେ ଆମେ ଇଅନ୍ 'ଭଗ୍' ସିରିଜ୍‌ର ନୂଆ ଉଡ୍ ଫିନିଶ ଏସି ଆଉ ରେଫ୍ରିଜରେଟର ବଜାରକୁ ଆଣିଛୁ।

**ପ୍ର. ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପାଇଁ ଓଡ଼ିଶା ବଜାର କେତେ ମହତ୍ତ୍ୱ ରଖେ ?**

ଉ. ଓଡ଼ିଶା ଆମ ପାଇଁ ଏକ ସୁଦୃଢ଼ ବଜାର। ଏଠାରେ ଏସିରେ ଶତ ପ୍ରତିଶତରୁ ଅଧିକ ଏବଂ କୁଲରରେ ୬୦%ରୁ ଅଧିକ ବିକ୍ରି ଅଭିବୃଦ୍ଧି ହାସଲ କରିଛୁ।



**ପ୍ର. ସମ୍ପ୍ରତି ରିଅଲ୍ଟି ବଜାରରେ କମ୍ ବୟସର ଗୃହ କ୍ରେତାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେମାନଙ୍କର ଚାହିଦା ପୂରଣ କରିବା ପାଇଁ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ କିଭଳି ପ୍ରସ୍ତୁତ?**

ଉ. ଆମର ନୂଆ ଟେକ୍ନୋଲୋଜିର ଉତ୍ପାଦଗୁଡିକ ବିଶେଷକରି ଏହି ଯୁବ ବର୍ଗର କ୍ରେତାଙ୍କୁ ଲକ୍ଷ୍ୟ ରଖି ପ୍ରସ୍ତୁତ କରାଯାଇଛି। ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ସର୍ବଦା ଗୋଟିଏ ସମୟରେ ଗ୍ରାହକ ଚାହୁଁଥିବା ଉତ୍ପାଦ ବଜାରକୁ ଛାଡିଥାଏ, ଯାହାକି ସେ ସମୟରେ ଚାହିଦାରେ ରହିଥାଏ। ଯେମିତିକି ରେଫ୍ରିଜରେଟର ନିର୍ମାଣରେ ଆମେ ଅଗ୍ରେତା। ସେଥିରେ ଦିଆଯାଇଥିବା ଟେକ୍ନୋଲୋଜି ଗ୍ରାହକଙ୍କୁ ବେଶ ପସନ୍ଦ ଆସୁଛି।

**ପ୍ର. ଚଳିତ ଆର୍ଥିକବର୍ଷରେ କିଭଳି ବ୍ୟବସାୟ ଆଶା ରଖୁଛନ୍ତି**

ଉ. ୨୦୨୪-୨୫ ଆର୍ଥିକବର୍ଷରେ ଆମେ ୩୦%ରୁ ଅଧିକ ବ୍ୟବସାୟ ଆଶା ରଖୁଛୁ। ଆମର ଏସି ବିକ୍ରି ଭଲ ରହିଛି, ଗତବର୍ଷ ଭଳି ସେଥିରେ ଶତ ପ୍ରତିଶତ ଅଭିବୃଦ୍ଧି ରହିବ।

# ୩୪୦୧ ଫିଶିଂ ଲିଙ୍କ୍ ଓ ବେଆଇନ ବେଟିଂ ସାଇଟ୍ ନିଷିଦ୍ଧ

**ନୂଆଦିଲ୍ଲୀ, ୨୩।୫(ଏଜେନ୍ସି)**

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ସାଇବର ଅପରାଧ ଅଭିଯୋଗରେ ଚଳିତବର୍ଷ ମାର୍ଚ୍ଚ ୧୪ଠାରୁ ବହୁ ସଂଖ୍ୟକ ସୋସିଆଲ ମିଡିଆ ଫିସିଂ ଲିଙ୍କ୍, ବେଆଇନ ବେଟିଂ ୱେବସାଇଟ୍ ଓ ହ୍ୱାଟସ୍‌ଆପ୍ ଗ୍ରୁପକୁ ନିଷିଦ୍ଧ କରାଯାଇଛି। ଏଭଳି ୩୪୦୧ ସାଇଟ୍‌କୁ ନିଷିଦ୍ଧ କରିବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କଡ଼ା ନିର୍ଦ୍ଦେଶ ଦେଇଛି। ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟର ବା ଆଇଫୋର୍‌ସି ଓ ଷ୍ଟେଟ୍ ଲ' ଏନଫୋର୍ସମେଣ୍ଟ ଏଜେନ୍ସିଙ୍କ ସୁପାରିସ କ୍ରମେ ଆଇଟି ଆଇନ ଧାରା ୬୯-ଏ ଅଧୀନରେ ୩ହଜାରରୁ ଅଧିକ ୟୁଆରଏଲ ଓ ୫୯୫ଟି ଆପ୍ ବ୍ଲକ୍ କରାଯାଇଛି। ବ୍ଲକ୍ କରାଯାଇଥିବା ଏହି ସୋସିଆଲ ମିଡିଆ ଫିସିଂ ଲିଙ୍କ୍, ବେଆଇନ ବେଟିଂ ୱେବସାଇଟ୍ ଓ ହ୍ୱାଟସ୍‌ଆପ୍ ଗ୍ରୁପ୍ ସାଇବର୍ କ୍ରାଇମ୍ ଓ ସ୍କାମ୍ ପାଇଁ ବ୍ୟବହୃତ ହେଉଥିବା ଅଭିଯୋଗ ରହିଥିଲା।

ଫେସବୁକ୍, ଇନଷ୍ଟାଗ୍ରାମ୍ ଓ ହ୍ୱାଟସ୍‌ଆପ୍‌ର ମାଲିକାନା ରଖିଥିବା କମ୍ପାନୀ ମେଟା'ର ସିଇଓ ରାଜେଶ କୁମାର ଗତକାଲି ଏ ସମ୍ପର୍କରେ କହିଛନ୍ତି, ଏହି ଅପସାରଣ ବା ଟେକ୍‌ଡାଉନ୍ ଆଦେଶର ୯୦% ପାଳନ କରାଯାଇସାରିଛି। ସାଇବର୍ ଅପରାଧୀମାନେ ୩ଟି ସିଷ୍ଟମ୍, ଟେଲିକମ୍ ଇନ୍‌ଫ୍ରା(ସିମ୍ କାର୍ଡ, ମୋବାଇଲ୍ ଫୋନ୍), ଇଣ୍ଟରନେଟ୍(ଜାଲ ଅନ୍‌ଲାଇନ୍ ବିଜ୍ଞାପନ, ଆପ୍ ଓ ୱେବ୍‌ସାଇଟ୍) ଓ ଫିନାନ୍ସିଆଲ୍ ସର୍ଭିସେସ (ମୁଲି ଆକାଉଣ୍ଟ ଆଦି) ଜରିଆରେ ଅପରାଧ ଘଟାଇଥାନ୍ତି। ଆଇଫୋର୍‌ସି ଓ ଷ୍ଟେଟ୍ ଲ' ଏନଫୋର୍ସମେଣ୍ଟ ଏଜେନ୍ସି ଗତ ଚାରି ମାସରେ ୩ଲକ୍ଷ ୨୫ହଜାର ମୁଲି ଏକାଉଣ୍ଟ ଫ୍ରିଜ୍ କରିଛନ୍ତି। ମୁଲି ଏକାଉଣ୍ଟ ହେଉଛି ସାଇବର୍ ଅପରାଧୀମାନେ ନିରୀହ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ମନିଲଣ୍ଡରିଂ ଓ ଅର୍ଥ ସ୍ଥାନାନ୍ତର କରିଥାନ୍ତି ଯାହା ସେହି ଆକାଉଣ୍ଟ ଧାରକ ଜାଣି ନ ଥାଏ। ସେହିଭଳି ଜୁଲାଇ ୨୦୨୩ରୁ ଏଯାଏଁ ୫ଲକ୍ଷ ୩୦ ହଜାର ସିମ୍ କାର୍ଡ ଓ ୮୦ ହଜାର ୮୪୮ ଆଇଏମ୍‌ଇଆଇ ନମ୍ବର ନିଲମ୍ବିତ କିମ୍ବା ପ୍ରତ୍ୟାହାର କରାଯାଇଛି।



# ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ରାଜସ୍ୱରେ ୪୨% ବୃଦ୍ଧି

**ଭୁବନେଶ୍ୱର,୨୩।୫(ସମିସ)**

ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ପକ୍ଷରୁ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକବର୍ଷ ପାଇଁ ଏହାର ଫଳାଫଳ ଘୋଷଣା କରାଯାଇଛି। ୨୦୨୩-୨୦୨୪ ଆର୍ଥିକବର୍ଷ ପାଇଁ ବ୍ୟାଙ୍କର ରାଜସ୍ୱ ବାର୍ଷିକ ଆଧାରରେ ୪୨% ବୃଦ୍ଧି ହୋଇ ୧୮୩୬ କୋଟି ଟଙ୍କା ରହିଥିବ ବେଳେ ଶୁଦ୍ଧ ଲାଭ ୬୦% ବୃଦ୍ଧି ହୋଇ ୩୪.୫ କୋଟି ଟଙ୍କା ରହିଛି। ଏହି ସମୟରେ ବ୍ୟାଙ୍କର ମାସିକ ଟ୍ରାଞ୍ଜାକ୍ଟିଙ୍ଗ୍ ୟୁଜର (ଏମଟିୟୁ) ୮୦.୪ ମିଲିୟନକୁ ବୃଦ୍ଧି ପାଇଛି ଯାହା ଗ୍ରାହକଙ୍କ ଜମା ରାଶିକୁ ବାର୍ଷିକ ଆଧାରରେ ୫୦% ବୃଦ୍ଧି ସହିତ ୨୮୦୧ କୋଟି ଟଙ୍କା ଅତିକ୍ରମ କରାଇଛି। ପୂର୍ବ ତ୍ରୈମାସିକ ତୁଳନାରେ ୧୫%ର କ୍ରମାଗତ ବୃଦ୍ଧି, ୫୩୯ କୋଟି ଟଙ୍କାର ରାଜସ୍ୱ ସହିତ ୪ର୍ଥ ତ୍ରୈମାସିକ (ଜାନୁଆରୀ-ମାର୍ଚ୍ଚ ୨୦୨୪) ସବୁଠାରୁ ଶକ୍ତିଶାଳୀ ତ୍ରୈମାସିକ ଭାବେ ଉଭା ହୋଇଛି। ଏହାସହିତ ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ୨୦୨୪ ଆର୍ଥିକବର୍ଷର ରାଜସ୍ୱରେ ତ୍ରୈମାସିକ ଆଧାରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ପଞ୍ଜୀକରଣ କରିଛି। ଗତ ୪ ବର୍ଷ ମଧ୍ୟରେ ବ୍ୟାଙ୍କ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି, ରାଜସ୍ୱ କ୍ଷେତ୍ରରେ ୪୦%ର ଉଲ୍ଲେଖନୀୟ ସିଏଜିଆର ହାସଲ କରିଛି। ଆଜି ବ୍ୟାଙ୍କର ମାର୍ଚ୍ଚ ୨୦୨୪ ପାଇଁ ବାର୍ଷିକ ରାଜସ୍ୱ ୨୪୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏୟାରଟେଲ ପେମେଂଟ୍ସ ବ୍ୟାଙ୍କ ବିକଶିତ ଗ୍ରାହକ ଆବଶ୍ୟକତାକୁ ପୂରଣ କରିବା ପାଇଁ ପରିବେଶ ଅନୁକୂଳ ଡେବିଟ୍ କାର୍ଡ, ସ୍ମାର୍ଟୱାଚ୍ ଆଦି ନୂତନ ଉତ୍ପାଦଗୁଡିକର ଶୁଭାରମ୍ଭ କରିଛି। ଏୟାରଟେଲ ପେମେଣ୍ଟସ ବ୍ୟାଙ୍କର ଏମଡି ଓ ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି ଯେ, ଆମର ଶକ୍ତିଶାଳୀ ଆର୍ଥିକ ପ୍ରଦର୍ଶନ ଆମର ଗ୍ରାହକ ଓ ସହଯୋଗୀମାନେ ଆମ ଉପରେ ରଖିଥିବା ବିଶ୍ୱାସ ଓ ଆତ୍ମବିଶ୍ୱାସକୁ ରେଖାଙ୍କିତ କରୁଛି। ଏହାର ପ୍ଲାଟଫର୍ମଗୁଡ଼ିକରେ ବାର୍ଷିକ ୮ ବିଲିୟନରୁ ଅଧିକ କାରବାରଗୁଡିକୁ ପ୍ରୋସେସ୍ କରୁଥିବା ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ଆଜି ମୋବାଇଲ ବ୍ୟାଙ୍କିଙ୍ଗ୍ ଉପଭୋକ୍ତାଙ୍କ ମଧ୍ୟରେ ୬ଷ୍ଠ ସର୍ବବୃହତ୍ ସଂସ୍ଥା ଭାବେ ଉଭା ହୋଇଛି।




# ଚାରି ମାସରେ ୨୪ ଟନ୍ ସୁନା କିଣିଛି ଆରବିଆଇ

**ନୂଆଦିଲ୍ଲୀ,୨୩।୫(ଏଜେନ୍ସି)**

ଚଳିତବର୍ଷ ଜାନୁୟାରୀରୁ ଏପ୍ରିଲ ଚାରିମାସ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏହାର ଭଣ୍ଡାରରେ ୨୪ ଟନ୍ ସୁନା ଯୋଗକରିଛି। ଭୌଗୋଳିକ ତିକ୍ତତା ମଧ୍ୟରେ ଅସ୍ଥିରତାକୁ ଏଡାଇବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଏହାର ସଂରକ୍ଷଣକୁ ବିବିଧ କରୁଛି। ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ଗତ ବର୍ଷର ସମାନ ସମୟ ତୁଳନାରେ ଚଳିତ ବର୍ଷର ପ୍ରଥମ ଚାରି ମାସରେ ବ୍ୟାଙ୍କ ପ୍ରାୟ ଦେଢ଼ ଗୁଣ ଅଧିକ ସୁନା କିଣିଛି। ଗତ ବର୍ଷ ଜାନୁଆରୀରୁ ଏପ୍ରିଲ ମଧ୍ୟରେ ଆରବିଆଇ ଏହାର ସୁନା ଭଣ୍ଡାରରେ ୧୬ ଟନ୍ ବୃଦ୍ଧି କରିଥିଲା। ବ୍ୟାଙ୍କର ସର୍ବଶେଷ ତଥ୍ୟ ଅନୁଯାୟୀ, ସୁନା ଆରବିଆଇର ବୈଦେଶିକ ମୁଦ୍ରା ଭଣ୍ଡାରର ଏକ ବଡ଼ ଅଂଶ। ଚଳିତବର୍ଷ ୨୬ ଏପ୍ରିଲ ରିଜର୍ଭ ବ୍ୟାଙ୍କର ସନା ମହଜୁଦ କ୍ଷମତା ୮୨୭.୬୯ ସୁଦ୍ଧା 827.69 ଟନ୍‌ରେ ପହଞ୍ଚିଛି।




ଭାରତ ହେଉଛି ବିଶ୍ୱର ବଡ଼ ସୁନା କ୍ରେତା ମଧ୍ୟରୁ ଅନ୍ୟତମ, କିନ୍ତୁ ଦେଶର କେନ୍ଦ୍ରୀୟ ବ୍ୟାଙ୍କ କ୍ୱଚିତ୍ ଏହାର ସୁନା ମହଜୁଦ କରିବାରେ ସକ୍ରିୟ ରହିଥାଏ। ୧୯୯୧ରେ ଯେତେବେଳେ ଦେଶ ବୈଦେଶିକ ମୁଦ୍ରା ସଙ୍କଟର ସମ୍ମୁଖୀନ ହୋଇଥିଲା, ସେତେବେଳେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ସୁନା ଭଣ୍ଡାରର ଏକ ବଡ଼ ଅଂଶ ବନ୍ଧକ ରଖିଥିଲା। ଯଦିଓ ସମସ୍ତ ସୁନା କେନ୍ଦ୍ରୀୟ ବ୍ୟାଙ୍କର ବଫରକୁ ଫେରିଛି, ଏହା କେବଳ ଡିସେମ୍ବର ୨୦୧୭ରୁ ବଜାର କ୍ରୟ ମାଧ୍ୟମରେ ଏହାର ଷ୍ଟକ୍‌ରେ ଯୋଗ କରିବା ଆରମ୍ଭ କରିଛି। ୨୦୨୨ ମସିହାରେ କିଣିଥିଲା। କିନ୍ତୁ ଚଳିତ ବର୍ଷ ପୁନର୍ବାର ଆକ୍ରମଣାତ୍ମକ ତରିକାରେ କେନ୍ଦ୍ରୀୟ ବ୍ୟାଙ୍କ ସୁନା ବ୍ୟାଙ୍କ ବଜାରରୁ ବଜାରରୁ ବହୁ ସୁନା କିଣିଥିଲା। ଗତ ବର୍ଷ ଅର୍ଥାତ୍ ୨୦୨୩ରେ ଆରବିଆଇ କମ୍ ସୁନା କିଣିଛି। ଏଠାରେ ସୂଚନଯୋଗ୍ୟ ଯେ, ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରରେ ସୁନାର ଅଂଶ ୭.୭୫ ପ୍ରତିଶତ ରହିଥିଲା, ଯାହା ଏପ୍ରିଲ୍ ୨୦୨୪ ଶେଷ ସୁଦ୍ଧା ପ୍ରାୟ ୮.୭ ପ୍ରତିଶତକୁ ବୃଦ୍ଧି ପାଇଛି। ବିଶ୍ୱର ଅନ୍ୟାନ୍ୟ ଉଦୀୟମାନ ବଜାରର କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ପରି ଆରବିଆଇ ମଧ୍ୟ ମୁଦ୍ରା ଅସ୍ଥିରତାକୁ ରୋକିବା ଲାଗି ନିଜର ସୁନା ଭଣ୍ଡାରରେ ବିବିଧତା ଆଣିଛୁ। ଅର୍ଥନୀତିର ସ୍ଥିତି ଆକଳନ କରିବାବେଳେ ଆରବିଆଇ ଅର୍ଥନୀତିଜ୍ଞମାନେ କହିଛନ୍ତି ଯେ ବିଶ୍ୱରେ ଅନିଶ୍ଚିତତା ବୃଦ୍ଧି ହେତୁ ଉଦୀୟମାନ ବଜାରର କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ବହୁ ପରିମାଣରେ ସୁନା କିଣୁଛନ୍ତି। ୨୦୨୪ର ପ୍ରଥମ ତ୍ରୈମାସିକରେ ରିଜର୍ଭ ବ୍ୟାଙ୍କ ୨୯୦ ଟନ୍ ସୁନା କିଣିଥିଲେ। ତେବେ ଏହା ସମୁଦାୟ ବିଶ୍ୱ ସୁନା ଚାହିଦାର ଏକ ଚତୁର୍ଥାଂଶ।

**ଗତ ବର୍ଷର ଆକଳନ ତୁଳନାରେ ଦେଢ଼ଗୁଣ ଅଧିକ**

**ଆରବିଆଇ ପାଖରେ ୮୨୭.୬୯ ଟନ୍ ସୁନା ମହଜୁଦ**

# ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଗ୍ରୋଥ୍ ସିଲ୍ଡ ପ୍ଲସ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୨୩।୫(ସମିସ)**

ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଭାରତୀ ଆକ୍ସା ଗ୍ରୋଥ୍ ସିଲ୍ଡ ପ୍ଲସ୍‌ର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ୟୁନିଟ୍ ଲିଙ୍କଡ୍ ବୀମା ଯୋଜନା ଯାହାକୁ ବଜାର ଲିଙ୍କ୍ ସହିତ ବାର୍ଷିକ ପ୍ରିମିୟମ୍‌ର ୧୦୦ ଗୁଣା ପର୍ଯ୍ୟନ୍ତ ବୀମା ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହା ଗ୍ରାହକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ନିବେଶ ଲକ୍ଷ୍ୟ ଏବଂ ବଜାର ବିପଦ ଗ୍ରହଣ କରିବାର ଶକ୍ତି ଅନୁସାରେ ବିବିଧ ବିକଳ୍ପ ମଧ୍ୟରୁ ନିବେଶ ରଣନୀତି ଚୟନ କରିବାର ନମନୀୟତା ପ୍ରଦାନ କରୁଛି। ବଢୁଥିବା ଅଭିଳାଷ ଏବଂ ବ୍ୟକ୍ତିଗତ ଓ ବୃତ୍ତିଗତ ଲକ୍ଷ୍ୟ ହାସଲ ପାଇଁ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ନିବେଶ ମାଧ୍ୟମରେ ଲୋକମାନଙ୍କୁ ସମ୍ପତ୍ତି ହାସଲ କରିବାରେ ସହାୟକ ହେବ। ଭାରତୀ ଆକ୍ସା ଲାଇଫ୍ ଗ୍ରୋଥ୍ ସିଲ୍ଡ ପ୍ଲସ୍ ମଧ୍ୟ ଅନ୍ୟାନ୍ୟ ସୁବିଧା ପ୍ରଦାନ କରୁଛି ଯେପରିକି ଚାର୍ଜ ଫେରସ୍ତ ଏବଂ ପାଣ୍ଠି ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ଲୟାଲିଟି ଲାଭ। ଏହି ପ୍ଲାନ ଚୟନ କରିଥିବା ବ୍ୟକ୍ତିଙ୍କୁ ପ୍ରିମିୟମ ଆବଣ୍ଟନ ଚାର୍ଜର ଦୁଇ ଗୁଣ ଏବଂ ମୋର୍ଟାଲିଟି ଚାର୍ଜର ତିନି ଗୁଣ ପର୍ଯ୍ୟନ୍ତ ରିଟର୍ଣ୍ଣ ମିଳିବ। ଏହାବ୍ୟତୀତ ଗ୍ରାହକମାନେ ଆୟକର ଆଇନ ୧୯୬୧ ଅଧୀନରେ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯାଇଥିବା ପ୍ରିମିୟମ ଉପରେ ଟିକସ ସୁବିଧା ମଧ୍ୟ ପାଇପାରିବେ। ଆବଶ୍ୟକ ମାନଦଣ୍ଡ ପୂରଣ କରୁଥିବା ଗ୍ରାହକଙ୍କ ପାଇଁ ଏହି ଉତ୍ପାଦ ଉପଲବ୍ଧ। ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ମୁରଲୀ ଜାଲାନ କହିଛନ୍ତ ଯେ, ଭାରତୀ ଆକ୍ସା ଲାଇଫ୍ ଗ୍ରୋଥ୍ ସିଲ୍ଡ ପ୍ଲସ୍ ଶୁଭାରମ୍ଭ କରି ଆମେ ଆନନ୍ଦିତ। ଏହି ପ୍ଲାନ୍ ହେଉଛି ଆମର ଏକ ଅନନ୍ୟ ପ୍ରସ୍ତାବ ଯାହା ଗ୍ରାହକମାନଙ୍କୁ ଟର୍ମ ପ୍ଲାନ୍ ଏବଂ ୟୁଲିପିର ମିଳିତ ଲାଭ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି।

# ଭୁବନେଶ୍ୱର ସିଟି



## 'ମାଣିବନ୍ଧ ପୁଷ୍କରିଣୀ'

# ଆବର୍ଜନା କୁଣ୍ଡ



ଜଳାଶୟରେ ଭର୍ତ୍ତି ହୋଇଛି କୁଢ଼ କୁଢ଼ ଆବର୍ଜନା। ପ୍ଲାଷ୍ଟିକ୍ ବୋତଲ ଓ ଗଦା ଗଦା ପଲିଥିନ୍ ଭିତରେ ହଜିଯାଇଛି ପାଣିର ସତ୍ତା। କେବଳ ସେତିକି ନୁହେଁ ଏଠାରେ ବିଭିନ୍ନ ଆବର୍ଜନା ସାଙ୍ଗକୁ ଜୀବଜନ୍ତୁଙ୍କ ମୃତଦେହ ପକାଇବା ଦ୍ୱାରା ପାଣିର ରଙ୍ଗ ବି ବଦଳିଗଲାଣି। ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଚାରିପାଖରେ ଅନାବନା ଗଛ ସାଙ୍ଗକୁ ବଣବୁଦା ରହିଥିବାରୁ ପୋଖରୀ ଭିତରେ ବିଷାକ୍ତ ଜୀବଜନ୍ତୁ ବାସ କରୁଛନ୍ତି। ଏଭଳି ପରିତ୍ୟକ୍ତ ଅବସ୍ଥାରେ ରହିଛି ପାତ୍ରପଡ଼ାସ୍ଥିତ ୧୦୦ ବର୍ଷ ପୁରୁଣା 'ମାଣିବନ୍ଧ ପୋଖରୀ'।

ଭୁବନେଶ୍ୱର, ୨୩।୫(ସମିସ)

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୬୫ର ପାତ୍ରପଡ଼ାରେ ରହିଛି ଏହି ପୁରାତନ ଜଳାଶୟ। ପ୍ରାୟ ୨ଏକର ପରିମିତ ଜାଗାରେ ରହିଥିବା ଏହି ଜଳାଶୟ ସ୍ଥାନୀୟ ଅଞ୍ଚଳର ଏକ ପରିଚୟ ପାଲଟିଥିଲା। ଗାଁ ଲୋକଙ୍କ ଗାଧୁଆ ଠାରୁ ଆରମ୍ଭ କରି ରୋଷେଇ ଆଦି କାର୍ଯ୍ୟରେ ବ୍ୟବହୃତ ହେଉଥିଲା ଏହି ପୁଷ୍କରିଣୀ ଜଳ। କେବଳ ସେତିକି ନୁହେଁ ଜନ୍ମ ଏବଂ ମୃତ୍ୟୁ ସମୟରେ ସମସ୍ତ କର୍ମ କରିବାକୁ ପାତ୍ରପଡ଼ା ଗ୍ରାମବାସୀ ଏହି ପୋଖରୀ ଉପରେ ନିର୍ଭର କରୁଥିଲେ। ଧୀରେ ଧୀରେ ପୋଖରୀ ପାଣି ନିଷ୍କାସନ ନ ହେବାରୁ ପାଣି ପଚି ନଷ୍ଟ ହୋଇଯିବା ସହିତ ତାହା ଆବର୍ଜନା କୁଣ୍ଡ ପାଲଟିଗଲା। ଏହି ପୋଖରୀଟି ଏମସ୍ ହସ୍ପିଟାଲ ନିକଟରେ ରହିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ବହୁ ଗରିବ ଶ୍ରେଣୀର ଲୋକେ ଖୋଲା ଆକାଶ ତଳେ ରାତି କଟାଉଥିବାବେଳେ ଶୌଚ ପାଇଁ ଏହା ଉପରେ ନିର୍ଭର କରନ୍ତି। ଏମିତିକି ସ୍ଥାନୀୟ ଶୌଚାଳୟରେ ପ୍ରବଳ ଭିଡ଼ ହେଉଥିବାରୁ ଲାଇନ୍‌ରେ ଛିଡ଼ା ନହୋଇ ଲୋକେ ଏହି ପୋଖରୀକୁ ଆସିଥାନ୍ତି। ହେଲେ ପୋଖରୀ ପାଣି ନଷ୍ଟ ହୋଇଥିବା ବେଳେ ପାଣିରୁ ଦୁର୍ଗନ୍ଧ ମଧ୍ୟ ବାହାରୁଥିବା ଦେଖି ଅନେକ ଫେରିବାକୁ ବାଧ୍ୟ ହୁଅନ୍ତି। ବହୁ ବର୍ଷ ଧରି ପୋଖରୀ ପାଣି ସଫା କରାଯାଇନଥିବାରୁ ତାହା ବ୍ୟବହାରଯୋଗ୍ୟ ହୋଇ ନାହିଁ। ତା' ସାଙ୍ଗକୁ ନିୟମିତ ଭାବେ ଏଠାରେ କୁଢ଼ କୁଢ଼ ଆବର୍ଜନା ପକାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୋଖରୀଟି ରାସ୍ତା କଡ଼ରେ ରହିଥିବାରୁ ଅନେକ ସମୟରେ ରାସ୍ତାରେ ଯାଉଥିବା ଲୋକେ ଗାଡ଼ି ଅଟକାଇ ଏଠାରେ ଅଳିଆ ପକାଉଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଫଳରେ ଏହି ପାଣି ସମ୍ପୂର୍ଣ୍ଣ ନଷ୍ଟ ହେଉଥିବା କୁହାଯାଉଛି। ପୋଖରୀ ଚାରିପାଖରେ ପାଚେରି ନଥିବାରୁ ଆବର୍ଜନା ପକାଇବାକୁ ସହଜ ହେଉଛି। ସେହିପରି ଏଠାରେ ଏକମାତ୍ର ତୁଠ ରହିଛି, ତାହା ବି ଭାଙ୍ଗିରୁଜି ଗଲାଣି। ଏହି ପାଣି ବ୍ୟବହାର ଫଳରେ ଚର୍ମରୋଗ ହେଉଥିବା ସ୍ଥାନୀୟ ଲୋକେ କୁହନ୍ତି। ପୋଖରୀର ପୁନରୁଦ୍ଧାର କରିବାକୁ ସ୍ଥାନୀୟ ବ୍ୟବସାୟୀଙ୍କ ସମେତ ଅଞ୍ଚଳବାସୀ ନିବେଦନ କରିଛନ୍ତି। ଏ ନେଇ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୨ଟି ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ଅର୍ଥ ମଞ୍ଜୁର ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ମାଣିବନ୍ଧ ପୁଷ୍କରିଣୀ ପୁନରୁଦ୍ଧାର କରାଯିବ। ଏଥିପାଇଁ ପ୍ରସ୍ତାବ ମଧ୍ୟ ଦିଆଯାଇଛି। ମୋର କାର୍ଯ୍ୟକାଳ ମଧ୍ୟରେ ଅଞ୍ଚଳର ସମସ୍ତ ପୁଷ୍କରିଣୀ ପୂର୍ବଭଳି ଲୋକମାନଙ୍କ ବ୍ୟବହାରଯୋଗ୍ୟ କରାଇବାକୁ ଲକ୍ଷ୍ୟ ରହିଛି।

**ପ୍ରଦୂଷଣ ବଢ଼ାଉଛି ପ୍ଲାଷ୍ଟିକ ବୋତଲ ଓ ପଲିଥିନ୍‌ର ବହଳ ଆସ୍ତରଣ**

## ଶାଳକ ଓ ଶଶୁରଙ୍କୁ କଟୁରି ଚୋଟ



ଯୁବକ ଗିରଫ

ଭୁବନେଶ୍ୱର, ୨୩।୫ (ସମିସ): ପାରିବାରିକ ବିବାଦରୁ ଶାଳକ ଓ ଶଶୁରଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ଜ୍ୱାଇଁଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କାର୍ଗିଲ ବସ୍ତି କେଳା ସାହିର ସଞ୍ଜୟ ଦେବନାଥ (୩୪)। ପୁଲିସ ସୂଚନା ଅନୁସାରେ, ସଞ୍ଜୟ ୧୦ ବର୍ଷ ପୂର୍ବେ କେଳା ସାହିରେ ଜଣେ ଯୁବତୀଙ୍କୁ ବିବାହ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ରହୁଥିଲେ। ବିବାହର କିଛିଦିନ ପରେ ବାପ ଘରୁ ଅଧିକ ଟଙ୍କା ଆଣିବା ଲାଗି ଦାବିକରି ପତ୍ନୀଙ୍କୁ ନିୟମିତ ଗାଳିଗୁଲଜ କରିବା ସହିତ ମାଡ଼ ମଧ୍ୟ ମାରୁଥିଲା। ଗତ କାଲି ପୂର୍ବାହ୍ଣରେ ସ୍ୱାମୀର ଅତ୍ୟାଚାରରେ ଅତିଷ୍ଠ ହୋଇ ସ୍ତ୍ରୀ ତାଙ୍କ ବାପ ଘରକୁ ପଳାଇ ଯାଇଥିଲେ। ମଧ୍ୟାହ୍ନ ସମୟରେ ସଞ୍ଜୟ ହାତରେ ଏକ କଟୁରି ଓ ଛୁରି ଧରି ଶଶୁର ଘରକୁ ଯାଇ ପରିବାର ସଦସ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିଥିଲା। ଶାଳକ ବିରୋଧ କରିବାରୁ ସଞ୍ଜୟ ହଠାତ ତାଙ୍କ ବେକକୁ କଟୁରିରେ ଆକ୍ରମଣ କରିଥିଲା। ଏହା ଦେଖି ତାର ଶଶୁର ପୁଅକୁ ରକ୍ଷା କରିବା ଲାଗି ଆସିଥିବା ବେଳେ ତାଙ୍କୁ ମଧ୍ୟ କଟୁରିରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏଥିରେ ଶାଳକ ଓ ଶଶୁର ଗୁରୁତର ଆହତ ହୋଇଥିଲେ। ଏନେଇ ପତ୍ନୀ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ସଞ୍ଜୟକୁ ଗିରଫ କରିବା ସହିତ ତା ଠାରୁ କଟୁରି ଜବତ କରି କୋର୍ଟ ଚାଲାଣ କରାଯାଇଛି।

## ଦୁଇ ଗାଡ଼ି ଚୋର ଗିରଫ

ଭୁବନେଶ୍ୱର, ୨୩।୫ (ସମିସ): ରାଜଧାନୀର ବିଭିନ୍ନ ଅଞ୍ଚଳରୁ ୨ ଟି ବାଇକ୍ ଚୋରି କରିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି ପୁଲିସ। କ୍ୟାପିଟାଲ୍ ହସ୍‌ପିଟାଲ ପରିସରରୁ ମଟରସାଇକଲ ଚୋରି କରିଥିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ଦକ୍ଷିଣ ମୁଣ୍ଡ ମୁହାଣର କୃପାସିନ୍ଧୁ ମହାପାତ୍ର (୫୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିସନରେଟ ପୁଲିସ। ପୁଲିସ ସୂଚନା ଅନୁସାରେ, ଗୁରୁବାର ପୂର୍ବାହ୍ନ ସମୟରେ କ୍ୟାପିଟାଲ ଥାନାର ପୁଲିସ ମାଷ୍ଟର୍‌କ୍ୟାଣ୍ଟିନ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ କୃପାସିନ୍ଧୁ ଏକ ମଟରସାଇକଲରେ





ସେଠାକୁ ଆସିଥିଲେ। ପୁଲିସ ଟିମ୍ ତାକୁ ଯାଞ୍ଚ ପାଇଁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ସେ ହଠାତ ସେଠାରୁ ମୋଟରସାଇକେଲ ନେଇ ଖସି ପଳାଇବାକୁ ଚେଷ୍ଟା କରିଥିଲା। ପୁଲିସ ଟିମ୍ କୌଶଳ କ୍ରମେ ତାକୁ କାବୁ କରିବା ସହିତ ମଟରସାଇକଲ୍ ଟିକୁ ଜବତ କରିଥିଲେ। ସେ ମଟରସାଇକେଲ୍ ମାଲିକାନା ଦେଖାଇ ପାରି ନ ଥିବା ବେଳେ ଉକ୍ତ ମଟରସାଇକଲ ଟିକୁ କିଛି ଦିନ ପୂର୍ବରୁ କ୍ୟାପିଟାଲ ହସ୍ପିଟାଲ ପରିସରରୁ ଚୋରି କରିଥିବା ପଚରାଉଚରା ବେଳେ ସ୍ୱୀକାର କରିଥିଲା। ଗତ ୧୪ ତାରିଖ ସନ୍ଧ୍ୟାରେ ପ୍ରଶାନ୍ତ ଡାକୁଆଙ୍କ ସ୍କୁଟି ଚୋରି ଅଭିଯୋଗରେ ଲୁମ୍ବିନୀ ବିହାର ମଙ୍ଗଳା ବସ୍ତିର କେ ଉମାକାନ୍ତ ପାତ୍ର (୨୫)ଙ୍କୁ ଲକ୍ଷ୍ମୀସାଗର ଥାନା ପୁଲିସ ଗିରଫ କରିଛି। ପୁଲିସ ଅଭିଯୋଗ ପାଇବା ପରେ ପୁଲିସ ଉମାକାନ୍ତକୁ ଗିରଫ କରିବା ସହିତ ସ୍କୁଟି ଜବତ କରିଥିଲା।

## ଦୁଇ ଲୁଟେରାଙ୍କୁ ଦୁଇ ବର୍ଷ ଜେଲ୍

ଭୁବନେଶ୍ୱର, ୨୩।୫ (ସମିସ): ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୧ର ବିଚାରପତି ପାୟଲ ଗୁପ୍ତା ଶ୍ରୀ ଲିଙ୍ଗରାଜ ଥାନା ଅଞ୍ଚଳରେ ହୋଇଥିବା ଏକ ଛିନତାଇ ମାମଲାର ବିଚାର କରି ଅଭିଯୁକ୍ତ ସତ୍ୟ ସାଗର ପ୍ରଧାନ ଓ କାର୍ତ୍ତିକ ଜେନାଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ପୁଲିସ ସୂଚନା ଅନୁସାରେ, ଗତବର୍ଷ ମାର୍ଚ୍ଚ ମାସ ୩୧ ତାରିଖ ମଧ୍ୟାହ୍ନରେ ଅନ୍ୟନିନ୍ଦା ମିତ୍ର ତାଙ୍କ ବାନ୍ଧବୀଙ୍କ ସହିତ ସ୍କୁଟିରେ ନୂଆ ଗାଁ ପେଟ୍ରୋଲ ପମ୍ପ ଆଡ଼କୁ ଯାଉଥିଲେ। ସେମାନେ ଗଙ୍ଗୁଆ ବ୍ରିଜ ନିକଟରେ ପହଞ୍ଚିଥିବା ବେଳେ ସତ୍ୟ ସାଗର ଓ କାର୍ତ୍ତିକ ଉଭୟେ ଏକ ବାଇକରେ ପଛ ପଟରୁ ଆସି ତାଙ୍କ ଭ୍ୟାନିଟ୍ ବ୍ୟାଗଟିକୁ ଛଡ଼ାଇ କରି ନେଇଥିଲେ। ଏନେଇ ସେ ଶ୍ରୀ ଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ ନଂ-୧୦୬/୨୦୨୩ ରେ ଦଫା ୩୯୨/୩୪ ଆଇପିସି ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଅମରେନ୍ଦ୍ର ସ୍ୱାଇଁ ସତ୍ୟ ସାଗର ଓ କାର୍ତ୍ତିକକୁ କାବୁ ଗିରଫ କରିଥିଲେ। ଅଦାଲତ ବିଭିନ୍ନ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଗୁରୁବାର ସତ୍ୟ ସାଗର ଓ କାର୍ତ୍ତିକକୁ ଜେନାଙ୍କୁ ଦଫା ୩୯୨/୩୪ ରେ ୨ ବର୍ଷର ସଶ୍ରମ କାରା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ବିଜୟ ବାରିକ ଓ ବିଜନ ବିହାରୀ କର ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟଯେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲାର ବିଭିନ୍ନ ଥାନାରେ ରୁଜୁ ହୋଇଥିବା ମାମଲା ମଧ୍ୟରୁ ଚଳିତ ବର୍ଷ ଏଯାବତ ୫୦ ଟି ମାମଲାରେ ଦୋଷୀଙ୍କୁ ସଜା ଦିଆଯାଇଛି।



## ନିର୍ବାଚନ ପ୍ରଚାର ଶେଷକଲେ ଅଶୋକ ପଣ୍ଡା

ଭୁବନେଶ୍ୱର, ୨୩।୫(ସମିସ)

ନିର୍ବାଚନ ପ୍ରଚାର ଅନ୍ତିମ ଦିନରେ ମନ୍ତ୍ରୀ ତଥା ଭୁବନେଶ୍ୱର ଏକାମ୍ର ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ନିର୍ବାଚନ ପ୍ରଚାର ଶେଷ କରିଛନ୍ତି। ୬୪ ନମ୍ବର ୱାର୍ଡ ଯଦୁପୁର, ଯଦୁପୁର ଓଡ଼ିଆ ସାହିର ବିଭିନ୍ନ ଅଞ୍ଚଳ, ୫୭ ନମ୍ବର ୱାର୍ଡ ପାଣ୍ଡବ ନଗର, ୪୯ ନମ୍ବର ୱାର୍ଡର ଶ୍ରୀକ୍ଷେତ୍ର ବିହାର, ୨୩ ନମ୍ବର ୱାର୍ଡର କଳିଙ୍ଗ ବିହାର, ୱାର୍ଡ ନମ୍ବର ୫୪ ପୁରୁଣା ଭୁବନେଶ୍ୱରର ଗୋଡ଼ି ପୋଖରୀ ସାହି ପ୍ରଭୃତି ଅଞ୍ଚଳ ବୁଲି ବୁଲି ଭୋଟ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସକିବା ମୁସାରଫ, ସନ୍ତୋଷ ସିଂହ, ସଞ୍ଜୁକ୍ତା ସୁନ୍ଦରାୟ, କିରଣ ମାଝି, ଶିବ ପ୍ରସାଦ ବେହେରା ପୂର୍ବତନ କର୍ପୋରେଟର ମୁଜାହିଦ ହୁସେନ, ଅଶ୍ୱିନୀ ସୁନ୍ଦରାୟ, ଦିଲୀପ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



## ଶେଷ ଦିନରେ ଅନନ୍ତଙ୍କ ମାରାଥନ ପ୍ରଚାର

ଭୁବନେଶ୍ୱର, ୨୩।୫(ସମିସ)



ଶେଷଦିନରେ ମାରାଥନ ପ୍ରଚାର କଲେ ଭୁବନେଶ୍ୱର ମଧ୍ୟ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା। ମଧ୍ୟ ନିର୍ବାଚନମଣ୍ଡଳୀର ସମସ୍ତ ବସ୍ତି ବାସିନ୍ଦାଙ୍କୁ ଭେଟି ଥିଲେ। ୱାର୍ଡ ନମ୍ବର ୨୮ରେ କର୍ପୋରେଟର ଝରଣା ରାଣୀ ପତିଙ୍କ ସହିତ ୱାର୍ଡର ସମସ୍ତ ବିଜୁ ଆଦର୍ଶ କଲୋନୀ ତଥା ସାଇନ୍ସ ପାର୍କ, ନନ୍ଦିନୀ ପଲ୍ଲୀ, ମୁଣ୍ଡା ସାହି, ଶବର ସାହିବାସୀଙ୍କୁ ଭେଟି ସେମାନଙ୍କ ଆଶୀର୍ବାଦ ନେଇଥିଲେ। ଭୁବନେଶ୍ୱର ମଧ୍ୟ ଛାତ୍ର ବିଜେଡି ସଭାପତି ଶକ୍ତି ପ୍ରକାଶ ପତି, ଭୁବନେଶ୍ୱର ବିଜେଡି ସାଧାରଣ ସମ୍ପାଦକ ମଧୁସୂଦନ ଦୋରା ବସ୍ତି ମୁରବୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୱାର୍ଡ ନମ୍ବର ୩୦ରେ ବିଶାଳ ବାଇକ୍ ଶୋଭାଯାତ୍ରାରେ ୱାର୍ଡ ପରିକ୍ରମା କରି ଅଞ୍ଚଳବାସୀଙ୍କୁ ଆଶୀର୍ବାଦ ସ୍ୱରୂପ ଚଳିତ ନିର୍ବାଚନରେ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ, ଶହୀଦ ନଗର ଦୁର୍ଗା ପୂଜା ସମିତି କର୍ମକର୍ତ୍ତାଙ୍କ ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଓ ମହିଳାମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍ଥାନୀୟ କର୍ପୋରେଟର ଆସିଆ ବେଗମ, ପାୟଲ ପଲ୍ଲବୀ, ସାବନ ମିଶ୍ର, ଅରୁଣ ମହାନ୍ତି, ବସ୍ତି ମୁରବି ଯୁବ ଛାତ୍ର ଉପସ୍ଥିତ ଥିଲେ।

**କ୍ରିପ୍ଟୋ ପୁଞ୍ଜି ନିବେଶରେ ଠକେଇ ମାମଲା**

## ସୁଶୀଲ, ନିରୋଦ, ରତ୍ନାକରଙ୍କ ନାମରେ ୨ଶହ ପୃଷ୍ଠାର ଚାର୍ଜସିଟ୍

ଭୁବନେଶ୍ୱର, ୨୩।୫(ସମିସ)

କ୍ରିପ୍ଟୋ ପୁଞ୍ଜି ନିବେଶରେ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧଶାଖା (ଇଓଡବ୍ଲୁ) ଚାର୍ଜସିଟ୍ ଦାଖଲ କରିଛି। ତଦନ୍ତ ଅଧିକାରୀ ଏସ୍‌ଟିଏ ଇଣ୍ଡିଆର ଝାଡ଼ଖଣ୍ଡ ମୁଖ୍ୟ ପ୍ରତିଷ୍ଠାତା ସଦସ୍ୟ ସୁଶୀଲ କୁମାର ଟୁଡୁ, ଓଡ଼ିଶା ମୁଖ୍ୟ ଭଦ୍ରକର ନିରୋଦ ଦାସ ଏବଂ ସୋସିଆଲ ମିଡିଆ ମୁଖ୍ୟ ରତ୍ନାକର ପଲେଇଙ୍କ ବିରୋଧରେ ୨ଶହ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛନ୍ତି। ଏହି ଠକେଇ ରାକେଟ୍‌ର ମାଷ୍ଟରମାଇଣ୍ଡ ହଙ୍ଗେରିର ଡେଭିଡ୍ ଗେଜ୍ ଫେରାର ହୋଇଯାଇଥିବାରୁ ତାଙ୍କ ନାମରେ ଲୁକ୍‌ଆଉଟ୍ ନୋଟିସ ଜାରି କରାଯାଇଛି। ତାଙ୍କୁ ଗିରଫ କରିବା ପାଇଁ ଇଓଡବ୍ଲ୍ୟୁ ଚଢ଼ଉ ଜାରି ରଖିଛି। ଇଓଡବ୍ଲ୍ୟୁ ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି ଯେ, ସୁଶୀଲ କୁମାର ଟୁଡୁଙ୍କ ବ୍ୟାଙ୍କ ଖାତାରେ ଥିବା ୧୫.୫୩ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଛି। ଦେଶରୁ ପ୍ରାୟ ହଜାରେ କୋଟି ଟଙ୍କା ଠକେଇ କରିଥିବା ଏହି ରାକେଟର ଭାରତ ମୁଖ୍ୟ ଗୁରୁତେଜ ସିଂ ସିଦ୍ଧୁକୁ ପୂର୍ବରୁ ଇଓଡବ୍ଲୁ ଟିମ୍ ରାଜସ୍ଥାନର ଗଙ୍ଗାନଗରରୁ ଗିରଫ କରିଥିବାବେଳେ ପୂର୍ବରୁ ସଂସ୍ଥାର ଓଡ଼ିଶା ମୁଖ୍ୟ ଭଦ୍ରକର ନିରୋଦ ଦାସ ଏବଂ ସୋସିଆଲ ମିଡିଆ ମୁଖ୍ୟ ରତ୍ନାକର ପଲେଇଙ୍କୁ ଗିରଫ କରାଯାଇଥିଲା। କ୍ରିପ୍ଟୋ ପୁଞ୍ଜି ନିବେଶ ନାଁରେ ଏକ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ସଂସ୍ଥାର ଅନ୍ତର୍ଜାତୀୟ ମୁଖ୍ୟ ଡେଭିଡ ଗେଜ୍‌ର ହାତ ରହିଛି। ଭାରତରୁ ଠକେଇ କରି ସେ ଦେଶ ବାହାରେ ବୁଲୁଛି। ଏହି ସଂସ୍ଥା ମୁଖ୍ୟତଃ ୟୁରୋପର ଆଇସ୍‌ଲ୍ୟାଣ୍ଡରୁ ପରିଚାଳିତ ହେଉଥିଲା। ଏହାର ମୁଖ୍ୟ ଡେଭିଡ୍ ଗେଜ୍ ବିଭିନ୍ନ ସମୟରେ ଭାରତକୁ ଆସି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ବୁଲିବା ସହ ରାତାରାତି ଧନି ହେବାର ସ୍ୱପ୍ନ ଦେଖାଇ ଲୋକଙ୍କୁ ସଦସ୍ୟ ହେବାକୁ ପ୍ରବର୍ତ୍ତାଉଥିଲା। ତେଣୁ ମାମଲାର ବିଦେଶ ଲିଙ୍କ୍ ନେଇ ମଧ୍ୟ ତଦନ୍ତ ହେଉଛି।

**ଦେଶରୁ ହଜାରେ କୋଟି ଟଙ୍କା କରିଥିଲେ ଠକେଇ**

## ବୀମା ଆବଣ୍ଟନ କ୍ଷେତ୍ରରେ ଅପଷ୍ଟକ୍ସର ପ୍ରବେଶ

ଭୁବନେଶ୍ୱର,୨୩।୫(ସମିସ)



ଭାରତର ଅଗ୍ରଣୀ ସମ୍ପତ୍ତି ପରିଚାଳନା ପ୍ଲାଟଫର୍ମ ଅପଷ୍ଟକ୍ସ ପକ୍ଷରୁ ବୀମା ଆବଣ୍ଟନ କ୍ଷେତ୍ରରେ ପ୍ରବେଶ ବିଷୟରେ ଘୋଷଣା କରାଯାଇଛି। ଷ୍ଟକ୍, ଏଫ୍‌ଆଣ୍ଡଓ ଏବଂ ମ୍ୟୁଚୁଆଲ୍ ଫଣ୍ଡ ପ୍ରଦାନ କରିବା ଲାଗି ପରିଚିତ ଅପଷ୍ଟକ୍ସ ବୀମା କ୍ଷେତ୍ରରେ ପ୍ରବେଶ କରିବା ଦ୍ୱାରା ଏକ ବ୍ୟାପକ ସମ୍ପତ୍ତି ଗଠନ ପ୍ଲାଟଫର୍ମ ଭାବେ ଉଭା ହୋଇଛି। ଷ୍ଟକ୍, ଆଇପିଓ, ଏଫ୍‌ଆଣ୍ଡଓ, କମୋଡିଟି, କରେନ୍ସି, ଫିକ୍ସଡ୍ ଡିପୋଜିଟ୍, ପି୨ପି ଋଣ, ସରକାରୀ ବଣ୍ଡ, ଟି-ବିଲ୍, ଏନ୍‌ସିଡି, ସୁନା, ବୀମା ଏବଂ ଆହୁରି ବହୁ ପ୍ରକାରର ଆର୍ଥିକ ଉପକରଣ ପାଇଁ ଅପଷ୍ଟକ୍ସ ୱାନ୍ ଷ୍ଟପ୍ ସପ୍‌ରେ ପରିଣତ ହୋଇଛି। ଏହି ଶୁଭାରମ୍ଭ ସହିତ ଗ୍ରାହକମାନଙ୍କ ଆବଶ୍ୟକତା ଅନୁସାରେ ବୀମା ପଲିସି କିଣିବାରେ ସେମାନଙ୍କୁ ସରଳ, ସ୍ୱଚ୍ଛ ଓ ବ୍ୟକ୍ତିଗତ ଅନୁଭୂତି ପ୍ରଦାନ କରି ବୀମା ଶିଳ୍ପରେ ବିପ୍ଳବ ଆଣିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ବର୍ତ୍ତମାନ କମ୍ପାନୀ ଏହାର ପ୍ଲାଟଫର୍ମରେ ଟର୍ମ ଲାଇଫ୍ ଇନ୍‌ସ୍ୟୁରାନ୍ସ ପ୍ରଦାନ କରୁଛି। କମ୍ପାନୀ ସ୍ୱାସ୍ଥ୍ୟ, ମୋଟର ଏବଂ ଗମନାଗମନ ବୀମା ସୁବିଧା ଆରମ୍ଭ କରିବାକୁ ଯୋଜନା ରଖିଛି। ଏଚ୍‌ଡିଏଫ୍‌ସି ଲାଇଫ୍ ସହିତ ଅପଷ୍ଟକ୍ସ ସହଯୋଗିତା ସ୍ଥାପନ କରିଛି। ଅପଷ୍ଟକ୍ସର ସହ-ପ୍ରତିଷ୍ଠାତା କବିତା ସୁବ୍ରମଣ୍ୟମ କହିଛନ୍ତି ଯେ, ଅପଷ୍ଟକ୍ସ ଉପରେ ଆମର ସେବାକୁ ବିସ୍ତାର କରିବା ଏବଂ ବୀମା ବିତରଣ କ୍ଷେତ୍ରରେ ପ୍ରବେଶ କରି ଆମେ ଆନନ୍ଦିତ। ଏକ ସୁରକ୍ଷିତ ଆର୍ଥିକ ଭବିଷ୍ୟତ ପାଇଁ ଆମର ଗ୍ରାହକଙ୍କୁ ସେମାନଙ୍କ ସମ୍ପତ୍ତିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବାରେ ସାହାଯ୍ୟ କରିବାକୁ ଆମର ପ୍ରୟାସରେ ଅଟଳ ରହିବୁ।

## ଘର କୋଲକାତାରେ, ବେପାର ଭୁବନେଶ୍ୱରରେ

ଭୁବନେଶ୍ୱର, ୨୩।୫(ସମିସ)

ନାଁ ତାଙ୍କର ବିକଲ୍ ଅବ୍‌ଦୁଲ ସେକ୍(୭୨)। ବେଉସା ହେଉଛି ବୁଲିବୁଲି ଫେରି କରିବା। ସକାଳର ପହିଲି ସୂର୍ଯ୍ୟ କିରଣ ପଡ଼ିବା ଆଗରୁ ସାଇକଲରେ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ ସାମଗ୍ରୀ ଧରି ବିକ୍ରି କରିବାକୁ ବାହାରି ପଡ଼ନ୍ତି। ଯେଉଁଥିରେ ଥାଏ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍ ଡ୍ରମ, ବାଲ୍‌ଟି, ବୋତଲ, ବ୍ରସ୍‌ଷ୍ଟାଣ୍ଡ, ପରିବା ଷ୍ଟାଣ୍ଡ, ଚାହାଛଣା, ଛୋଟ ଛୋଟ ଷ୍ଟିଲ୍ ବାସନ ସାମଗ୍ରୀ, ଚେୟାର, ଷ୍ଟଡି ଟେବଲ, ଛୋଟ ଓ ମଧ୍ୟମ ସାଇଜ୍ ଡବା, ପିଲାଙ୍କ ଖେଳନା ଆଦି ସାମଗ୍ରୀ। ସାରାଦିନ ବୁଲିବୁଲି ବିକ୍ରି କରିବା ପରେ ସନ୍ଧ୍ୟା ବେଳକୁ ନିଜ ବସାକୁ ଫେରନ୍ତି। ଏହି ସବୁ ସାମଗ୍ରୀର ଦାମ୍ ୨୦ ଟଙ୍କାରୁ ଆରମ୍ଭ ହୋଇ ୧୨୦ ଟଙ୍କା ରହିଛି। ଏସବୁ ପରିବର୍ତ୍ତେ ପୁରୁଣା ଚିରା ଲୁଗା ମଧ୍ୟ ଆଣିଥାନ୍ତି। ଯଦି କିଏ ୨୦ଟଙ୍କାର କିଛି ଜିନିଷ ନେବ ତେବେ ପଇସା ବଦଳରେ ଗୋଟେ ଲୁଗା, ୬୦ଟଙ୍କା ପାଇଁ ତିନୋଟି ଲୁଗା ଓ ୧୨୦ ଟଙ୍କା ପାଇଁ ୬ଟା ଲୁଗା ରହିଛି। ଏନେଇ ସେ କୁହନ୍ତିକି କେଉଁଦିନ ବେପାର ଭଲ ହୁଏତ ଆଉ କେଉଁଦିନ ହୁଏନାହିଁ। ସେ କୋଲକାତାର ମୂଳ ବାସିନ୍ଦା ହୋଇଥିଲେ ମଧ୍ୟ ବେପାର କରିବା ଆଶାରେ ଦୀର୍ଘ ଚାରିବର୍ଷ ହେଲା ରାଜଧାନୀରେ ରହୁଛନ୍ତି। ଡୁମୁଡୁମା, ପଞ୍ଚସଖା ନଗର, ଆଇଟିଆର କଲେଜ ଏରିଆ, ଜାଗମରା, ସୌଭାଗ୍ୟ ନଗର ଆଦି ଅଞ୍ଚଳଗୁଡ଼ିକରେ ବୁଲିବୁଲି ବେପାର କରନ୍ତି। ଏହି ସବୁ ସାମଗ୍ରୀ ଆଳୁଗଦିର ଏକ ଗୋଦାମରୁ ଆଣନ୍ତି। ଯଦି ୨୦ଟଙ୍କାର ଜିନିଷରେ ସେ ଲୁଗା ଆଣନ୍ତି ତ ସେହି ଲୁଗାକୁ ୨୫ ଟଙ୍କାରେ ବିକ୍ରି କରନ୍ତି। ମାତ୍ର ୫ଟଙ୍କା ଲାଭ ପାଆନ୍ତି ବୋଲି କୁହନ୍ତି। ଗୋଟିଏ ଦିନରେ ପ୍ରାୟ ୫୦୦ ରୁ ୭୦୦ ଟଙ୍କା ରୋଜଗାର ହେଉଥିବା ବେଳେ ଆଉ କେବେ ୩୦୦ ରୁ ୪୦୦ ହୋଇଥାଏ। କେତେବେଳେ ୮ ରୁ ୧୦ଟା ଲୁଗା ମିଳିଥାଏ ତ କେବେ ଖାଲି ହାତରେ ଫେରିବାକୁ ପଡ଼େ। ସେ ଆହୁରି ମଧ୍ୟ କୁହନ୍ତି, ଏବେ ସବୁ ଘରକରଣା ପ୍ଲାଷ୍ଟିକ୍ ସାମଗ୍ରୀ ବିଭିନ୍ନ ଏରିଆରେ ଥିବା ଦୋକାନରେ ମିଳୁଛି। ଲୋକେ ଘରେ ବସି ଅନ୍‌ଲାଇନ୍ ମାଧ୍ୟମରେ ସବୁ ଆବଶ୍ୟକ ଉପକରଣ ଅର୍ଡର କରିପାରୁଛନ୍ତି। ଫଳରେ ଲୋକଙ୍କୁ ଆଉ ଫେରିବାଲାଙ୍କ ଉପରେ ନିର୍ଭର କରିବାକୁ ପଡୁନାହିଁ। ହାତ ପାହାନ୍ତାରେ ନିଜ ମନ ପସନ୍ଦ ଜିନିଷ ସହ ବିଭିନ୍ନ ଡିଜାଇନ୍‌ର ଉପକରଣ ପାଇପାରୁଛନ୍ତି। ଏହାର ସିଧାସଳଖ ପ୍ରଭାବ ତାଙ୍କ ପରି କେତେକ ଫେରିବାଲାଙ୍କ ଉପରେ ପଡୁଛି। ଏହି ବେପାରର କେବଳ ଗୋଟିଏ ମାଧ୍ୟମ ହେଲା ପୁରୁଣା ଓ ଚିରା ଲୁଗା। ଯାହାକି ତାଙ୍କ ଜୀବନ ପ୍ରତିପୋଷଣର ମାଧ୍ୟମ ବୋଲି କହିଛନ୍ତି। ଏ ନେଇ ଜଣେ ଗ୍ରାହକ ଦେବସ୍ମିତା ପାତ୍ର କୁହନ୍ତିକି ଆମେ ଗୋଟିଏ ଲୁଗାକୁ ୫୦୦ ଟଙ୍କାରେ କିଣୁଛୁ। କିନ୍ତୁ ଟିକେ ଚିରିଗଲେ କିମ୍ବା ପୁରୁଣା ହୋଇଗଲେ ମାତ୍ର ୨୦ଟଙ୍କାରେ ଦଉଛୁ। ଆଉ ସେଥିରେ ଏଇ ଘରକରଣା ସାମଗ୍ରୀ ରଖୁଛୁ।

ରିପୋର୍ଟ: ରଞ୍ଜନା



ଅନ୍‌ଲାଇନ୍ ଯୁଗରେ ଆମକୁ କିଏ ପଚାରେ: ଫେରିବାଲା

# ଏରୋସ୍ପେସ୍ ଟେକ୍ନୋଲଜିରେ ପ୍ରସ୍ତୁତ ହୋଇଛି ରାଧିକାଙ୍କ ପୋଷାକ



ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀଙ୍କ ବାହାଘର ଆସନ୍ତା ଜୁଲାଇ ୧୨ ତାରିଖରେ ହେବ। ତେବେ ଜାମନଗରରେ ରାଜକୀୟ ପ୍ରି-ୱେଡିଂ ପରେ ଅନନ୍ତଙ୍କ ବିବାହ କେତେ ବିଳାସପୂର୍ଣ୍ଣ ହେବ ସେନେଇ ଅନେକ ଉତ୍କଣ୍ଠାରେ ରହିଛନ୍ତି। ଏହି ବିବାହ ଉତ୍ସବରେ ଦେଶ ବିଦେଶର ସେଲିବ୍ରିଟିମାନେ ଯୋଗ ଦେବେ। ତେବେ ବିବାହ ଫଙ୍କସନ୍ ଅନେକ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଚର୍ଚ୍ଚା ହେଉଛି। ଏହା ଅଲଗା ଅଲଗା ଥିମ୍‌ରେ ଆଧାରିତ ହେବ। ବିବାହ ଉତ୍ସବ ପାଇଁ ରାଧିକା ମର୍ଚ୍ଚାଣ୍ଟଙ୍କ (ଅନନ୍ତଙ୍କ ଭାବୀ ପତ୍ନୀ) ନିମନ୍ତେ ତିଆରି ହୋଇଥିବା ଏକ ପୋଷାକ ଏବେ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ରାଧିକାଙ୍କର ଏହି ପୋଷାକକୁ ଡିଜାଇନର୍ ଗ୍ରେସି ଲିଙ୍ଗୋ ନିଜେ ପୋଷ୍ଟ କରିଛନ୍ତି। ସେ ଏହି ପୋଷାକର ଫଟୋ ପୋଷ୍ଟ କରି ଲେଖିଛନ୍ତି-'ଏହାକୁ ତିଆରି କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରକାରର ଟେକ୍ନୋଲଜିର ପ୍ରୟୋଗ କରାଯାଇଛି। ଏହି ପୋଷାକ ରାଧିକାଙ୍କ ମହାକାଶ ଥିମ୍ ବିବାହ ପାର୍ଟି ପାଇଁ ଆୟୋଜନ କରାଯାଇଛି। ସେ ଏଥିରେ ଗାଲାକ୍ଟିକ୍ ରାଜକୁମାରୀ ଭାବେ ନଜର ଆସିବେ। ଫେବ୍ରିକ୍ ଇଫେକ୍ଟ,ଥ୍ରୀ-ଡି ଓ ଏରୋସ୍ପେସ୍ ଆଲୁମିନିୟମ୍ ଟେକ୍ନୋଲଜିରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହି ପୋଷାକ ବହୁତ ନମନୀୟ। ଏହାକୁ ତିଆରି କରିବା ପାଇଁ ୩୦ ଜଣ କାରିଗର ଲାଗିଛନ୍ତି।' ଭାଇରାଲ୍ ହୋଇଥିବା ସୁନେଲି ରଙ୍ଗର ଏହି ମେଟାଲିକ୍ ପୋଷାକ ସହ ରାଧିକା ଏକ ସାଟିନ୍‌ର ସ୍କର୍ଟ ପିନ୍ଧିବେ।

ଏଠାରେ ପ୍ରକାଶ ଥାଉ କି, ଅନନ୍ତ ଓ ରାଧିକାଙ୍କ ବିବାହ ପାଇଁ ଅଲଗା ଅଲଗା ଥିମ୍‌ରେ ପାର୍ଟିଗୁଡ଼ିକ ରଖାଯାଇଛି। ତନ୍ମଧ୍ୟରେ ଗୋଟିଏ ମହାକାଶ ଥିମ୍‌ର ପାର୍ଟି ରଖାଯାଇଛି।

# 'ରାକ୍ଷସ'ରୁ ଓହରିଲେ ରଣବୀର



ବଲିଉଡ୍ ଅଭିନେତା ରଣବୀର ସିଂହ 'ହନୁମାନ'ର ନିର୍ଦ୍ଦେଶକ ପ୍ରଶାନ୍ତ ବର୍ମାଙ୍କର ଏକ ଫିଲ୍ମ ସାଇନ୍ କରିଥିବା ଖବର ନିକଟରେ ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାରେ ଥିଲା। ଫିଲ୍ମର ଟାଇଟଲ୍ ରଖାଯାଇଥିଲା 'ରାକ୍ଷସ'। ଏଥିରେ ରଣବୀର ନେଗେଟିଭ୍ ଚରିତ୍ରରେ ନଜର ଆସିଥାନ୍ତେ। ଏହାକୁ ନେଇ ପ୍ରଶାନ୍ତ ଖୁବ୍‌ଶୀଘ୍ର ଘୋଷଣା ମଧ୍ୟ କରିଥାନ୍ତେ। ଏବେ କିନ୍ତୁ ଏଥିରୁ ରଣବୀର ନିଜେ ଓହରି ଯାଇଥିବା କଥା ଜଣାପଡ଼ିଛି। କ୍ରିଏଟିଭ୍ ମତଭେଦ ଯୋଗୁ ରଣବୀର ଏହି ଫିଲ୍ମ ଛାଡ଼ି ଦେଇଥିବା ଚର୍ଚ୍ଚା ହେଉଛି। ତେବେ ଦୀପିକା ଏବେ ଗର୍ଭବତୀ ଥିବାରୁ ରଣବୀର ତାଙ୍କୁ ଅଧିକ ସମୟ ଦେବାକୁ ଚାହୁଁଥିବାରୁ ସେ ଏହି ଫିଲ୍ମ ଛାଡ଼ି ଦେଇଥିବା ମଧ୍ୟ କୁହାଯାଉଛି। ଅନ୍ୟପକ୍ଷରେ ରଣବୀର ଏଥିରୁ ଓହରି ଯାଇଥିବାରୁ ପ୍ରଶାନ୍ତ ଏବେ ଜଣେ ନୂଆ ନାୟକ ସନ୍ଧାନରେ ଅଛନ୍ତି। 'ରାକ୍ଷସ' ଏକ ପିରିୟଡିକ୍ ଫିଲ୍ମ ହେବ। ରଣବୀର ଏଥିରୁ ବାଦ୍ ପଡ଼ିବା ପରେ ଏବେ ତାଙ୍କ ହାତରେ ଅନ୍ୟ ଦୁଇଟି ଫିଲ୍ମ ରହିଛି। 'ଡନ୍-୩' ଓ 'ଶକ୍ତିମାନ୍'। 'ଡନ୍-୩'ର ନିର୍ଦ୍ଦେଶନା ଦାୟିତ୍ୱରେ ଫରହାନ୍ ଅଖତାର୍ ଅଛନ୍ତି। ଏଥିରେ ତାଙ୍କ ବିପକ୍ଷରେ କିଆରା ଆଡଭାନୀ ଦେଖାଯିବେ। ସେହିଭଳି ମଲାୟାଲମ୍ ସିନେମାର ଆଗଧାଡ଼ିର ନିର୍ଦ୍ଦେଶକ ବେଜିଲ୍ ଜୋସେଫ୍ 'ଶକ୍ତିମାନ୍' ଫିଲ୍ମର ନିର୍ଦ୍ଦେଶନା ଦେବେ।

# ପଚାଶ ଦଶକର ଲମ୍ବା ବସ୍ ଯାତ୍ରା

## ଦେଢ଼ ମାସରେ କଲିକତାରୁ ଲଣ୍ଡନ




ଏବେ ଲୋକେ ଗୋଟିଏ ଦେଶରୁ ଅନ୍ୟ ଏକ ଦେଶକୁ ବିମାନରେ ଯାତ୍ରା କରୁଛନ୍ତି। ପଚାଶ ଦଶକରେ ସିଡ୍‌ନୀର ଆଲବର୍ଟ ଟୁର୍ ଆଣ୍ଡ ଟ୍ରାଭେଲ୍ସ କମ୍ପାନି କଲିକତାରୁ ଲଣ୍ଡନ ଏବଂ ଲଣ୍ଡନରୁ କଲିକତା ପର୍ଯ୍ୟନ୍ତ ଏକ ଆରାମଦାୟକ ବସ୍ ସେବା ଆରମ୍ଭ କରିଥିଲା। ଏହାକୁ ସେତେବେଳେ ବିଶ୍ୱର ସବୁଠୁ ଲମ୍ବା ବସ୍ ଯାତ୍ରା କୁହାଯାଉଥିଲା। ଲୋକଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ୪୫ ଦିନ ସମୟ ଲାଗୁଥିଲା। ୧୯୫୦ରୁ ୧୯୭୩ ପର୍ଯ୍ୟନ୍ତ ଏହି ବସ୍ ଯାତ୍ରା ଚାଲିଥିଲା। ଏହି ବସ୍‌ରେ ଯାତ୍ରୀଙ୍କ ପାଇଁ ଖାଦ୍ୟପେୟ ସହ ହୋଟେଲରେ ରହିବା ସୁବିଧା ପ୍ରଦାନ କରାଯାଉଥିଲା। ଉଲ୍ଲେଖନୀୟ କଥାଟି ହେଲା, ଏହି ବସ୍‌ର ଟିକେଟ୍‌ରେ ଏଠାରେ ମିଳୁଥିବା ସମସ୍ତ ସୁବିଧା, ବସ୍‌ଭଡ଼ା ଏବଂ ବସ୍ ରୁଟ୍‌ର ସମ୍ପର୍କରେ ସୂଚନା ରହୁଥିଲା। ବସ୍‌ଟି କଲିକତାରୁ କେଉଁଦିନ ବାହାରି ଲଣ୍ଡନରେ କେଉଁଦିନ ପହଞ୍ଚିବ ଏସବୁ ପୂର୍ବରୁ ନିର୍ଦ୍ଧାରିତ ହେଉଥିଲା। ସେଥିପାଇଁ ବହୁସଂଖ୍ୟାରେ ଯାତ୍ରୀ ଏହି ବସ୍‌ରେ ଯାତ୍ରା କରିବାକୁ ଗୁରୁତ୍ୱ ଦେଉଥିଲେ। ବସ୍‌ଟି କଲିକତାରୁ ଯାତ୍ରା ଆରମ୍ଭ କରି ନୂଆଦିଲ୍ଲୀ, ପାକିସ୍ତାନ, ଆଫଗାନିସ୍ତାନ, ଇରାନ୍, ତୁର୍କୀ, ବେଲ୍‌ଜିୟମ, ଯୁଗୋସ୍ଲୋଭାକିଆ, ଅଷ୍ଟ୍ରିୟା, ପଶ୍ଚିମ ଜର୍ମାନୀ, ବୁଲ୍‌ଗେରିଆ ହୋଇ ଲଣ୍ଡନରେ ପହଞ୍ଚୁଥିଲା। ଲଣ୍ଡନରୁ ପୁଣି ଉକ୍ତ ରାସ୍ତା ଦେଇ କଲିକତା ଫେରୁଥିଲା। ଏହି ଯାତ୍ରା ପାଇଁ ପ୍ରାୟ ୪୫ ଦିନ ସମୟ ଲାଗୁଥିଲା। ୧୯୭୨ ମସିହାରେ କଲିକତାରୁ ଲଣ୍ଡନ ପାଇଁ ବସ୍ ଭଡ଼ା ଥିଲା ୧୪୫ ପାଉଣ୍ଡ। ଏହି ବସ୍ ଭଡ଼ାରେ ବସ୍‌ରେ ଯାତ୍ରୀଙ୍କ ପାଇଁ ଖାଇବା, ପିଇବା, ହୋଟେଲରେ ରହିବା ଓ ବୁଲାଇବାର ସୁବିଧା ଦିଆଯାଉଥିଲା। ସେତେବେଳେ କଲିକତାର ବିଭିନ୍ନ ସ୍ଥାନରୁ ଏକ ଛୋଟ ବସ୍‌ରେ ଲୋକଙ୍କୁ ଏହି ବସ୍ ନିକଟକୁ ଅଣାଯାଉଥିଲା। ଏହାପରେ ଲୋକେ ଏହି ଡବଲ୍ ଡେକ୍‌ରେ ବସୁଥିଲେ। ଯଦି ରାସ୍ତାରେ କୌଣସି ପର୍ଯ୍ୟଟନ ସ୍ଥଳ ପଡୁଥିଲା, ଯାତ୍ରୀଙ୍କୁ ସେଠାକୁ ନିଆଯାଉଥିଲା। ବସ୍‌ରେ ସେଲୁନ୍, ପଢ଼ିବା ପାଇଁ ସ୍ଥାନ ଏବଂ ବାହାରର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ସ୍ୱତନ୍ତ୍ର ବାଲକୋନି ରହିଥିଲା। ସୋସିଆଲ ମିଡିଆରେ ଏହି ବସ୍‌ର ଟିକେଟ୍ ଭାଇରାଲ୍ ହେବା ପରେ ଏବେ ଏହା ଚର୍ଚ୍ଚାକୁ ଆସିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝମଣା ରହିବ।




# ଫ୍ରିଜ୍‌ରେ ସଂରକ୍ଷିତ ଖାଦ୍ୟ

## ଦୁର୍ବଳ କରେ ପାଚନତନ୍ତ୍ର

**ଆଧୁନିକ ଚଳଣିରେ ଅନେକଙ୍କ ଘରେ ଫ୍ରିଜ୍ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ଲୋକ ବଳକା ଥିବା ଖାଦ୍ୟକୁ ଫ୍ରିଜ୍‌ରେ ଷ୍ଟୋର କରି ରଖିଦିଅନ୍ତି। ଗରମ ଦିନେ ପ୍ରାୟ ସମସ୍ତେ ଫ୍ରିଜ୍‌ରେ ଖାଦ୍ୟକୁ ରଖି ଖାଇଥା'ନ୍ତି। ଅଧିକାଂଶ ସହରବାସିନ୍ଦା କାର୍ଯ୍ୟବ୍ୟସ୍ତତା ଯୋଗୁଁ ଥରେ ରାନ୍ଧି ଏହାକୁ ଫ୍ରିଜ୍‌ରେ ରଖି ନିଜ ସୁବିଧା ଅନୁସାରେ ଗରମ କରି ଖାଆନ୍ତି। ହେଲେ ଫ୍ରିଜ୍‌ରେ ଅଧିକ ସମୟ ଯାଏଁ ରଖାଯାଉଥିବା ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହୋଇପାରେ। ତେଣୁ ଏପରି କିଛି ଖାଦ୍ୟ ରହିଛି, ଯାହାକୁ ଫ୍ରିଜ୍‌ରେ ରଖିବାର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନ ଖାଇଲେ ଏହା ବିଭିନ୍ନ ରୋଗ ଯଥା- ପାଚନତନ୍ତ୍ର ଦୁର୍ବଳ, ଫୁଡ୍ ପଏଜନିଂ ଏବଂ ରୋଗପ୍ରତିରୋଧକ କ୍ଷମତା ପ୍ରଭାବିତ ହୋଇଥାଏ। ତେଣୁ ଫ୍ରିଜ୍‌ରେ ରଖାଯାଉଥିବା ଖାଦ୍ୟ କେତେ ସମୟ ମଧ୍ୟରେ ଖାଇବା ସ୍ୱାସ୍ଥ୍ୟପ୍ରଦ ଜାଣନ୍ତୁ।**



**ଭାତ:** ଫ୍ରିଜ୍‌ରେ ରଖାଯାଉଥିବା ବଳକା ଭାତକୁ ଦୁଇଦିନ ମଧ୍ୟରେ ଖାଇବା ଉଚିତ। ଅଧିକ ସମୟ ଭାତ ରଖି ଖାଇବା ଦ୍ୱାରା ଏହାର ପୌଷ୍ଟିକ ତତ୍ତ୍ୱ ନଷ୍ଟ ହୋଇ ପାଚନ ତନ୍ତ୍ରକୁ ଖରାପ କରିଥାଏ। ତେଣୁ ଫ୍ରିଜ୍‌ରୁ ଭାତକୁ କାଢ଼ି କିଛି ସମୟ ପରେ ଏହାକୁ ଭଲ ଭାବେ ଗରମ କରି ଖାଇବା ଉଚିତ। ଠିକ୍ ସେହିପରି ତରକାରି, ଭଜା ଆଦି ରନ୍ଧା ଖାଦ୍ୟକୁ ଫ୍ରିଜ୍‌ରେ ରଖୁଥିଲେ, ୨୪ ଘଣ୍ଟା ମଧ୍ୟରେ ଏହାକୁ ଖାଇବା ଉଚିତ। ତେବେ ସବୁବେଳେ ରନ୍ଧା ଯାଇଥିବା ଖାଦ୍ୟ ଓ କଞ୍ଚା ପରିବାକୁ ଏକାଠି ରଖିବା ଅନୁଚିତ। କାରଣ କଞ୍ଚା ପରିବା ଓ ଫଳରେ ଥିବା ବ୍ୟାକ୍ଟେରିଆ ରନ୍ଧା ଖାଦ୍ୟକୁ ଦୂଷିତ କରେ। ତେଣୁ ଯେତେବେଳେ ବି ଫ୍ରିଜ୍‌ରେ କିଛି ଖାଦ୍ୟ ରଖୁଛନ୍ତି, ଏହାକୁ ସର୍ବଦା ଘୋଡ଼ଣୀରେ ଘୋଡ଼ାଇ ରଖିବା ଉଚିତ।

**ଡାଲି:** ରନ୍ଧା ଡାଲିକୁ ଫ୍ରିଜ୍‌ରେ ରଖିଥିଲେ, ଏହାକୁ ଦୁଇ ଦିନରେ ଖାଇବା ଉଚିତ। ଏହା ଠାରୁ ଅଧିକ ଦିନ ଫ୍ରିଜ୍‌ରେ ଡାଲି ରଖିଲେ ଏହାର ପୌଷ୍ଟିକତା କମିଯାଇଥାଏ।

**ରୁଟି:** ଫ୍ରିଜ୍‌ରେ ରୁଟିକୁ ୩ରୁ ୪ ଦିନ ପର୍ଯ୍ୟନ୍ତ ରଖାଯାଇପାରିବ। ଖାଇବା ପୂର୍ବରୁ ରୁଟିକୁ ଗରମ କରି ଏହା ଉପରେ ଘିଅ କିମ୍ବା ମଖନ ମାରି ଖାଇବା ଭଲ। ତେବେ ଅଧିକ ସମୟ ଧରି ଫ୍ରିଜ୍‌ରେ ରୁଟି ରଖି ଖାଇବା ଦ୍ୱାରା ଏହାର ପୋଷକତତ୍ତ୍ୱ ନଷ୍ଟ ହେବା ସହ ପେଟ ଯନ୍ତ୍ରଣା ହୋଇଥାଏ।

**କଟାଫଳ:** ତଟକା ଫଳ ଶରୀର ପାଇଁ ହିତକର; ହେଲେ କଟାଫଳ କ୍ଷତିକାରକ। ତେଣୁ ଫ୍ରିଜ୍‌ରେ ଥିବା କଟାଫଳକୁ ଦିନକ ମଧ୍ୟରେ ଖାଇବା ଜରୁରି। ଅଧିକ ପୋଷଣ ପାଇଁ ୫ରୁ ୬ଘଣ୍ଟା ମଧ୍ୟରେ କଟାଫଳକୁ ଖାଇପାରିବେ। କିନ୍ତୁ ଏହାଠାରୁ ଅଧିକ ବିଳମ୍ବରେ ଖାଇବା ଦ୍ୱାରା ଶରୀରରେ ରୋଗ ସୃଷ୍ଟି ହୋଇଥାଏ।

# କ୍ଷଣକରେ ଫୁସ୍‌ଫୁସ୍ ରୋଗ ଚିହ୍ନଟ

ଆଇଆଇଟି, କାନପୁର ଦ୍ୱାରା ବିକଶିତ କରାଯାଇଥିବା ଏକ ଉପକରଣ ମାତ୍ର ୫୦ ସେକେଣ୍ଡରେ ଫୁସ୍‌ଫୁସ୍ ଜନିତ ରୋଗକୁ ଚିହ୍ନଟ କରିପାରିବ। ମେଡାନ୍‌ଟ୍ରିକ୍ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ଉପକରଣ ନାଁ ନୋଡେକ୍ସ। ଏହା ଜଣେ ବ୍ୟକ୍ତିଙ୍କର ଫୁସ୍‌ଫୁସ୍ ସୁସ୍ଥତା ବିଷୟରେ ଜଣାଇଥାଏ। ଆଜ୍‌ମା ଓ ସିଓପିଡି (କ୍ରୋନିକ୍ ଅବଷ୍ଟ୍ରକ୍ଟିଭ୍ ପଲମୋନାରୀ ଡିଜିଜ) ପୀଡ଼ିତଙ୍କ ପାଇଁ ଏହା ବରଦାନ ସଦୃଶ। ଏନେଇ କାନପୁରର ଇନ୍‌କ୍ୟୁବେଟର ପ୍ରିୟରଞ୍ଜନ ତିୱାରୀ କୁହନ୍ତି, ସମ୍ପ୍ରତି ଏକାଧିକ ଲୋକ ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ। ଅନେକ ପ୍ରାରମ୍ଭିକ ଅବସ୍ଥାରୁ ଏହି ରୋଗ ବିଷୟରେ ଜାଣି ପାରୁ ନ ଥିବାରୁ ଏହି ଉପକରଣଟିକୁ ଘରେ ବସି ବ୍ୟବହାର କରିବା ଦ୍ୱାରା ସ୍ୱଳ୍ପ ସମୟ ମଧ୍ୟରେ ରୋଗ ଓ ଏହାର ସ୍ଥିତି ବିଷୟରେ ଜାଣିପାରିବେ। ଏହି ଉପକରଣଟି ଇନ୍‌ହେଲର ଭାବେ କାର୍ଯ୍ୟ କରିଥାଏ। ମେଡାନ୍‌ଟ୍ରିକ୍ ଆପ୍ଲିକେଶନ ଫୋନ୍‌ରେ ଡାଉନ୍‌ଲୋଡ କରି ଏହାକୁ ସ୍ମାର୍ଟ ଫୋନ୍‌ରେ ସଂଯୋଗ କରାଯାଏ। ଏଥିରେ ବୟସ, ଉଚ୍ଚତା ଏବଂ ବ୍ୟକ୍ତି ଜଣକ ଧୂମପାନ କରୁଛନ୍ତି କି ନାହିଁ ସୂଚନା ଦିଆଯାଏ। ଏହି ସୂଚନା ହିସାବରେ ଉପକରଣଟି ଫୁସ୍‌ଫୁସ୍‌ର ରିପୋର୍ଟ ପ୍ରଦାନ କରିଥାଏ। ଫଳରେ ଫୁସ୍‌ଫୁସ୍ ଜନିତ ରୋଗକୁ ସଠିକ୍ ସମୟରେ ଚିହ୍ନଟ କରି ଶ୍ୱାସଜନିତ ସମସ୍ୟାକୁ ଦୂରେଇ ଦିଆଯାଇଥାଏ। ଜଣେ ବ୍ୟକ୍ତି ନିଜ ରୋଗର ସ୍ଥିତି ବିଷୟରେ ଡାକ୍ତରଙ୍କୁ ଜଣାଇ ଔଷଧ ସେବନ କରି ଆରୋଗ୍ୟ ଲାଭ କରନ୍ତି।




ସ୍ୱାସ୍ଥ୍ୟ ବିଜ୍ଞାନ

# ବିଶ୍ୱ ସିଜୋଫ୍ରେନିଆ ଦିବସ

ଡାକ୍ତର ନୀଳମାଧବ ରଥ



ମନୁଷ୍ୟ ଶରୀରରେ ସୃଷ୍ଟି ହେଉଥିବା ବିଭିନ୍ନ ରୋଗ ମଧ୍ୟରୁ ସିଜୋଫ୍ରେନିଆ ଏକ ପ୍ରକାର ଗମ୍ଭୀର ମାନସିକ ରୋଗ। ଯାହା ସାଧାରଣ ଭାବେ ଅନେକ ଲୋକ ବୁଝି ନ ପାରି ମାନସିକ ରୋଗୀଙ୍କୁ ହତାଦାର କରିଥା'ନ୍ତି। ତେଣୁ ଏହି ରୋଗ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୨୪ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ତରଫରୁ "ସିଜୋଫ୍ରେନିଆ ବା ଗମ୍ଭୀର ମାନସିକ ରୋଗ ଦିବସ' ପାଳିତ ହୋଇଆସୁଅଛି। ଫିଲିପ୍ ପିନେଲ ନାମ୍ନୀ ଜଣେ ସମାଜ ସୁଧାରକଙ୍କ ଜନ୍ମଦିନକୁ ଏହି ଦିବସର ମାନ୍ୟତା ଦିଆଯାଇଛି। ମାନସିକ ରୋଗୀଙ୍କ ପ୍ରତି ସ୍ନେହ ସହାନୁଭୂତି ପ୍ରଦାନପୂର୍ବକ ବନ୍ଧନମୁକ୍ତ ଜୀବନଯାପନ କରିବା ନିମନ୍ତେ ସେ ପ୍ରଥମେ ପ୍ରଚେଷ୍ଟା ଆରମ୍ଭ କରିଥିଲେ। ଏଭଳି ରୋଗ କାହାର ମାତୃଗର୍ଭରୁ ଆରମ୍ଭ ହୋଇଥାଏ ତ କାହାର ଶାରୀରିକ, ମାନସିକ, ସାମାଜିକ ଚାପଗ୍ରସ୍ତ ପରିବେଶରୁ ଆରମ୍ଭ ହୋଇଥାଏ। ସିଜୋଫ୍ରେନିଆ ରୋଗଦ୍ୱାରା ମଣିଷର ଚିନ୍ତନ, ଅନୁଭୂତି ତଥା ବ୍ୟବହାର ବଦଳିଯାଏ। ରୋଗୀ ମୂକ ବା ପ୍ରଗଳ୍ଭ ହୋଇଯାଏ। ଏଣୁତେଣୁ କଥା କହିବା, ସନ୍ଦେହ କରିବା, ମନକୁ ମନ ଗପିବା, ଶୂନ୍ୟବାଣୀକୁ ବିଶ୍ୱାସ କରିବା, ସର୍ବଦା ଭୟଭୀତ ହୋଇ ନିରବ ରହିବା, ଅତ୍ୟଧିକ ହସିବା, ନିଜର ବା ଅନ୍ୟର କ୍ଷତି କରିବା, ବାସ୍ତବତାଠାରୁ ଦୂରେଇ ରହିବା, ଅପରିଷ୍କାର ଅପରିଚ୍ଛନ୍ନ ହୋଇ ଚଳିବା ଆଦି ଏହି ରୋଗର ଲକ୍ଷଣ। ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳନର ବାର୍ତ୍ତା ହେଉଛି ମାନସିକ ରୋଗୀଙ୍କ ନିମନ୍ତେ ସାମାଜିକ, ସ୍ନେହ, ପ୍ରୀତି, କରୁଣା ଜାଗ୍ରତ କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହି ରୋଗୀଙ୍କ ପାଇଁ ଔଷଧଠାରୁ ଆରମ୍ଭ କରି ଅନ୍ୟମାନଙ୍କର ସେମାନଙ୍କ ପ୍ରତି ସହାନୁଭୂତିଶୀଳ ବ୍ୟବହାର, ସ୍ନେହ ଶ୍ରଦ୍ଧା ଅଧିକ ଗୁରୁତ୍ୱପୂର୍ଣ୍ଣ।

ଏହି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ନିଶା ସେବନ କରିଥା'ନ୍ତି। ମାନସିକ ଭାରସାମ୍ୟ ହରାଇ ସର୍ବସାଧାରଣରେ ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରି ନିର୍ଯାତନାର ଶିକାର ହୋଇଥା'ନ୍ତି। ତେଣୁ ଏମାନଙ୍କ ଚିକିତ୍ସା କରାଗଲେ ପ୍ରାୟତଃ ୯୦ ଭାଗ ଲୋକ ଆରୋଗ୍ୟ ହୋଇଥା'ନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ଭାରତ ତଥା ଆମ ପ୍ରାଦେଶିକ ସରକାର ମାନସିକ ଚିକିତ୍ସା ପାଇଁ ଉତ୍କୃଷ୍ଟ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ଡାକ୍ତରଖାନା ସଦର ମହକୁମାକୁ ସମ୍ପ୍ରସାରଣ କରିଛନ୍ତି। ମାନସିକ ଚିକିତ୍ସା ପାଇଁ ଅନେକ ଯୋଜନା କରାଯାଇଛି। ଜାତୀୟ ମାନସିକ ଚିକିତ୍ସା ସେବା ଯୋଗାଣ ଆମ ଦେଶରେ ଅନ୍ୟ ରୋଗ ପରି ପ୍ରାଥମିକତା ପାଇଛି। ମାନସିକ ରୋଗୀଙ୍କୁ ଜାତୀୟ ଏବଂ ପ୍ରାଦେଶିକ ସ୍ତରରେ ଆର୍ଥିକ, ମାଗଣା ଔଷଧ, ଥଇଥାନ ପାଇଁ ବାସଗୃହ, ମାସିକ ଆର୍ଥିକ ସାହାଯ୍ୟ, ନିଶାମୁକ୍ତି କେନ୍ଦ୍ର ତଥା ମନସ୍ତାତ୍ତ୍ୱିକ ଓ ସାମାଜିକ କର୍ମୀଙ୍କୁ ଶିକ୍ଷାପ୍ରଦାନ କରାଯାଉଛି। ଆମ ରାଜ୍ୟର ମିଶନ ଆଶ୍ରା, ବସୁନ୍ଧରା, ଜନନୀ, ଜଗନ୍ନାଥ ସେବା ସମିତି, କଣାସ, ସଖା ପ୍ରଭୃତି ସଂସ୍ଥା ଗଭୀର ମାନସିକ ରୋଗୀମାନଙ୍କୁ ଅକୁଣ୍ଠ ସେବା ପ୍ରଦାନ କରୁଛନ୍ତି। କେବଳ ସରକାରୀ ସାହାଯ୍ୟ ନୁହେଁ; ଅନେକ ସ୍ୱେଚ୍ଛାସେବୀ ସଂସ୍ଥା ନିଜସ୍ୱ ପ୍ରଚେଷ୍ଟାରେ ମାନସିକ ରୋଗୀଙ୍କୁ ଚିକିତ୍ସା ସହିତ ଥଇଥାନର ବ୍ୟବସ୍ଥା କରିଛନ୍ତି।

କରୋନା ପରେ ଧୀରେ ଧୀରେ ଏହି ରୋଗର ଅନେକ ରୂପ ଦେଖାଯିବାରେ ଅଧିକ ସ୍ନେହ, ଶ୍ରଦ୍ଧା, ଆଦର, ଉପଯୁକ୍ତ ଆଧୁନିକ ଚିକିତ୍ସା, ଅତ୍ୟାଧୁନିକ ଔଷଧ ପ୍ରଣାଳୀ, ନୂତନତମ ସ୍ନାୟୁତନ୍ତ୍ର, କୋଷିକା ନିରୂପଣ, ସ୍ନାୟୁ ଜୀବରସର ଅଭାବ ଆଦିର ଆଧୁନିକ ଚିକିତ୍ସା ମାଧ୍ୟମରେ ନିରାକରଣ ନିମନ୍ତେ ଗବେଷଣା ଚାଲିଛି। ମାନବିକତା ପ୍ରଦର୍ଶନ ପୂର୍ବକ ସିଜୋଫ୍ରେନିଆର ରୋଗର କାରଣ, ପ୍ରତିରୋଧ, ନିରୂପଣ ଓ ଫଳପ୍ରଦ ଚିକିତ୍ସା ଦ୍ୱାରା ଭବିଷ୍ୟତରେ ବହୁସଂଖ୍ୟାରେ ରୋଗୀ ଉପକୃତ ହୋଇପାରିବେ। ପ୍ରତ୍ୟେକ ଏ ରୋଗ ବିଷୟରେ ଜାଣିବା, ନିଜର ପରିଚିତ ରୋଗୀଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବା, ସହୃଦୟତାର ସହ ଆପଣାଇନେବା ଏହି ଦିବସର ଧେୟ ହେଉ।

- ରାଜ୍ୟ ମାନସିକ ଚିକିତ୍ସା ପରାମର୍ଶଦାତା, ଓଡ଼ିଶା
ମହାନଦୀ ବିହାର, କଟକ-୪
ମୋ-୯ ୯୩୭୩୬୪୬୭୮

# ଓରାଲ୍ ସନ୍‌ସ୍କ୍ରିନ୍



ତ୍ୱଚାକୁ ସୁରକ୍ଷା ଦେବା ପାଇଁ ଅଧିକାଂଶ ଖରାଦିନେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇଥା'ନ୍ତି। କ୍ଷତିକାରକ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବାରେ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦିଓ ସନ୍‌ସ୍କ୍ରିନ୍ କ୍ରିମ୍, ଜେଲ୍, ପାଉଡର ଏବଂ ସ୍ପ୍ରେ ଆକାରରେ ଉପଲବ୍ଧ ରହିଛି। ଏବେ କିନ୍ତୁ ଓରାଲ ସନ୍‌ସ୍କ୍ରିନ୍‌କୁ ନେଇ ସବୁଠି ଚର୍ଚ୍ଚା। ସନ୍‌ସ୍କ୍ରିନ୍‌କୁ ତ୍ୱଚାରେ ଲଗାଯାଉଥିବାବେଳେ ଓରାଲ ସନ୍‌ସ୍କ୍ରିନ୍ ଏକ ପ୍ରକାର ସପ୍ଲିମେଣ୍ଟ; ଯାହାକୁ ସେବନ କରିବା ଦ୍ୱାରା ସୂର୍ଯ୍ୟଙ୍କ ହାନିକାରକ କିରଣ ପ୍ରଭାବରୁ ଶରୀର ସୁରକ୍ଷିତ ରୁହେ। ଓରାଲ ସନ୍‌ସ୍କ୍ରିନ୍ ସପ୍ଲିମେଣ୍ଟ ଆଣ୍ଟି ଅକ୍ସିଡେଣ୍ଟ, ଭିଟାମିନ୍ ଏବଂ ଉଦ୍ଭିଦ ଅର୍କରୁ ତିଆରି ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ସାଧାରଣ ସନ୍‌ସ୍କ୍ରିନ୍ କ୍ରିମ୍, ପାଉଡର ସ୍ପ୍ରେ ସନ୍‌ସ୍କ୍ରିନ୍‌କୁ ଦିନରେ ବାରମ୍ବାର ଲଗାଯାଉଥିବାବେଳେ ଓରାଲ ସନ୍‌ସ୍କ୍ରିନ୍‌କୁ ଦିନରେ କେବଳ ଥରେ ବ୍ୟବହାର କରାଯାଏ। ଓରାଲ ସନ୍‌ସ୍କ୍ରିନ୍‌ରେ ହାଇଡ୍ରେଶନ, ଆଣ୍ଟି-ଇନ୍‌ଫ୍ଲେମେଟରୀ ଗୁଣ ଥିବାରୁ ଏହା ତ୍ୱଚା ପାଇଁ ଅଧିକ ଲାଭପ୍ରଦ। ଯଦିଓ ଏହି ପ୍ରକାର ସନ୍‌ସ୍କ୍ରିନ୍ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅଧିକ ଗବେଷଣା କରୁଛନ୍ତି, ତେବେ ତ୍ୱଚାର ପ୍ରକାର, ଆହାର ଏବଂ ସୁସ୍ଥତାକୁ ଧ୍ୟାନ ଦେଇ ଜଣେ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶରେ ନିଜ ଦିନଚର୍ଯ୍ୟାରେ ଓରାଲ ସନ୍‌ସ୍କ୍ରିନ୍ ସାମିଲ କରିପାରିବେ।

**ଜେନେଭା ଏଟିପି ଓପନ୍**

# ଜନ୍ମଦିନରେ ଜୋକୋଭିଚ୍‌ଙ୍କ ୧,୧୧୦ତମ ବିଜୟ

ଜେନେଭା,୨୩।୫(ଏଜେନ୍ସି)



ସୁଇଜରଲାଣ୍ଡର ଜେନେଭାରେ ଚାଲିଥିବା ଏଟିପି ଟୁର ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ୧ ନଂ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍, ୫ମ ସିଡ୍ ଆର୍ଜେଣ୍ଟିନାର ସେବାଷ୍ଟିଆନ ବାଏଜ, ଦ୍ୱିତୀୟ ସିଡ୍ ନରୱେର କାସ୍ପେର ରୁଡ୍ ଓ ଅନ୍ୟମାନେ ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୩୭ତମ ଜନ୍ମ ଦିବସରେ ଟପ୍ ସିଡ୍ ଜୋକୋଭିଚ୍ ୬-୩, ୬-୩ ସିଧାସଳଖ ସେଟ୍‌ରେ ଜର୍ମାନର ଅଣସିଡ୍ ଖେଳାଳି ୟାନିକ୍ ହାନଫମ୍ୟାନଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏଟିପି ଟୁର୍ଣ୍ଣାମେଣ୍ଟରେ ଏହା ଜୋକୋଭିଚ୍‌ଙ୍କର ୧,୧୧୦ତମ ବିଜୟ। ଏହି ଟୁର୍ଣ୍ଣାମେଣ୍ଟ ଭଲ ପ୍ରଦର୍ଶନ କରି ଜୋଭୋଭିଚ୍ ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ପୂର୍ବରୁ ଫର୍ମକୁ ଫେରିବା ଲକ୍ଷ୍ୟରେ ରହିଛନ୍ତି। ସେହିପରି ଅନ୍ୟଏକ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ବାଏଜ ୬-୩, ୬-୦ ସିଧାସଳଖ ସେଟ୍‌ରେ ସ୍ପେନ୍‌ର ରୋବେର୍ଟୋ କାର୍ବାଲେସ ବାଏନାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ସିଡ୍ ରୁଡ୍ ୪-୬, ୬-୨, ୬-୨ ସେଟ୍‌ରେ ଅଷ୍ଟ୍ରିଆର ସେବାଷ୍ଟିଆନ ଓଫନରଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ତେବେ ଆମେରିକାର ତୃତୀୟ ସିଡ୍ ଖେଳାଳି ଟେଲର ଫ୍ରିଜ୍ ପ୍ରି- କ୍ୱାର୍ଟର ଫାଇନାଲରେ ୪-୬, ୬-୪, ୫-୭ ସେଟ୍‌ରେ ନିଜ ଦେଶର ଆଲେକ୍ସ ମାଇକେଲସନଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି।



## ଫ୍ରେଞ୍ଚ୍ ଓପନ୍‌ରୁ ଓହରିଲେ ପେଗୁଲା

**ପ୍ୟାରିସ୍,୨୩।୫(ଏଜେନ୍ସି):** ବିଶ୍ୱର ୫ ନଂ ମହିଳା ଖେଳାଳି ଆମେରିକାର ଜେସିକା ପେଗୁଲା ରବିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍‌ରୁ ଓହରିଯାଇଛନ୍ତି। ସେ ଆଘାତ ସମସ୍ୟା ଦେଇ ଗତି କରୁଛନ୍ତି ଓ ଏଥିରୁ ମୁକୁଳିବାକୁ ପ୍ରୟାସ କରୁଛନ୍ତି। ଖାସ୍ ଏଥିପାଇଁ ଫ୍ରେଞ୍ଚ୍ ଓପନ୍‌ରୁ ସେ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ପେଗୁଲା ତାଙ୍କ ୧୫ ବର୍ଷର କ୍ୟାରିୟରରେ ୪ଟି ଟାଇଟଲ ଅର୍ଜ ନ କରିଛନ୍ତି। ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ୬ଥର ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ କେବେ ବି ସେମି ଫାଇନାଲକୁ ଉଠିବାରେ ସଫଳ ହୋଇନାହାନ୍ତି। ସେ ୩ଥର ଅଷ୍ଟ୍ରେଲିଆନ୍ ଓପନ ଓ ଥରେ ଲେଖାଏ ଫ୍ରେଞ୍ଚ୍ ଓପନ୍, ୱିମ୍ବଲଡନ ଓ ୟୁଏସ୍ ଓପନ୍ କ୍ୱାର୍ଟରକୁ ଉଠିଛନ୍ତି।

**ବିଶ୍ୱ ଯୁବ ଭାରୋତ୍ତୋଳନ ଚାମ୍ପିଅନସିପ୍**

# ବିଶ୍ୱରେକର୍ଡ ସହ ଓଡ଼ିଶାର ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୩।୫ (ସମିସ)

ଓଡ଼ିଆ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଓ ଜ୍ୟୋତ୍ସ୍ନା ଶବର ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପେରୁର ରାଜଧାନୀ ଲିମାଠାରେ ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଫ୍) ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ୟୁଥ୍ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ପ୍ରୀତିସ୍ମିତା ବିଶ୍ୱରେକର୍ଡ ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିଭଳି ଜ୍ୟୋତ୍ସ୍ନା ରୌପ୍ୟ ପଦକ ବିଜୟୀ ହୋଇ ଖୁସିକୁ ଦ୍ୱିଗୁଣିତ କରିଛନ୍ତି। ଉଭୟ ବାଳିକା ୪୦ କିଗ୍ରା ବିଭାଗରେ ଅଂଶଗ୍ରହଣ କରି ଏହି ପଦକ ବିଜୟୀ ହୋଇଛନ୍ତି।

୧୬ ବର୍ଷୀୟା ପ୍ରୀତିସ୍ମିତା ବାଳିକା ୪୦ କିଗ୍ରା ଓଜନବର୍ଗରେ ମୋଟ୍ ୧୩୩ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ସେ ସ୍ନାଚରେ ୫୭ କିଗ୍ରା ଏବଂ କ୍ଲିନ ଆଣ୍ଡ ଜର୍କରେ ୭୬ କିଗ୍ରା ଭାର ଉଠାଇଥିଲେ। କ୍ଲିନ ଆଣ୍ଡ ଜର୍କରେ ପ୍ରୀତିସ୍ମିତା ଉଠାଇଥିବା ୭୬ କିଗ୍ରା ନୂଆ ବିଶ୍ୱରେକର୍ଡ ହୋଇଛି। ପୂର୍ବରୁ ଏହି ବିଭାଗରେ କ୍ଲିନ୍ ଆଣ୍ଡ ଜର୍କରେ ବିଶ୍ୱରେକର୍ଡ ୭୫ କିଗ୍ରା ଥିଲା। ଯାହାକୁ ପ୍ରୀତିସ୍ମିତା ଏବେ ଭାଙ୍ଗି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ଏହି ଓଜନବର୍ଗର ରୌପ୍ୟ ପଦକ ଜ୍ୟୋତ୍ସ୍ନାଙ୍କୁ ମିଳିଥିଲା। ଜ୍ୟୋତ୍ସ୍ନା ମୋଟ୍ ୧୨୫ କିଗ୍ରା ଭାର ଉଠାଇଥିଲେ। ଯେଉଁଥିରେ ସେ କ୍ଲିନ ଆଣ୍ଡ ଜର୍କରେ ୬୯ କିଗ୍ରା ଏବଂ ସ୍ନାଚରେ ୫୬ କିଗ୍ରା ଉଠାଇଥିଲେ। ଫଳରେ ପ୍ରୀତିସ୍ମିତା ଓ ଜ୍ୟୋତ୍ସ୍ନା ପୋଡିୟମର ପ୍ରଥମ ଦୁଇ ସ୍ଥାନରେ ରହି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାତେଇନେଇଥିଲା। ଏହି ବିଭାଗରେ କାଂସ୍ୟ ପଦକ ତୁର୍କିର ଫତ୍‌ମା କୋଲକାକ ହାସଲ କରିଥିଲେ। ସେ କ୍ଲିନ ଆଣ୍ଡ ଜର୍କରେ ୬୫ କିଗ୍ରା ଏବଂ ସ୍ନାଚରେ ୫୫ ସହ ମୋଟ୍ ୧୨୦ କିଗ୍ରା ଭାର ଉଠାଇଥିଲେ।



ପ୍ରୀତିସ୍ମିତା ଭୋଇ



ଜ୍ୟୋତ୍ସ୍ନା ଶବର

ଉଭୟ ପ୍ରୀତିସ୍ମିତା ଓ ଜ୍ୟୋତ୍ସ୍ନା ବର୍ତ୍ତମାନ ଓଡ଼ିଶା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି। ଜ୍ୟୋତ୍ସ୍ନା କଳିଙ୍ଗ ଷ୍ଟାଡିୟମସ୍ଥିତ ମୁଖ୍ୟ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବାବେଳେ ପ୍ରୀତିସ୍ମିତା ଢେଙ୍କାନାଳସ୍ଥିତ ଉପକେନ୍ଦ୍ରରେ ପ୍ରଶିକ୍ଷଣ ଜାରି ରଖିଛନ୍ତି। 'ନୂତନ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଥିବାରୁ ଗର୍ବିତ ଓ ଆନନ୍ଦିତ। ସ୍ୱପ୍ନ ସାକାର ହେବାଭଳି ଲାଗୁଛି। ମୋ ପରିବାର, ପ୍ରଶିକ୍ଷକ ଓ ଭାରତୀୟ ଭାରୋତ୍ତୋଳକ ସଂଘ ସହାୟତା ବିନା ଏହା ହାସଲ କରିପାରି ନ ଥାନ୍ତି' ବୋଲି ପ୍ରୀତିସ୍ମିତା ସ୍ୱର୍ଣ୍ଣ ଜିତିବା ପରେ କହିଛନ୍ତି। ସେହିଭଳି ଓଡ଼ିଶା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ମୁଖ୍ୟ ପ୍ରଶିକ୍ଷକ ଅଲିମ୍ପିଆନ କେ. ରବିକୁମାର କହିଛନ୍ତି, 'ଓଡ଼ିଶା ପାଇଁ ଆଜି ଏକ ଐତିହାସିକ ଦିନ। ଉଭୟ ଭାରୋତ୍ତୋଳିକାଙ୍କ ଲାଗି ଆଜି ଆମେ ଗର୍ବିତ।'

### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଆଇଡବ୍ଲ୍ୟୁଏଫ୍ ବିଶ୍ୱ ୟୁଥ୍ ଚାମ୍ପିଅନସିପ୍‌ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ପ୍ରୀତିସ୍ମିତା ଭୋଇ ଓ ଜ୍ୟୋତ୍ସ୍ନା ଶବରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ସେମାନଙ୍କ କ୍ରୀଡ଼ା ସଫଳତା ଓଡ଼ିଶା ଓ ଦେଶକୁ ଗର୍ବିତ କରିଛି। ସେମାନେ ଏଭଳି ପ୍ରଦର୍ଶନ ଜାରି ରଖିବା ସହ ଯୁବ ଆଥ୍‌ଲେଟଙ୍କୁ ପ୍ରେରଣା ଯୋଗାନ୍ତୁ' ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିନନ୍ଦନ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

**ଟି-୨୦ ବିଶ୍ୱକପ୍**

# ଅଷ୍ଟ୍ରେଲିଆ ନିକଟରେ ବିରଳ ରେକର୍ଡର ସୁଯୋଗ

ନୂଆଦିଲ୍ଲୀ,୨୩।୫(ଏଜେନ୍ସି)



ଜୁନ୍ ପହିଲାରୁ ଅର୍ଥାତ ଆଉ ମାତ୍ର ସପ୍ତାହ ପରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆରମ୍ଭ ହେବାକୁ ଯାଉଛି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ। ଏଥର ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ନିକଟରେ ଏକ ବିରଳ ରେକର୍ଡ ସୃଷ୍ଟି କରିବାର ଏକ ଅପୂର୍ବ ସୁଯୋଗ ରହିଛି। ଜୁନ୍ ୫ରେ ଅଷ୍ଟ୍ରେଲିଆ ଓମାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଅଷ୍ଟ୍ରେଲିଆ ଆଉ ଏକ ଟ୍ରଫି ଜିତି ବିଶ୍ୱ କ୍ରିକେଟରେ ନିଜର ଆଧିପତ୍ୟକୁ ଆହୁରି ଦୃଢ଼ କରିବା ଲକ୍ଷ୍ୟରେ ରହିଛି। ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଯଦି ଏଥର ଚାମ୍ପିଅନ ହୁଏ ତାହେଲେ ଏକ ଅସାଧାରଣ ରେକର୍ଡର ଅଧିକାରୀ ହେବ। ଟାଇଟଲ ହାସଲ କଲେ ଅଷ୍ଟ୍ରେଲିଆ ଗୋଟିଏ ବର୍ଷ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି), ଦିନିକିଆ ବିଶ୍ୱକପ୍ ଓ ଟି-୨୦ ବିଶ୍ୱକପ୍ ହାସଲ କରି ୩ଟି ଆଇସିସି ଟ୍ରଫି ଜିତିବ। ୨୦୨୧ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ମଧ୍ୟ ଅଷ୍ଟ୍ରେଲିଆ ଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା। ଏଥର ସଫଳ ହେଲେ ଅଷ୍ଟ୍ରେଲିଆ ଦ୍ୱିତୀୟଥର ପାଇଁ ଟାଇଟଲ ଜିତିବ। ତେବେ ବିଶ୍ୱକପ୍ ଇତିହାସରେ ୨ଥରେ ଲେଖାଏ ଟାଇଟଲ ଜିତି ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ଯୁଗ୍ମ ଭାବେ ସଫଳତମ ଦଳ ବିବେଚିତ ହେଉଛନ୍ତି। ଅଷ୍ଟ୍ରେଲିଆରେ ୨୦୨୨ରେ ଅନୁଷ୍ଠିତ ଗତ ସଂସ୍କରଣରେ ଇଂଲଣ୍ଡ ଚାମ୍ପିଅନ ହୋଇଥିଲା।

**ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଆଷ୍ଟନ ଅଗର, ପ୍ୟାଟ କମିନ୍ସ, ଟିମ ଡେଭିଡ୍, ନାଥନ ଏଲିସ୍, କାମେରନ୍ ଗ୍ରୀନ୍, ଜୋଶ ହାଜଲେଉଡ, ଟ୍ରାଭିସ ହେଡ, ଜୋଶ ଇଂଲିଶ (ୱିକେଟରକ୍ଷକ), ଗ୍ଲେନ୍ ମ୍ୟାକ୍ସୱେଲ, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ୍, ମାଥ୍ୟୁ ୱେଡ୍ (ୱିକେଟରକ୍ଷକ), ଡେଭିଡ୍ ୱାର୍ଣ୍ଣର ଓ ଆଡାମ ଜାମ୍ପା। ରିଜର୍ଭ ଖେଳାଳି: ଜ୍ୟାକ୍ ଫ୍ରେଜର- ମ୍ୟାକ୍‌ଗୁର୍କ, ମାଥ୍ୟୁ ସର୍ଟ।

**ହରିପ୍ରସାଦ ଜାତୀୟ କରାଟେ ସଂଘ ବୈଷୟିକ ନିର୍ଦ୍ଦେଶକ ମନୋନୀତ**

# ରାଜୀବ ରେଫରି କମିଶନ ସଭ୍ୟ





**ଭୁବନେଶ୍ୱର,୨୩।୫(ସମିସ):** ଓଡ଼ିଶା ରାଜ୍ୟ କରାଟେ ସଂଘ ସଭାପତି ଡଃ ହରିପ୍ରସାଦ ପଟ୍ଟନାୟକଙ୍କୁ ଏକ ଗୁରୁଦାୟିତ୍ୱ ମିଳିଛି। ସେ ଜାତୀୟ କରାଟେ ସଂଘ ଅର୍ଥାତ କରାଟେ ଇଣ୍ଡିଆ ଇଣ୍ଡିଆ ଅର୍ଗାନାଇଜେସନ (କେଆଇଓ)ର ଟେକନିକାଲ ଡାଇରେକ୍ଟର ବା ବୈଷୟିକ ନିର୍ଦ୍ଦେଶକ ଭାବେ ମନୋନୀତ ହୋଇଛନ୍ତି। ଦୀର୍ଘ ୪୪ ବର୍ଷର ଅଭିଜ୍ଞତା ସହ ବହୁ ଜାତୀୟ ତଥା ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗୀ ସୃଷ୍ଟି କରିବା ସହ ସୁକୋକୋଇ କରାଟେ ଡୋ ୟୁନିୟନ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ସମ୍ପାଦନ କରୁଥିବା ହରିପ୍ରସାଦଙ୍କୁ ଏହି ସମ୍ମାନଜନକ ପଦବୀକୁ ମନୋନୀତ କରାଯାଇଛି। ଦୀର୍ଘ ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ସେ କରାଟେର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟ କରିଆସୁଛନ୍ତି।

ସେହିପରି ଓଡ଼ିଶାର ଏକମାତ୍ର ଏସୀୟ ଜଜ୍ ରାଜୀବ ସିଂ ଜାତୀୟ କରାଟେ ସଂଘର ରେଫରି କମିଶନ ସଦସ୍ୟ ଭାବେ ମଧ୍ୟ ପୁନଃ ମନୋନୀତ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲ ମାଧ୍ୟମରେ ରାଜୀବ ରାଉରକେଲାରେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଛନ୍ତି। ୧୯୮୨-୮୩ ମସିହାରେ ପ୍ରତିଷ୍ଠ ହୋଇଥିବା ରାଜ୍ୟର ଅନ୍ୟତମ ପୁରାତନ କ୍ରୀଡ଼ା ସଂଘ 'ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ (ଓଏସ୍‌କେଏ)'ର ସମ୍ପାଦକ ଡଃ ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ଖାରବେଳ ମଲିକ, ଉପ- ସଭାପତି ପ୍ରଦୀପ ସରକାର, ପ୍ରଶାନ୍ତ ଧଳ, ଏସ୍‌ଆର ସାସମଲ, ଯୁଗ୍ମ ସମ୍ପାଦକ ଆଡଭୋକେଟ କାଳୀ ପ୍ରସାଦ ନନ୍ଦ, ପରାମର୍ଶ ଦାତା ସଞ୍ଜୟ ଦାସ, ସନତ ନାୟକ, ପ୍ରକାଶ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ହରିପ୍ରସାଦ ଓ ରାଜୀବଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ନୂଆ ପଦବୀ ପାଇଁ ମନୋତୀତ ହୋଇଥିବାରୁ ହରିପ୍ରସାଦ ଜାତୀୟ କରାଟେ ସଂଘ ସଭାପତି ହାନ୍‌ସି ଭରତ ଶର୍ମା ଓ ଅନ୍ୟ କାର୍ଯ୍ୟକାରୀ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ୟୁରୋପ୍ ଟୁର୍: ଉଭୟ ପୁରୁଷ ଓ ମହିଳା ହକି ଦଳ ପରାସ୍ତ**

# ଭାରତକୁ ଡବଲ୍ ଝଟ୍‌କା

ବ୍ରେଡା, ୨୩।୫ (ଏଜେନ୍ସି)

ୟୁରୋପ୍ ଗସ୍ତରେ ଯାଇଥିବା ଭାରତୀୟ କନିଷ୍ଠ ପୁରୁଷ ଓ ମହିଳା ହକି ଦଳକୁ ଡବଲ୍ ଝଟକା ଲାଗିଛି। ବୁଧବାର ରାତିରେ ଭାରତୀୟ ପୁରୁଷ ଓ ମହିଳା ଦଳ ବେଲ୍‌ଜିୟମକୁ ଭେଟିଥିଲେ। ଏଥିରେ ଉଭୟ ଭାରତୀୟ ଦଳ ୨-୩ ଗୋଲରେ ପରାସ୍ତ ହୋଇ ନିରାଶ କରିଛନ୍ତି। ପୂର୍ବରୁ ୟୁରୋପ୍ ଗସ୍ତରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ସେମାନଙ୍କ ପ୍ରଥମ ମୁକାବିଲାରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲେ।

### ବିନିମାଙ୍କ ଡବଲ୍ ଗୋଲ୍ ବ୍ୟର୍ଥ

ଭାରତୀୟ କନିଷ୍ଠ ମହିଳା ହକି ଦଳ ଓ ବେଲ୍‌ଜିୟମ ମଧ୍ୟରେ ଅନୁଷ୍ଠିତ ମୁକାବିଲା ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମାର୍ଦ୍ଧରେ ଭାରତ ୨ଟି ପେନାଲ୍ଟି କର୍ଣ୍ଣର ସୁଯୋଗ ପାଇଥିଲା, କିନ୍ତୁ ଫାଇଦା ଉଠାଇପାରି ନ ଥିଲା। ତେବେ ବେଲ୍‌ଜିୟମ ଦ୍ୱିତୀୟ କ୍ୱାର୍ଟରରେ ଏକ ଗୋଲ୍ ଦେଇ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ ଓ ୪ର୍ଥ କ୍ୱାର୍ଟରରେ ଘରୋଇ ବେଲଜିୟମ ଆଉ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲା। ଫଳରେ ବେଲ୍‌ଜିୟମର ଅଗ୍ରଣୀ ୩-୦କୁ ବୃଦ୍ଧି ପାଇଥିଲା। ଏହାପରେ ୪ର୍ଥ କ୍ୱାର୍ଟର ତଥା ୪୯ ଓ ୫୮ତମ ମିନିଟ୍‌ରେ ଭାରତର ବିନିମା ଧନ ଦୁଇଟି ଗୋଲ୍ ଦେଇଥିଲେ ମଧ୍ୟ ଏହା ଦଳକୁ ପରାଜୟ ଏଡ଼ାଇବାରେ ଯଥେଷ୍ଟ ହୋଇ ନ ଥିଲା। ଶେଷରେ ଭାରତ ୨-୩ ଗୋଲରେ ପରାସ୍ତ ହୋଇଥିଲା। ମହିଳା ଦଳ ପୂର୍ବରୁ ୨-୦ ଗୋଲରେ ନେଦରଲାଣ୍ଡସ କ୍ଲବ 'ବ୍ରେଡାସେ ହକି ଭେରେଇଙ୍ଗ ପୁଶ୍'କୁ ପରାସ୍ତ କରିଥିଲା।

### ପ୍ରତିଶୋଧ ନେଲା ବେଲ୍‌ଜିୟମ

ଅପରପକ୍ଷରେ ଭାରତୀୟ କନିଷ୍ଠ ପୁରୁଷ ଦଳ ମଧ୍ୟ ବେଲ୍‌ଜିୟମକୁ ଭେଟିଥିଲା। ଏଥିରେ କିନ୍ତୁ ବେଲ୍‌ଜିୟମ ୩-୨ ଗୋଲରେ ବାଜିମାତ୍ କରିନେଇଥିଲା। ଭାରତୀୟ ଦଳର ଅଧିନାୟକ ରୋହିତ ୨ଟି ଗୋଲ୍ ଦେଇଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ରୋହିତ ମ୍ୟାଚ୍‌ର ୪୪ତମ ଓ ୫୭ତମ ମିନିଟ୍‌ରେ ଏହି ୨ଟି ଗୋଲ୍ ଦେଇଥିଲେ। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ସୁଟ୍‌ଆଉଟ୍‌ରେ ୪-୨ ଗୋଲରେ ବେଲ୍‌ଜିୟମକୁ ମାତ୍ ଦେଇଥିଲା। ଦ୍ୱିତୀୟ ମ୍ୟାଚ୍ ଜିତି ବେଲ୍‌ଜିୟମ ଏହାର ପ୍ରତିଶୋଧ ନେଇଛି। ଭାରତର ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ନେଦରଲାଣ୍ଡର 'ବ୍ରେଡାସେ ହକି ଭେରେଇଙ୍ଗ ପୁଶ୍' କ୍ଲବ୍‌କୁ ଭେଟିବ।

**ମାଲେସିଆ ମାଷ୍ଟର୍ସ**

# କ୍ୱାର୍ଟରରେ ସିନ୍ଧୁ, ଚଲିହା

**କୁଆଲାଲମ୍ପୁର,୨୩।୫(ଏଜେନ୍ସି):** ସ୍ଥାନୀୟ ଅକ୍ଷିଆତା ଏରିନାରେ ଚାଲିଥିବା ପାଖାପାଖି ୩ କୋଟି ୫୦ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ମାଲେସିଆ ମାଷ୍ଟର୍ସ ବ୍ୟାଡିମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ମହିଳା ଖେଳାଳି ପିଭି ସିନ୍ଧୁ ଓ ଅଶ୍ମିତା ଚଲିହା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଏକକ ପ୍ରତିଯୋଗିତାରେ ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ବିଶ୍ୱର ୧୫ ନଂ ଖେଳାଳି ତଥା ପୂର୍ବତନ ବିଶ୍ୱ ଚାମ୍ପିଅନ ସିନ୍ଧୁ ଗୁରୁବାର ୨୧-୧୩, ୧୨-୨୧, ୨୧-୧୪ କୋରିଆର ୩୪ ନଂ ଖେଳାଳି ସିମ୍ ୟୁ ଜିନଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। ବିଜୟୀ ହେବାକୁ ସିନ୍ଧୁଙ୍କୁ ୫୯ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା।

ଏହି ଟୁର୍ଣ୍ଣାମେଣ୍ଟରେ ୫ମ ସିଡ୍ ମାନ୍ୟତା ପାଇଥିବା ୨୮ ବର୍ଷୀୟା ସିନ୍ଧୁ ଏବେ କ୍ୱାର୍ଟରରେ ଶ୍ରେଷ୍ଠ ସିଡ୍ ଚୀନ୍‌ର ହାନ୍ ୟୁଏଙ୍କୁ ଭେଟିବେ। ଗତମାସରେ ସିନ୍ଧୁ ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ହାନଙ୍କଠାରୁ ପରାସ୍ତ ହୋଇଥିଲେ। ତେଣୁ ଏବେ ସିନ୍ଧୁ ତାଙ୍କଠାରୁ ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛନ୍ତି। ସିନ୍ଧୁ ଶେଷଥର ପାଇଁ ୨୦୨୨ରେ ସିଙ୍ଗାପୁର ଓପନ୍ ଟାଇଟଲ ହାସଲ କରିଥିଲେ। ସେହିପରି ବିଶ୍ୱର ୫୩ ନଂ ଖେଳାଳି ୨୪ ବର୍ଷୀୟା ଅଶ୍ମିତା ଚଲିହା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ଚୀନ୍ ଜନ୍ମିତ ଆମେରିକୀୟ ଖେଳାଳି ବେଇୱେନ ଝାଙ୍ଗଙ୍କୁ ୨୧-୧୯, ୧୬-୨୧, ୨୧-୧୨ରେ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। କ୍ୱାର୍ଟରରେ ସେ ଚୀନ୍‌ର ଝାଙ୍ଗ ୟିମାନଙ୍କୁ ଭେଟିବେ। ସୁପର ୫୦୦ ଟୁର୍ଣ୍ଣାମେଣ୍ଟରେ ଅଶ୍ମିତା ତାଙ୍କ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳିବେ। ପୂର୍ବରୁ ସେ ୨୦୨୨ ଇଣ୍ଡିଆ ଓପନ୍‌ରେ କ୍ୱାର୍ଟର ଫାଇନାଲ ଖେଳିଥିଲେ।



### ପୁରଷ ଏକକ ଓ ଯୁଗଳ, ମହିଳା ଓ ମିଶ୍ରିତ ଯୁଗଳରେ ଭାରତୀୟ ଅଭିଯାନ ଶେଷ

ପୁରୁଷ ଏକକରେ ଭାରତର କିରନ ଜର୍ଜ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ୧୩-୨୧, ୧୮-୨୧ରେ ୫ମ ସିଡ୍ ଆମେରିକାର ଲି ଜି ଜିଆଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ା କାଂସ୍ୟ ପଦକ ହାସଲ କରିଥିବା ୭ମ ସିଡ୍ ଭାରତୀୟ ମହିଳା ଯୋଡି ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ୧୮-୨୧, ୨୨-୨୦, ୧୪-୨୧ରେ କୋରିଆ ଯୋଡି ସୁଙ୍ଗ ଶୁଓ ୟୁନ୍ ଓ ୟୁ ଚେନ୍ ହୁଇଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅନ୍ୟତମ ଭାରତୀୟ ମହିଳା ଯୁଗଳ ଯୋଡି ସିମରନ ସିଂଘି ଓ ରତିକା ଠାକେର ୧୭-୨୧, ୧୧-୨୧ରେ ଦ୍ୱିତୀୟ ସିଡ ମାଲେସିଆ ଯୋଡି ପିୟଲି ତାନ ଓ ଥିନା ମୁରଲିଧରନଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିପରି ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ଭାରତର ବି ସୁମିଥ ରେଡ୍ଡୀ ଓ ଏନ୍ ସିକ୍କି ରେଡ୍ଡୀ ଦ୍ୱିତୀୟ ରାଉଣ୍ଡରେ ୯-୨୧, ୧୫-୨୧ରେ ମାଲେସିଆ ଯୋଡି ଚେନ୍ ଟାଙ୍ଗ ଜିଏ ଓ ତୋ ଏ ୱେଇଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

# ଗ୍ଲାଡିଏଟର୍ସ ଜିତିଲା ସେକ୍ରେଟାରିଏଟ୍ ପ୍ରିମିୟର୍ ଲିଗ୍

ଭୁବନେଶ୍ୱର, ୨୩।୫ (ସମିସ)




ୱାରିୟର୍ସକୁ ୯ ୱିକେଟ୍‌ରେ ପରାସ୍ତ କରି ଗ୍ଲାଡିଏଟର୍ସ ଦଳ ଚଳିତ ବର୍ଷ ସେକ୍ରେଟାରିଏଟ୍ ପ୍ରିମିୟର ଲିଗ୍ ଟ୍ରଫି ହାସଲ କରିଛି। ଓଡ଼ିଶା ସେକ୍ରେଟାରିଏଟ୍ କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ୱାରିୟର୍ସ ୧୦ ଓଭରରେ ୯ ୱିକେଟ୍ ହରାଇ ୮୯ ରନ କରିଥିଲା। ଦଳ ପକ୍ଷରୁ ଟିକେଶ୍ୱର ପରିଡ଼ା ଅପରାଜିତ ୩୭ ରନ କରିଥିଲେ। ଜବାବରେ ଗ୍ଲାଡିଏଟର୍ସ ଦଳ ଗୋଟିଏ ୱିକେଟ୍ ହରାଇ ଶେଷ ଓଭରରେ ବିଜୟ ଲାଭ କରିଥିଲା। ଅପରାଜିତ ୫୬ ରନ କରିଥିବା ଅଧିନାୟକ ବ୍ରହ୍ମାନନ୍ଦ ସାହୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ମଧ୍ୟ ଅରେଞ୍ଜ କ୍ୟାପ୍ ଓ ସାମନ୍ତ ବରାଳ ପର୍ପଲ କ୍ୟାପ୍ ହାସଲ କରିଥିଲେ।

ପୁରସ୍କାର ବିତରଣ ଉତ୍ସବରେ ଭାରତୀୟ କ୍ରିକେଟ୍ ଦଳର ପ୍ରାକ୍ତନ ଖେଳାଳି ଦେବାଶିଷ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଶଶାଙ୍କ ମହାପାତ୍ର, ସାଧାରଣ ସମ୍ପାଦକ ସଞ୍ଜୀବ ମିଶ୍ର, ଯୁଗ୍ମ ସମ୍ପାଦକ ନୃସିଂହ ପୃଷ୍ଟି, କୋଷାଧକ୍ଷ ଗିରିଶ ଦିଗଲ, କ୍ରୀଡ଼ା ନିର୍ଦ୍ଦେଶକ ଅବିନାଶ ଖଣ୍ଡୁଆଳ, ମାରୁତି ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

### ଆଇପିଏଲ୍- ୧୭: କ୍ୱାଲିଫାୟର ୨ ମୁକାବିଲା ଆଜି

# ଫାଇନାଲ ଲକ୍ଷ୍ୟରେ ହାଇଦ୍ରାବାଦ, ରାଜସ୍ଥାନ

ଚେନ୍ନଇ,୨୩।୫(ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ୧୭ତମ ସଂସ୍କରଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ଦୁଇଟି ମ୍ୟାଚ୍ ପରେ କେଉଁ ଦଳ ଚାମ୍ପିଅନ ହେବ ତାହା ସ୍ପଷ୍ଟ ହେବ। କ୍ୱାଲିଫାୟର ୧ରେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ କୋଲକାତା ନାଇଟ ରାଇଡର୍ସ (କେକେଆର) ୮ ୱିକେଟରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍ଆରଏଚ୍)କୁ ପରାସ୍ତ କରି ସିଧାସଳଖ ଫାଇନାଲକୁ ଉଠିଥିଲା। ଶୁକ୍ରବାର କ୍ୱାଲିଫାୟର ୨ରେ ସଞ୍ଜୁ ସାମସନଙ୍କ ରାଜସ୍ଥାନ ରୟାଲ୍ସ ଓ ପ୍ୟାଟ କମିନ୍ସଙ୍କ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ସ୍ଥାନୀୟ ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍ର ବିଜୟୀ ଦଳ ଟାଇଟଲ ପାଇଁ ରବିବାର ଫାଇନାଲ ମୁକାବିଲାରେ କୋଲକାତାକୁ ଭେଟିବ। ଏଲିମିନେଟରରେ ରାଜସ୍ଥାନ ରୟାଲ୍ସ ୪ ୱିକେଟ୍ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ପରାସ୍ତ କରି କ୍ୱାଲିଫାୟର ୨ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏହି ନିର୍ଣ୍ଣାୟକ ମ୍ୟାଚ୍ରେ ବିଜୟୀ ହୋଇ ହାଇଦ୍ରାବାଦ ଓ ରାଜସ୍ଥାନ ଫାଇନାଲ ଟିକଟ ହାସଲ ଲକ୍ଷ୍ୟରେ ରହିଛନ୍ତି। ପୂର୍ବରୁ ଦୁଇ ଦଳ




ପରସ୍ପରକୁ ୧୯ ଥର ଭେଟିଥିବା ବେଳେ ହାଇଦ୍ରାବାଦ ୧୦ ଓ ରାଜସ୍ଥାନ ୯ଟି ମ୍ୟାଚ୍ରେ ବିଜୟୀ ହୋଇଛି।

## ଟ୍ରାଭିଷେକଙ୍କ ଉପରେ ନଜର

ଏହି ମ୍ୟାଚରେ ହାଇଦ୍ରାବାଦର ପାୱାର ହିଟିଂ ଯୋଡି ଟ୍ରାଭିସ ହେଡ ଓ ଅଭିଷେକ ଶର୍ମା ଏବଂ ରାଜସ୍ଥାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଯୁଜବେନ୍ଦ୍ର ଚହଲଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଟ୍ରାଭିସ୍ ଓ ଅଭିଷେକଙ୍କୁ ପ୍ରଶଂସକମାନେ ମିଳିତ ଭାବେ 'ଟ୍ରାଭିଷେକ' ବୋଲି ସମ୍ବୋଧନ କରୁଛନ୍ତି। ହେଡ୍ ଏପର୍ଯ୍ୟନ୍ତ ୧୯୯.୬୨ ଷ୍ଟ୍ରାଇକ୍ରେଟ୍ରେ ୫୩୩ ଓ ଅଭିଷେକ ୨୦୭.୦୪ ଷ୍ଟ୍ରାଇକ୍ରେଟ୍ରେ ୪୭୦ ରନ ସଂଗ୍ରହ କରି ଜବରଦସ୍ତ ଫର୍ମରେ ରହିଛନ୍ତି। ଏହି ଦୁଇ ବ୍ୟାଟର ମିଳିତ ଭାବେ ୭୨ଟି ଛକା ଓ ୯୬ଟି ଚୌକା ମାରି ଦଳ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିଆସିଛନ୍ତି।

## ହାଇଦ୍ରାବାଦ ଲାଗି ଚହଲ- ଅଶ୍ୱିନ ଚ୍ୟାଲେଞ୍ଜ୍

ଚେନ୍ନାଇ ଏହି ଗ୍ରାଉଣ୍ଡ କିନ୍ତୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ ଆଚରଣ ପ୍ରଦର୍ଶନ କରିବ। ଉପ୍ପଲ, କୋଟଲା କିମ୍ବା ୱାଙ୍ଖେଡେ ତୁଳନାରେ ଚେପ୍ପକରେ ମ୍ୟାଚ୍ ସେତେଟା ହାଇ ସ୍କୋରିଂ ହେବ ନାହିଁ। ତେଣୁ ଏଠାରେ ବଡ୍ ସଟ୍ ଖେଳିବା ସହ ବ୍ୟାଟିଂ କରିବା ଟିକିଏ ଚ୍ୟାଲେଞ୍ଜିଂ ହେବ। ଅଶ୍ୱିନଙ୍କର ଏହା ଘରୋଇ ଗ୍ରାଉଣ୍ଡ ହୋଇଥିବାରୁ ସେ ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି କୁହାଯାଇପାରେ। ସେହିପରି ଚହଲଙ୍କ ଚତୁର ଲେଗ୍ ସ୍ପିନ୍ ହାଇଦ୍ରାବାଦ ବ୍ୟାଟର ତଥା ପାୱାର ହିଟରଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଚେନ୍ନାଇରେ ଶୁକ୍ରବାର ବର୍ଷା ହେବାର ସମ୍ଭାବନା ନାହିଁ।

ୟର୍କର ସ୍ପେଶାଲିଷ୍ଟ ଟି ନଟରାଜନ ହାଇଦ୍ରାବାଦ ଅତ୍ୟଧିକ ଭାବେ ନିର୍ଭରଶୀଳ ହୋଇପଡିଛି। ଘରୋଇ ଗ୍ରାଉଣ୍ଡରେ ଦଳର ସର୍ବାଧିକ ୱିକେଟ ହାସଲ କରିଥିବା ନଟରାଜନ କିଛି ଚମତ୍କାର କରିଦେଖାଇବେ ବୋଲି ଆଶା କରାଯାଉଛି। ଦୁଇ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ପ୍ୟାଟ କମିନ୍ସ କିନ୍ତୁ ପ୍ରତିପକ୍ଷ ବ୍ୟାଟରଙ୍କ ସମସ୍ୟାରେ ପକାଇବେ। କିନ୍ତୁ ହାଇଦ୍ରାବାଦ ଦଳରେ କ୍ୱାଲିଟି ସ୍ପିନରଙ୍କର ଅଭାବ ରହିଛି। ଆଭରେଜ ସ୍ପିନର ମୟଙ୍କ ମାର୍କଣ୍ଡେ ଓ ବ୍ୟାଟିଂ ଉପରେ ଅଧିକ ନିର୍ଭର କରୁଥିବା ଶାହାବାଜ ଅହମ୍ମଦ ହାଇଦ୍ରାବାଦର ସ୍ପିନ୍ ବିଭାଗକୁ ସମ୍ଭାଳିବେ।

ବେଙ୍ଗାଲୁରୁର ବିଜୟଧାରା (କ୍ରମାଗତ ୫ ବିଜୟ)କୁ ରୋକିଥିବା ରାଜସ୍ଥାନ ଦଳରେ ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଦମ୍ଦାର ତଥା ବିସ୍ଫୋରକ ଓପନର ରହିଛନ୍ତି। କିନ୍ତୁ ଅଧିନାୟକ ସଞ୍ଜୁ ସାମସନଙ୍କୁ ଏହି ନିର୍ଣ୍ଣାୟକ ମ୍ୟାଚ୍ ଏକ ଦମ୍ଦାର ପାଳି ଖେଳିବାକୁ ହେବ। ରାଜସ୍ଥାନ ମଧ୍ୟକ୍ରମରେ ଧ୍ରୁବ ଜୁରେଲ ପ୍ରଭାବୀ ପ୍ରଦର୍ଶନ କରିବେ। ସେହିପରି ୱେଷ୍ଟଇଣ୍ଡିଜ ବିସ୍ଫୋରକ ବ୍ୟାଟର ସିମରନ ହେଟମାୟର ଓ ରୋଭମାନ ପାୱେଲ ପୁଣିଥରେ ଧୂଆଁଧାର ପାଳି ଖେଳିବେ ବୋଲି ଆଶା କରାଯାଉଛି। ଇନ୍ଫର୍ମ ଆସାମ ଯୁବ ବ୍ୟାଟର ରିୟାନ ପରାଗଙ୍କୁ ନିଜ ପ୍ରତିଭା ଓ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବାକୁ ପଡିବ। ମୋଟମୋଟି ଉପରେ ଏହି ମ୍ୟାଚ୍ ଜବରଦସ୍ତ ରୋମାଞ୍ଚ ଓ ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

### ସମ୍ଭାବ୍ୟ ଦଳ

**ହାଇଦ୍ରାବାଦ:** ଟ୍ରାଭିସ ହେଡ, ଅଭିଷେକ ଶର୍ମା, ରାହୁଲ ତ୍ରିପାଠୀ, ନୀତୀଶ ରେଡ୍ଡୀ, ହେନରିଚ କ୍ଲାସେନ (ୱିକେଟକିପର), ଅବଦୁଲ ସମାଦ, ଶାହାବାଜ ଅହମ୍ମଦ, ପ୍ୟାଟ କମିନ୍ସ (ଅଧିନାୟକ), ଭୁବନେଶ୍ୱର କୁମାର, ବିଜୟକାନ୍ତ ଭିୟାସକାନ୍ତ ଓ ଟି ନଟରାଜନ।

**ରାଜସ୍ଥାନ:** ଯଶସ୍ୱୀ ଜୟସ୍ୱାଲ, ଟମ୍ କୋହେଲର-କାଡମୋର, ସଞ୍ଜୁ ସାମସନ (ଅଧିନାୟକ/ୱିକେଟରକ୍ଷକ), ରିୟାନ ପରାଗ, ଧ୍ରୁବ ଜୁରେଲ, ରୋଭମାନ ପାୱେଲ, ରବିଚନ୍ଦ୍ରନ ଅଶ୍ୱିନ, ଟ୍ରେଣ୍ଟ ବୋଲ୍ଟ, ଆଭେଷ ଖାନ, ସନ୍ଦୀପ ଶର୍ମା ଓ ଯୁଜବେନ୍ଦ୍ର ଚହଲ।

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

କ୍ୱାଲିଫାୟର-୨
**ରାଜସ୍ଥାନ-ହାଇଦ୍ରାବାଦ**

**ସ୍ଥାନ-** ଚେନ୍ନଇ, **ସମୟ-** ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍ୱର୍କ, ଜିଓସିନେମା

## ଆଇପିଏଲ୍ରୁ କାର୍ତ୍ତିକଙ୍କ ଅବସର



**ନୂଆଦିଲ୍ଲୀ,୨୩।୫(ଏଜେନ୍ସି):** ଡିକେ ଭାବେ ପରିଚିତ ଭାରତୀୟ ଅଭିଜ୍ଞ ୱିକେଟରକ୍ଷକ ବ୍ୟାଟର ଆଉ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାର ଦେଖାଯିବେ ନାହିଁ। ୩୮ ବର୍ଷୀୟ କାର୍ତ୍ତିକ ଆଇପିଏଲରୁ ସନ୍ୟାସ ନେବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ କାର୍ତ୍ତିକଙ୍କ ଆଇପିଏଲ ଅବସର ନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇନାହିଁ। କାର୍ତ୍ତିକ ଗୁରୁବାର ବେଙ୍ଗାଲୁରୁ ଓ ହାଇଦ୍ରାବାଦ ମଧ୍ୟରେ ଖେଳାଯାଇଥିବା ଏଲିମିନେଟରରେ ତାଙ୍କ ଶେଷ ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି। ଟିଭି ସିଧାପ୍ରସାରଣରେ ଏ ନେଇ ସୂଚନା ଦିଆଯାଇଛି। ୧୬ ବର୍ଷର ଆଇପିଏଲ କ୍ୟାରିୟରରେ କାର୍ତ୍ତିକ ମୋଟ୍ ଉପରେ ୬ଟି ଦଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଏଲିମିନେଟ ଖେଳିବା ପରେ ସେ ଯେଉଁଭଳି ଭାବେ ନିଜ ସାଥି ଖେଳାଳିଙ୍କୁ ମିଶିଥିଲେ ଓ ଦର୍ଶକଙ୍କ ଅଭିବାଦନ ଗ୍ରହଣ କରିଥିଲେ ସେଥିରୁ ସେ ଆଇପିଏଲରୁ ଅବସର ନେବେ ବୋଲି ସ୍ପଷ୍ଟ ହୋଇଥିଲା। ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ମଧ୍ୟ ତାଙ୍କୁ ଆଲିଙ୍ଗନ କରିଥିଲେ। ମ୍ୟାଚ୍ ପରେ ବେଙ୍ଗାଲୁରୁ ଖେଳାଳିମାନେ ତାଙ୍କ ସମ୍ମାନ କରି ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ।

### ଧୋନିଙ୍କ ପୂର୍ବରୁ କରିଥିଲେ ପଦାର୍ପଣ

ମହେନ୍ଦ୍ର ସିଂ ଧୋନିଙ୍କ ପୂର୍ବରୁ ସେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରଥିଲେ। ୨୦୦୪ ନଭେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷରେ କାର୍ତ୍ତିକ ଟେଷ୍ଟ ପଦାର୍ପଣ କରିଥିଲେ। ସେହିପରି ସେ ୨୦୦୪ ଡିସେମ୍ବର ୫ରେ ଲର୍ଡ୍ସରେ ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ କରିଥିଲେ। ସେହିପରି ୨୦୦୬ ଡିସେମ୍ବର ୧ରେ ଜୋହାନ୍ସବର୍ଗରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପଦାର୍ପଣ କରିଥିଲେ।

### ଶ୍ରେଷ୍ଠ-୧୦ ରନ୍ ସ୍କୋରରଙ୍କ ମଧ୍ୟରେ ସାମିଲ

କାର୍ତ୍ତିକ ଆଇପିଏଲ୍ ଇତିହାସରେ ଶ୍ରେଷ୍ଠ-୧୦ ସର୍ବାଧିକ ରନ୍ ସ୍କୋରରଙ୍କ ମଧ୍ୟରେ ସାମିଲ ରହିଛନ୍ତି। ସେ ୨୫୭ଟି ଆଇପିଏଲ ମ୍ୟାଚ୍ ଖେଳି ୨୨ଟି ଅର୍ଦ୍ଧଶତକ ସହ ୪୮୪୨ ରନ ସଂଗ୍ରହ କରିଛନ୍ତି। ସେ ୧୪୭ଟି କ୍ୟାଚ୍ ନେବା ସହ ୩୭ଟି ଷ୍ଟମ୍ପିଂ ମଧ୍ୟ କରିଛନ୍ତି। ଚଳିତ ଆଇପିଏଲ୍ରେ ସେ ୧୫ ମ୍ୟାଚ୍ ଖେଳି ୩୨୬ ରନ ସଂଗ୍ରହ କରିଛନ୍ତି। ସେହିପରି କାର୍ତ୍ତିକ ଭାରତ ପାଇଁ ୨୬ଟି ଟେଷ୍ଟ ଖେଳି ୧୦୨୫ ରନ ସଂଗ୍ରହ କରିବା ସହ ୫୭ କ୍ୟାଚ୍ ନେଇ ୬ଟି ଷ୍ଟମ୍ପିଂ କରିଛନ୍ତି। ୯୬ଟି ଦିନିକିଆ ଖେଳି ସେ ୧୭୫୨ ରନ ସଂଗ୍ରହ କରିବା ସହ ୬୪ଟି କ୍ୟାଚ୍ ନେବା ସହ ୭ଟି ଷ୍ଟମ୍ପିଂ କରିଛନ୍ତି। ୬୦ଟି ଟି-୨୦ ଖେଳି ସେ ୬୮୬ ରନ କରିବା ସହ ୩୦ଟି କ୍ୟାଚ୍ ନେଇ ୬ଟି ଷ୍ଟମ୍ପିଂ କରିଛନ୍ତି।

## ପ୍ଲେ-ଅଫ୍ରେ ଆର୍ସିବିର ନୈରାଶ୍ୟଜନକ ରେକର୍ଡ

**ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):** ଫାଫ୍ ଡୁ ପ୍ଲେସିସ୍ଙ୍କ ନେତୃତ୍ୱାଧୀନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍ସିବି) ଏଲିମିନେଟର୍ ମୁକାବିଲାରେ ରାଜସ୍ଥାନ ରୟାଲ୍ସ ନିକଟରୁ ୪ ୱିକେଟ୍ରେ ପରାସ୍ତ ହେବା ସହ ଚଳିତ ଆଇପିଏଲ୍-୧୭ରୁ ବିଦାୟ ନେଇଛି। ଏହି ପରାଜୟ ଆର୍ସିବି ଏକ ନୈରାଶ୍ୟଜନକ ରେକର୍ଡର ଅଧିକାରୀ ହୋଇଛି। ଆଇପିଏଲ୍ ଇତିହାସରେ ପ୍ଲେ-ଅଫ୍ରେ ସର୍ବାଧିକ ମ୍ୟାଚ୍ ହାରିବାର ଅଲୋଡ଼ା ରେକର୍ଡ ଏବେ ବେଙ୍ଗାଲୁରୁ ନାମରେ ଲିପିବଦ୍ଧ ହୋଇଛି। ଆଇପିଏଲ୍ ଇତିହାସରେ ବେଙ୍ଗାଲୁରୁ ପ୍ଲେ-ଅଫ୍ରେ ମୋଟ୍ ୧୬ ମ୍ୟାଚ୍ ଖେଳି ୧୦ଟି ପରାଜୟବରଣ କରିଛି। ଏହି ତାଲିକାରେ ଚେନ୍ନାଇ ସୁପର୍ କିଙ୍ଗସ ୨ୟ ସ୍ଥାନରେ ରହିଛି। ଚେନ୍ନାଇ ମୋଟ୍ ଉପରେ ୨୬ଥର ଆଇପିଏଲ୍ ପ୍ଲେ-ଅଫ୍ରେ ଖେଳିଛି। ଏଥିରୁ ଦଳ ୯ଟି ପରାସ୍ତ ହୋଇଛି। ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ୯ଟି ପ୍ଲେ-ଅଫ୍ ମ୍ୟାଚ୍ ହାରିଛି। ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ-ଅଫ୍ରେ ୨୦ ମୁକାବିଲାରୁ ୭ଟି ହାରିଯାଇଛି। ଆଇପିଏଲ୍ ଇତିହାସରେ ବେଙ୍ଗାଲୁରୁ ଆଜି ପର୍ଯ୍ୟନ୍ତ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିନାହିଁ। ଆର୍ସିବି ୩ଥର ଫାଇନାଲ ଖେଳିଥିଲେ ମଧ୍ୟ ସବୁଥିରେ ରନର୍ସଅପ୍ ହୋଇ ସନ୍ତୁଷ୍ଟ ରହିଛି।

## ହୁଇଲ ଚେୟାର ଫେନ୍ସିଂ ବିଶ୍ୱକପ୍ରେ ରାଖାଲ

**ଭୁବନେଶ୍ୱର, ୨୩।୫ (ସମିସ):** ବ୍ରାଜିଲର ସାଓ ପାଉଲରେ ଗୁରୁବାରଠାରୁ ଆରମ୍ଭ ହୋଇଛି ହୁଇଲ୍ ଚେୟାର ଫେନ୍ସିଂ ବିଶ୍ୱକପ୍। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତରୁ ଏକମାତ୍ର ଖେଳାଳି ଭାବେ ଓଡ଼ିଶାର ରାଖାଲ ସେଠି ଅଂଶଗ୍ରହଣ କରିଛନ୍ତି। ଆଗାମୀ ପ୍ୟାରିସ ପାରା ଅଲିମ୍ପିକ୍ସ ଲାଗି ଏହା ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଥିବାରୁ ରାଖାଲଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଛି। ସେ ପଦକ ବିଜୟୀ ହୁଅନ୍ତି ତେବେ ପାରା ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାର ସମ୍ଭାବନା ରହିଛି। ଏହି ଅବସରରେ ଜାତୀୟ ସଂଘର ସଭାପତି ଜୟରାମ ଚନ୍ଦ୍ରଶେଖର, ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି ପ୍ରମୁଖ ରାଖାଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଫ୍ରେଞ୍ଚ୍ ଓପନ୍ ଡ୍ର ଘୋଷିତ

## ଆରମ୍ଭରୁ ନାଦାଲଙ୍କ ଲାଗି କଡ଼ା ଚ୍ୟାଲେଞ୍ଜ୍

**ପ୍ୟାରିସ୍,୨୩।୫(ଏଜେନ୍ସି):** ରବିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ର ଡ୍ର ଗୁରୁବାର ଘୋଷିତ ହୋଇଛି। କ୍ଲେ କୋର୍ଟର ରାଜା କୁହାଯାଉଥିବା ତଥା ଫ୍ରେଞ୍ଚ୍ ଓପନ୍ର ସବୁଠୁ ସଫଳ ଖେଳାଳି ରାଫେଲ ନାଦାଲ ଆରମ୍ଭରୁ କଡ଼ା ଚ୍ୟାଲେଞ୍ଜ ତଥା ପରୀକ୍ଷାର ସମ୍ମୁଖୀନ ହେବେ। ସେ ପ୍ରଥମ ରାଉଣ୍ଡରେ ଚତୁର୍ଥ ସିଡ୍ ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭଙ୍କୁ ଭେଟିବେ। ରେକର୍ଡ ୧୪ଥର ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିବା ନାଦାଲ ଏଥର କ୍ୟାରିୟରର ଅନ୍ତିମ ଫ୍ରେଞ୍ଚ୍ ଓପନ୍ ଖେଳିବେ ବୋଲି ଆଶା କରାଯାଉଛି। କାରଣ ସେ ଚଳିତ ବର୍ଷ ହିଁ ଟେନିସରୁ ଅବସର ନେବେ ବୋଲି ଘୋଷଣା କରାଯାଉଛି। ୨୭ ବର୍ଷୀୟ ଜ୍ୱେରେଭଙ୍କୁ ଏଥର ଅନ୍ୟତମ ଟାଇଟଲ ଫେବରାଇଟ୍ ବିବେଚନା କରାଯାଉଛି। ସେ ଗତ ସପ୍ତାହରେ ଇଟାଲିଆନ ଓପନ୍ ଟାଇଟଲ ଜିତି ଜବରଦସ୍ତ ଫର୍ମରେ ରହିଛନ୍ତି। ଗତବର୍ଷ ନାଦାଲ ଆଘାତ ସମସ୍ୟା କାରଣରୁ ଖେଳିପାରି ନଥିଲେ।

### ଖାଚାନୋଭଙ୍କ ବିପକ୍ଷରୁ ଅଭିଯାନ ଆରମ୍ଭ କରିବେ ନାଗଲ

ଭାରତର ଶ୍ରେଷ୍ଠ ଏକକ ଖେଳାଳି ସୁମିତ ନାଗାଲ ଦେଶର ଏକମାତ୍ର ପ୍ରତିଯୋଗୀ ଭାବେ ଏକକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେ ପ୍ରଥମ ରାଉଣ୍ଡରେ ରୁଷିଆର କରେନ ଖାଚାନୋଭଙ୍କୁ ଭେଟି ଅଭିଯାନ ଆରମ୍ଭ କରିବେ। ୩୭ ବର୍ଷୀୟ ଅଭିଜ୍ଞ ବ୍ରିଟେନ ଖେଳାଳି ଆଣ୍ଡି ମୁରେ ସ୍ୱିଜରଲାଣ୍ଡର ଷ୍ଟାନିସଲାସ ୱାରିଙ୍କାଙ୍କ ବିପକ୍ଷରୁ ଅଭିଯାନ ଆରମ୍ଭ କରିବେ। ସେହିପରି ଗତଥର ଚାମ୍ପିଅନ ନୋଭାକ ଜୋକୋଭିଚ୍ ସ୍ଥାନୀୟ ୱାଇଲ୍ଡ କାର୍ଡ ଖେଳାଳି ପିଏରେ-ହୁଗୁଏସ୍ ହେରବେର୍ଟଙ୍କୁ ପ୍ରଥମ ରାଉଣ୍ଡରେ ଭେଟିବେ।

## 'ଲେଟ୍ସ ମୁଭ ଇଣ୍ଡିଆ' ଉନ୍ମୋଚିତ

**ଭୁବନେଶ୍ୱର,୨୩।୫(ସମିସ):** ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ପକ୍ଷରୁ ଲେଟ୍ସ ମୁଭ୍,ଇଣ୍ଡିଆର ଶୁଭାରମ୍ଭ ଘୋଷଣା କରାଯାଇଛି , ଯେଉଁଥିରେ ଅଲିମ୍ପିକ୍ ଗେମ୍ସ ପ୍ୟାରିସ୍ ୨୦୨୪ରେ ଅଂଶଗ୍ରହଣ କରୁଥିବା ସମସ୍ତ ଆଥଲେଟଙ୍କୁ ଉତ୍ସାହିତ କରିବାକୁ ଆମନ୍ତ୍ରଣ କରାଯାଇଛି। ସୋସିଆଲ ମିଡିଆରେ ଡିଜିଟାଲ ଚ୍ୟାଲେଞ୍ଜ ଜରିଆରେ ସାରା ଦେଶର ଲୋକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ । ଜୁନ୍ ୨୩ରେ ଅଲିମ୍ପିକ୍ ଦିବସ ଅବସରରେ ରିଲାଏନ୍ସ ଫାଉଣ୍ଡେସନ ଏବଂ ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ମିଳିତ ସହଯୋଗରେ ଯୁବବର୍ଗମାନେ ଅନେକ ଆଞ୍ଚଳିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ। ଗୁରୁବାରଠାରୁ, ସମସ୍ତ ଜନସାଧାରଣଙ୍କୁ ଉତ୍ସାହିତ କରାଯାଉଛି, କି ସେମାନଙ୍କର ପ୍ରିୟ ଆଥଲେଟଙ୍କୁ ପ୍ରେରିତ କରନ୍ତୁ ଯେଉଁମାନେ ଜୁଲାଇ ୨୬ରୁ ପ୍ୟାରିସ୍ ୨୦୨୪ ଅଭିମୁଖେ ଯାଉଥିବା ଅଲିମ୍ପିଆନ ଦଳରେ ସାମିଲ ହେବା ସହ ୧.୪ ବିଲିୟନ ଦେଶବାସୀଙ୍କର ପ୍ରତିନିଧିତ୍ୱ କରିବେ । ଆଞ୍ଚଳିକ ପ୍ରସଙ୍ଗରେ, ଏହି ପଦକ୍ଷେପ ଆକର୍ଷଣୀୟ, କିନ୍ତୁ କେବଳ ନୃତ୍ୟ , ସମ୍ବର୍ଦ୍ଧନା , କିମ୍ବା କେବଳ ଭାରତର ଅନେକ ସ୍ଥାନୀୟ ଖେଳ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ | ଏହି ପଦକ୍ଷେପଗୁଡିକ ସ୍ଥାନୀୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ @OlympicKhel ଏବଂ #LetsMoveIndia ଟ୍ୟାଗିଂ କରିବା ଉଚିତ।

## ସେଲ, ରାଉରକେଲା ଇସ୍ପାତ କାରଖାନା

### ପ୍ରକୃତି ସହ ସୁସମନ୍ୱୟରେ ଇସ୍ପାତ ନିର୍ମାଣ

ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ନିରବଚ୍ଛିନ୍ନ ଭାବରେ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ପୂର୍ବକ ସ୍ଥାୟୀ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦନରେ ବ୍ରତୀ ହେବା ଏବଂ ପରିବେଶ ପରିଚାଳନା ଦାୟିତ୍ୱ ସଠିକ ନିର୍ବାହ ପାଇଁ ପ୍ରତିବଦ୍ଧତାକୁ ଦୋହରାଉଛି।

ପରିବେଶ ଦାୟିତ୍ୱ ପାଇଁ ଆରଏସପିର ଉତ୍ସର୍ଗୀକୃତତା ଏହାର ଶକ୍ତିଶାଳୀ ଉତ୍ପାଦନ କ୍ଷମତାର ସମତାଳରେ ଗତିକରୁଛି। ଇସ୍ପାତ କାରଖାନା ଏହାର ପରିବେଶ ଫୁଟପ୍ରିଣ୍ଟକୁ କମ୍ କରିବା, ପ୍ରଦୂଷଣ ହ୍ରାସ କରିବା ଏବଂ ମୂଲ୍ୟବାନ ପ୍ରାକୃତିକ ସମ୍ପଦ ସଂରକ୍ଷଣ କରିବା ପାଇଁ ଅନେକ ଅଭିନବ ପଦକ୍ଷେପ ସଫଳତାର ସହ କାର୍ଯ୍ୟକାରୀ କରିଛି। ଏହି ପଦକ୍ଷେପଗୁଡ଼ିକ ନା କେବଳ ସବୁଜ ଭବିଷ୍ୟତ ସୁନିଶ୍ଚିତ କରିବାରେ ସହାୟକ ହେଉଛି ବରଂ ପରିବେଶ ଅନୁପାଳନର ସର୍ବୋଚ୍ଚ ମାନକୁ ମଧ୍ୟ ସୁନିଶ୍ଚିତ କରୁଛି। ବାୟୁ ପ୍ରଦୂଷଣ ରୋକିବା ପାଇଁ ଇଲେକ୍ଟ୍ରୋ ଷ୍ଟାଟିକ୍ ପ୍ରେସିପିଟେଟର, ବ୍ୟାଗ୍ ହାଉସ୍, ମଲ୍ଟି ସାଇକ୍ଲୋନ୍, ଧୂଳି ଦମନ ପ୍ରଣାଳୀ ଏବଂ ୱେଟ ସ୍କ୍ରବର୍ ଭଳି ବିବିଧ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି । ଆରଏସପି ଜିରୋ ଡିସଚାର୍ଜ ପ୍ଲାଣ୍ଟରେ ରୂପାନ୍ତରିତ ହେବା ପାଇଁ ଦ୍ରୁତ ଅଗ୍ରସର ହୋଇ ଟ୍ରିଟମେଣ୍ଟ ସିଷ୍ଟମ-୧ର ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି।

ସୂଚନାଯୋଗ୍ୟ ଯେ, ସମଗ୍ର ସେଲ ମଧ୍ୟରେ ପ୍ରଥମ ୟୁନିଟ ରୂପେ ଆରଏସପିରେ କାର୍ଯ୍ୟକାରୀ ହେଉଥିବା ଟ୍ରିଟମେଣ୍ଟ ସିଷ୍ଟମ- ୧ ଅନନ୍ୟ ପଦକ୍ଷେପ ୧୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି । ଅତ୍ୟାଧୁନିକ ବାର୍ଷିକ ୩ ନିୟୁତ ଟନ କ୍ଷମତା ସମ୍ପନ୍ନ ନୂତନ ହଟ୍ ଷ୍ଟ୍ରିପ୍ ମିଲ୍-୨ ମଧ୍ୟ ଶୂନ୍ୟ ବର୍ଜ୍ୟଜଳ ତତ୍ତ୍ୱ ଉପରେ ଆଧାରିତ ହୋଇ ନିର୍ମିତ ହୋଇଛି। ଆରଏସପିର ବିଭିନ୍ନ ୟୁନିଟର ସ୍ୱେରେଜ ଜଳ ବିଶୋଧନ ଏବଂ ଆଉଟଫଲ-୭ ମାଧ୍ୟମରେ ଡିସଚାର୍ଜ କରିବା ପାଇଁ ଏକ ଅତ୍ୟାଧୁନିକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି। ବିଶୋଧିତ ସ୍ୱେରେଜ୍ ନିଷ୍କାସନ ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଧାର୍ଯ୍ୟ ହୋଇଥିବା ସର୍ବଶେଷ ନିୟମକୁ ପୂରଣ କରିବା ପାଇଁ ଏହା ନିର୍ମାଣ କରାଯାଇଛି। କୋଲ କେମିକଲ ବିଭାଗରେ ଦୈନିକ ୪ ନିୟୁତ ଲିଟର ବିଶୋଧନ କ୍ଷମତା



ବିଶିଷ୍ଟ ଏକ ବର୍ଜ୍ୟ ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନା ଏହାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି ପ୍ରକଳ୍ପ ୩୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି।

କ୍ରମାଗତ ଉନ୍ନତି ସାଧନ ପାଇଁ ସଂଶୋଧନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭିନ୍ନ ପରିବେଶ ପରିମାପକତାଗୁଡିକର ନିୟମିତ ନିରୀକ୍ଷଣ, ନମୁନା ସଂଗ୍ରହ ଏବଂ ବିଶ୍ଳେଷଣ ମଧ୍ୟ କରାଯାଉଛି। ମନିଟରିଂ ଷ୍ଟେସନଗୁଡିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସର୍ଭରଗୁଡ଼ିକ ସହିତ ସଂଯୋଗ କରାଯାଇଛି। ଫଳାଫଳଗୁଡିକ ନିୟମିତ ବିଶ୍ଳେଷଣ କରାଯାଉଛି ଏବଂ ପରିବେଶ ପ୍ରଦୂଷଣକୁ କମ୍ କରିବାକୁ ପ୍ରତିଷେଧକ ପଦକ୍ଷେପ ନିଆଯାଉଛି ।

ସବୁଜ ଜ୍ଞାନକୌଶଳ ଏବଂ ଶକ୍ତି ନିପୁଣ ପ୍ରକ୍ରିୟାଗୁଡିକର ଗ୍ରହଣ ପୂର୍ବକ କାର୍ବନ ନିର୍ଗମନରେ ଉଲ୍ଲେଖନୀୟ ହ୍ରାସ ଆରଏସପିର ସଫଳ ପରିବେଶ ପରିଚାଳନାର ଫଳାଫଳ ଅଟେ। ଶକ୍ତି ବ୍ୟବହାରକୁ ସର୍ବଶ୍ରେଷ୍ଠ କରିବା ପାଇଁ କାରଖାନା ଅତ୍ୟାଧୁନିକ ପ୍ରଣାଳୀ ପ୍ରୟୋଗ କରୁଛି ଯାହାର ଫଳସ୍ୱରୂପ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଯଥେଷ୍ଟ ହ୍ରାସ ଘଟିଛି।

ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଆରଏସପି ଆପେକ୍ଷିକ ଶକ୍ତି ଉପଯୋଗ ସର୍ବକାଳୀନ ଶ୍ରେଷ୍ଠ ଅଶୋଧିତ ଇସ୍ପାତ ଟନ୍ ପିଛା ୫.୯୮ ଗିଗା କ୍ୟାଲୋରୀ ରହିଥିବାବେଳେ ଆପେକ୍ଷିକ ବିଦ୍ୟୁତ ଉପଯୋଗ ବିକ୍ରିଯୋଗ୍ୟ ଇସ୍ପାତ ଟନ ପିଛା ୪୪୬.୨ କିଲୋୱାଟ ଏବଂ ଆପେକ୍ଷିକ ଜଳ ଉପଯୋଗ ପ୍ରତି ଟନ୍ ଅଶୋଧିତ ଇସ୍ପାତ ପିଛା ୩.୦୨ ଘନ ମିଟର ରହିଥିଲା।

ଆରମ୍ଭ ଦିନରୁ ଆରଏସପି ବ୍ୟାପକ ବୃକ୍ଷରୋପଣ ଜାରିରଖିଛି ଏବଂ ଏପର୍ଯ୍ୟନ୍ତ ଏହାର ପରିସର ତଥା ଏହାର ଆଖପାଖରେ ଆରଏସପି ୫୨ ଲକ୍ଷରୁ ଅଧିକ ବୃକ୍ଷ ରୋପଣ କରିଛି, ଯାହା ଦ୍ୱାରା ଜୈବ ବିବିଧତା ପରିପୁଷ୍ଟ ହେବା ସହ ବାୟୁ ଗୁଣବତ୍ତାରେ ମଧ୍ୟ ଉନ୍ନତି ସାଧିତ ହୋଇଛି। ରାଉରକେଲାର ଇସ୍ପାତ ସହରର ସ୍ୱଚ୍ଛ ସବୁଜ ବାତାବରଣ ଏହି ଧରା ପୃଥିବୀ ପ୍ରତି ଆରଏସପିର ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ଅଟେ ।

...

### ୧୬ ଲକ୍ଷରେ ବିକ୍ରି ହେଉଛି ଭାରତ-ପାକିସ୍ତାନ ମ୍ୟାଚ୍ ଟିକଟ୍

# ଆଇସିସି ଉପରେ ବର୍ଷିଲେ ଲଳିତ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି)

ଆଇସିସି ଟି-୨୦ ବିଶ୍ୱକପ୍ର ୯ମ ସଂସ୍କରଣ ଜୁନ ୧ରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ମିଳିତ ଭାବେ ଆରମ୍ଭ ହେଉଛି। ଏହିକ୍ରମରେ ଜୁନ ୯ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ନ୍ୟୁୟର୍କରେ ମହାଲଢ଼େଇ ହେବ। ଏହି ଦୁଇ ଏସୀୟ ଦେଶ ରାଜନୈତିକ ତିକ୍ତତା ଯୋଗୁ ପାଖାପାଖି ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ଦ୍ୱିପାକ୍ଷିକ ସିରିଜ ଖେଳୁନାହାନ୍ତି। କିନ୍ତୁ ଆଇସିସି ଇଭେଣ୍ଟରେ ଏହି ଦୁଇ ଦଳ ମଧ୍ୟରେ ଯେବେ ବି ମ୍ୟାଚ୍ ହୁଏ ସେତେବେଳେ ପ୍ରଶଂସକଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଥାଏ। ଭାରତ-ପାକିସ୍ତାନ ମ୍ୟାଚର ଖଣ୍ଡିଏ ଟିକଟ୍ ହାସଲ କରିବା ଲାଗି ସାରା ବିଶ୍ୱର ପ୍ରଶଂସକ ବ୍ୟାକୁଳତାର ସହ ଚାହିଁବସିଥାନ୍ତି। କିନ୍ତୁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ ଜୁନ ୯ରେ ଖେଳାଯିବାକୁ ଥିବା ଏହି ହାଇଭୋଲଟେଜ ମ୍ୟାଚ୍ ଲାଗି ଗୋଟିଏ ଟିକଟ୍ ମୂଲ୍ୟ ୨୦ ହଜାର ଡଲାର (ଭାରତୀୟ ମୁଦ୍ରାରେ



ପ୍ରାୟ ୧୬ ଲକ୍ଷ ଟଙ୍କା)ରେ ପହଞ୍ଚିଲାଣି। ଯାହାକୁ ନେଇ ଆଇପିଏଲ୍ର ପୂର୍ବ ଅଧ୍ୟକ୍ଷ ଲଳିତ ମୋଦି ବିଶ୍ୱ କ୍ରିକେଟ୍ର ସର୍ବୋଚ୍ଚ ସଂସ୍ଥା ଆଇସିସି ଉପରେ ବର୍ଷିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲଳିତ ଏକ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ଲେଖିଛନ୍ତି, 'ଏହା ଜାଣି ଆଶ୍ଚର୍ଯ୍ୟ ହେଲି ଆଇସିସି ଭାରତ ଓ ପାକିସ୍ତାନ ମ୍ୟାଚ୍ ପାଇଁ ଗୋଟିଏ ଗୋଟିଏ ଟିକଟ୍ ୨୦ ହଜାର ଡଲାର ମୂଲ୍ୟରେ ବିକ୍ରି କରୁଛି। ଆମେରିକାରେ ଏଥିପାଇଁ ବିଶ୍ୱକପ୍ ଆୟୋଜିତ କରାଯାଉଛି, ଯାହା ଦ୍ୱାରା କ୍ରିକେଟ୍ର ପ୍ରଚାର ପ୍ରସାର ହୋଇପାରିବ ଏବଂ ପ୍ରଶଂସକମାନେ ଦେଖିବାକୁ ଆସିବେ। କିନ୍ତୁ ଏହାମାନେ ନୁହେଁ ଯେ ଏହା ଜରିଆରେ ରୋଜଗାର କରିବା।' ଏଠାରେ ପ୍ରକାଶଯୋଗ୍ୟ, ଭାରତ-ପାକିସ୍ତାନ ମ୍ୟାଚ୍ ଲାଗି ଆଇସିସି ଟିକଟ୍ର ସର୍ବନିମ୍ନ ମୂଲ୍ୟ ୩୦୦ ଡଲାର (ଭାରତୀୟ ମୁଦ୍ରାରେ ୨୫ ହଜାର ଟଙ୍କା) ଏବଂ ସର୍ବୋଚ୍ଚ ଟିକଟ୍ର ମୂଲ୍ୟ ୧୦ ହଜାର ଡଲାର (ଭାରତୀୟ ମୁଦ୍ରାରେ ୮ ଲକ୍ଷ ୩୨ ଟଙ୍କା) ଧାର୍ଯ୍ୟ କରିଛି। ଆଇସିସି ୱେବସାଇଟ୍ରେ ଏହି ମୂଲ୍ୟ ଧାର୍ଯ୍ୟ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA